# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୮/୨୦୨୪ (୧୪ ପୃଷ୍ଠା) | Bhubaneswar, Thursday, April 18/2024 | Page 14 | ₹ 7.00

୫୦ଶ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 144 | ମୂଲ୍ୟ ₹୭/-




**ପ୍ରିୟଙ୍କାଙ୍କ ପ୍ରିୟ ଖାଦ୍ୟ**

ବଲିଉଡ଼ଠାରୁ ହଲିଉଡ୍ ଯାଏ ବିଭିନ୍ନ ସମୟରେ ନିଜ ଚେହେରାକୁ ନେଇ ଚର୍ଚ୍ଚାରେ ରହୁଥିବା ପ୍ରିୟଙ୍କା ଚୋପ୍ରା ତାଙ୍କ ପ୍ରିୟ ଖାଦ୍ୟ ପିଠା ବୋଲି କହିଛନ୍ତି।

୧୩

୧୪

**ପାରା ଆର୍ଚର ଶୀତଲଙ୍କ କମାଲ**

ପାରା ଆର୍ଚର ଶୀତଲ ଦେବୀ ଖେଲୋ ଇଣ୍ଡିଆ ନ୍ୟାଶନାଲ ମିଟର ସାଧାରଣ ବର୍ଗରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।





ରାମନବମୀ ଉପଲକ୍ଷେ ବୁଧବାର ଭୁବନେଶ୍ୱର ରାମ ମନ୍ଦିର ସମ୍ମୁଖରେ ହନୁମାନ ବେଶଧାରୀ ୨ ଶ୍ରଦ୍ଧାଳୁ। ( ଫଟୋ: ବିକାଶ ନାୟକ)

# ଜେଲରେ ବନ୍ଦୀଙ୍କୁ ପିଟି ପିଟି ହତ୍ୟା

ଫୁଲବାଣୀ,୧୭।୪
(ରାକେଶ କୁମାର ରାଉତ)

ଆତ୍ମସମର୍ପଣ କରି କନ୍ଧମାଳ ଜିଲା ଫୁଲବାଣୀ ଜେଲ ଯାଇଥିବା ଜଣେ ବିଚାରାଧୀନ କଏଦୀଙ୍କ ବୁଧବାର ମୃତ୍ୟୁ ଘଟିଛି । ମୃତକଙ୍କ ଦେହରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ଜେଲରେ ପିଟି ପିଟି ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଫୁଲବାଣୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ମୃତ ଯୁବକ ହେଲେ ଫିରିଙ୍ଗିଆ ଥାନା ଡିମିରିଗୁଡା ଗାଁର ଅଭିରାମ ଦିଗାଲ।

ପ୍ରକାଶ ଯେ, ଅଭିରାମ ପୂର୍ବରୁ ଫୁଲବାଣୀ ଟାଉନ ଥାନାରେ ଏକ ଗଞ୍ଜେଇ ବ୍ୟବସାୟ ମାମଲାରେ ଗିରଫ ହୋଇ ବେଲ୍‌ରେ ଆସିଥିଲେ । କିନ୍ତୁ ଏହା ପରେ କୋର୍ଟ ତାରିଖରେ ହାଜର ହେଉ ନ ଥିଲେ । ଏଥିପାଇଁ କୋର୍ଟ ତାଙ୍କ ନାମରେ ଏକ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ପରେ ସେ ମଙ୍ଗଳବାର ନିଜ ଓକିଲଙ୍କ ଜରିଆରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏହାପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ମଙ୍ଗଳବାର ଅଭିରାମଙ୍କ ଦେହ ଅସୁସ୍ଥ

## ପରିବାର ଲୋକେ ଆଣିଲେ ଅଭିଯୋଗ

ଥିବା କହି ଜେଲ କର୍ତ୍ତୃପକ୍ଷ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇବା ପରେ ପରିବାରବର୍ଗ ଏବଂ ସମ୍ପର୍କୀୟମାନେ ମେଡିକାଲରେ ପହଞ୍ଚିଥିଲେ। ମୃତ ଅଭିରାମଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଆକ୍ରୋଶମୂଳକ ଭାବେ ପିଟି ପିଟି ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ପାଟିତୁଣ୍ଡ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା ।

ସେହିପରି ଫୁଲବାଣୀ ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ସଲାଗୁଡା ସରପଞ୍ଚ ରୋହିତ କହଁର ପହଞ୍ଚି ମୃତ ଯୁବକଙ୍କ ପରିବାର ଲୋକଙ୍କୁ ଭେଟିବା ସହ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଫୁଲବାଣୀ ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ପୋଲିସ ଫୋର୍ସ ସହ ☞ପୃଷ୍ଠା-୪

# ୩୩୦ ଆସନରେ ଲଢ଼ିପାରେ କଂଗ୍ରେସ

## ଭାଜପାକୁ ହରାଇବା ପାଇଁ ୨୦ ବର୍ଷ ପୁରୁଣା ଫର୍ମୁଲା

ନୂଆଦିଲ୍ଲୀ,୧୭।୪

କଂଗ୍ରେସ ଚଳିତ ଲୋକ ସଭା ନିର୍ବାଚନରେ ଦଳୀୟ ଇତିହାସରେ ସବୁଠୁ କମ୍ ଆସନରେ ଲଢ଼ିବା ପାଇଁ ପ୍ରସ୍ତୁତି ଚଳାଇଛି। ୨୦୦୪ରେ ମଧ୍ୟ କଂଗ୍ରେସ ତତ୍କାଳୀନ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ଅନୁରୂପ ରଣନୀତି ଆପଣାଇଥିଲା। ସେତେବେଳେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ)ର ସହଯୋଗୀ ଦଳଗୁଡ଼ିକୁ କଂଗ୍ରେସ ଅପେକ୍ଷାକୃତ ଅଧିକ ଆସନ ଛାଡ଼ିଦେବାକୁ ଉଚିତ ମଣିଥିଲା। କଂଗ୍ରେସ ଏଥର ୨୦୦୪ ତୁଳନାରେ ଆହୁରି କମ୍ ଆସନରେ ଲଢ଼ି ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶ ଭଳି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ସହଯୋଗୀଙ୍କୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗ ଦେଇଛି।

୨୦୦୪ ଲୋକ ସଭା ନିର୍ବାଚନରେ କଂଗ୍ରେସ ୪୧୭ ଆସନରେ ପ୍ରାର୍ଥୀ ଦେଇଥିଲା। ସେତେବେଳେ ଏହା ଥିଲା କଂଗ୍ରେସର ସଂସଦୀୟ ଇତିହାସରେ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସବୁଠୁ କମ୍ ଆସନ। ୨୦ ବର୍ଷ ପରେ ୨୦୨୪ ନିର୍ବାଚନରେ ସର୍ବପୁରାତନ ଦଳ ପୁଣି ପୁରୁଣା ରଣନୀତି ଆପଣାଇବାକୁ ଯାଉଛି। କଂଗ୍ରେସ ୨୦୦୪ ଫର୍ମୁଲାରେ ଏଥର ୩୩୦ ଆସନରେ ନିଜ ପ୍ରାର୍ଥୀ ଦେବ। ଏନେଇ ଏଆଇସିସି ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଜୟରାମ ରମେଶ କହିଛନ୍ତି, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରେ ବିରୋଧୀ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ସହଯୋଗୀ ଦଳଗୁଡ଼ିକୁ ଅଧିକ ଆସନ ଦେବା ପାଇଁ ନିଜ ଫାଇଟ୍ କାର୍ଡକୁ ସଙ୍କୁଚିତ କରିଦେଇଛି। ଏହି ରାଜ୍ୟଗୁଡ଼ିକରେ କଂଗ୍ରେସ ଏହାର ମେଣ୍ଟ ସହଯୋଗୀ ଏନ୍‌ସିପି-ଶିବସେନା, ବାମପନ୍ଥୀ ଓ ସମାଜବାଦୀ ପାର୍ଟିକୁ ସର୍ବାଧିକ ଆସନ ଛାଡ଼ିଦେଇଛି। ଏହା ହେଉଛି କଂଗ୍ରେସର ସୁଚିନ୍ତିତ ରଣନୀତି। ଏହି ୩ ରାଜ୍ୟରେ ଏକ ସଶକ୍ତ ଓ ପ୍ରଭାବଶାଳୀ ମେଣ୍ଟ ପାଇଁ ଏପରି କରାଯାଇଛି। ତେଣୁ ଇଣ୍ଡିଆ ବ୍ଲକ୍ ଚଳିତ ନିର୍ବାଚନରେ ସ୍ପଷ୍ଟ ବହୁମତ ହାସଲ କରିବ। ତେଣୁ ସରକାର ଗଠନ ପାଇଁ କୌଣସି ନୂଆ କିମ୍ବା ଏନ୍‌ଡିଏରୁ ଓହରିଆସିଥିବା ଦଳର ସମର୍ଥନ ଆବଶ୍ୟକ ହେବ ନାହିଁ ବୋଲି ଜୟରାମ କହିଛନ୍ତି। ତାଙ୍କ ମତରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ମଧ୍ୟ ଭାଜପାକୁ ହରାଇବା ପାଇଁ କଂଗ୍ରେସ ଏହି ରଣନୀତି ପ୍ରୟୋଗ କରିବାକୁ ଯାଉଛି।

୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର ଗଠନ ହେବା ପରଠୁ କଂଗ୍ରେସର ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଲୋକ ସଭାର ୫୪୩ ଆସନ ମଧ୍ୟରୁ ୪୦% ୟୁପି, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରରେ ରହିଛି। ଗତ ୧୦ ବର୍ଷ ମଧ୍ୟରେ ଏହି ରାଜ୍ୟଗୁଡ଼ିକର ଲୋକ ସଭା ଆସନରେ କଂଗ୍ରେସର ବିଜୟ ସମ୍ଭାବନା କ୍ଷୀଣ ହୋଇଛି। ତେଣୁ ବିରୋଧୀ ଦଳର ଏହି ରଣନୀତି କେତେ ଫଳପ୍ରଦ ହେବ ତାହା ସମୟ କହିବ।

କଂଗ୍ରେସ ମହାରାଷ୍ଟ୍ର ଓ ବିହାରରେ ନିଜ ପସନ୍ଦର ଅଧିକ ଆସନରେ ପ୍ରାର୍ଥୀ ଦେଇ ନ ପାରିବା ଏହାର ଦୁର୍ବଳ ମୂଳଚାଲ କ୍ଷମତାର ପ୍ରତିଫଳନ ବୋଲି କୁହାଯାଉଛି। ଇତିମଧ୍ୟରେ ନୂଆ ଆଞ୍ଚଳିକ ଦଳଗୁଡ଼ିକର ଅଭ୍ୟୁଦୟ ଏବଂ ପୁରୁଣା ସଙ୍ଗଠନଗୁଡ଼ିକ ସଶକ୍ତ ହୋଇଉଠିବା ଯୋଗୁ ଭାଜପାକୁ ଟକ୍କର ଦେବା ଲାଗି କଂଗ୍ରେସର ପସନ୍ଦ ଆହୁରି ସଙ୍କୁଚିତ ☞ପୃଷ୍ଠା-୪

# ୯ରୁ ୬ ମହିଳା ପ୍ରାର୍ଥୀ

- ୪ ବିଧାୟକଙ୍କ ଟିକେଟ କଟିଲା
- ସମ୍ବଲପୁର, ରେଢ଼ାଖୋଲରେ ବଦଳିଲେ ପ୍ରାର୍ଥୀ

ଭୁବନେଶ୍ୱର,୧୭।୪(ଅନିଲ ଦାସ)

ବିଜୁ ଜନତା ଦଳ ପଞ୍ଚମ ପର୍ଯ୍ୟାୟରେ ଆଉ ୯ ବିଧାନସଭା ଆସନ ପାଇଁ ବୁଧବାର ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଏଥିସହିତ ସମ୍ବଲପୁର ଓ ରେଢ଼ାଖୋଲ ଆସନରେ ପ୍ରାର୍ଥୀଙ୍କୁ ଅଦଳବଦଳ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ଜରିଆରେ ଏହି ଘୋଷଣା କରିଛନ୍ତି। ଏହି ପର୍ଯ୍ୟାୟରେ ବିଜେଡି ୯ଜଣଙ୍କ ମଧ୍ୟରେ ୬ଜଣ ମହିଳାଙ୍କୁ ଟିକେଟ ଦେଇଛି। ଏଥିସହିତ ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ଆସନଭାବେ କଣ୍ଟାବାଞ୍ଜିରୁ ଲଢ଼ିବାକୁ ମଧ୍ୟ ଘୋଷଣା କରିଛନ୍ତି।

ଘୋଷଣା ଅନୁଯାୟୀ ଜୟପୁର ବିଧାନସଭା ଆସନରୁ ପୂର୍ବତନ ମନ୍ତ୍ରୀ ରବି ନନ୍ଦଙ୍କ ପତ୍ନୀ ଇନ୍ଦିରା ନନ୍ଦଙ୍କୁ ବିଜେଡି ଟିକେଟ ଦେଇଥିବାବେଳେ ଚିତ୍ରକୋଣ୍ଡାରୁ ଲକ୍ଷ୍ମୀପ୍ରିୟା ନାୟକ, ସାନଖେମୁଣ୍ଡିରୁ ରାଣୀ ନନ୍ଦିନୀ ଦେବୀଙ୍କ ଝିଅ ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ପଦ୍ମପୁରରୁ ବର୍ଷା ସିଂ ବରିହା, କୁଚିଣ୍ଡାରୁ ରାଜେନ୍ଦ୍ର ଛତ୍ରିଆ, ଦେବଗଡ଼ରୁ ଅରୁନ୍ଧତୀ କୁମାରୀ ଦେବୀ, ନିମାପଡ଼ାରୁ ଦିଲୀପ କୁମାର ନାୟକ ଏବଂ ଅନୁଗୋଳରୁ ସଂଯୁକ୍ତା ସିଂଙ୍କୁ ପ୍ରାର୍ଥୀ କରାଯାଇଛି। ତେବେ ଏଥର ୪ଜଣ ବିଧାୟକଙ୍କୁ ନିରାଶ ହେବାକୁ ପଡ଼ିଛି। ସେମାନେ ହେଲେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ନିମାପଡ଼ା ☞ପୃଷ୍ଠା-୪



ହିଞ୍ଜିଳି ସହ କଣ୍ଟାବାଞ୍ଜିରୁ ଲଢ଼ିବେ ନବୀନ

**ବିଜେଡିର ପଞ୍ଚମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା**

| | |
|---|---|
| ଚିତ୍ରକୋଣ୍ଡା | ଲକ୍ଷ୍ମୀପ୍ରିୟା ନାୟକ |
| କଣ୍ଟାବାଞ୍ଜି | ନବୀନ ପଟ୍ଟନାୟକ |
| ପଦ୍ମପୁର | ବର୍ଷା ସିଂ ବରିହା |
| କୁଚିଣ୍ଡା | ରାଜେନ୍ଦ୍ର ଛତ୍ରିଆ |
| ଦେବଗଡ଼ | ଅରୁନ୍ଧତୀ ଦେବୀ |
| ଅନୁଗୋଳ | ସଂଯୁକ୍ତା ସିଂ |
| ନିମାପଡ଼ା | ଦିଲୀପ ନାୟକ |
| ସାନଖେମୁଣ୍ଡି | ସୁଲକ୍ଷଣା ଗୀତାଞ୍ଜଳି ଦେବୀ |
| ଜୟପୁର | ଇନ୍ଦିରା ନନ୍ଦ |

# ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ଆଜିଠୁ ନାମାଙ୍କନ

**୧୩ରେ ୪ ଲୋକ ସଭା ଏବଂ ୨୮ ବିଧାନସଭା ଆସନରେ ନିର୍ବାଚନ**

ଭୁବନେଶ୍ୱର, ୧୭।୪(ସୁନିତ୍ ମିଶ୍ର)

ଦେଶରେ ୭ଟି ପର୍ଯ୍ୟାୟରେ ୨୦୨୪ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ସେଥିମଧ୍ୟରୁ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଯଥାକ୍ରମେ ଆସନ୍ତା ମେ ୧୩, ୨୦ ଏବଂ ୨୫ ଓ ଜୁନ୍ ୧ରେ ମତଦାନ କରାଯିବ। ଗତ ମାର୍ଚ୍ଚ ୧୬ ରେ ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ସେହି କ୍ରମରେ ଓଡ଼ିଶାରେ ହେବାକୁ ଥିବା ୪ଟି ପର୍ଯ୍ୟାୟ ନିର୍ବାଚନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ଭୋଟ ଲାଗି ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇବ। ଅର୍ଥାତ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆଧୁନିକ ଯୁଗର ଧାର୍ମିକ ନେତା**

# ଗ୍ରୀଷ୍ମ ପ୍ରବାହ, ୩ ଦିନ ସ୍କୁଲ ଛୁଟି

ଭୁବନେଶ୍ୱର, ୧୭।୪
(ଅସମାପିକା ସାହୁ)

ରାଜ୍ୟରେ ସମ୍ପ୍ରତି ଗ୍ରୀଷ୍ମପ୍ରବାହ ଓ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟକୁ ଆସନ୍ତା ୩ଦିନ ବନ୍ଦ ରଖିବାକୁ ବୁଧବାର ଘୋଷଣା କରିଛନ୍ତି। ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ୧୮ରୁ ୨୦ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ସ୍କୁଲ ଛୁଟି ଘୋଷଣାକୁ ନେଇ ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରେସ ବିଜ୍ଞପ୍ତିରେ ଶିକ୍ଷକମାନେ ସ୍କୁଲ ଯିବା ନେଇ କୌଣସି ସ୍ପଷ୍ଟ କରାଯାଇ ନାହିଁ। ଏହି ତିନିଦିନ ଶିକ୍ଷାଦାନ ବନ୍ଦ ରହିବାକୁ ଥିବାବେଳେ ସ୍କୁଲ କିନ୍ତୁ ଖୋଲା ରହିବ। ଶିକ୍ଷକମାନେ ସ୍କୁଲ ଯିବେ ଏବଂ ପୂର୍ବଭଳି ନାମଲେଖା, ଟିସି, ଅଫିସ କାର୍ଯ୍ୟ ଇତ୍ୟାଦି କରିବେ। ଗଜପତି, ପୁରୀ, ରାୟଗଡ଼ା, ବାଲେଶ୍ୱର, ସୁବର୍ଣ୍ଣପୁର ଭଳି ରାଜ୍ୟର ଅଧିକାଂଶ ଜିଲାରେ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି, ଯାହାକୁ ନେଇ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଏନେଇ ନୂତନ ପେନ୍‌ସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ଆସନ୍ତା ଶନିବାର ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ ରହିବ। କିନ୍ତୁ ପ୍ରାୟ ସମସ୍ତ ଜିଲାର ଜିଲା ଶିକ୍ଷାଧିକାରୀମାନେ ନିଜ ନିଜ ଜିଲା ହ୍ୱାଟ୍‌ସ ଆପ୍ ଗ୍ରୁପରେ ଶିକ୍ଷକମାନଙ୍କୁ ବିଦ୍ୟାଳୟକୁ ପୂର୍ବ ପରି ଆସି ଅଫିସ କାର୍ଯ୍ୟ ଇତ୍ୟାଦି କରିବା ପାଇଁ ମେସେଜ ଦେଇଛନ୍ତି। ଯାହାକି ସମସ୍ତଙ୍କ ମନରେ ଏକ ଭ୍ରମ ସୃଷ୍ଟି କରୁଛି। ଛୁଟି କେବଳ ପିଲାମାନଙ୍କ ପାଇଁ କିନ୍ତୁ ସ୍କୁଲ ଖୋଲା ରହିବ ଓ ସମସ୍ତ ଶିକ୍ଷକ ବିଦ୍ୟାଳୟ ଆସିବେ। ହେଲେ ଗଣଶିକ୍ଷା ବିଭାଗର ଚିଠି ପଢ଼ିଲେ ଜନସାଧାରଣଙ୍କ ଧାରଣା ସୃଷ୍ଟି ହେଉଛି ପିଲାଙ୍କ ସହ ଶିକ୍ଷକମାନେ ମଧ୍ୟ ବିଦ୍ୟାଳୟ ଯିବେ ନାହିଁ। ☞ପୃଷ୍ଠା-୪

# ୟୁଏଇରେ ଜଳପ୍ରଳୟ

**ଭାରତରୁ ୨୮ ବିମାନ ଚଳାଚଳ ରଦ୍ଦ**

ଦୁବାଇ,୧୭।୪

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଲଗାଣ ବର୍ଷା ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଘରଦ୍ୱାର ଓ ବ୍ୟବସାୟିକ ପ୍ରତିଷ୍ଠାନର ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଲ୍ ଆଇନ୍‌ରେ ମଙ୍ଗଳବାରଠାରୁ ୨୪ ଘଣ୍ଟା ମଧ୍ୟରେ ରେକର୍ଡ ୨୫୪ ମିଲିମିଟର ବର୍ଷା ହୋଇଥିବା ଜାତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୧୯୯୧ରେ ୟୁଏଇ ଗଠନ ହୋଇଥିବାବେଳେ ଏହାର ବହୁ ପୂର୍ବରୁ ଅର୍ଥାତ୍ ୧୯୪୯ ମସିହାରୁ ପାଣିପାଗ ସମ୍ପର୍କରେ ରେକର୍ଡ ଆରମ୍ଭ ହୋଇଥିଲା। ତେବେ ଦେଶର ଇତିହାସରେ ଏହା ହେଉଛି ସର୍ବାଧିକ ବୃଷ୍ଟିପାତ। ମଙ୍ଗଳବାର ଶେଷ ଆଡ଼କୁ ବୃଷ୍ଟିପାତ ମାତ୍ରା କମିଥିଲେ ମଧ୍ୟ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ☞ପୃଷ୍ଠା-୪



୨୪ ଘଣ୍ଟାରେ ୨୫୪ ମି.ମି. ବର୍ଷା

## ସଂକ୍ଷେପରେ

### ଟ୍ରକ୍‌କୁ ପିଟିଲା କାର୍: ୧୦ ମୃତ

ଅହମଦାବାଦ, ୧୭।୪

ଗୁଜରାଟର ଅହମଦାବାଦ-ବଡ଼ୋଦରା ଏକ୍ସପ୍ରେସ ୱେରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୧୦ ଜଣଙ୍କର ମୃତ୍ୟୁ ଘଟିଛି। ଏକ କାର୍ ବଡ଼ୋଦରାରୁ ଅହମଦାବାଦକୁ ଦ୍ରୁତ ଗତିରେ ଯାଉଥିବାବେଳେ ଅହମଦାବାଦ-ବଡ଼ୋଦରା ଏକ୍ସପ୍ରେସ ୱେର ଖେଡ଼ା ନିକଟରେ ପାର୍କିଂ ହୋଇଥିବା ଏକ ଟ୍ରକର ପଛପଟେ ପିଟି ହୋଇଥିଲା। କିଛି ଯାନ୍ତ୍ରୀକ ତ୍ରୁଟି ଯୋଗୁ ଟ୍ରକଟିକୁ ଉକ୍ତ ଏକ୍ସପ୍ରେସ ୱେର ବାମପାର୍ଶ୍ୱରେ ପାର୍କିଂ କରାଯାଇଥିଲା। ଡ୍ରାଇଭରଙ୍କ ସମେତ କାରରେ ଥିବା ସମସ୍ତ ୧୦ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୫ ବର୍ଷର ଶିଶୁ ରହିଥିବା ସ୍ଥାନୀୟ ଖେଡ଼ା ପୋଲିସ ଅଧୀକ୍ଷକ ରାଜେଶ ଗାଧିୟା ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ୮ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ହସ୍ପିଟାଲ ନେବା ବାଟରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ସେ ସୂଚନା ଦେଇଛନ୍ତି। ସମସ୍ତ ମୃତକ ଗୁଜରାଟର ହୋଇଥିବା ଜଣାପଡ଼ିଛି।

### ଏକ୍ସ’କୁ ବନ୍ଦ କଲା ପାକିସ୍ତାନ

ଇସ୍‌ଲାମାବାଦ, ୧୭।୪

ପାକିସ୍ତାନରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ’କୁ ବନ୍ଦ କରାଯାଇଛି। ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ପାକିସ୍ତାନର ଗୃହ ମନ୍ତ୍ରଣାଳୟ ଏକ୍ସ’କୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଦିଗରେ ଏହି ନିଷ୍ପତ୍ତି ସହାୟକ ହେବ ବୋଲି ପାକିସ୍ତାନ ଗୃହ ମନ୍ତ୍ରଣାଳୟ ପକ୍ଷରୁ ବିବୃତି ଜାରି ହୋଇଛି। ତେବେ ପାକିସ୍ତାନ ସରକାରଙ୍କ କେତେକ ଆଇନଗତ ନିର୍ଦ୍ଦେଶ ଏକ୍ସ’ ପାଳନ କରୁ ନ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ପାକିସ୍ତାନରେ ଗତ ଫେବୃଆରୀ ମାସରୁ ସୋସିଆଲ ମିଡିଆ ୟୁଜର୍ସଙ୍କୁ ଏକ୍ସ’ ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଦେଶରେ ଏକ୍ସ’ ବନ୍ଦ ନେଇ ସେତେବେଳେ ପାକିସ୍ତାନ ସରକାରଙ୍କ ପକ୍ଷରୁ କୌଣସି ଆଧିକାରୀକ ବୟାନ ଦିଆଯାଇ ନ ଥିଲା।

### କ୍ୱିର୍ ସମୁଦାୟ ପାଇଁ କମିଟି ଗଢ଼ିଲା କେନ୍ଦ୍ର

ନୂଆଦିଲ୍ଲୀ, ୧୭।୪

ଅପ୍ରାକୃତିକ ଯୌନ ସମ୍ପର୍କ ରକ୍ଷାକାରୀ କ୍ୱିର ସମୁଦାୟର ସମସ୍ୟାଗୁଡ଼ିକ ଉପରେ ଅନୁଧ୍ୟାନ ପାଇଁ କେନ୍ଦ୍ର ସରକାର କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛନ୍ତି। ଏହି ବର୍ଗର ଲୋକେ ଯେପରି ସରକାରୀ ସେବା ପାଇବା କ୍ଷେତ୍ରରେ କୌଣସି ଭେଦଭାବ ଓ ହିଂସାର ଶିକାର ନ ହେବେ ତାହା ଉକ୍ତ କମିଟି ନିଶ୍ଚିତ କରିବ। ସୁପ୍ରିମକୋର୍ଟ ଗତ ଅକ୍ଟୋବରରେ ଏହି ସମୁଦାୟର ଲୋକଙ୍କ ସମସ୍ୟା ବୁଝିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ ସକାଶେ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ପ୍ରକାଶିତ ଏକ ବିଜ୍ଞପ୍ତି ଅନୁସାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କେଉଁ ସବୁ ପଦକ୍ଷେପ ନିଆଯିବ, ତାହା ଅନୁଧ୍ୟାନ ପରେ ଆବଶ୍ୟକ ସୁପାରିସ କରିବ।

# ପରିବର୍ତ୍ତନର ଭିତିରି ପବନ

ଗାଜିପୁର, ୧୭।୪

**ଭାଜପା ୧୫୦ରେ ସୀମିତ ରହିବ: ରାହୁଲ**

**ଭୋଟ ବିଭାଜନ ହେବାକୁ ଦେବାନାହିଁ: ଅଖିଳେଶ**


ଗାଜିଆବାଦର କୌଶମ୍ବିରେ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ। (ଫଟୋ: ଚମନ ଗୌତମ)

ଏଥର ଲୋକ ସଭା ନିର୍ବାଚନରେ ଭାଜପା ୧୫୦ ଆସନରେ ସୀମିତ ରହିବ ବୋଲି ବୁଧବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଏହି ଅବସରରେ ସେ ଇଲେକ୍ଟୋରାଲ ବଣ୍ଡକୁ ବିଶ୍ୱର ସବୁଠୁ ବଡ଼ ‘ବଟି ଆଦାୟ ଯୋଜନା’ ଭାବେ ଅଭିହିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ‘ଦୁର୍ନୀତିର ଚାମ୍ପିୟନ୍’ ବୋଲି ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ଯେତେ ସଫେଇ ଦେଲେ ବି ଭୋଟର ସବୁ ସତ ଜାଣିପାରିଥିବାରୁ ତାଙ୍କ ସ୍ପଷ୍ଟୀକରଣର କିଛି ପ୍ରଭାବ ରହିବ ନାହିଁ ବୋଲି ସେ କହିଛନ୍ତି।

ଉତ୍ତର ପ୍ରଦେଶର ଗାଜିଆବାଦରେ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ରାହୁଲ କହିଛନ୍ତି, ଲୋକ ସଭା ନିର୍ବାଚନରେ ବିରୋଧୀ ଇଣ୍ଡିଆ ମେଣ୍ଟ ସପକ୍ଷରେ ଭିତିରି ହାୱା ବହୁଛି। ଏଥିଯୋଗୁ ଭାଜପା ୧୫୦ ଆସନ ଭିତରେ ସୀମିତ ରହିବ। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ କହିଥିଲେ, ପରିବର୍ତ୍ତନର ଏହି ଭିତିରି ପବନ ପଶ୍ଚିମ ୟୁପିର ଗାଜିଆବାଦରୁ ଗାଜିପୁରକୁ ବହିବ। ନିର୍ବାଚନରେ ଭୋଟର ଭାଜପାକୁ ବିଦାୟ ଦେବେ। ଗୋଟିଏ ବି ଭୋଟ ଯେପରି ବିଭାଜନ ନ ହୁଏ, ତାହା ଆମକୁ ନିଶ୍ଚିତ କରିବାକୁ ପଡ଼ିବ ବୋଲି ଅଖିଳେଶ କହିଛନ୍ତି।

ଅନ୍ୟପକ୍ଷେ ଅମେଠିରୁ ନିର୍ବାଚନ ଲଢ଼ିବା ନେଇ ଖବରଦାତାମାନେ ରାହୁଲଙ୍କୁ ପ୍ରଶ୍ନ କରିଥିଲେ। ରାହୁଲ କହିଥିଲେ, ଦଳ ଯାହା ନିଷ୍ପତ୍ତି ନେବ ସେ ମାନିବେ। ଏପରି ନିଷ୍ପତ୍ତି କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ନେଇଥାଏ। ପ୍ରକାଶ ଯେ, ଏଥର ଲୋକ ସଭା ନିର୍ବାଚନରେ ଏସ୍‌ପି ଏବଂ କଂଗ୍ରେସ ମଧ୍ୟରେ ମେଣ୍ଟ ହୋଇଛି। ଭାଜପା ୟୁପିର ସମସ୍ତ ୮୦ ସଂସଦୀୟ ଆସନ ଦଖଲରେ ଥିବାବେଳେ ଏସ୍‌ପି ୬୩ଟିରେ ଲଢ଼ି ଅବଶିଷ୍ଟ ୧୭ ଆସନ କଂଗ୍ରେସକୁ ଛାଡ଼ିଦେଇଛି। ୟୁପିରେ ସମସ୍ତ ୭ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୯ରେ ହେବାକୁ ଥିବାବେଳେ ଜୁନ୍ ୪ରେ ଭୋଟ ଗଣତି କରାଯିବ।

## ଦିନକ ପରେ ୧୦୨ ଆସନରେ ଭୋଟ


ଲୋକ ସଭା ନିର୍ବାଚନ ପୂର୍ବରୁ ନୂଆଦିଲ୍ଲୀସ୍ଥିତ ନିର୍ବାଚନ କମିଶନ ଅଫିସ ସମ୍ମୁଖରେ ଇଭିଏମ୍‌ର ଏକ ପ୍ରତିରୂପ ରଖାଯାଇଛି।

ନୂଆଦିଲ୍ଲୀ, ୧୭।୪

ଲୋକ ସଭାର ୫୪୩ ଆସନ ମଧ୍ୟରୁ ୧୦୨ ସିଟ୍‌ରେ ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଅପରାହ୍ନ ୩ଟାରେ ହାଇଭୋଲ୍ଟେଜ୍ ପ୍ରଚାର ଶେଷ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ପ୍ରଚାର ଶେଷ କରିଛନ୍ତି। ସେ କହିଛନ୍ତି, କେନ୍ଦ୍ରର ଭାଜପା ସରକାର ଉତ୍ତର-ପୂର୍ବାଞ୍ଚଳକୁ ସୁଯୋଗର ଏକ ଉତ୍ସରେ ପରିବର୍ତ୍ତନ କରିଛି।

ଏପ୍ରିଲ ୧୯ରେ ୨୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଧୀନ ୧୦୨ ଆସନରେ ଭୋଟ ଗ୍ରହଣ କରାଯିବ। ଏହି ଆସନଗୁଡ଼ିକ ହେଲା ଅରୁଣାଚଳ ପ୍ରଦେଶର ୨, ଆସାମ(୫), ବିହାର(୪), ଛତିଶଗଡ଼(୧), ମଧ୍ୟପ୍ରଦେଶ(୬), ମହାରାଷ୍ଟ୍ର(୫), ମଣିପୁର(୧), ମେଘାଳୟ(୨), ମିଜୋରାମ(୧), ନାଗାଲାଣ୍ଡ(୧), ରାଜସ୍ଥାନ(୧୨), ସିକିମ୍(୧), ତାମିଲନାଡୁ(୩୯), ତ୍ରିପୁରା(୧), ଉତ୍ତର ପ୍ରଦେଶ(୮), ଉତ୍ତରାଖଣ୍ଡ(୫), ପଶ୍ଚିମବଙ୍ଗ(୩), ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ(୧), ଜମ୍ମୁ-କଶ୍ମୀର(୧), ଲାକ୍ଷାଦ୍ୱୀପ(୧) ଏବଂ ପଣ୍ଡିଚେରୀର ଗୋଟିଏ ଆସନ। ଏହି ପର୍ଯ୍ୟାୟରେ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ୮ କେନ୍ଦ୍ରମନ୍ତ୍ରୀ ଅଛନ୍ତି। କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ନାଗପୁରରୁ ତୃତୀୟ ଥର ଜିତି ହ୍ୟାଟ୍ରିକ୍ ଆଶାରେ ରହିଥିବାବେଳେ କିରେନ୍ ରିଜିଜୁ ଅରୁଣାଚଳ ୱେଷ୍ଟ ଆସନରୁ ଲଢୁଛନ୍ତି। ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ ୱେଷ୍ଟ ତ୍ରିପୁରା ଆସନରେ ପ୍ରାର୍ଥୀ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଥିବା ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଡିବ୍ରୁଗଡ଼ ଆସନରେ ଲଢୁଛନ୍ତି। ସେହିପରି ତେଲଙ୍ଗାନାର ପୂର୍ବତନ ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍ ଭାଜପା ଟିକେଟରେ ଚେନ୍ନାଇରୁ ଲଢୁଛନ୍ତି।

**ପ୍ରଥମ ପର୍ଯ୍ୟାୟରେ ୮ କେନ୍ଦ୍ରମନ୍ତ୍ରୀ, ୨ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଜଣେ ପୂର୍ବତନ ରାଜ୍ୟପାଳଙ୍କ ଭାଗ୍ୟ ପରୀକ୍ଷା**

## ବିଶ୍ୱର ୧୦୦ ପ୍ରଭାବଶାଳୀଙ୍କ ତାଲିକାରେ ଆଲିଆ ଭଟ୍ଟ



ନୂଆଦିଲ୍ଲୀ, ୧୭।୪

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ବଡ଼ ସଫଳତା ମିଳିଛି। ବର୍ଷ ୨୦୨୪ ପାଇଁ ଟାଇମ୍ ମାଗାଜିନ ପକ୍ଷରୁ ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକା ବୁଧବାର ସନ୍ଧ୍ୟାରେ ଜାରି ହୋଇଥିବାବେଳେ ଏଥିରେ ଆଲିଆଙ୍କ ନାମ ରହିଛି। ବଲିଉଡ୍‌ର ଅନେକ ସୁପରଷ୍ଟାରଙ୍କୁ ପଛରେ ପକାଇ ସେ ଏହି ସଫଳତା ହାସଲ କରିଛନ୍ତି। ଅଭିନୟରେ ନିଜ ଦକ୍ଷତା ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗଦାନ ହେତୁ ଆଲିଆ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ନିଜ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମଧ୍ୟରେ ନିଜ ଛାପ ଛାଡ଼ିପାରିଥିବା ଆଲିଆ ଗତବର୍ଷ ବହୁ ଗୁରୁତ୍ୱପୂର୍ଣ୍ଣ ସମ୍ମାନ ଜିତିଥିଲେ। ସଞ୍ଜୟ ଲୀଲା ଭଂଶାଲୀଙ୍କ ଦ୍ୱାରା ନିର୍ଦ୍ଦେଶିତ ‘ଗଙ୍ଗୁବାଇ କାଠିଆୱାଡ଼ି’ ଚଳଚ୍ଚିତ୍ରରେ ନିଜ ଅଭିନୟ ପାଇଁ ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ସେହିପରି ୨୦୨୩ରେ ‘ହାର୍ଟ ଅଫ୍ ଷ୍ଟୋନ୍’ ଚଳଚ୍ଚିତ୍ର ମାଧ୍ୟମରେ ଆଲିଆ ହଲିଉଡ୍‌ରେ ଡେବ୍ୟୁ କରିଥିଲେ। ଆଲିଆଙ୍କ ଏହି ସଫଳତାରେ ‘ହାର୍ଟ ଅଫ୍ ଷ୍ଟୋନ୍’ର ନିର୍ଦ୍ଦେଶକ ଟମ୍ ହାର୍‌ପର୍ ତାଙ୍କୁ ପ୍ରଶଂସା କରିବା ସହ ସେ ବାସ୍ତବରେ ଜଣେ ଅନ୍ତର୍ଜାତୀୟ ସ୍ତରର ତାରକା ହୋଇଥିବା କହିଛନ୍ତି। ନିଜ ପ୍ରତିଭା ଆଧାରରେ ଆଲିଆ ଏହି ପରିଚୟ ପାଇବା ସହ ଆନ୍ତର୍ଜାତୀୟ ସ୍ତରରେ ନୂଆ ସୋପାନ ହାସଲ କରିଥିବା ଟମ୍ କହିଛନ୍ତି। ଆଲିଆଙ୍କ ସହ ଅଭିନେତା ଦେବ ପଟେଲ ଓ କୁସ୍ତି ଯୋଦ୍ଧା ସାକ୍ଷୀ ମଲ୍ଲିକ ମଧ୍ୟ ଏହି ତାଲିକାରେ ରହିଛନ୍ତି।

## କଶ୍ମୀରରେ ପୁଣି ଟାର୍ଗେଟ କିଲିଂ: ବିହାରୀ ଶ୍ରମିକ ମୃତ

ଅନନ୍ତନାଗ, ୧୭।୪

ଜମ୍ମୁ-କଶ୍ମୀରରେ ବୁଧବାର ଆତଙ୍କବାଦୀମାନେ ଆଉ ଜଣେ ପ୍ରବାସୀ ଶ୍ରମିକଙ୍କୁ ଟାର୍ଗେଟ କରି ହତ୍ୟା କରିଛନ୍ତି। ବିହାରରୁ ଆସି ଅନନ୍ତନାଗ ଜିଲାରେ କାର୍ଯ୍ୟ କରୁଥିବା ଶ୍ରମିକ ଜଣକ ଗୁଳିମାଡ଼ରେ ନିହତ ହୋଇଛନ୍ତି। ଏନେଇ କଶ୍ମୀର ଜୋନ ପୋଲିସ ପକ୍ଷରୁ ଏକ୍ସ’ରେ ସୂଚନା ଦିଆଯାଇଛି। ମୃତ ଶ୍ରମିକଙ୍କ ନାମ ରାଜୁ ଶାହା ହୋଇଥିବାବେଳେ ସେ ବିହାରର ବିଜବେହରା ଅଞ୍ଚଳର ବାସିନ୍ଦା। ଆତଙ୍କବାଦୀ କୌଣସି ଗାଡ଼ିରେ ଆସି ସମ୍ପୃକ୍ତ ଶ୍ରମିକଙ୍କୁ ଆକ୍ରମଣ କରି ପଳାଇଯାଇଥିବା ପୋଲିସ ସୂଚନା ଦେଇଛି। ଘଟଣା ପରେ ଅନନ୍ତନାଗ ଜିଲାରେ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଛି। ଲୋକ ସଭା ନିର୍ବାଚନର ଠିକ୍ ପୂର୍ବରୁ ଜମ୍ମୁ କଶ୍ମୀରରେ ଏହି ଆତଙ୍କବାଦୀ ଆକ୍ରମଣ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳାଇଦେଇଛି।

## ଟିଏମ୍‌ସି ଇସ୍ତାହାରରେ ‘ସିଏଏ’କୁ ନା

କୋଲକାତା, ୧୭।୪

**୧୦ ମାଗଣା ଏଲ୍‌ପିଜି ସିଲିଣ୍ଡର, ୫ କେ.ଜି. ରାଶନ**

୨୦୨୪ ଲୋକ ସଭା ନିର୍ବାଚନ ପାଇଁ ବୁଧବାର ସନ୍ଧ୍ୟାରେ ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ଇସ୍ତାହାର ଜାରି କରାଯାଇଛି। କଂଗ୍ରେସ, ଡିଏମ୍‌କେ ଏବଂ ଇଣ୍ଡିଆ ବ୍ଲକ୍‌ର ଅନ୍ୟ ସହଯୋଗୀ ଦଳଗୁଡ଼ିକ ଭଳି ଟିଏମ୍‌ସି ମଧ୍ୟ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛି। ଏଥିସହ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ପରିବାରଗୁଡ଼ିକୁ ପ୍ରତିବର୍ଷ ୧୦ଟି ଲେଖାଏ ମାଗଣା ଏଲ୍‌ପିଜି ସିଲିଣ୍ଡର ଏବଂ ମାସିକ ୫ କେ.ଜି. ଲେଖାଏ ମାଗଣା ରାଶନ ସାମଗ୍ରୀ ପ୍ରଦାନର ପ୍ରତିଶ୍ରୁତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦଳ କୃଷକଙ୍କୁ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନ ଏବଂ ପେଟ୍ରୋଲ, ଡିଜେଲ ଦର ହ୍ରାସ କରାଯିବ ବୋଲି କହିଛି।

## ୧୪୪ କୋଟି ଟପିଲା ଭାରତର ଜନସଂଖ୍ୟା

ନୂଆଦିଲ୍ଲୀ, ୧୭।୪

ଭାରତର ଜନସଂଖ୍ୟା ୧୪୪ କୋଟି (୧.୪୪ ବିଲିୟନ୍) ଟପିଛି। ଏହି ଜନସଂଖ୍ୟାର ପ୍ରାୟ ୨୪% ପିଲା, ଯାହାଙ୍କ ବୟସ ୦-୧୪ ବର୍ଷ। ସେହିପରି ୧୦-୧୯ ବର୍ଷ ବୟସ୍କ ୧୭ ପ୍ରତିଶତ ଥିବାବେଳେ ୧୦-୨୪ ବର୍ଷର ୨୬% ଏବଂ ୧୫-୬୪ ଆୟୁବର୍ଗର ୬୮ ଲୋକ ରହିଥିବା ଏକ ସଦ୍ୟ ରିପୋର୍ଟରୁ ଜଣାପଡ଼ିଛି। ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ)ର ‘ଇଣ୍ଟରଓମେନ୍ ଲାଇଭ୍ସ, ଥ୍ରେଡ୍ସ ଅଫ୍ ହୋପ୍: ଏଣ୍ଡିଙ୍ଗ୍ ଇନ୍‌ଇକ୍ୱାଲିଟିଜ୍ ଇନ୍ ସେକ୍ସୁଆଲ ଆଣ୍ଡ୍ ରିପ୍ରଡକ୍ଟିଭ୍ ହେଲ୍‌ଥ ଆଣ୍ଡ୍ ରାଇଟ୍ସ’ ବିଶ୍ଳେଷଣରେ ଭାରତର ଜନସଂଖ୍ୟା ଆଗାମୀ ୭୭ ବର୍ଷରେ ଦ୍ୱିଗୁଣିତ ହୋଇପାରେ। ବର୍ତ୍ତମାନ ଭାରତରେ ୧୪୪.୭ କୋଟି ଲୋକ ଥିବାବେଳେ ଚାଇନା ଜନସଂଖ୍ୟା ୧୪୨.୫ କୋଟି ରହିଛି।

## ଜଳବାୟୁ ପରିବର୍ତ୍ତନ: ୨୫ ବର୍ଷରେ ୧୯% କମିବ ବୈଶ୍ୱିକ ଆୟ

ନୂଆଦିଲ୍ଲୀ, ୧୭।୪

ଆଗାମୀ ୨୫ ବର୍ଷରେ ଜଳବାୟୁ ପରିବର୍ତ୍ତନ ଯୋଗୁ ବୈଶ୍ୱିକ ଅର୍ଥନୀତିରେ ୧୯% ହ୍ରାସ ପରିଲକ୍ଷିତ ହେବ ବୋଲି ବୁଧବାର ପ୍ରକାଶିତ ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଜର୍ମାନୀର ପୋଟ୍ସଡାମ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି ଯେ, ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ୨୦୧୯ ସୁଦ୍ଧା ବାର୍ଷିକ ବୈଶ୍ୱିକ ଆୟରେ ୩୮ ଟ୍ରିଲିୟନ୍ ଆମେରିକୀୟ ଡଲାର କମିଯିବ। ଆଗାମୀ ୨୫ ବର୍ଷ ଧରି ଜର୍ମାନୀ, ଫ୍ରାନ୍ସ ଓ ଆମେରିକା ଭଳି ଉଚ୍ଚ ବିକଶିତ ରାଷ୍ଟ୍ରଗୁଡ଼ିକ ମଧ୍ୟ ଏଥିରେ ପ୍ରଭାବିତ ହେବେ ବୋଲି ଲିଓନିଏ ୱେଞ୍ଜ କହିଛନ୍ତି। ସେହିପରି ଆଉ ଜଣେ ଗବେଷକ କହିଛନ୍ତି, ଦକ୍ଷିଣ ଏସିଆ ଓ ଆଫ୍ରିକା ଏହାଦ୍ୱାରା ସର୍ବାଧିକ ପ୍ରଭାବିତ ହେବେ। ଗବେଷକ ଦଳ ଗତ ୪୦ ବର୍ଷରେ ବିଶ୍ୱର ୧,୬୦୦ ଅଞ୍ଚଳକୁ ନେଇ ପାଣିପାଗ ଓ ଆର୍ଥିକ ତଥ୍ୟ ସଂଗ୍ରହ କରିଥିଲେ। ସେହି ତଥ୍ୟର ବିଶ୍ଳେଷଣରୁ ଉପରୋକ୍ତ ବିଷୟ ଜଣାପଡ଼ିଛି।

## ଭାରତରେ ୨-୩ ବିଲିଅନ ଡଲାର ନିବେଶ କରିବେ ଏଲନ୍ ମସ୍କ

ନୂଆଦିଲ୍ଲୀ, ୧୭।୪

ଟେସ୍‌ଲା ସିଇଓ ଏଲନ ମସ୍କ ଆସନ୍ତା ସପ୍ତାହରେ ଭାରତ ଗସ୍ତରେ ଆସିବେ। ସେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ କରିବେ ବୋଲି ଏକ ରିପୋର୍ଟ ପ୍ରକାଶ କରିଛି। ଟେସଲାର କାରଖାନା ପ୍ରତିଷ୍ଠା କରିବା ପାଇଁ ମସ୍କ ଭାରତରେ ୨ରୁ ୩ ବିଲିଅନ ଡଲାର ପୁଞ୍ଜି ନିବେଶ କରିପାରନ୍ତି। ମୋଦିଙ୍କ ସହ ସାକ୍ଷାତରେ ଏନେଇ ମସ୍କ ଆଧିକାରିକ ଘୋଷଣା କରିବେ। ସେହିପରି ରିପୋର୍ଟ ଅନୁଯାୟୀ, ମୁମ୍ବାଇ ଓ ନୂଆଦିଲ୍ଲୀରେ ନିଜର ଶୋ’ରୁମ ପ୍ରତିଷ୍ଠା ପାଇଁ ଟେସଲା ଲୋକେଶନ ଖୋଜିବା ପ୍ରକ୍ରିୟା ଆରମ୍ଭ କରିସାରିଛି।



## ମିଶାଇଲ ମାଡ଼ରେ ୧୭ ୟୁକ୍ରେନୀୟ ମୃତ


ରୁଷିଆର ମିଶାଇଲ୍ ମାଡ଼ରେ ୟୁକ୍ରେନ୍‌ର ଚେର୍ନିହିଭ୍ ସହରର ଭାଙ୍ଗିଯାଇଥିବା ଏକ କୋଠାରେ ଉଦ୍ଧାରକାରୀ ଦଳ।

**କିଭ୍, ୧୭।୪:** ୟୁକ୍ରେନ୍‌ର ଚେର୍ନିହିଭ୍ ସହର ଉପାନ୍ତ ଅଞ୍ଚଳରେ ବୁଧବାର ସକାଳେ ରୁଷିଆ ପକ୍ଷରୁ ମିଶାଇଲ ମାଡ଼ କରାଯାଇଛି। ଏହି ଆକ୍ରମଣରେ ୮ ମହଲା ବିଶିଷ୍ଟ ଏକ ଆପାର୍ଟମେଣ୍ଟ ଧ୍ୱସ୍ତ ହୋଇଯାଇଛି। ଫଳରେ ଉକ୍ତ ଆପାର୍ଟମେଣ୍ଟର ୧୭ ବାସିନ୍ଦାଙ୍କ ମୃତ୍ୟୁ ଘଟିଛି। ଏଥିସହ ଅନ୍ୟୂନ ୩ ଶିଶୁଙ୍କ ସମେତ ୬୧ ଜଣ ଆହତ ହୋଇଥିବା ୟୁକ୍ରେନୀୟ ଏମର୍ଜେନ୍ସି ସେବା ପକ୍ଷରୁ ସୂଚନା ଦିଆଯାଇଛି। ରାଜଧାନୀ କିଭ୍‌ରୁ ପ୍ରାୟ ୧୫୦ କି.ମି. ଦୂରରେ ତଥା ରୁଷିଆ ଓ ବେଲାରୁଷ ସୀମାରେ ଅବସ୍ଥିତ ଏହି ସହରର ଜନସଂଖ୍ୟା ୨,୫୦,୦୦୦।

## ‘ପ୍ରେମିକଙ୍କ ଆତ୍ମହତ୍ୟା ପାଇଁ ପ୍ରେମିକା ଦାୟୀ ନୁହନ୍ତି’

ନୂଆଦିଲ୍ଲୀ, ୧୭।୪




ପ୍ରେମରେ ବିଫଳ ହୋଇ ଯଦି କୌଣସି ପ୍ରେମିକ ଆତ୍ମହତ୍ୟା କରନ୍ତି, ତେବେ ଉସ୍‌କେଇବା ଅଭିଯୋଗରେ ତାଙ୍କ ପ୍ରେମିକାଙ୍କୁ ଦାୟୀ କରାଯାଇପାରିବନି। ଆତ୍ମହତ୍ୟା କରିଥିବା ଜଣେ ଯୁବକଙ୍କର ପୂର୍ବତନ ପ୍ରେମିକା ଓ ତାଙ୍କ ବନ୍ଧୁଙ୍କୁ ଆଗୁଆ ଜାମିନ ଦେବା ସମୟରେ ଦିଲ୍ଲୀ ଉଚ୍ଚ ଅଦାଲତ ଏପରି କହିଛନ୍ତି। ସମ୍ପୃକ୍ତ ଯୁବତୀ ଓ ତାଙ୍କ ବନ୍ଧୁ ମିଶି ଉସ୍‌କେଇଥିବାରୁ ଯୁବକ ଜଣକ ଚରମ ନିଷ୍ପତ୍ତି ନେଇଥିବା ଅଭିଯୋଗ କରାଯାଇଥିଲା। ମାମଲାର ଶୁଣାଣି କରି ଜଷ୍ଟିସ ଅମିତ ମହାଜନ କହିଛନ୍ତି, ଯଦି କୌଣସି ଛାତ୍ର ପରୀକ୍ଷାରେ ବିଫଳ ହେବାରୁ କିମ୍ବା ଜଣେ ମହକିଲ କେସ୍ ହାରିଯିବାରୁ ଆତ୍ମହତ୍ୟା କରନ୍ତି ତେବେ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଶିକ୍ଷକ କିମ୍ବା ମହକିଲଙ୍କ ପାଇଁ କେସ ଲଢୁଥିବା ଓକିଲଙ୍କୁ ଦାୟୀ କରାଯାଇପାରିବ ନାହିଁ। ସେହିପରି ପ୍ରେମରେ ବିଫଳ ହୋଇ ଯଦି କୌଣସି ପ୍ରେମିକ ଆତ୍ମହତ୍ୟା କରନ୍ତି, ତେବେ ଏଥିପାଇଁ ତାଙ୍କ ପ୍ରେମିକାଙ୍କୁ ଦାୟୀ କରିବା ଉଚିତ ନୁହେଁ। ଦୁର୍ବଳ ମାନସିକତା ଥିବା ବ୍ୟକ୍ତି ହିଁ ଆତ୍ମହତ୍ୟାର ଭୁଲ୍ ନିଷ୍ପତ୍ତି ନେଇଥାନ୍ତି ବୋଲି ହାଇକୋର୍ଟ କହିଛନ୍ତି। ଏଥିପାଇଁ ଉସ୍‌କେଇଥିବା ଅଭିଯୋଗରେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଦାୟୀ କରିବା ଠିକ୍ ହେବ ନାହିଁ ବୋଲି ଜଷ୍ଟିସ ଅମିତ ମହାଜନଙ୍କ ଖଣ୍ଡପୀଠ କହିଛନ୍ତି।

## ରାମଲାଲାଙ୍କ ମଥାରେ ସୂର୍ଯ୍ୟ ତିଳକ

ଅଯୋଧ୍ୟା, ୧୭।୪



ଅଯୋଧ୍ୟାରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପରେ ପ୍ରଥମ ଥର ପାଇଁ ରାମ ନବମୀ ପାଳନ ହୋଇଛି। ଏହି ଅବସରକୁ ଅଲୌକିକ କରିବା ପାଇଁ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ପ୍ରଭୁ ଶ୍ରୀରାମଙ୍କର ସୂର୍ଯ୍ୟାଭିଷେକର ବିଶେଷ ଆୟୋଜନ କରାଯାଇଥିଲା। ବୁଧବାର ଅଯୋଧ୍ୟାରେ ଅଧ୍ୟାତ୍ମ ଓ ବିଜ୍ଞାନର ଅଦ୍ଭୁତ ମିଳନ ଦେଖିବାକୁ ମିଳିଛି। ଦୀର୍ଘ ୫୦୦ ବର୍ଷ ପରେ ରାମଲାଲାଙ୍କ ବିଗ୍ରହକୁ ସୂର୍ଯ୍ୟାଭିଷେକ କରାଯାଉଥିବାରୁ ଅଯୋଧ୍ୟାରେ ବହୁ ଭକ୍ତଙ୍କ ସମାଗମ ଘଟିଥିଲା। ଏହି ଅବସରରେ ଗର୍ଭଗୃହ ମଧ୍ୟରେ ରାମଲାଲା ଦିବ୍ୟରୂପରେ ଦର୍ଶନ ଦେଇଛନ୍ତି। ସୂର୍ଯ୍ୟାଭିଷେକ ସମୟରେ ପ୍ରାୟ ୪ରୁ ୬ ମିନିଟ ପର୍ଯ୍ୟନ୍ତ ରାମଲଲାଙ୍କ ମଥାରେ ସୂର୍ଯ୍ୟତିଳକ ରହିଥିଲା। ସୂର୍ଯ୍ୟଙ୍କ କିରଣ ରାମଲାଲାଙ୍କ ମୂର୍ତ୍ତିରେ ଏପରି ପଡ଼ିଥିଲା ଯେପରି ପ୍ରଭୁ ଶ୍ରୀରାମଙ୍କୁ କେହି ସୂର୍ଯ୍ୟତିଳକ ଲଗାଇ ଦେଇଛନ୍ତି। ବହୁ ବର୍ଷ ପରେ ଏହି ଅଦ୍ଭୁତ ଦୃଶ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହି ପାରିଥିଲା। ତେବେ ଆସାମର ନଳବାରିରେ ଏକ ନିର୍ବାଚନୀ ସଭା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିରଳ ଦୃଶ୍ୟକୁ ନିଜ ଟାବଲେଟ ମାଧ୍ୟମରେ ଦେଖିଛନ୍ତି। ଏହା ତାଙ୍କ ପାଇଁ ଆନନ୍ଦର ମୁହୂର୍ତ୍ତ ହୋଇଥିବା ପ୍ରଧାନମନ୍ତ୍ରୀ ନିଜ ଏକ୍ସ’ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି।




# ଏମ୍ସରେ କୃତ୍ରିମ ମୂତ୍ରାଶୟ ପ୍ରତିରୋପଣ

## ରାଜ୍ୟରେ ପ୍ରଥମ

ଭୁବନେଶ୍ୱର,୧୭।୪(ଅସମାପିକା ସାହୁ)

ଏମ୍ସ ଭୁବନେଶ୍ୱର ଏହାର ସଫଳତାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି। ରାଜ୍ୟରେ ପ୍ରଥମ କରି ଜଣେ ବ୍ୟକ୍ତିଙ୍କ ଶରୀରରେ କୃତ୍ରିମ ମୂତ୍ରାଶୟ ସ୍ଫିଙ୍କ୍ଟର(ଏୟୁଏସ) ପ୍ରତିରୋପଣ କରାଯାଇଛି। ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ଦ୍ୱାରା କରାଯାଇଥିବା ଏହି ଅତ୍ୟାଧୁନିକ ପ୍ରତିରୋପଣ ଓଡ଼ିଶାରେ ପ୍ରଥମ। ଏକ ସୁଦକ୍ଷ ଡାକ୍ତରୀ ଦଳ ଏହି ପ୍ରତିରୋପଣ ପ୍ରକ୍ରିୟା ସମ୍ପାଦନ କରିଥିଲେ। ଏହି ଅଭିନବ ସେବା ଗୁରୁତର ମୂତ୍ର ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ନୂତନ ଆଶା ଏବଂ ଉନ୍ନତମାନର ଜୀବନ ପ୍ରଦାନ କରିବାରେ ସହାୟକ ହେବ। ପୂର୍ବରୁ ଏହି ପ୍ରତିରୋପଣ କେବଳ ଦେଶର ହାତଗଣତି କିଛି ବଡ଼ ସହରରେ ଉପଲବ୍ଧ ଥିଲା। ବର୍ତ୍ତମାନ ଏହା ଏମ୍ସ ଭୁବନେଶ୍ୱରରେ ଉପଲବ୍ଧ ହୋଇପାରିଛି।

ପ୍ରୋଷ୍ଟେଟ ସର୍ଜରି, ମେରୁଦଣ୍ଡରେ ଆଘାତ କିମ୍ବା ମୂତ୍ର ନିୟନ୍ତ୍ରଣକୁ ପ୍ରଭାବିତ କରୁଥିବା ବିଭିନ୍ନ କାରଣରୁ ଅଧିକାଂଶ ବ୍ୟକ୍ତି ପରିସ୍ରା ଉପରେ ନିୟନ୍ତ୍ରଣ ହରାଇଥାନ୍ତି, ଯାହାକି ସେମାନଙ୍କ ଦୈନନ୍ଦିନ ଜୀବନ ପ୍ରକ୍ରିୟାକୁ ବେଶ ପ୍ରଭାବିତ କରିଥାଏ। ଏୟୁଏସ୍ ହେଉଛି ଏପରି ଏକ ଅତ୍ୟାଧୁନିକ ଉପକରଣ ଯାହାକି ମୂତ୍ରବାହି ନଳୀରେ ନିୟନ୍ତ୍ରକ ଭାବେ କାର୍ଯ୍ୟ କରିଥାଏ, ଯାହାକି ଅନିୟନ୍ତ୍ରିତ ପରିସ୍ରାରୁ ମୁକ୍ତି ଦେବା ସହିତ ସାଧାରଣ ଜୀବନଯାପନକୁ ସ୍ୱାଭାବିକ କରିଥାଏ। ଅସ୍ୱାଭାବିକ ମୂତ୍ର ଅସନ୍ତୋଷ ଅନୁଭବ କରୁଥିବା ରୋଗୀଙ୍କ ପାଇଁ ଏହି ସେବା ବିଶେଷ ଭାବରେ ପ୍ରସ୍ତୁତ ହୋଇଛି। ଏହା ଅତ୍ୟନ୍ତ ପ୍ରଭାବଶାଳୀ ଓ ଫଳପ୍ରଦ ବୋଲି ଜଣାପଡ଼ିଛି। ଏମ୍ସ ଭୁବନେଶ୍ୱରରେ ଏହି ପ୍ରତିରୋପଣ କାର୍ଯ୍ୟକ୍ରମ ଦକ୍ଷ, ଅତ୍ୟାଧୁନିକ ଜ୍ଞାନକୌଶଳରେ ବିଜ୍ଞ ୟୁରୋଲୋଜିଷ୍ଟ ଏବଂ କୁଶଳୀ ସର୍ଜନଙ୍କ ଏକ ଦଳ ଦ୍ୱାରା ପରିଚାଳିତ ହେବ। ରୋଗୀମାନଙ୍କୁ ପ୍ରତିରୋପଣ ପରବର୍ତ୍ତୀ ପୁନରୁଦ୍ଧାର ପ୍ରକ୍ରିୟାରେ ସହାୟତା କରିବା ପାଇଁ ଡାକ୍ତରଖାନା ପକ୍ଷରୁ ନିୟମିତ ଯାଞ୍ଚ ଏବଂ ସହାୟତା ପ୍ରଦାନ ନିମନ୍ତେ ବନ୍ଦୋବସ୍ତ କରାଯାଇଛି। ଏୟୁଏସ୍ ପ୍ରତିରୋପଣ ସେବା ବିଷୟରେ ଅଧିକ ସୂଚନା କିମ୍ବା ଏନେଇ ପରାମର୍ଶ କରିବାକୁ ଚାହୁଁଥିବା ରୋଗୀମାନେ ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ସହିତ ଯୋଗାଯୋଗ କରିପାରିବେ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏହି ଅତ୍ୟାଧୁନିକ ଏୟୁଏସ୍ ପ୍ରତିରୋପଣ ସେବା ଆରମ୍ଭରେ ଖୁସି ବ୍ୟକ୍ତ କରିବା ସହିତ ବିଶେଷଜ୍ଞ ଡାକ୍ତରୀ ଦଳ ଏବଂ ୟୁରୋଲୋଜି ବିଭାଗକୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଏହି ସେବା ପାଇଁ ପୂର୍ବରୁ ଅନ୍ୟ ରାଜ୍ୟକୁ ଯିବା ପାଇଁ ପଡୁଥିଲା। ବର୍ତ୍ତମାନ ଏମ୍ସରେ ଏହା ଆରମ୍ଭ ହେବା ଦ୍ୱାରା ରାଜ୍ୟ ତଥା ପୂର୍ବ ଭାରତର ଲୋକମାନେ ଏହି ସେବା ପାଇପାରିବେ ବୋଲି ଡା. ବିଶ୍ୱାସ ପ୍ରକାଶ କରିଛନ୍ତି। ଏମ୍ସ ମେଡିକାଲ ଅଧୀକ୍ଷକ ଡା. ଦିଲ୍ଲୀପ କୁମାର ପରିଡ଼ା ଏହି ଅବସରରେ ୟୁରୋଲୋଜି ବିଭାଗର ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।


କୃତ୍ରିମ ମୂତ୍ରାଶୟ ପ୍ରତିରୋପଣ କରିଥିବା ଏମ୍ସର ଡାକ୍ତରୀ ଟିମ୍।

# ୩୭ ବିଧାନସଭାରେ ପ୍ରାର୍ଥୀ ଦେଲା ଆମ୍ ଆଦମୀ ପାର୍ଟି

ଭୁବନେଶ୍ୱର,୧୭।୪(ଅନିଲ ଦାସ)

ଆମ୍ ଆଦମୀ ପାର୍ଟି ବୁଧବାର ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିଛି। ପ୍ରଥମ ପର୍ଯ୍ୟାୟରେ ଦଳ ରାଜ୍ୟର ୩୭ଟି ବିଧାନସଭା ସିଟ୍ ପାଇଁ ପ୍ରାର୍ଥୀ ଦେଇଛି। ବରଗଡ଼ରୁ ଆଶିଷ ଶତପଥୀ, ପଦ୍ମପୁରରୁ ବାଲ୍ମୀକି ନାୟକ, ଢେଙ୍କାନାଳରୁ ଭାରତ କୁମାର ଦାସ, ଅନୁଗୋଳରୁ ଦୀପ୍ତିମୟୀ ଦାସ, ବଲାଙ୍ଗୀରରୁ ଆଶିଷ ପାଣ୍ଡେ, ଭବାନୀପାଟଣାରୁ ରମେଶ ନାୟକ, ଚୌଦ୍ୱାର-କଟକରୁ ବିଜୟଲକ୍ଷ୍ମୀ ମହାପାତ୍ର, ମହାକାଳପଡ଼ାରୁ ବୈବମନୁ ବେଉରା, ପାଟକୁରାରୁ ଅଶୋକ କୁମାର ତ୍ରିପାଠୀ, ମାହାଙ୍ଗାରୁ ସାରଦା ପ୍ରସାଦ ଦାସ, ଆଠଗଡ଼ରୁ ଦେବୀ ପ୍ରସାଦ ମହାପାତ୍ର, ବୌଦ୍ଧରୁ ସ୍ମୃତି ଶାଶ୍ୱତୀ ମିଶ୍ରଙ୍କୁ ଦଳ ଟିକେଟ ଦେଇଛି। ସେହିପରି ବାଲିକୁଦା-ଏରସମାରୁ ବରଦା ପ୍ରସନ୍ନ ସାହୁ, ପୁରୀରୁ ସତ୍ୟଜିତ ମହାନ୍ତି, ବ୍ରହ୍ମଗିରିରୁ ଅଶ୍ୱିନୀ କୁମାର ସାମନ୍ତସିଂହାର, ଭୁବନେଶ୍ୱର-ଉତ୍ତରରୁ ସୋମନାଥ ରାଉତ, ଦଶପଲ୍ଲାରୁ ଆଲୋକ ନାୟକ, ଭଞ୍ଜନଗରରୁ କବିରାଜ ବେହେରା, ଛତ୍ରପୁରରୁ ରିତୁ କୁମାରୀ ସେଠୀ, ଗୋପାଳପୁରରୁ ପି. ନୀଳକଣ୍ଠ, ବ୍ରହ୍ମପୁରରୁ ସୁବାସ ଚନ୍ଦ୍ର ରାଉତ, ଦିଗପହଣ୍ଡିରୁ ପି. ମନୋଜ କୁମାର, ଚିକିଟିରୁ ଡୁକା ଶ୍ରୀନିବାସ, ପାରଳାଖେମୁଣ୍ଡିରୁ ମନୋଜ ବଡ଼ନାୟକ, ଜୟପୁରରୁ ଗୌରୀ ଚରଣ ଦେବଶର୍ମା, କୋରାପୁଟରୁ କର୍ପୁର ହନ୍ତାଳ, ଚିତ୍ରକୋଣ୍ଡାରୁ ଶରତ ଚନ୍ଦ୍ର ଗୁରୁଡା, ଜି. ଉଦୟଗିରିରୁ ଯୌବନ ମଲ୍ଲିକ, ନର୍ଲାରୁ ପୃଥ୍ୱୀରାଜ ଛତ୍ରିଆ, ବଡ଼ଚଣାରୁ ବିଜୟ ଦାସ, ମୋରଡ଼ାରୁ ଶଙ୍କର୍ଷଣ ମିଶ୍ର, ଉଦଳାରୁ ରାଜକିଶୋର ମାରାଣ୍ଡି, ରେଙ୍ଗାଲିରୁ ସୀତାକାନ୍ତ ରୋହିଦାସ, ବଣାଇରୁ କୁନି ମୁଣ୍ଡା, ଅତାବିରାରୁ ଜୟକୃଷ୍ଣ ଛୁରିଆ, ଭଟଲିରୁ ଶାହରୁଖ ଲୋଧିଆ ଏବଂ ବ୍ରଜରାଜନଗରରୁ କୁମୁଦ ରଞ୍ଜନ ପ୍ରସାଦଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିଛି।

# ବିଜେଡି ଛାଡ଼ି ଭାଜପାରେ ଯୋଗଦେଲେ ଅର୍ଜୁନ ତ୍ରିପାଠୀ

ଭୁବନେଶ୍ୱର, ୧୭।୪(ସୁନିତ୍ ମିଶ୍ର)

ବିଜେଡିରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନବରଙ୍ଗପୁର ଜିଲାର ପୂର୍ବତନ ସଭାପତି ପ୍ରହ୍ଲାଦ ତ୍ରିପାଠୀ(ଅର୍ଜୁନ) ବୁଧବାର ଭାଜପାରେ ଯୋଗଦେଇଛନ୍ତି। ଅର୍ଜୁନ କହିଛନ୍ତି, ବିଜେଡି ଏବେ ବ୍ୟକ୍ତିକେନ୍ଦ୍ରିକ ରାଜନୈତିକ ଦଳ ପାଲଟିଛି। ଭାଜପାର ରାଷ୍ଟ୍ରବାଦୀ ବିଚାରଧାରାରେ ପ୍ରଭାବିତ ହୋଇ ମୋଦି ଗ୍ୟାରେଣ୍ଟିରୁ ବଞ୍ଚିତ ରଖାଯାଉଥିବା ରାଜ୍ୟବାସୀ ଓ ବିଶେଷ ଭାବେ ନବରଙ୍ଗପୁର ଜିଲାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭାଜପାରେ ଯୋଗଦେଇଥିବା ଅର୍ଜୁନ କହିଛନ୍ତି। ସେହିପରି ଯାଜପୁର ଜିଲା ଦଶରଥପୁର ବ୍ଲକ୍ ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ ନିଜ ଶତାଧିକ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି। ଇନ୍ଦ୍ରଜିତଙ୍କ ସମେତ ଚନ୍ଦ୍ରଶେଖର ମହାନ୍ତି, ଚିତ୍ତରଞ୍ଜନ ଦାସ, ଶୁଭମ ସାମଲ, ଜ୍ଞାନରଞ୍ଜନ ବେହେରା, ସୁଶାନ୍ତ ଜେନା, ଇନ୍ଦ୍ରଜିତ ବେହେରା ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି।

# ଅଙ୍ଗନୱାଡ଼ି, ଆଶାକର୍ମୀଙ୍କୁ ଧମକାଉଛି ଭାଜପା

## ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୧୭।୪(ଅନିଲ ଦାସ)

ତୃଣମୂଳ ସ୍ତରରେ କାର୍ଯ୍ୟରତ ଅଙ୍ଗନୱାଡ଼ି ଓ ଆଶା କର୍ମୀଙ୍କ ଚରିତ୍ର ସଂହାର କରୁଛି ଭାଜପା। ମୁଖ୍ୟ ନିର୍ବାଚନ କମିଶନଙ୍କ ନାଁ ନେଇ ଭାଜପା ନେତା ଧମକ ଦେଉଛନ୍ତି। କଥା ନ ମାନିଲେ ପରିଣାମ ଭୋଗିବ ବୋଲି ନାଲିଆଖି ଦେଖାଉଛନ୍ତି। ପ୍ରତ୍ୟେକ ନିର୍ବାଚନ ଓ ଉପନିର୍ବାଚନ ପୂର୍ବରୁ ମହିଳାଙ୍କୁ ଭାଜପା ନେତା ଓ କର୍ମୀ ଏଭଳି ଧମକାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଏ ନେଇ ବିଜେଡିର ଏକ ପ୍ରତିନିଧି ଦଳ ବୁଧବାର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ରାଜ୍ୟର ମହିଳାମାନଙ୍କ ସ୍ୱାସ୍ଥ୍ୟରକ୍ଷା ଦିଗରେ ଆଶାକର୍ମୀମାନେ ତୃଣମୂଳସ୍ତରରେ କାମ କରୁଛନ୍ତି। ପିଲାମାନଙ୍କ ପୋଷଣ ପାଇଁ ଅଙ୍ଗନୱାଡ଼ି କର୍ମୀମାନେ କାମ କରୁଛନ୍ତି। ସେହିଭଳି ମହିଳା ସଶକ୍ତୀକରଣ ଦିଗରେ ସେମାନେ କାମ କରୁଛନ୍ତି। ତୃଣମୂଳ ସ୍ତରରେ କାର୍ଯ୍ୟରତ ମହିଳାଙ୍କୁ ଭାଜପା ଈର୍ଷା କରୁଛି। ଭାଜପାର ଏଭଳି କାର୍ଯ୍ୟକଳାପ ଉପରେ ଦୃଷ୍ଟି ଦେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଜେଡି ଦାବି ଜଣାଇଛି।

# ୪୦ ଡିଗ୍ରୀ ଉପରେ ୩୦ ସହର

## ୪୩.୨ ଡିଗ୍ରୀରେ ତାଳଚେର, ୪୫ ଡିଗ୍ରୀ ଛୁଇଁବ ତାପମାତ୍ରା

ଭୁବନେଶ୍ୱର, ୧୭।୪(ଅସମାପିକା ସାହୁ)

ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ଲହରି ଜାରି ରହିଛି। ଦିନସାରା ଝାଞ୍ଜି ପବନ ବହୁଛି। ବୁଧବାର ୩୦ ସହରରେ ଦିନର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିଲା। ୪୩.୨ ଡିଗ୍ରୀ ସହ ତାଳଚେର ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବାବେଳେ ଚଳିତବର୍ଷ ପ୍ରଥମଥର ପାଇଁ ଦ୍ୱୈତ ନଗରୀରେ ତାପମାତ୍ରା ୪୧ ଡିଗ୍ରୀ ଟପିଥିଲା। ତେବେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ତାତିରୁ ନିସ୍ତାର ନାହିଁ। ୧୮ ଓ ୧୯ ତାରିଖରେ କିଛି ସ୍ଥାନରେ ତାପମାତ୍ରାରେ ଆହୁରି ୨ରୁ ୩ ଡିଗ୍ରୀ ଯାଏ ବୃଦ୍ଧି ହେବାର ସମ୍ଭାବନା ରହିଛି। ତେବେ ୧୮ ରୁ ୨୦ ତାରିଖ ମଧ୍ୟରେ ସକ୍ରିୟ ଗ୍ରୀଷ୍ମ ଲହରୀ ଶିଖର ଛୁଇଁବା ସହ କିଛି ଅଞ୍ଚଳରେ ପାରଦ ୪୫ ଡିଗ୍ରୀ ଛୁଇଁ ରେକର୍ଡ କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ବୁଧବାର ନୂଆପଡ଼ାର ତାପମାତ୍ର ୪୩ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଅନୁଗୋଳ ୪୨.୭, ବାରିପଦା ୪୨.୬, ଭବାନୀପାଟଣା ୪୨, ବୌଦ୍ଧ ୪୨.୮, ପାରଳାଖେମୁଣ୍ଡି ୪୨.୮, ଟିଟିଲାଗଡ଼ ୪୨.୫ ଓ ମାଲକାନଗିରି ୪୨ ଡିଗ୍ରୀ ରହିଥିଲା। ସେହିଭଳି ଭୁବନେଶ୍ୱର ୪୧.୭ ଡିଗ୍ରୀ ଓ କଟକରେ ତାପମାତ୍ରା ୪୧.୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ଗୁରୁବାର ଓ ଶୁକ୍ରବାର ମୟୂରଭଞ୍ଜ, ନୂଆପଡ଼ା, ଗଜପତି ଏବଂ ନୟାଗଡ଼ ଜିଲାକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ୱାର୍ନିଂ ଏବଂ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଯାଜପୁର, କନ୍ଧମାଳ, କୋରାପୁଟ, ମାଲକାନଗିରି, ଅନୁଗୋଳ, ବୌଦ୍ଧ, ଝାରସୁଗୁଡ଼ା, କଳାହାଣ୍ଡି ଓ ବରଗଡ଼ ଜିଲାକୁ ୟଲୋ ୱାର୍ନିଂ ଦିଆଯାଇଛି। ୨୨ରୁ କିଛି ଜିଲାରେ ବର୍ଷା ସମ୍ଭାବନା ରହିଥିବାରୁ ତାତି ସ୍ଥିତିରେ ପରିବର୍ତ୍ତନ ଆସିବ ବୋଲି ଆକଳନ କରାଯାଇଛି।



**ଆଜିର ମନ୍ତବ୍ୟ**
ଇଲେକ୍ଟୋରାଲ ବଣ୍ଡ ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଥିବାବେଳେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଶେୟାର କରାଯାଇଥିବା ଏ ସମ୍ପର୍କିତ ଏକ ପୋଷ୍ଟକୁ କାହିଁକି ହଟାଯାଇଛି ନିର୍ବାଚନ କମିଶନ ଏହାର ଉତ୍ତର ଦିଅନ୍ତୁ। **–ସୁପ୍ରିୟା ଶ୍ରୀନେତ, କଂଗ୍ରେସ ନେତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଶ୍ୱ ଐତିହ୍ୟ ଦିବସ, ସ୍ଥାନ: ଉତ୍ତରେଶ୍ୱର ଘାଟ, ବିନ୍ଦୁସାଗର, ପୁରୁଣା ଭୁବନେଶ୍ୱର, ସମୟ: ସକାଳ ୭ଟା ୧୫।
- 'ଶତାବ୍ଦୀର କଳାକାର'ର ୪୯ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ସିପିଆଇ(ଏମ୍)ର ଖବରଦାତା ସମ୍ମିଳନୀ, ସ୍ଥାନ: ଜେ-୭/୧, ଗଙ୍ଗାଧର ମେହେର ମାର୍ଗ, ଜୟଦେବ ବିହାର, ସମୟ: ପୂର୍ବାହ୍ନ ୧୧ଟା।
- ଧାରାବାହିକ 'ଭାଗ୍ୟରେଖା' ଲଞ୍ଚ, ସ୍ଥାନ: ହୋଟେଲ ଆର୍ଯ୍ୟ ପାଲେସ, ସମୟ: ଅପରାହ୍ନ ୫ଟା।
- ଭୂ-କ୍ରାନ୍ତି ଦିବସରେ ଭୂ-ମୁକ୍ତି ଅଭିଯାନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦।
- ବିଶ୍ୱ ଐତିହ୍ୟ ଦିବସ, ସ୍ଥାନ: ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ, ସ୍ଥାନ: ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଡ଼ାଉଆ, ସମୟ: ସନ୍ଧ୍ୟା ୭ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ସୁନ୍ଦରପାଟଣା- ରୁଦ୍ରପୁର ଗ୍ରାମର ମା ଗେହ୍ଲାଦେବୀ ପୀଠ ସମୟ: ସନ୍ଧ୍ୟା ୭ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକର ଜଗନ୍ନାଥପୁର ପଞ୍ଚାୟତ ଅଧୀନ ମହାନ୍ତିପାଟଣା ଗ୍ରାମର ମା' ବନଦୁର୍ଗାଙ୍କ ପୀଠସ୍ଥଳୀ, ସମୟ: ସନ୍ଧ୍ୟା ୭ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକର ବେଣ୍ଟପୁର ପଞ୍ଚାୟତ ଅଧୀନ ଦେଓନାପାଟଣା ଗ୍ରାମର ଗାଦି ଗୋସାଇଁଙ୍କ ପୀଠ, ସମୟ: ସନ୍ଧ୍ୟା ୭ଟା ୩୦।
- ରାମଲୀଳା-ନାଟକ ଶ୍ରୀରାମଙ୍କ ଜନ୍ମ, ସ୍ଥାନ: ବାଲିଅନ୍ତା ବ୍ଲକର ବେଣୁପୁରସ୍ଥିତ ଶ୍ରୀରାମ ମନ୍ଦିର ପରିସର, ସମୟ: ରାତି ୧୧ଟା ୩୦।

## କଟକ
- ବିଶ୍ୱ ହିମୋଫିଲିଆ ଦିବସ ପାଳନ, ସ୍ଥାନ:ଏସ୍‌ସିବି ମେଡିକାଲ ପୁରୁଣା ଅଡିଟୋରିୟମ, ସମୟ:ପୂର୍ବାହ୍ନ ୧୧ଟା।
- ରବୀନ୍ଦ୍ର କୁମାର ଲାଇବ୍ରେରୀର ୭୫ତମ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ଶ୍ରୀଶ୍ରୀ ରାମମନ୍ଦିର ୧୦ମ ବାର୍ଷିକୋତ୍ସବ ଦଶମୀ ପୂଜା, ସ୍ଥାନ: ଜଇନାବାଦ, ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ଉଠାଦୋକାନୀଙ୍କ ବିଭିନ୍ନ ସମସ୍ୟା ନେଇ ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଐତିହ୍ୟ ଦିବସ ପାଳନ, ସ୍ଥାନ: ରୋଟାରୀ କମ୍ୟୁନିଟି ସେଣ୍ଟର, ପୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜୟ ଶ୍ରୀଶ୍ରୀ ହନୁମାନ ମହାବୀରଙ୍କ ୧୯ତମ ବାର୍ଷିକୋତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଭାତବନ୍ଧ ବଣିଆସାହି, ନିମାପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।
- ଉଦୟନାଥ ଏକାଡେମୀର ବାର୍ଷିକୋତ୍ସବ, ସ୍ଥାନ: ଗୋପାଳପୁର ରୋଡ଼, ସମୟ: ସନ୍ଧ୍ୟା ୬ଟା।
- ସାହିଯାତରେ ନିଶାନ ଶୋଭାଯାତ୍ରା, ସ୍ଥାନ: ମାଟିମଣ୍ଡପ ସାହି, ପୁରୀ, ସମୟ: ସନ୍ଧ୍ୟା ୬ଟା।
- ଯଜ୍ଞ ରକ୍ଷା ନୀତି, ସ୍ଥାନ: ହରଚଣ୍ଡି ସାହି, ସମୟ: ସନ୍ଧ୍ୟା ୭ଟା।
- ମା'ଦେବୀ ବନଦୁର୍ଗାଙ୍କ ପୂଜାଉତ୍ସବର ୬ଷ୍ଠ ଦିବସ ଓ ପୂର୍ଣ୍ଣାହୁତି, ସ୍ଥାନ: ବନଦୁର୍ଗା ଶକ୍ତିପୀଠ, ନାଗବସ୍ତ ଗ୍ରାମ, ନିମାପଡ଼ା, ସମୟ: ଅପରାହ୍ନ ୫ଟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା।
- ରାମଚରିତମାନସ ନବାହ୍ନ ପାରାୟଣ ପ୍ରବଚନ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ୫ମ ଦିବସ, ସ୍ଥାନ: ମହାବୀରଙ୍କ ପୀଠ, ପୁରୁଣା ବସ୍‌ଷ୍ଟାଣ୍ଡ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ, ସ୍ଥାନ: ମା' ତାରିଣୀ ଦେବୀଙ୍କ ପୀଠ, ବେଗୁନିଆ ଉପକଣ୍ଠ କଢାମଲ୍ଲ, ସମୟ: ସକାଳ ୭ଟା।
- ମା'ଜାଗୁଲାଇଙ୍କ ବାସନ୍ତିକ ଦୁର୍ଗାପୂଜା ପୂର୍ଣ୍ଣାହୁତି, ସ୍ଥାନ: କୁଦିଆରୀ ଗ୍ରାମ, ଜଟଣୀ, ସମୟ: ଅପରାହ୍ନ ୫ଟା।
- ଶ୍ରୀବାଲୁଙ୍କେଶ୍ୱର, କବୀଶ୍ୱର ଦେବ ମନ୍ଦିର ବାର୍ଷିକୋତ୍ସବ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ଶରଧାପୁର, ଅପରାହ୍ନ ୫ଟା ୩୦।
- ଭାଗବତ ବାସୁଦେବଙ୍କ ମେଳଣ ଉଦ୍‌ଯାପନୀ, ସ୍ଥାନ: ଜଟଣୀ ଗାଁ ହାଟ ବଜାର, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣ ଜୟନ୍ତୀ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀଶ୍ରୀ ସପ୍ତେଶ୍ୱର ଦେବଙ୍କ ପୀଠ,ଖଣତି, (କଡବ), ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ନବମୀ ଉତ୍ସବ, ରଘୁନାଥ ଦେବଙ୍କ ପୀଠ, ସ୍ଥାନ: ବାଘମାରି ତଳସାହି (ବେଗୁନିଆ), ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ନାଟକ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, ବେଗୁନିଆ ଉପକଣ୍ଠ, କଢାମଲ୍ଲ, ସମୟ: ସନ୍ଧ୍ୟା ୭ଟା
- ରାମଲୀଳା ନାଟକ ପରିବେଷଣ, ସ୍ଥାନ: ଛତ୍ରପଡ଼ା (ବେଗୁନିଆ), ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ, ପ୍ରବଚନ, ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀସଙ୍କଟମୋଚନ ହନୁମାନ ମନ୍ଦିର, ଜରିପୁଟ, ସନ୍ୟାଯା, ସମୟ: ସନ୍ଧ୍ୟା ୭ଟା।
- ତ୍ରିଂଶତମ ସାମ୍ବତ୍ସରିକ ଉତ୍ସବ, ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀରାମ ନଗର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର
- ହନୁମାନ ମନ୍ଦିରରେ ବାର୍ଷିକ ଉତ୍ସବ ଉପଲକ୍ଷେ ଦୁଇଦିନିଆ ଯଜ୍ଞରେ ପୂର୍ଣ୍ଣାହୂତି ପ୍ରଦାନ, ବାର୍ଷିକ ଉତ୍ସବ ସମାପନ ଓ ପ୍ରସାଦ ସେବନ, ସ୍ଥାନ: ବାଲିଆପାଳ ବଜରଙ୍ଗବାଲି ମନ୍ଦିର, ସମୟ: ଅପରାହ୍ନ ୫ଟା।
- 'କଳା କଳ୍ପିତ ନାଟ୍ୟଶ୍ରୀ' ସମ୍ବର୍ଦ୍ଧନା ଗ୍ରହଣ ଉତ୍ସବ, ସ୍ଥାନ: ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣ, ସୁନହଟ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ବାସନ୍ତୀ ଦୁର୍ଗାଙ୍କ ଦଶହରା ପୂଜା, ସ୍ଥାନ: ବାଘଡ଼ା ରୋଡ୍, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମା' ବାସନ୍ତୀଙ୍କ ଦଶହରା ପୂଜା, ସ୍ଥାନ: ବଡ଼ସାହି ବ୍ଲକ ପତରାପଦା ଓ ବାଲିଯୋଡା, ସମୟ: ପୂର୍ବାହ୍ନ ୧୦ଟା।
- ତ୍ ବଳାଙ୍ଗୀ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀର ସଙ୍ଗମ ପୀଠ ବାଲୁକାଶଯ୍ୟା, ବାରିପଦା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଟାଟାପାୱାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରାହାପିତା ବିଦ୍ୟୁତ୍ ଷ୍ଟ୍ରକ୍ଚର ପରିସର, ଧାମନଗର, ସମୟ: ସକାଳ ୯ ଟା।
- ଶ୍ରୀରାମ ସଂକୀର୍ତ୍ତନ ଶୋଭାଯାତ୍ରା, ସ୍ଥାନ: ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ମା' ବ୍ରାହ୍ମଣୀ ଦେବୀଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ଅତା, ବାତୋ, ଘସିପୁରା, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ପଣ୍ଡୁଆ, ଘସିପୁରା, ସମୟ : ଅପରାହ୍ନ ୪ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ଟୋଲଙ୍କପଡ଼ା, ହରିଡ଼ାପାଳ, ଆନନ୍ଦପୁର, ସମୟ : ଅପରାହ୍ନ ୪ ଟା।
- ବାଦୀପାଲା ଅନୁଷ୍ଠିତ, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ରାତି ୮ଟା।

## ଗଞ୍ଜାମ
- ଶ୍ରୀରାମ ଚରିତ ମାନସ ପ୍ରବଚନ ସ୍ଥାନ:ବୁଗୁଡା,କଦମ୍ବ ମଠ ସମୟ:ସନ୍ଧ୍ୟା ୭ଟା।

## କୋରାପୁଟ
- ସାଧାରଣ ନିର୍ବାଚନ ( ବିଧାନସଭା ) ଲାଗି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ, ସ୍ଥାନ : କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ସାଧାରଣ ନିର୍ବାଚନ (ଲୋକ ସଭା),ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ଆରମ୍ଭ, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ : ପୂର୍ବାହ୍ନ ୧୧ଟା।
- କୋଟପାଡ଼ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ଆରମ୍ଭ, ସ୍ଥାନ : ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ :ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କ ବିଗ୍ରହ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: କମଲିବଜାର ରାମଜୀ ମନ୍ଦିର, ସମୟ: ସକାଳ ୮ଟା।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଚାଉଁରପୁର ତଳିପଡା, ସମୟ: ସକାଳ ୯ଟା।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଧମା ବରଗାଁ ଗ୍ରାମ, ସମୟ: ସକାଳ ୯ଟା ୩୦।
- ଶ୍ରୀରାମ ନବମୀରେ ରାମଲୀଳା ନାଟକ, ସ୍ଥାନ: କବରାପାଲି ଗ୍ରାମ, ସମୟ: ରାତି ୧୦ଟା।

## ବଲାଙ୍ଗୀର
- ୪୬ତମ ଶ୍ରୀଶ୍ରୀ ୧୦୦୮ ଶ୍ରୀଡଙ୍ଗରବୁଢା ପୁଞ୍ଜିପଥର ମେଳା, ସ୍ଥାନ: କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ରାଜ୍ୟ ରାଜପଥ ନିକଟସ୍ଥ ପୁଞ୍ଜିପଥର ମନ୍ଦିର, ସମୟ: ସକାଳ ୮ଟା ୩୦।
- ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଉପସ୍ଥିତିରେ ଗୁଡଭେଲା ବ୍ଲକ ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଜାମୁଟ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହା ବ୍ଲକ ବୁର୍ଡା ଭଗବତ ମନ୍ଦିର ପ୍ରତିଷ୍ଠା ଉଦ୍‌ଯାପନୀ ସମାରୋହ, ସ୍ଥାନ: ମଧପଡା, ସମୟ: ଅପରାହ୍ନ ୧ଟା ୩୦।
- ବୁର୍ଡା ଭଗବତ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଚତୁର୍ଥ ଦିବସରେ ରାବଣ ଦରବାର, ସ୍ଥାନ: ମିଶନ ଶକ୍ତି ଭବନ: ସମୟ: ରାତି ୮ଟା।

## ସୁବର୍ଣ୍ଣପୁର
- ଶ୍ରୀରାମ ନବମୀର ଦ୍ୱିତୀୟ ଦିବସ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀରାମ ନବମୀର ଦ୍ୱିତୀୟ ଦିବସ, ସ୍ଥାନ: ଗୌଡଗାଡ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ ଟା ।
- ଶ୍ରୀରାମ ନବମୀର ଦ୍ୱିତୀୟ ଦିବସ, ସ୍ଥାନ: ମେଣ୍ଡାମାଳ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାମ ନବମୀ ପାଇଁ ପୂଜାର୍ଚ୍ଚନା, ସ୍ଥାନ: ଘିଚାପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀରାମ ନବମୀର ଦ୍ୱିତୀୟ ଦିବସ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଭାଲୁଡୁଙ୍ଗୁରିସ୍ଥିତ ଶୃଙ୍ଗଦର ମଠ,ବୀରମହାରାଜପୁର, ସମୟ: ଅପରାହ୍ନ ୪ ଟା।
- ଶ୍ରୀରାମଲୀଳାର ଦ୍ୱିତୀୟ ରଜନୀ, ସ୍ଥାନ: ଯୁବରାଜପୁର,ବୀରମହାରାଜପୁର, ସମୟ : ରାତି ୧୧ ଟା।
- ରାମଲୀଳା ନାଟକ, ସ୍ଥାନ: ଖଇରମାଲ, ବୀରମହାରାଜପୁର, ସମୟ: ରାତି ୧୧ଟା।

## ରାଉରକେଲା
- ଶାରଳା ସାଂସ୍କୃତିକ ପରିଷଦ ପକ୍ଷରୁ ଦଶହରାପୂଜା, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୮ଟା।
- ବାସନ୍ତୀପରିଷଦ ପକ୍ଷରୁ ଦଶହରା, ସ୍ଥାନ: ସେକ୍ଟର-୩ ପଡ଼ିଆ, ସମୟ: ସକାଳ ୮ଟା।
- ବାସନ୍ତୀ ଦଶହରା, ସ୍ଥାନ: ସେକ୍ଟର-୧୪, ସମୟ: ସକାଳ ୮ଟା।
- ହନୁମାନ ମନ୍ଦିରରେ ଅଖଣ୍ଡ ରାମାୟଣ ପାଠ, ସ୍ଥାନ: କୋଏଲନଗର, ସମୟ: ପୂର୍ବାହ୍ନ ୧୦ଟା।
- ବାଟ ମାମଙ୍ଗଳା ଶକ୍ତିପୀଠ ପକ୍ଷରୁ ସିନ୍ଦୁରଖେଳ, ସ୍ଥାନ: ଜଗଦା, ସମୟ: ମଧ୍ୟାହ୍ନ ୧୨ଟା।
- ନମସ୍ୟା ଫାଉଣ୍ଡେଶନ ପକ୍ଷରୁ ଭାଗବତ ରାମାୟଣ ଚର୍ଚ୍ଚା, ସ୍ଥାନ:ବରଟୋଲି, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ପଞ୍ଚମୁଖୀ ଆଖଡା କମିଟି ପକ୍ଷରୁ ଆଖଡା ଶୋଭାଯାତ୍ରା ଆରମ୍ଭ, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର,ସୁନ୍ଦରଗଡ, ସମୟ: ଅପରାହ୍ନ ୪ଟା।
- ରାମନବମୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ରାମଜୀ ମନ୍ଦିର, ସୁନ୍ଦରଗଡ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା, ସ୍ଥାନ: ଶ୍ରୀଶ୍ରୀ ସମଲେଶ୍ୱରୀ ଦେବୀପୀଠ, ଗୁଡ଼େଶିରା, ସମୟ: ସକାଳ ୭ଟା।
- ମା' ବାଟମଙ୍ଗଳାଙ୍କ ବାସନ୍ତୀକ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ସମୟ: ସକାଳ ୭ଟା।
- ଶ୍ରୀରାମ ସୀତାଙ୍କ କଲ୍ୟାଣ ମହୋତ୍ସବ, ସ୍ଥାନ: ଭାଲୁଡୁଙ୍ଗୁରୀ, ଅତାବିରା, ସମୟ: ସକାଳ ୯ଟା।

## କଳାହାଣ୍ଡି
- ବିଜେଡି ପକ୍ଷରୁ ୱାର୍ଡ କମିଟି ବୈଠକ, ସ୍ଥାନ: ଭବାନୀପାଟଣା ପୌରପାଳିକା ୱାର୍ଡ ନଂ. ୪, ୫, ୬, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପାରାୟଣ ଓ ପ୍ରବଚନ, ସ୍ଥାନ: କେସିଙ୍ଗା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା ।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ବୋଡେନ ବ୍ଲକ ଲର୍କା ଗାଁ ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ସାଧାରଣ ନିର୍ବାଚନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ କଳସ ସ୍ଥାପନ, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ ଖମବାହୀ ଗାଁ, ସମୟ: ସନ୍ଧ୍ୟା ୭ଟା ୩୫ ।

## ବୌଦ୍ଧ
- ବହିରାରେ ଶ୍ରୀରାମଲୀଳା ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ସ୍ଥାନ: ବହିରା ରାମଲୀଳା ମଣ୍ଡପ,ବୌଦ୍ଧ, ସମୟ: ସକାଳ ୬ଟା।
- ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ଦ୍ୱିତୀୟ ଦିବସ, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର,କନ୍ଧମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଘଣ୍ଟାପଡାର ଶ୍ରୀ ଜଗନ୍ନାଥ ନାଟ୍ୟ ସଂସଦର ଦ୍ୱିତୀୟ ସନ୍ଧ୍ୟା ନାଟକ ଶିବଧନୁ ଭଗ୍ନ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ,କନ୍ଧମାଳ, ସମୟ: ରାତି ୯ଟା।
- ଶ୍ରୀ ରାମଲୀଳା ଯାତ୍ରାର ଦ୍ୱିତୀୟ ଦିବସର ନାଟକ ବାଲ୍ୟବିବାହ ଓ ସୀତାବିବାହ, ସ୍ଥାନ: ଶ୍ରୀ ଶ୍ରୀ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୧୦ଟା।
- ବଢିଙ୍ଗା ଶ୍ରୀ ରାମନବମୀ ଯାତ୍ରା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ବଢିଙ୍ଗା ରଘୁନାଥ ମନ୍ଦିର,ବୌଦ୍ଧ ବ୍ଲକ, ସମୟ: ରାତି ୧୦ଟା।
- ଦେବଗଡଠାରେ ରାମଲୀଳା ଯାତ୍ରା ଅବସରରେ ବିବାହ ଉତ୍ସବ, ସ୍ଥାନ: ଦେବଗଡ, ହରଭଙ୍ଗା ବ୍ଲକ, ସମୟ: ରାତି ୧୧ଟା।

## ଦେବଗଡ଼
- ଅପରାଜିତା ପୂଜା, ସ୍ଥାନ: ମା'କନକ ଦୁର୍ଗା ମନ୍ଦିର, ଦକ୍ଷିଣ କାଳି ମନ୍ଦିର, ଶନି ମନ୍ଦିର, ପ୍ରଧାନ ପାଟେଶ୍ୱରି ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ରାମନବମୀ ମହୋତ୍ସବ ପାଳନ ଅବସରରେ ପ୍ରବଚନ, ସ୍ଥାନ: ଗୋପାଳଜି ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ
- ଶ୍ରୀ ଶ୍ରୀ କନକ ଦୁର୍ଗାଙ୍କ ବାସନ୍ତିକ ଦଶହରା ପୂଜା ଉତ୍ସବ, ସ୍ଥାନ: ମା' କନକ ଦୁର୍ଗାଙ୍କ ପୀଠ ଜୁବୁଲି ଟାଉନ ଢେଙ୍କାନାଳ, ସମୟ: ଅପରାହ୍ନ ୫ଟା।

## ଅନୁଗୋଳ
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଷ୍ଟ୍ରଙ୍ଗରୁମ୍ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା୩୦।
- ମା' ବାସନ୍ତୀ ଦୁର୍ଗା ପୂଜା, ସ୍ଥାନ: ହୁଲୁରିସିଂହା, ସମୟ: ପୂର୍ବାହ୍ନ ୧୧ ଟା।
- ବିଜେଡିର ନିର୍ବାଚନୀ ସଭା, ସ୍ଥାନ: ତୁରଙ୍ଗ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଜଗତ୍‌ସିଂହପୁର
- ମା' ଜଗୁଲାଇଙ୍କ ପୀଠରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ନାଉଗାଁ ବ୍ଲକ ତିହୁଡ଼ା, ସମୟ: ସକାଳ ୬ଟା।

## ନୟାଗଡ଼
- ଅଷ୍ଟ ପ୍ରହର ନାମ ଯଜ୍ଞ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବଡ଼ବାଣପୁର ଜଗନ୍ନାଥଙ୍କ ପୀଠ, ସମୟ: ସକାଳ ୬ଟା।
- ବାସନ୍ତୀକ ଦୁର୍ଗାପୂଜାର ୩ୟ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍‌ର ଜଗନ୍ନାଥ ପ୍ରସାଦ, ସମୟ: ସକାଳ ୭ଟା ।
- ଗୀତା ମହାଯଜ୍ଞର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍‌ର ସିଦ୍ଧମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।
- ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟର ୫ମ ଦିବସ ମ୍ୟାଚ୍‌ରେ ପ୍ରତିଷ୍ଠା ଓରିୟର୍ସ ବନାମ ଆରବି ଟ୍ୟୁଟୋରିଆଲ ସୁପରର ମୁକାବିଲା,ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ କଲେଜ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ପଣା ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ଦକ୍ଷିଣକାଳୀ ମନ୍ଦିର, ସମୟ:ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ମା' ଚଣ୍ଡୀଦେବୀଙ୍କୁ ଡାକମଣ୍ଡା ଭୋଗ ଅର୍ପଣ ଉତ୍ସବ, ସ୍ଥାନ: ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀରାମ ଜନ୍ମୋତ୍ସବ, ସ୍ଥାନ: ଅଳପୁଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- କଳି କଳୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ବିଲବଲରାମପୁର, ମାର୍ଶାଘାଇ, ସମୟ: ସକାଳ ୮ଟା।
- ବାସନ୍ତୀ ଦୁର୍ଗାଙ୍କ ମହାଦଶମୀ ପୂଜା, ସ୍ଥାନ: ଚାନ୍ଦୋଳ ବଜାର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀର କ୍ଲବ ପକ୍ଷରୁ ୧୬ତମ ଜିଲାସ୍ତରୀୟ ଲୋକ ଉତ୍ସବ ମହକ ୨୦୨୪, ସ୍ଥାନ: ଝାଡମାଳ, ରାଜକନିକା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ବିଜେଡି କର୍ମୀ ସମ୍ମିଳନୀ,ସ୍ଥାନ : ଯାଜପୁର ପୌର ପରିଷଦ ୪ ନମ୍ବର ୱାର୍ଡ ବାହାବଳପୁର, ସମୟ:ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶୁଭଚନ୍ଦ୍ର ପ୍ରଭାବରୁ କୌଣସି ନୂତନ କର୍ମାରମ୍ଭ ସକାଶେ ଯୋଜନା ପ୍ରସ୍ତୁତ କରିବେ। ପାରିବାରିକ ସମସ୍ୟା ସମାଧାନ ହେବା କ୍ଷେତ୍ରରେ ଜଣେ ପ୍ରିୟବନ୍ଧୁ ସାହାଯ୍ୟ କରିପାରନ୍ତି। ପରିବହନ, ବ୍ୟବସାୟ, ହୋଟେଲ, ରେଷ୍ଟୁରାଣ୍ଟରୁ ସୁଫଳ ପାଇବେ। ଆଲୋଚନା କାଳରେ ସାଧାରଣ ଘଟଣାକୁ ନେଇ ମନସ୍ତାପ କରିବାକୁ ପଡ଼ିବ।

**ବୃଷ** ଆଜି ଆପଣଙ୍କ ସାମାଜିକ ସ୍ଥିତି ସମ୍ମାନଜନକ ରହିବ। ପ୍ରତ୍ୟୁଷ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ, ବ୍ୟବସାୟ ପ୍ରଭୃତି କ୍ଷେତ୍ରରେ ଆଶାନୁରୂପ ସଫଳତା ପାଇବେ। ପରିବାରରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହୋଇପାରନ୍ତି। ପ୍ରଶାସନ, ଆଇନ ଅଦାଲତ, ସଂଗଠନ, ସାମ୍ବାଦିକତା କ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ।

**ମିଥୁନ** ଆଜିର ଗ୍ରହସ୍ଥିତି ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା ଓ ବିବାଦୀୟ କ୍ଷେତ୍ର ପାଇଁ ପ୍ରତିକୂଳତା ସୃଷ୍ଟି କରିବ। ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରି କୈଫିୟତ୍ ଦେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସମସ୍ୟା କମିଯିବା ସହ ମିତ୍ରତା ସୃଷ୍ଟି କରିପାରନ୍ତି। ଭୁଲ୍ ବୁଝାମଣାଜନିତ ଅବୁଝା ବନ୍ଧୁଙ୍କୁ ବୁଝାଇ ମନାଇବା କଷ୍ଟକର ହୋଇପଡ଼ିବ।

**କର୍କଟ** ଆଜି ଚତୁର୍ଥେଶ ରାହୁଯୁକ୍ତ ହେତୁ ପାରିବାରିକ ବିଷୟ ନେଇ ଡିପ୍ରେସନ ଲାଗିରହିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁଗହଣରେ ଆଲୋଚନାକୁ କେନ୍ଦ୍ରକରି ଭାବପ୍ରବଣତା ବଢ଼ିପାରେ। ବାଣିଜ୍ୟ, ଶିଳ୍ପ, ହୋଟେଲ ବ୍ୟବସାୟ କିମ୍ବା ପରିବହନରେ କ୍ଷତିରେ ହିଁ ପଡ଼ିପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ବ୍ୟତିକ୍ରମ ଦୂରେଇଯିବାରୁ ଆଶ୍ୱସ୍ତି ଲାଭ କରିବେ। ମଘା ନକ୍ଷତ୍ରର ପାରିବାରିକ ସମସ୍ୟା ସାଙ୍ଗକୁ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ମାନସିକ ସ୍ଥିତିକୁ ବିପନ୍ନ କରିପାରେ। ବନ୍ଧୁଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ବ୍ୟବସାୟରେ ଉନ୍ନତି ସାଙ୍ଗକୁ ସନ୍ତାନଙ୍କ କୃତୀ ଓ କୃତିତ୍ୱ ପାଇଁ ଗର୍ବ ଅନୁଭବ କରିବେ।

**କନ୍ୟା** ପାରିବାରିକ ସହଯୋଗ ଦ୍ୱାରା ଚେଷ୍ଟା କରୁଥିବା କାମ ପାଇଁ ଖୋରାକ୍ ମିଳିଯିବ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା, କଳା, ସାହିତ୍ୟ ଓ ସଭାସମିତିରେ ସମସ୍ୟା ସମାଧାନର ରାସ୍ତା ବାହାର କରିପାରନ୍ତି। ନିଜ ମନପସନ୍ଦର ଜିନିଷ ଘରକୁ ଆଣିବେ। ପ୍ରଶାସନିକ ସଫଳତା, ମକଦ୍ଦମାରେ ବିଜୟ ଏବଂ ଆନୁଷ୍ଠାନିକ କାମରେ ସଫଳତା ପାଇବେ।

**ତୁଳା** ପରିବାରରେ ସୁଖଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ବିଫଳ ହେବନି। ଅସୁସ୍ଥ ମାନସିକତା କାରଣରୁ ମନୋରଞ୍ଜନ କାର୍ଯ୍ୟକ୍ରମରେ ବିବାଦୀୟ ସ୍ଥିତି ଉପୁଜିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ରଚନାତ୍ମକ କାମ, କଳା ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ଏବଂ ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା** ଅର୍ଥନୈତିକ ଉନ୍ନତି, ସାମାଜିକ ପ୍ରଗତି, ଆନୁଷ୍ଠାନିକ କ୍ଷେତ୍ରରେ ସଫଳତାରୁ ଖୁସି ରହିବେ। ବନ୍ଧୁମିଳନ, ନୂତନ ସମ୍ପର୍କ, ପ୍ରୀତିପ୍ରଦ ଆଲୋଚନାର ସୁଯୋଗ ପାଇପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତ୍‌ରୁ ଉପକୃତ ହେବେ।

**ଧନୁ** ଅଧିକାଂଶ ସମୟ ଅନ୍ୟମନସ୍କ ଓ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ର, ଆଲୋଚନା ପରିସର, ସଭାସମିତିରେ ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ବକେୟା ଆଦାୟରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ କରିବା ଠିକ୍ ହେବନାହିଁ।

**ମକର** ଯେତେ ଚେଷ୍ଟାକଲେ ମଧ ସବୁକାମ ବିଳମ୍ବରେ ହିଁ ସମ୍ପନ୍ନ ହେବ। ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ, ଯାହା ଆପଣଙ୍କ ସମସ୍ୟାକୁ କମାଇ ଦେବ। ବନ୍ଧୁ ଠିକ୍ ସମୟରେ ନ ଫେରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ ବଢ଼ିଯିବାରୁ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଶୁକ୍ରଙ୍କ ସୁପ୍ରଭାବରୁ କଳା, ସାହିତ୍ୟ, ସଙ୍ଗୀତ ପ୍ରଭୃତିରୁ ସମ୍ମାନିତ ହେବେ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ବୁଝାମଣା ଠିକ୍ ରହିବା ଯୋଗୁ ପରିବାର ଓ କର୍ମକ୍ଷେତ୍ରରେ ସମସ୍ୟାମୁକ୍ତ ରହିବେ। କଚେରି ମାମଲା, ଜମିଜମା ବିବାଦଜନିତ ସମସ୍ୟା ସମାଧାନ ହୋଇଯିବ।

**ମୀନ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ ହେବାରେ ବିଶେଷ ଅସୁବିଧା ହେବନାହିଁ। ଭଲ ସମ୍ପର୍କ ଥିବା ପଡ଼ୋଶୀଙ୍କ ଭୁଲ୍ ବୁଝାମଣାରୁ ମନାନ୍ତର ଘଟିବା ଆଶଙ୍କା ରହିଛି। ସମସ୍ୟା କମି କମି ଯିବାରୁ ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ। ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାମରେ ବନ୍ଧୁମିଳନ ହେତୁ ମନ ଖୁସି ରହିବ।

ଆଜି ଏପ୍ରିଲ ୧୮ ତାରିଖ, ବିଶ୍ୱ ଐତିହ୍ୟ ଦିବସ, ଚୈତ୍ର ଶୁକ୍ଳପକ୍ଷର ଦଶମୀ ଗୁରୁବାର, ସୁଦଶାବ୍ରତ, ଶ୍ରୀମନ୍ଦିରରେ ଯଜ୍ଞରକ୍ଷା, ମୃଣ୍ମୟୀ ଦେବୀଙ୍କ ବାସନ୍ତିକ ଦଶହରା, ରାଶି ନକ୍ଷତ୍ର-ସକାଳ ଘ.୦୭।୫୬ମି. ଗତେ, ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରାତଃ ଘ.୦୫।୩୦ମି. ଗତେ ଘ. ୦୭।୧୦ମି. ମଧ୍ୟେ, ଘ.୧୦।୩୦ମି. ଗତେ ଘ.୦୧।୦୧ମି. ମଧ୍ୟେ ଶୁଭ ଶୁଭ ବେଳା। ଅପରାହ୍ନ ଘ.୦୧।୨୦ମି. ଗତେ ଘ.୦୨।୫୪ମି. ମଧ୍ୟେ ରାହୁକାଳ ॥

## ପ୍ରଥମ ପୃଷ୍ଠାରୁ...

### ଜେଲରେ ବନ୍ଦୀଙ୍କୁ ...
ମେଡିକାଲରେ ପହଞ୍ଚି ଉକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ଭାଇଙ୍କ ଏତଲାକ୍ରମେ ଟାଉନ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଘଟଣା ସମ୍ପର୍କରେ ଜେଲ ଅଧୀକ୍ଷକ କୌଣସି ସୂଚନା ଦେଇ ନାହାନ୍ତି। ସୂଚନାଯୋଗ୍ୟ, ଅଭିରାମ ଅବିବାହିତ ଏବଂ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ।

### ୟୁଏଇରେ ...
ବୁଧବାର ଏମିରେଟ୍ସ ଏୟାରଲାଇନ୍ସ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୁବାଇ ଏୟାରପୋର୍ଟରେ ଯାତ୍ରାକୁ ବନ୍ଦ କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଏଠାରୁ ମୋଟ ୫୦୦ ବିମାନର ଚଳାଚଳ ବନ୍ଦ କିମ୍ବା ରୁଟ୍‌ରେ ପରିବର୍ତ୍ତନ କରାଯାଇଥିବା ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ପକ୍ଷରୁ କୁହାଯାଇଛି। ସେହିପରି ଭାରତରୁ ମଧ୍ୟ ୨୮ ବିମାନ ଚଳାଚଳକୁ ରଦ୍ଦ କରିଦିଆଯାଇଛି। ସେଥିରୁ ୧୫ଟି ଦୁବାଇକୁ ଯିବାର ଥିଲା ଏବଂ ୧୩ଟି ବିମାନ ସେଠାରୁ ଭାରତକୁ ଆସିବାର ଥିଲା। ଅନ୍ୟପକ୍ଷେ ବର୍ଷାକୁ ଦୃଷ୍ଟିରେ ରଖି ୟୁଏଇ ସାରା ସ୍କୁଲଗୁଡ଼ିକୁ ମଧ୍ୟ ବନ୍ଦ କରାଯାଇଥିଲା। ଦୁବାଇରେ ସରକାରୀ କର୍ମଚାରୀ ମଙ୍ଗଳବାର ଭଳି ବୁଧବାର ମଧ୍ୟ ୱାର୍କ ଫ୍ରମ୍ ହୋମ୍ କରିଛନ୍ତି। ଅନୁରୂପ ଭାବେ ପଡ଼ୋଶୀ ଓମାନରେ ମଧ୍ୟ ଲଗାତର ୩ ଦିନ ଧରି ବର୍ଷା ଜାରି ରହିଛି। ବର୍ଷାବିପ୍ଳାତରେ ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ଆରବ ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ଏଭଳି ବର୍ଷା ବିରଳ ବୋଲି ପାଣିପାଗ ବିଜ୍ଞାନୀମାନେ କହିଛନ୍ତି। ଅର୍ବିଆନ୍ ପେନିନ୍‌ସୁଲା ଦେଇ ଗତି କରୁଥିବା ଏବଂ ଗଲ୍ଫ ଅଫ୍ ଓମାନ ଆଡ଼କୁ ମୁହାଁଉଥିବା ଏକ ଝଡ଼ ଯୋଗୁ ଏପରି ବର୍ଷା ହୋଇଥିବା କୁହାଯାଉଛି। ଏପିରେ ପ୍ରକାଶିତ ଏକ ରିପୋର୍ଟରେ ଏପରି ଅସ୍ୱାଭାବିକ ବର୍ଷା ପାଇଁ କ୍ଲାଉଡ୍ ସିଡିଂକୁ ମଧ୍ୟ ଅନ୍ୟତମ କାରଣ ରୂପେ ଦାୟୀ କରାଯାଇଛି। ନ୍ୟାଶନାଲ ସେଣ୍ଟର ଫର୍ ମେଟେରୋଲୋଜିର ପାଣିପାଗ ବିଜ୍ଞାନୀମାନେ ଏହି ବର୍ଷା ପୂର୍ବରୁ ୬ରୁ ୭ଟି କ୍ଲାଉଡ୍ ସିଡିଂ ଫାଇଟ୍ ଉଡୁଥିବା ଦେଖିବାକୁ ପାଇଥିଲେ ବୋଲି କହିଛନ୍ତି। ଆଉ କେତେଜଣ ବିଶେଷଜ୍ଞଙ୍କ ମତରେ ବୈଶ୍ୱିକ ତାପମାତ୍ରା ହଠାତ୍ ବଢ଼ିଯାଇଥିବାରୁ ବାୟୁମଣ୍ଡଳରେ ପରିବର୍ତ୍ତନ ଆସି ଏପରି ବର୍ଷା ହୋଇଛି।

### ୩୩୦ ଆସନରେ ...
ହୋଇଯାଇଛି। ଆନ୍ଧ୍ରରେ କଂଗ୍ରେସ ୨୩ ଆସନରେ ଲଢୁଥିବାବେଳେ ସିପିଆଇ ଏବଂ ସିପିଏମ୍‌କୁ ଗୋଟିଏ ଲେଖାଏ ଆସନ ଛାଡ଼ିଦେଇଛି। କିନ୍ତୁ ଏହି ରାଜ୍ୟରେ ତେଲୁଗୁ ଦେଶମ୍ ପାର୍ଟି ଏବଂ ଶାସକ ୱାଇଏସ୍‌ଆର୍‌ସିପି ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଦଳ ଭିତରୁ ଚାପ ସତ୍ତ୍ୱେ କଂଗ୍ରେସ କୌଣସି ସହଯୋଗୀଙ୍କୁ ଠାବ କରିପାରି ନାହିଁ। ଏପରି କି କିଛି ମାସ ତଳେ କଂଗ୍ରେସ ଜାତୀୟ ସ୍ତରରେ ଅଧିକ ଆସନରେ ଲଢ଼ିବା ପାଇଁ ଆଶାବାଦୀ ଥିଲା। ୨୦୨୩ ନଭେମ୍ବରରେ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଓ ତେଲଙ୍ଗାନାରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ଏହି ଆଶା ବଳବତ୍ତର ରହିଥିଲା। ତେବେ ତେଲଙ୍ଗାନାକୁ ଛାଡ଼ିଦେଲେ ଅନ୍ୟ ରାଜ୍ୟଗୁଡ଼ିକରେ ପ୍ରଦର୍ଶନ ଭଲ ହୋଇ ନ ଥିବାରୁ ଏହାର ମୂଳଚାଲ କ୍ଷମତା କମିଯାଇଥିଲା। ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ କଂଗ୍ରେସର ପରାଜୟ ଆର୍‌ଜେଡି, ଶିବସେନା (ୟୁବିଟି), ଏସ୍‌ପି, ବାମପନ୍ଥୀଙ୍କ ଭଳି ସହଯୋଗୀଙ୍କ ଆଗରେ ଏହାର ସ୍ଥିତିକୁ ଦୁର୍ବଳ କରିଦେଲା। ଏପରି କି ଦିଲ୍ଲୀ, ହରିୟାଣା ଓ ଗୁଜରାଟରେ ଆମ୍ ଆଦ୍‌ମୀ ପାର୍ଟି ସହ ହାତ ମିଳାଇବାକୁ କଂଗ୍ରେସ ବାଧ୍ୟହେଲା। ଜଣେ ବରିଷ୍ଠ କଂଗ୍ରେସ ନେତା କହିଛନ୍ତି, ଆମେ ସତର୍କତାର ସହ ତ୍ୟାଗ କରିଛୁ। କାରଣ ଏହା ଉଭୟ ବିରୋଧୀ ଏବଂ ଦେଶ ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ।

### ୯ରୁ ୬ ମହିଳା ...
ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ। ରଜନୀକାନ୍ତଙ୍କ ବଦଳରେ ଦଳ ତାଙ୍କ ସ୍ତ୍ରୀ ସଂଯୁକ୍ତାଙ୍କୁ ଟିକେଟ ଦେଇଛି। ଅରୁନ୍ଧତୀ ଦେବୀ, ରାଜେନ୍ଦ୍ର ଛତ୍ରିଆ ଓ ଦିଲୀପ ନାୟକ ନିକଟରେ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ବିଜେଡି ସେମାନଙ୍କୁ ଆସନ୍ତା ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଅନ୍ୟପକ୍ଷରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ବିଜେଡି ସମ୍ବଲପୁରରୁ ପ୍ରାର୍ଥୀ କରିଥିଲା। ତେବେ ସେଠାରୁ ସେ ଲଢ଼ିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସେ ଦଳର ସଭାପତିଙ୍କୁ ଜଣାଇଥିବା ନେଇ ଗତ କିଛିଦିନ ହେବ ଚର୍ଚ୍ଚା ହେଉଥିଲା। ଶେଷରେ ଦଳ ତାଙ୍କ ଅସନ୍ତୋଷକୁ ଦୂର କରି ସିଟ୍‌କୁ ପରିବର୍ତ୍ତନ କରିଛି। ପ୍ରସନ୍ନଙ୍କୁ ସମ୍ବଲପୁର ବଦଳରେ ରେଢ଼ାଖୋଲରୁ ପ୍ରାର୍ଥୀ କରାଯାଇଛି। ସେଠାରେ ପୂର୍ବରୁ ପ୍ରାର୍ଥୀ ଘୋଷିତ ହୋଇଥିବା ରୋହିତ ପୂଜାରୀଙ୍କୁ ସମ୍ବଲପୁର ଆସନରୁ ପ୍ରାର୍ଥୀ କରାଯାଇଛି। ଏହି ପର୍ଯ୍ୟାୟକୁ ମିଶାଇ ବିଜେଡି ଏ ପର୍ଯ୍ୟନ୍ତ ମୋଟ ୧୨୬ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିଛି। ସେଥିରେ ୨୮ ଜଣ ମହିଳା ଅଛନ୍ତି। ୨୦୧୯ ଭଳି ବିଜେଡି ନବୀନଙ୍କୁ ୨୦୨୪ରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରୁ ପ୍ରାର୍ଥୀ କରି ପଶ୍ଚିମ ଓଡ଼ିଶାରେ ଦଳର ସ୍ଥିତି ମଜଭୁତ କରିବାକୁ ଲକ୍ଷ୍ୟ ରଖିଛି। ଗତ ନିର୍ବାଚନରେ ବଲାଙ୍ଗୀର ଜିଲାରେ ବିଜେଡିର ପ୍ରଦର୍ଶନ ସନ୍ତୋଷଜନକ ନ ଥିଲା। ବଲାଙ୍ଗୀର ଲୋକ ସଭା ଆସନ ସମେତ ୫ଟି ବିଧାନସଭା ଆସନରୁ ବିଜେଡି ମାତ୍ର ୨ଟି ରେ ବିଜୟୀ ହୋଇଥିଲା। କଣ୍ଟାବାଞ୍ଜିରେ ବିଜେଡି ପ୍ରାର୍ଥୀ ହାଜି ମହମ୍ମଦ ଆୟୁବ ଖାଁ କଂଗ୍ରେସର ସନ୍ତୋଷ ସିଂ ସାଲୁଜାଙ୍କଠାରୁ ପରାସ୍ତ ହୋଇଥିଲେ। ସେହିପରି ବଲାଙ୍ଗୀର ବିଧାନସଭା ଆସନ କଂଗ୍ରେସ ଓ ଲୋଇସିଂହା ସିଟ୍ ଭାଜପା ହାତେଇ ଥିଲା। ବଲାଙ୍ଗୀରରୁ କଂଗ୍ରେସର ନରସିଂହ ମିଶ୍ର ଏବଂ ଲୋଇସିଂହାରେ ଭାଜପାର ମୁକେଶ ମହାଲିଙ୍ଗ ବିଜୟୀ ହୋଇଥିଲେ। ବିଜେଡିକୁ ଟିଟିଲାଗଡ଼ ଓ ପାଟଣାଗଡ଼ ସିଟ୍ ମିଳିଥିଲା। ନବୀନ କଣ୍ଟାବାଞ୍ଜିରୁ ପ୍ରାର୍ଥୀ ହେବା ପରେ ପଶ୍ଚିମ ଓଡ଼ିଶାରେ ବିଜେଡି ଏଥର ନିର୍ବାଚନରେ କ୍ଲିନ୍‌ସୁଇପ ଲକ୍ଷ୍ୟରେ ରହିଛି। ନବୀନ ହିଞ୍ଜିଳି ସହ କଣ୍ଟାବାଞ୍ଜିରେ ଲଢ଼ିବା ନେଇ ଘୋଷଣା ପରେ ଆଉ ଏକ ଉପନିର୍ବାଚନର ସମ୍ଭାବନା ସୃଷ୍ଟି ହୋଇଛି। ନବୀନଙ୍କୁ ଜିତାଇବା ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ କଣ୍ଟାବାଞ୍ଜିରେ ତାଙ୍କର ବିଜୟ ସମ୍ଭାବନା ଅଧିକ ରହିଛି। ୨୦୧୯ରେ ନବୀନ ହିଞ୍ଜିଳି ସହ ବିଜେପୁରରୁ ପ୍ରାର୍ଥୀ ହୋଇଥିଲେ। ଉଭୟ ଆସନରୁ ବିଜୟୀ ହେବା ପରେ ନବୀନ ବିଜେପୁର ଛାଡ଼ିଥିଲେ। ସେଠାରେ କଂଗ୍ରେସର ପୂର୍ବତନ ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ସେହିପରି ଜଣେ ମହିଳା ପ୍ରାର୍ଥୀଙ୍କୁ ଦୃଷ୍ଟିରେ ରଖି ବିଜେଡି ଏହି କାର୍ଡ ଖେଳିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ସମ୍ବଲପୁର ଭାଜପା ଏମ୍‌ପି ନୀତେଶ ଗଙ୍ଗଦେବ ୨୦୧୪ରେ ଦେବଗଡ଼ରୁ ଭାଜପା ଟିକେଟରେ ବିଜୟୀ ହୋଇଥିଲେ। ୨୦୧୯ରେ ସେ ସମ୍ବଲପୁର ଲୋକ ସଭା ଆସନରୁ ଭାଜପା ଟିକେଟରେ ବିଜୟୀ ହୋଇଥିଲେ। ତାଙ୍କ ପାରମ୍ପରିକ ସିଟ୍ ଦେବଗଡ଼ ବିଧାନସଭା ଆସନରୁ ଭାଜପା ସୁବାସ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିଥିଲା ଓ ସେ ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ମଧ୍ୟ ଦଳ ସୁବାସଙ୍କୁ ଦେବଗଡ଼ ପାଇଁ ଟିକେଟ ଦେଇଛି। ଅନ୍ୟପକ୍ଷରେ ଏଥର ନିର୍ବାଚନରେ ଏ ପର୍ଯ୍ୟନ୍ତ ଭାଜପା ନୀତେଶଙ୍କୁ କୌଣସି ଲୋକ ସଭା କିମ୍ବା ବିଧାନସଭା ଆସନ ପାଇଁ ଟିକେଟ ଦେଇନାହିଁ। ନୀତେଶ ଇସ୍ତଫା ଦେଇ ନ ଥିଲେ ମଧ ତାଙ୍କ ସ୍ତ୍ରୀ ଅରୁନ୍ଧତୀ ଦେବୀ ଭାଜପାରୁ ଇସ୍ତଫା ଦେଇ ମଙ୍ଗଳବାର ବିଜେଡିରେ ସାମିଲ ହେବାର ଦିନକ ପରେ ଦଳ ତାଙ୍କୁ ଦେବଗଡ଼ରୁ ପ୍ରାର୍ଥୀ କରିଛି।

### ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ...
ଏହି ପର୍ଯ୍ୟାୟରେ ଓଡ଼ିଶାର ୪ଟି ଲୋକ ସଭା ଆସନ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଏବଂ କୋରାପୁଟରେ ଭୋଟ ଗ୍ରହଣ ହେବ। ଏହା ସହ ଏହାର ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ପାଇଁ ମଧ୍ୟ ଭୋଟ ଗ୍ରହଣ କରାଯିବ। ତେଣୁ ଗୁରୁବାରଠାରୁ ଏହି ଲୋକ ସଭା ଏବଂ ଏହାର ଅନ୍ତର୍ଗତ ୨୮ ବିଧାନସଭା ଆସନ ପାଇଁ ପ୍ରାର୍ଥୀମାନେ ଗୁରୁବାରଠାରୁ ନାମାଙ୍କନ ପତ୍ର ଦାଖଲ କରିପାରିବେ। ଏପ୍ରିଲ ୨୪ରେ ପ୍ରାର୍ଥୀପତ୍ର ଦାଖଲ ପାଇଁ ଶେଷ ତାରିଖ ନିର୍ଦ୍ଧାରିତ ହୋଇଛି। ଏପ୍ରିଲ ୨୬ରେ ପ୍ରାର୍ଥୀପତ୍ର ଯାଞ୍ଚ ହେବା ସହ ୨୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ତାରିଖ ରହିଛି।

### ଗ୍ରୀଷ୍ମ ପ୍ରବାହ, ...
ତେଣୁ ଗଣଶିକ୍ଷା ବିଭାଗ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ ବୋଲି ପ୍ରଦୀପ୍ତ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଖରା ଆରମ୍ଭରୁ ପ୍ରଥମେ ସକାଳୁଆ ସ୍କୁଲ କରାଯାଇଥିଲା। ସକାଳ ୭ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ସ୍କୁଲ ଧାର୍ଯ୍ୟ କରାଯାଇଥିଲା। ପରେ ଅଧିକାଂଶ ଜିଲାପାଳ କାର୍ଯ୍ୟାଳୟ ପକ୍ଷରୁ ସ୍କୁଲ ସମୟକୁ ପରିବର୍ତ୍ତନ କରାଯାଇ ସକାଳ ସାଢ଼େ ୬ଟାରୁ ୧୦ଟା ପର୍ଯ୍ୟନ୍ତ ରଖାଯାଇଥିଲା।

# ନବୀନ ଖେଳିଲେ ପଶ୍ଚିମ ଓଡ଼ିଶା କାର୍ଡ

ବଲାଙ୍ଗୀର, ୧୭।୪
(ବୀରେନ୍ଦ୍ର କୁମାର ଝାଙ୍କର)

## ବିଜେଡି ଶିବିର ଉତ୍ସାହିତ, ବିରୋଧୀଙ୍କ କଡ଼ା ପ୍ରତିକ୍ରିୟା

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପଶ୍ଚିମ ଓଡ଼ିଶାରେ ଭାଜପାର ପ୍ରଭାବ ରହୁଥିବା ନେଇ ହେଉଥିବା ଚର୍ଚ୍ଚାକୁ ପ୍ରଶମିତ କରିବା ଲାଗି 'ନବୀନ ପଶ୍ଚିମ ଓଡ଼ିଶା କାର୍ଡ' ଖେଳିଛନ୍ତି ବୋଲି ଆଲୋଚନା ହେଲାଣି।

କଣ୍ଟାବାଞ୍ଜି ଆସନରେ ଆଗାମୀ ନିର୍ବାଚନ ସକାଶେ କିଏ ବିଜେଡିର ଯୋଗ୍ୟ ପ୍ରାର୍ଥୀ ହେବେ ତାହାକୁ ନେଇ ଆଶାଆଶଙ୍କା ପ୍ରକାଶ ପାଇଆସୁଥିଲା। ପୂର୍ବତନ ବିଧାୟକ ଆୟୁବ୍ ଖାନ୍, ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା ସଙ୍ଗଠକ ଅଜୟ ଦାସ ଏବଂ ଜିଲା ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ତଥା ନାରୀନେତ୍ରୀ ନିରୁପମା ମାଝିଙ୍କ ମଧ୍ୟରୁ କାହାକୁ ଦଳ ଚଳିତ ନିର୍ବାଚନ ପାଇଁ ପ୍ରାର୍ଥୀ କରିବ, ସେନେଇ ନିଷ୍ପତ୍ତି ହୋଇପାରୁ ନ ଥିବା ଆଲୋଚନାର ବିଷୟ ହୋଇଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା ପରେ କଣ୍ଟାବାଞ୍ଜି ସମେତ ସମଗ୍ର ପଶ୍ଚିମ ଓଡ଼ିଶାରେ ରାଜନୀତି ସରଗରମ ହୋଇଛି। ଏହା ନବୀନଙ୍କ ମାଷ୍ଟରଷ୍ଟ୍ରୋକ୍ ବୋଲି ଦଳୀୟ ନେତା ଓ କର୍ମୀ କହିବା ସହ ଉତ୍ସାହିତ ହୋଇପଡ଼ିଛନ୍ତି।

କଣ୍ଟାବାଞ୍ଜି ଆସନରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ପ୍ରାର୍ଥୀ କରିଥିବା ବେଳେ ଭାଜପା ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଲକ୍ଷ୍ମଣ ବାଗଙ୍କ ଉପରେ ଭରସା କରିଛି। ଉଲ୍ଲେଖଯୋଗ୍ୟ, ବାଗ୍ ମାତ୍ର ୧୨୮ ଖଣ୍ଡ ଭୋଟ୍‌ରେ ସାଲୁଜାଙ୍କଠାରୁ ପରାସ୍ତ ହୋଇଥିଲେ। ଏବେ ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିବାରୁ ଏମାନଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଣ୍ଟାବାଞ୍ଜି ଆସନରୁ ପ୍ରାର୍ଥୀ ହେବା ପରେ ଦାଦନପ୍ରବଣ ଏବଂ ଭୋକର ଭୂଗୋଳ ଭାବେ ପରିଚିତ ଏହି ଅଞ୍ଚଳଟି ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଭାରତ ସରକାରଙ୍କ ଆକାଂକ୍ଷୀ ଜିଲା ଭାବେ ଚିହ୍ନିତ ବଲାଙ୍ଗୀର ଜିଲାର ଅନଗ୍ରସର ବ୍ଲକ୍ ବଙ୍ଗୋମୁଣ୍ଡା, ମୁରିବାହାଲ, ତୁରେକେଲା ଏବଂ କଣ୍ଟାବାଞ୍ଜି ଏନ୍‌ଏସିକୁ ନେଇ ଗଠିତ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ସ୍ୱାଧୀନତା ପରଠାରୁ ଦୁର୍ଭିକ୍ଷ, କ୍ରମାଗତ ମରୁଡ଼ି, ଅନାହାର ମୃତ୍ୟୁ, ପିଲାବିକ୍ରି ଏବଂ ଦାଦନ ସମସ୍ୟା ପାଇଁ କୁଖ୍ୟାତି ଅର୍ଜନ କରିଆସିଛି। ପ୍ରତିବର୍ଷ ଜିଲାରୁ ଅନେକ ଲକ୍ଷ ଲୋକ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଭାବେ ସ୍ଥାନାନ୍ତର ହେବା ଏବଂ ସେଠାରେ ଅମାନବିକ ନିର୍ଯାତନା ଭୋଗିବା ସାଧାରଣ ଘଟଣାରେ ପରିଣତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ସ୍ଥିର ଶାସନ କାଳରେ ମଧ୍ୟ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ସ୍ୱରୂପ ବିଶେଷ ବଦଳି ନାହିଁ। ଏଭଳି ସ୍ଥିତିରେ ଖୋଦ୍ ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜି ଆସନରୁ ବିଜେଡି ପ୍ରାର୍ଥୀ ହେବା ଏହି ଅଞ୍ଚଳର ସାମଗ୍ରିକ ରୂପରେଖ ବଦଳାଇବାରେ ସକ୍ଷମ ହେବ କି ନାହିଁ ତାହାକୁ ନେଇ ଏବେ ଆଲୋଚନା ଆରମ୍ଭ ହୋଇଯାଇଛି।

କଣ୍ଟାବାଞ୍ଜି ଆସନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ଘୋଷଣା ହେବା ପରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ କଂଗ୍ରେସ ଦଳ ବରିଷ୍ଠ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର। ପଶ୍ଚିମ ଓଡ଼ିଶା ପ୍ରତି କ୍ରମାଗତ ବୈମାତୃକ ମନୋଭାବରୁ ଯେଉଁ ସ୍ୱତନ୍ତ୍ର କୋଶଳ ରାଜ୍ୟ ଆନ୍ଦୋଳନ ମୁଣ୍ଡ ଟେକୁଛି, ସେଇ ଭୟ ଓ ଲୋକଙ୍କ ଭିତରେ ପୁଞ୍ଜୀଭୂତ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ନବୀନ କଣ୍ଟାବାଞ୍ଜିରେ ପ୍ରାର୍ଥୀ ହୋଇଛନ୍ତି ବୋଲି ସେ କହିଛନ୍ତି। ଦୀର୍ଘବର୍ଷର ଉପେକ୍ଷା ଓ ଅନଗ୍ରସରତା ବିରୋଧରେ ଏଠାକାର ଲୋକେ ଏକଜୁଟ୍ ହୋଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ଉଚିତ୍ ଜବାବ ଦେବେ ବୋଲି ସେ କହିଛନ୍ତି। ସେହପରି କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସାଲୁଜା କହିଛନ୍ତି, ବିଜେଡି ପାଖରେ ପ୍ରାର୍ଥୀ ନାହିଁ। କଣ୍ଟାବାଞ୍ଜିବାସୀ ସ୍ୱାଭିମାନୀ। ସେମାନେ କଂଗ୍ରେସ ସହିତ ଅଛନ୍ତି ଓ ଆସନ୍ତା ନିର୍ବାଚନରେ ସେ ଜିତିବେ ବୋଲି କହିଛନ୍ତି।

ରାଜନୈତିକ ସମୀକ୍ଷକଙ୍କ ମତରେ ମୁଖ୍ୟମନ୍ତ୍ରୀ ପୂର୍ବରୁ ବିଜେପୁରରୁ ପ୍ରାର୍ଥୀ ହୋଇଥିଲେ। ସେଠାରୁ ଜିତିବା ପରେ ସେହି ଆସନ ଛାଡ଼ିଥିଲେ। କଣ୍ଟାବାଞ୍ଜି ଅବସ୍ଥା ସେୟା ହେବ ବୋଲି ଆକଳନ କରାଯାଉଛି।

## ମନ୍ତ୍ରୀପଦ ନିମାପଡ଼ା ପାଇଁ ଅଭିଶପ୍ତ


ସ୍ୱର୍ଗତ୍ ଗୋବିନ୍ଦ ସେଠୀ


ରବୀନ୍ଦ୍ର କୁମାର ସେଠୀ


ସମୀର ରଞ୍ଜନ ଦାଶ

ନିମାପଡ଼ ୧୭।୪
(ରଞ୍ଜନ କୁମାର ପଟ୍ଟନାୟକ)

ମନ୍ତ୍ରୀ ପଦବୀ ନିମାପଡ଼ା ପାଇଁ ଅଭିଶପ୍ତ ସାବ୍ୟସ୍ତ ହୋଇଛି । ଅତୀତ ପୃଷ୍ଠାକୁ ଓଲଟାଇଲେ ଜଣାପଡ଼େ ନିମାପଡ଼ା ବିଧାନସଭା କ୍ଷେତ୍ରରୁ ୩ଜଣ ବିଧାୟକ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ସେଠୀ, ଡ଼ଃ ରବୀନ୍ଦ୍ର କୁମାର ସେଠୀ ଏବଂ ଏବେକାର ବିଧାୟକ ସମୀର ରଞ୍ଜନ ଦାଶ ରାଜ୍ୟ ସରକାରରେ ମନ୍ତ୍ରୀଭାବେ ନିଯୁକ୍ତି ପାଇଥିଲେ। ଗୋବିନ୍ଦ ସେଠୀ ଏବଂ ରବୀନ୍ଦ୍ର କୁମାର ସେଠୀ ମନ୍ତ୍ରୀ ହେବା ପରେ ଆଉ ବିଧାନସଭା ଦେଖି ନ ଥିଲେ। ସେହିକ୍ରମରେ ଦେଖିଲେ ଏବେକାର ବିଧାୟକ ସମୀରଙ୍କ କ୍ଷେତ୍ରରେ ତାହା ହେବାକୁ ଯାଉଛି। ବିଜେଡି ବୁଧବାର ନିମାପଡ଼ା ପାଇଁ ଦିଲୀପ ନାୟକଙ୍କୁ ପ୍ରାର୍ଥୀ ଘୋଷଣା ପରେ ସମୀରଙ୍କ ଆଶା ମଉଳି ଯାଇଛି।

ସୂଚନାଯୋଗ୍ୟ, ସ୍ୱର୍ଗତଃ ଗୋବିନ୍ଦ ସେଠୀ ୩, ୫ ଏବଂ ୭ମ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଶେଷପାଳିରେ ଉପମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ସ୍ୱର୍ଗତଃ ସେଠୀ । ସେହିଭଳି ଡ଼ଃ ରବୀନ୍ଦ୍ର କୁମାର ସେଠୀ ୮ମ, ୯ମ ଏବଂ ୧୧ଶ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଶେଷପାଳିରେ ଡ଼ଃ ସେଠୀ ରାଷ୍ଟ୍ରମନ୍ତ୍ରୀ ପଦ ସମ୍ଭାଳି ଥିଲେ। ଏବେକାର ବିଧାୟକ ସମୀର ରଞ୍ଜନ ଦାଶ ୧୪, ୧୫ ଏବଂ ୧୬ଶ ବିଧାନସଭାରେ ସଦସ୍ୟ ହୋଇ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱରେ ରହିଥିଲେ । ବୁଧବାର ବିଜେଡି ଟିକେଟ ଘୋଷଣା ପରେ ବର୍ତମାନ ସମୀର ଦାଶ ସେହି ରାସ୍ତାର ପଥିକ ହେବାକୁ ଯାଉଛନ୍ତି। ଖାଲି ସେତିକି ନୁହେଁ, ନିମାପଡ଼ାରେ କେହି ବି ଚତୁର୍ଥଥର ବିଧାୟକ ହୋଇନାହାନ୍ତି ।

# ନିର୍ବାଚନ ମ୍ୟାନେଜମେଣ୍ଟ କମିଟି ଗଠନକଲା ଏଆଇସିସି

## ପ୍ରସାଦ କମିଟି ଅଧ୍ୟକ୍ଷ, ମନୋରଞ୍ଜନ ଆବାହକ ନିଯୁକ୍ତ

ଭୁବନେଶ୍ୱର, ୧୭।୪(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ପ୍ରସ୍ତାବକ୍ରମେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ୨୦୨୪ ନିର୍ବାଚନ ପାଇଁ ପ୍ରଦେଶ କଂଗ୍ରେସ ନିର୍ବାଚନ ମ୍ୟାନେଜମେଣ୍ଟ କମିଟି ଗଠନ କରିଛନ୍ତି। ଏନେଇ ଏଆଇସିସି ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ଏହି କମିଟିରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଅଧ୍ୟକ୍ଷ ଦାୟିତ୍ୱ ପାଇଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାଶ ଆବାହକ ଏବଂ ବାଙ୍କନିଧି ବେହେରା ଓ ବିକାଶ ଗରାବଡୁ ଯୁଗ୍ମ ଆବାହକ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଭକ୍ତଚରଣ ଦାସ, ଶ୍ରୀକାନ୍ତ ଜେନା, ସୁଶୀଳା ତିରିଆ, ଶରତ ରାଉତ, ରାମଚନ୍ଦ୍ର ଖୁଣ୍ଟିଆ, ବିଜୟ କୁମାର ପଟ୍ଟନାୟକ, ପଞ୍ଚାନନ କାନୁନ୍‌ଗୋ, ଜଗନ୍ନାଥ ପଟ୍ଟନାୟକ, ନକୁଳ ନାୟକ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ହମିଦ୍ ହୁସେନ, ବନ୍ଦିତା ପରିଡ଼ା, ଶୁଭେନ୍ଦୁ ମହାନ୍ତି, ମନୋଜ ଜେନା, ଦେବାଶିଷ ଭୂୟାଁ, ସିତାଂଶୁ ଦାସ, କିଶୋର ଜେନା, ଲୋକନାଥ ମହାରଥୀ, ରାଜୀବ ପଟ୍ଟନାୟକ ପ୍ରମୁଖ ରହିଛନ୍ତି। ଏହାସହ ଏକ୍ସ-ଅଫିସିଓ ସଭ୍ୟ ଭାବେ ସମସ୍ତ ପୂର୍ବତନ ପିସିସି ସଭାପତି ଓ ବିରୋଧ ଦଳ ନେତା, ଓଡ଼ିଶା ଦାୟିତ୍ୱରେ ଥିବା ଏଆଇସିସି କର୍ମକର୍ତ୍ତା, ରାଜ୍ୟ ଛାମୁଆ ସଙ୍ଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ, ପିସିସି ୱାର୍ ରୁମ୍ ଅଧ୍ୟକ୍ଷ, ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷମାନେ ରହିଥିବା ପିସିସି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କୁହାଯାଇଛି।

# ଅପରାଜିତାଙ୍କ ବିପକ୍ଷରେ ୨ ଯୁବନେତା


ମନ୍ମଥ ରାଉତରାୟ


ଅପରାଜିତା ଷଡ଼ଙ୍ଗୀ


ୟାସିର୍ ନୱାଜ

ଖୋର୍ଦ୍ଧା, ୧୭।୪(ପ୍ରଭାତ ପାଣିଗ୍ରାହୀ)

### ଭୁବନେଶ୍ୱର ସଂସଦୀୟ କ୍ଷେତ୍ର

ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ଭାଜପା ଅପରାଜିତା ଷଡ଼ଙ୍ଗୀ, ବିଜେଡି ମନ୍ମଥ ରାଉତରାୟ ଏବଂ କଂଗ୍ରେସ ୟାସିର ନୱାଜଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଦୁଇ ଯୁବ ନେତାଙ୍କ ସହ ଅପରାଜିତାଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି କୁହାଯାଉଛି। ୨୦୧୯ର ଭୁଲ୍‌କୁ ସୁଧାରି ବିଜେଡି ଆଗୁଆ ଷ୍ଟ୍ରାଟେଜି ପ୍ରସ୍ତୁତ କରିଛି। ପ୍ରାର୍ଥୀ ଘୋଷଣାର ୬ମାସ ପୂର୍ବରୁ ଅଘୋଷିତ ଭାବେ ଶ୍ରୀମୟୀ ମିଶ୍ରଙ୍କୁ ନେଇ ଦଳୀୟ ପ୍ରଚାର ପ୍ରସାର ଯୋରସୋର ଚାଲିଥିଲା। ଏପରିକି ବଡ଼ ଶୋଭାଯାତ୍ରାରେ ମଧ୍ୟ ସେ ସାମିଲ ହୋଇ ବିପକ୍ଷ ନେତାଙ୍କୁ ପ୍ରତ୍ୟୁତ୍ତର ଦେଉଥିଲେ। ତେବେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସାନପୁଅ ମନ୍ମଥ ବିଜେଡିରେ ଯୋଗଦେବାର କେଇ ଘଣ୍ଟା ପରେ ଦଳ ତାଙ୍କୁ ଭୁବନେଶ୍ୱର ଲୋକ ସଭା ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା। ଏହା ପରଠାରୁ ଶ୍ରୀମୟୀ କୁଆଡ଼େ ଗାଏବ ହୋଇଯାଇଥିବା ବେଳେ ଦଳ ଏବେ ତାଙ୍କୁ ନିର୍ବାଚନୀ ଇସ୍ତାହାର ସଦସ୍ୟ କରିଛି। କଂଗ୍ରେସ ଭୋଟକୁ ଚେକ୍ ଦେବା ପାଇଁ ବିଜେଡି ମନ୍ମଥଙ୍କୁ ଅସ୍ତ୍ର କରିଥିବା ବେଳେ ୨୦୧୯ ନିର୍ବାଚନରେ ପ୍ରାର୍ଥୀ ଦେଇ ନ ଥିବା କଂଗ୍ରେସ ଏଥର ଯୁବନେତା ୟାସିରଙ୍କ ଉପରେ ଭରସା କରିଛି। ତେଣୁ ଏଥର ଭୁବନେଶ୍ୱର ଲୋକ ସଭା ନିର୍ବାଚନ ରୋଚକପୂର୍ଣ୍ଣ ହେବ।

ଭାଜପା ଅପରାଜିତାଙ୍କୁ ପୁଣି ପ୍ରାର୍ଥୀ କରି ଭୁବନେଶ୍ୱର ଲୋକ ସଭା ଆସନ ଅକ୍ତିଆର କରିବାକୁ ଚାହୁଁଛି। ସେପଟେ ତାଙ୍କୁ ଟକ୍କର ଦେବା ପାଇଁ ମନ୍ମଥ ମଇଦାନକୁ ଓହ୍ଲାଇଛନ୍ତି। କିନ୍ତୁ ସେ ରାଜନୀତିରେ ନୂଆ। ଗତ କିଛିବର୍ଷ ହେବ ସେ ଜଟଣୀ ନାଗରିକ କମିଟି ସଭାପତି ଭାବେ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ କରି ଚର୍ଚ୍ଚାକୁ ଆସିଥିଲେ। ଅପରାଜିତାଙ୍କୁ ସେ କଡ଼ା ଟକ୍କର ଦେବେ ବୋଲି ଦଳ କହୁଥିବା ବେଳେ ତାଙ୍କୁ ନେଇ କର୍ମୀ, ନେତା ଉତ୍ସାହିତ ଅଛନ୍ତି। ଭୁବନେଶ୍ୱରରେ କେତେବେଳେ ପାର୍କ ତ ଆଉ କେତେବେଳେ ବ୍ୟାୟାମାଶାଳାରେ କସରତ କରୁଥିବା ଦେଖିବାକୁ ମିଳୁଛି। ଧାର୍ମିକ ଅନୁଷ୍ଠାନ ବୁଲି ଦର୍ଶନ ସହ ଲୋକଙ୍କ ସହ ଯୋଡି ହେବାକୁ ପ୍ରୟାସ ଜାରି ରଖିଛନ୍ତି। ଅନ୍ୟପଟେ ଅପରାଜିତା ତାଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ଭୁବନେଶ୍ୱରର ୱାର୍ଡକୁ ୱାର୍ଡ ବୁଲି ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରୁଛନ୍ତି।

ଗତ ନିର୍ବାଚନରେ ପ୍ରାର୍ଥୀ ଦେଇ ନ ଥିବା କଂଗ୍ରେସ ଯୁବ ନେତା ୟାସିର ନୱାଜଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରସଙ୍ଗ ଉପରେ ସେ ରାଜଧାନୀରେ ଛାତ୍ର ଓ ଯୁବ କଂଗ୍ରେସ କର୍ମୀଙ୍କୁ ନେଇ ସ୍ୱର ଉତ୍ତୋଳନ କରି ଆସିଛନ୍ତି। ପ୍ରାର୍ଥୀ ଘୋଷଣା ପରେ ମନ୍ମଥ ଓ ଅପରାଜିତାଙ୍କୁ ସିଧାସଳଖ ଟାର୍ଗେଟ କରି କହିଛନ୍ତି, ସେମାନେ ସରକାରୀ ଚାକିରି ଛାଡ଼ି ଆସିଛନ୍ତି। କିନ୍ତୁ ସେ ଛାତ୍ର ନେତା। ଛାତ୍ର ଜୀବନରୁ ଲଢି ଆସିଛି। ସେହିପରି ମନ୍ମଥ କୁହନ୍ତି, ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ନବୀନ ସରକାରଙ୍କ ଲୋକପ୍ରିୟତା, ଜନକଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ରାଜ୍ୟ ପ୍ରଗତି ପଥରେ ଆଗେଇ ଚାଲିଛି। ବିଜେଡି ଏକ ପ୍ରଗତିଶୀଳ ଦଳ। ବିପୁଳ ଭୋଟ୍ ବ୍ୟବଧାନରେ ସେ ବିଜୟୀ ହେବେ ବୋଲି ଆଶା ରଖିଛନ୍ତି ମନ୍ମଥ। ଅପରପକ୍ଷେ ଅପରାଜିତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ଯୋଜନା, ବିକଶିତ ଭାରତ ଗଠନ ପାଇଁ ଲୋକେ ଭାଜପାକୁ ଚାହୁଁଛନ୍ତି ଏବଂ ଗତ ନିର୍ବାଚନ ପରି ଚଳିତ ନିର୍ବାଚନରେ ତାଙ୍କୁ ବହୁମତ ମିଳିବ ବୋଲି କହୁଛନ୍ତି।

୨୦୧୯ରେ ଭୁବନେଶ୍ୱରରେ ଭାଜପା-ବିଜେଡି ଭିତରେ ଲଢେଇ ଦେଖିବାକୁ ମିଳିଥିଲା । ଅପରାଜିତାଙ୍କୁ କଡା ଟକ୍କର ଦେଇଥିଲେ ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ। ତେବେ ନିର୍ବାଚନର ଫଳାଫଳ ଭାଜପା ପକ୍ଷରେ ଯାଇଥିଲା। ହେଲେ ସେତେବେଳେ ଭୁବନେଶ୍ୱର ଲୋକ ସଭା କ୍ଷେତ୍ରରୁ ପ୍ରାର୍ଥୀ ଦେଇ ନ ଥିଲା ବିରୋଧୀ କଂଗ୍ରେସ। ସିପିଏମ୍‌ର ଜନାର୍ଦ୍ଦନ ପତିଙ୍କୁ କଂଗ୍ରେସ ସମର୍ଥନ କରିଥିଲା। ଚଳିତ ଥର ୟାସିର ପ୍ରାର୍ଥୀ ହୋଇଥିବାରୁ ଲଢ଼େଇ ତ୍ରିମୁଖୀ ହେବ ବୋଲି ସମୀକ୍ଷକମାନେ ମତ ଦେଉଛନ୍ତି।

# ବ୍ରଜଙ୍କ ହାତରେ ଶ୍ରୀରାମ ପତାକା


ବିଧାୟକ ଓ ବିଜୁ ପ୍ରେମୀମାନେ ଶ୍ରୀରାମ ପତାକା ଧରି ଶୋଭାଯାତ୍ରା କରୁଛନ୍ତି।

ତାଳଚେର, ୧୭।୪ (ମନୋଜ ନନ୍ଦ)

### ତାଳଚେର ସହରରେ ରୋଚକ ଦୃଶ୍ୟ

ଅନୁଗୋଳ ଜିଲା ତାଳଚେର ସହରରେ ବୁଧବାର ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ତାଳଚେର ବିଧାୟକ ତଥା ବିଜେଡି ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନଙ୍କ ନେତୃତ୍ୱରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ସହ ଶ୍ରୀରାମ ନବମୀ ପାଳନ କରାଯାଉଥିବା ବେଳେ ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ନିଜେ ବ୍ରଜ ଏହି ଶୋଭାଯାତ୍ରାର ନେତୃତ୍ୱ ନେବା ସହ ହାତରେ ଶ୍ରୀରାମ ପତାକା ଧରିଥିଲେ। ତାଙ୍କ ସହ ସାମିଲ ଥିବା ଶତାଧିକ ବିଜୁପ୍ରେମୀ ଜୟ ଶ୍ରୀରାମ ନାରା ଦେଇ ଆଗକୁ ବଢୁଥିଲେ। ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ଓ ଶ୍ରୀରାମ ନବମୀ ଗୋଟିଏ ଦିନରେ ପଡ଼ିଥିବାରୁ ବିଧାୟକଙ୍କ ପକ୍ଷରୁ ଚଳିତବର୍ଷ ଏହାକୁ ଏପରି ଢଙ୍ଗରେ ପାଳନ କରାଯିବା ନିର୍ବାଚନୀ ବାତାବରଣକୁ ଆହୁରି ସରଗରମ କରିଛି।

# ସୁଲକ୍ଷଣାଙ୍କୁ ଭରସାକଲା ବିଜେଡି

ବ୍ରହ୍ମପୁର, ୧୭।୪(ଅଶୋକ କୁମାର ସାହୁ)

### ସାନଖେମୁଣ୍ଡି ବିଧାନସଭା କ୍ଷେତ୍ର


ସୁଲକ୍ଷଣା ଗୀତାଞ୍ଜଳି

ଆସିକା ସଂସଦୀୟ କ୍ଷେତ୍ରର ସାନଖେମୁଣ୍ଡି ବିଧାନସଭା ଆସନ ପାଇଁ ଧରାକୋଟ ରାଜପରିବାରର ସୁଲକ୍ଷଣା ଗୀତାଞ୍ଜଳିଙ୍କୁ ବିଜେଡି ପ୍ରାର୍ଥୀ କରିଛି। ସେ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ଝିଅ। ବିଜେଡି ବୁଧବାର ତାଙ୍କ ନାମ ଘୋଷଣା କରିବା ପରେ ଏହି ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ଲଢ଼େଇ ହେବା ସ୍ପଷ୍ଟ ହୋଇଯାଇଛି। କଂଗ୍ରେସରୁ ରମେଶ ଚନ୍ଦ୍ର ଜେନା ଲଢୁଥିବାବେଳେ ଭାଜପା ମଙ୍ଗଳବାର ଇଂ. ଉତ୍ତମ କୁମାର ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିଥିଲା।

୨୦୧୯ରେ ରମେଶ ବିଧାୟକ ନିର୍ବାଚିତ ହୋଇଥିଲେ। କିନ୍ତୁ ପଞ୍ଚାୟତ ନିର୍ବାଚନରେ ଧରାକୋଟ ବ୍ଲକ ଓ ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ପଦବୀ, ୭ ଜିଲା ପରିଷଦ ଓ ଜିଲା ପରିଷଦ ଅଧ୍ୟକ୍ଷା ପଦବୀ ବିଜେଡି ହାତେଇଥିଲା। ବିଜେଡି ଟିକେଟ ପାଇଁ ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଓ ତାଙ୍କ ମା' ତଥା ୨୦୧୪ରେ ବିଧାୟିକା ହୋଇଥିବା ନନ୍ଦିନୀ ଦେବୀ ଲବି କରି ଆଗୁଆ ପ୍ରଚାର କରୁଥିବା ଦେଖାଯାଇଥିଲା। ତେଣୁ ବିଜେଡି ସୁଲକ୍ଷଣାଙ୍କ ଉପରେ ଭରସା କରିଛି। ଏଠାରେ ରମେଶ ଜେନାଙ୍କ ପ୍ରଭାବ ଥିବାବେଳେ ଧରାକୋଟ ରାଜ ପରିବାରର ମଧ୍ୟ ଲୋକ ସମ୍ପର୍କ ରହିଛି। ବିଶେଷକରି ବିଜେଡି ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

# ଦଳୀୟ ନିଷ୍ପତ୍ତିରେ ପ୍ରସନ୍ନ ହେଲେ ପ୍ରସନ୍ନ

ସମ୍ବଲପୁର, ୧୭।୪(ପ୍ରମୋଦ ବହିଦାର)


ରୋହିତ ପୂଜାରୀ


ପ୍ରସନ୍ନ ଆଚାର୍ଯ୍ୟ

ଆଗାମୀ ନିର୍ବାଚନରେ ରେଢ଼ାଖୋଲରୁ ପ୍ରାର୍ଥୀ ହେବାକୁ ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଜିଦ୍ ଧରିଥିଲେ। ଶେଷରେ ଦଳ ତାଙ୍କୁ ପ୍ରସନ୍ନ କରିବାକୁ ଯାଇ ରେଢ଼ାଖୋଲ ଆସନ ଭେଟି ଦେଇଛି। ଅନ୍ୟପକ୍ଷରେ ରେଢ଼ାଖୋଲରୁ ପ୍ରାର୍ଥୀ ହୋଇଥିବା ରୋହିତ ପୂଜାରୀଙ୍କୁ ଦଳ ସମ୍ବଲପୁର ଆସନ ଦେଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ମଧ୍ୟାହ୍ନରେ ତାଙ୍କ ଦଳର ଆଉ କିଛି ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ବେଳେ ପ୍ରାର୍ଥୀ ଅଦଳବଦଳ ନେଇ ସୂଚନା ଦେଇଥିଲେ। ଫଳରେ ପୂର୍ବ ପ୍ରାର୍ଥୀ ତାଲିକା ଘୋଷଣା ଅନୁସାରେ ବିଜେଡି ସମ୍ବଲପୁର ଜିଲା ସଭାପତି ତଥା ବିଧାୟକ ରୋହିତ ପୂଜାରୀଙ୍କୁ ରେଢ଼ାଖୋଲ ଆସନ ଓ ପ୍ରସନ୍ନଙ୍କୁ ସମ୍ବଲପୁର ବିଧାନସଭା ଆସନରେ ପ୍ରାର୍ଥୀ କରିଥିଲା। ପ୍ରସନ୍ନ ଏଥିରେ ଅମଙ୍ଗ ହୋଇ ବିଜେଡି ମୁଖ୍ୟଙ୍କୁ ସାକ୍ଷାତ୍ କରି ଏ ସମ୍ପର୍କରେ ଜଣାଇଥିଲେ। ଏବେ ପ୍ରସନ୍ନ ରେଢ଼ାଖୋଲରୁ ପ୍ରାର୍ଥୀ ହେବା ପରେ ବିରୋଧୀଙ୍କ ନିର୍ବାଚନୀ ଅଙ୍କ ଗୋଳମାଳିଆ ହୋଇଯାଇଥିବା କୁହାଯାଉଛି।

ସୂଚନାଯୋଗ୍ୟ, ରୋହିତ ବର୍ତ୍ତମାନ ରେଢ଼ାଖୋଲ ବିଧାୟକ ଥିବାବେଳେ ପ୍ରସନ୍ନ ୨୦୦୯ରେ ରେଢ଼ାଖୋଲ ବିଧାୟକ ହୋଇ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ହୋଇଥିଲେ। ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଜିଲା ସଭାପତି ଦାୟିତ୍ୱରେ ରହିବା ପରଠାରୁ ସମ୍ବଲପୁରରେ ତାଙ୍କର କାର୍ଯ୍ୟକଳାପ ଆରମ୍ଭ କରିଥିଲେ। ଏପରିକି ସମ୍ବଲପୁର ଆସନ ପାଇଁ ସେ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କ ସମର୍ଥକମାନଙ୍କୁ ମଧ୍ୟ ସଙ୍ଗଠିତ କରିବାକୁ ଲାଗିଥିଲେ। ଅନୁରୂପ ଭାବେ ପ୍ରସନ୍ନ ମଧ୍ୟ ରେଢ଼ାଖୋଲରେ ତାଙ୍କର ପ୍ରସ୍ତୁତି ଚଳାଇ ବିଭିନ୍ନ ସଭାସମିତିମାନ ଆୟୋଜନ କରି ଦୀର୍ଘ ଦିନରୁ ଭୋଟରଙ୍କ ନିକଟତର ହେବା ପ୍ରୟାସ ଜାରି ରଖିଥିଲେ। ଫଳରେ ସମ୍ବଲପୁର ବିଧାନସଭା ଆସନରୁ ବିଧାୟକ ରୋହିତ ପୂଜାରୀ ଓ ରେଢ଼ାଖୋଲ ଆସନରୁ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ବିଜେଡି ଟିକେଟ୍ ଦେବ ବୋଲି ଆକଳନ କରା ଯାଉଥିଲା। ମାତ୍ର ୪ର୍ଥ ପର୍ଯ୍ୟାୟରେ ସମ୍ବଲପୁର ଓ ରେଢ଼ାଖୋଲ ପାଇଁ ବିଜେଡି ଏହାର ବିପରୀତ ପ୍ରାର୍ଥୀ ତାଲିକା ଘୋଷଣା କରିବା ପରେ ସମସ୍ତ ଆକଳନ ଭୁଲ୍ ପ୍ରମାଣିତ ହୋଇଥିଲା।

ପ୍ରସନ୍ନ ସମ୍ବଲପୁର ବିଧାନସଭା ଆସନରୁ ନ ଲଢ଼ି ନିର୍ବାଚନରୁ ଓହରିଯିବେ ବୋଲି କାଳେ ଜିଦ୍ ଧରିଥିଲେ। ପ୍ରସନ୍ନ ବରିଷ୍ଠ ତଥା ଅଭିଜ୍ଞ ନେତା ହୋଇଥିବାରୁ ଦଳ ତାଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହିଁ ନ ଥିବା ଆଲୋଚନା ହେଉଛି। ତେବେ ରେଢ଼ାଖୋଲ ଆସନ ଫେରିପାଇବା ପରେ ପ୍ରସନ୍ନ ଖୁସି ବ୍ୟକ୍ତ କରିବା ସହ ବିଜେଡି ସଭାପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଅପରପକ୍ଷରେ ରେଢ଼ାଖୋଲ ଆସନ ହରାଇ ସମ୍ବଲପୁର ଆସନରୁ ପ୍ରାର୍ଥୀ ଘୋଷିତ ହେବା ପରେ ରୋହିତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ସେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଜଣେ ଶୃଙ୍ଖଳିତ ସୈନିକ। ସେ ତାଙ୍କୁ ଯେଉଁ ସମୟରେ ଯେଉଁ ଦାୟିତ୍ୱ ଦେଇଛନ୍ତି, ତାହାକୁ ଗ୍ରହଣ କରି ସୁଚାରୁରୂପେ ନିର୍ବାହ କରିଛନ୍ତି। ବର୍ତ୍ତମାନ ସେ ଜିଲା ସଭାପତି ଦାୟିତ୍ୱରେ ରହିଥିବାରୁ ଜିଲାର ସମସ୍ତ ୪ଟି ଯାକ ବିଧାନସଭା ଆସନରେ ବିଜୟ ହାସଲ କରିବା ତାଙ୍କ ଦାୟିତ୍ୱ। ସମ୍ବଲପୁରର ବିକାଶ ତାଙ୍କର ଏକମାତ୍ର ଲକ୍ଷ୍ୟ ବୋଲି ରୋହିତ କହିଛନ୍ତି।

ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। -ଶ୍ରୀଅରବିନ୍ଦ

-ବାସନ୍ତିକ ଦଶହରା ଓ ସୁଦଶା ବ୍ରତ



# ଆଧୁନିକ ଯୁଗର ଧାର୍ମିକ ନେତା



ଦେବଦତ୍ତ ପଟ୍ଟନାୟକ

ପାଶ୍ଚାତ୍ୟ ନେତୃତ୍ୱର ଢାଞ୍ଚାଗୁଡ଼ିକ ହେଉଛି ସାମରିକ ଶକ୍ତି କୈନ୍ଦ୍ରିକ। ଏଗୁଡ଼ିକ ମୁଖ୍ୟତଃ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣଭିତ୍ତିକ। ପାଶ୍ଚାତ୍ୟ ନେତୃତ୍ୱ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଏ ଓ ଲକ୍ଷ୍ୟ ହାସଲକରେ। ହେଲେ ଭାରତୀୟ ନେତୃତ୍ୱର ଢାଞ୍ଚାଗୁଡ଼ିକ ଜନକୈନ୍ଦ୍ରିକ। ଏହା ଲୋକଙ୍କୁ ସ୍ମରଣ କରାଇଦିଏ ଯେ ଜୀବନର ଉଦ୍ଦେଶ୍ୟ କେବଳ ଖାଇବା ନୁହେଁ, ବରଂ ଖାଇବାକୁ ଦେବା। ଖାଇବାକୁ ଦେବା ହେଉଛି ଧର୍ମ। ଯିଏ ଖୁଆଇବାକୁ ସକ୍ଷମ ସେ ହେଉଛନ୍ତି ଧର୍ମୀୟ ନେତା। ଆମ ସମସ୍ତଙ୍କର ନିଜେ ଖାଇବା ଏବଂ ଅନ୍ୟଙ୍କୁ ଖୁଆଇବାର କ୍ଷମତା ଅଛି। ଯେଉଁମାନେ ପ୍ରଥମେ ଖାଇବାକୁ ଦିଅନ୍ତି ସେମାନେ 'ଯଜମାନ'। ଅପରପକ୍ଷେ ଯେଉଁମାନେ ଏହି ସମାନ କାର୍ଯ୍ୟ କରିବା ସହ ତା' ବଦଳରେ କିଛି ଦିଅନ୍ତି ସେମାନେ 'ଦେବତା'। ଭୋକିଲା, ଭୟଭୀତ, ଭଗ୍ନ ମନ ଶ୍ରେଷ୍ଠତା ଏବଂ ତୁଚ୍ଛତା ବିଷୟରେ ଧାରଣା ସୃଷ୍ଟିକରେ। ଭଗ୍ନ ମନ ହେଉଛି ଅହମ୍ (ଅହଂକାର)। ଯୋଗ ଏଭଳି ମନକୁ ଯୋଡ଼ିବାରେ ସକ୍ଷମ।। ଅବିଭକ୍ତ ତଥା ଅବିଚଳିତ ମନ ହେଉଛି ଆତ୍ମା। ତେଣୁ ସେଭଳି ମନ ଆଖପାଖରେ ଥିବା ଲୋକଙ୍କର ଭୋକ ଏବଂ ଅସୁରକ୍ଷିତତାକୁ ଗୁରୁତ୍ୱ ଦିଏ। ସେଥିପାଇଁ ଧର୍ମୀୟ ନେତା ଯୋଗକୁ ଗୁରୁତ୍ୱ ଦିଅନ୍ତି।

ଯୋଗ ଆମକୁ ଠିକ୍ ଭାବରେ ପ୍ରତିଦାନ ଭାବ ଆଣିବାରେ ସକ୍ଷମ କରାଏ। କେବଳ ଆମର ନୁହେଁ , ଏହା ଅନ୍ୟ ଲୋକଙ୍କ କ୍ଷୁଧା ଉପରେ ଧ୍ୟାନଦେବାକୁ ମଣିଷକୁ ସକ୍ଷମ କରାଏ। ଯେତେବେଳେ ଆମେ ଯୋଗ ବିନା ଯଜ୍ଞ କରୁ, ସେତେବେଳେ ସହାନୁଭୂତି ପ୍ରଦର୍ଶନ କରିବାକୁ ଅସମର୍ଥ ହେଉ। ଜଣେ ଯଜମାନ ହେବା ପାଇଁ ସହାନୁଭୂତି ହେଉଛି ଚାବିକାଠି। ଯଜମାନମାନେ ରାବଣଙ୍କୁ ଖଳନାୟକ ଭାବେ ନ ଦେଖି ବରଂ ଆବେଗ ଓ ଅହଂକାର ଦ୍ୱାରା ନିୟନ୍ତ୍ରିତ ବୋଲି ଭାବନ୍ତି। ତେଣୁ ସମସ୍ତଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରିବା ଦରକାର ପଡ଼ିଛି। ଅନ୍ୟପଟେ ରାମଙ୍କର ଏପରି ଆବେଗ ନାହିଁ। ତାଙ୍କ ବିଚାର ସନ୍ତୁଳିତ। ସେ ପୀଡ଼ିତ କିମ୍ବା ନାୟକ ନୁହନ୍ତି। ସେ ପରମାତ୍ମାଙ୍କ ସହ ଯୋଡ଼ିହୋଇ ରହିଥାନ୍ତି।

ଜଣେ ଯଜମାନ ଜାଣନ୍ତି ଯେ ସୁଖ ଓ ଶାନ୍ତି କିଛି ବି କିଛି ସ୍ଥାୟୀ ନୁହେଁ। ସବୁକିଛି ବଦଳିଯାଏ, ଏବଂ ଧୀରେ ଧୀରେ ଶେଷ ହୋଇଯାଏ। ଏଭଳି ଚିନ୍ତା ସହ କିଛି ପଦ୍ଧତି ଅବଲମ୍ବନ କରି ବିଷୟଗୁଡ଼ିକୁ ସାମାନ୍ୟ ସୁଖଦ କରିପାରିବେ। ସେହି କ୍ରମରେ ଉଗ୍ର ଆଚରଣ ହ୍ରାସ କରି ଆନନ୍ଦ ବଢ଼ାନ୍ତୁ। ମରଣଶୀଳତାକୁ ଜାଣିବା ହେଉଛି ମୂଳ କଥା, ଯାହା 'ମଖାଦେବ ଜାତକ'ରେ ବର୍ଣ୍ଣିତ ରାଜା ମଖାଦେବଙ୍କ କାହାଣୀ ସ୍ପଷ୍ଟକରେ। ଦିନେ ରାଜାଙ୍କ ନାପିତ ରାଜାଙ୍କୁ କହିଥିଲେ ଯେ ସେ ତାଙ୍କ ମୁଣ୍ଡରେ ଏକ ପାଚିଲା କେଶ ଦେଖିଛନ୍ତି। ସେହିଦିନ ରାଜା ସ୍ଥିରକଲେ ଯେ ଅବସର ନେବାର ସମୟ ଆସିଛି। ତାଙ୍କ ଦାୟିତ୍ୱ ଶେଷ



ହୋଇଗଲା।ସେ ସିଂହାସନକୁ ତୁଚ୍ଛକରି ରାଜ୍ୟ ଛାଡ଼ି ଚାଲିଗଲେ।

ମରଣଶୀଳତାରୁ ଧ୍ୟାନ ହଟାଇବାକୁ ରାଜାମାନେ ଧନ ଏବଂ କ୍ଷମତାକୁ ଅନୁସରଣ କରନ୍ତି। ରାମାୟଣରେ ରାବଣ ମରୁଥିବାବେଳେ ରାମ ତାଙ୍କୁ ଲଙ୍କାର ଆଗାମୀ ରାଜାମାନଙ୍କ ସହିତ ତାଙ୍କ ଜ୍ଞାନ ବାଣ୍ଟିବାକୁ କହିଛନ୍ତି। ରାବଣ ଦ୍ୱିଧାରେ ପଡ଼ିଛନ୍ତି, କିନ୍ତୁ ତା'ପରେ ଅନୁତାପ କରିଛନ୍ତି। ମହାଭାରତରେ ଯେତେବେଳେ ଭୀଷ୍ମଙ୍କର ମୃତ୍ୟୁ ହେଉଛି କୃଷ୍ଣ ତାଙ୍କୁ ପାଣ୍ଡବଙ୍କ ସହ ଜ୍ଞାନ ବାଣ୍ଟିବାକୁ କହୁଛନ୍ତି। ଜ୍ଞାନ ଜଣକ ପାଖରୁ ଅନ୍ୟଙ୍କୁ ଯାଏ ତାହା ବୈଷୟିକ ଜ୍ଞାନକୌଶଳଭିତ୍ତିକ ଜ୍ଞାନ ନୁହେଁ, ବରଂ ତାହା ମାନସିକ ସ୍ତରର, ଯାହା ଜଣଙ୍କର ଏକ ଅଭିଳାଷ ଏବଂ ଅସୁରକ୍ଷିତ ଭାବନାକୁ ନିୟନ୍ତ୍ରଣ କରିବ। ଏହା ଶାନ୍ତ ଏବଂ ଉଦାର ହେବା ବିଷୟରେ ଶିକ୍ଷା ଦିଏ। ଏହା କହିବା ସହଜ କିନ୍ତୁ କରିବା କଷ୍ଟକର।

ମହାଭାରତର ଆଧୁନିକ ପ୍ରକାଶନଗୁଡ଼ିକ ପାଣ୍ଡବ ଭଲ ଓ କୌରବ ଖରାପ ବୋଲି ଉପସ୍ଥାପନ କରେ। କେଉଁ ସକାରାତ୍ମକ ପରିଣାମ ସଫଳତା ଆଣେ ତାହା ଧର୍ମୀୟ ନେତାମାନେ ନିରୀକ୍ଷଣ କରନ୍ତି। ଧନ ଜଣକୁ ଧନୀ କରେ, ଶକ୍ତି ଜଣକୁ ଶକ୍ତିଶାଳୀ କରେ। ତେବେ ମହାଭାରତ କହେ, ପାଣ୍ଡବମାନେ ଶାସନ କରିବାକୁ ଏକ ରାଜ୍ୟ ପାଇଲାବେଳେ ସେମାନେ କିପରି ଅସନ୍ତୁଷ୍ଟ ହେଲେ। ପଞ୍ଚପାଣ୍ଡବ ପ୍ରତିଭାବାନ ଥିଲେ। ଫଳରେ ସେମାନଙ୍କର ସମ୍ପର୍କୀୟ ଭାଇ ଶହେ କୌରବ ଅସୁରକ୍ଷିତ ମଣୁଥିଲେ। ପାଣ୍ଡବମାନେ ଏକ ଲମ୍ବା ସଂଗ୍ରାମ କରିଥିଲେ। କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରିବା ପାଇଁ ପୈତୃକ ଜମି ଭାଗ କରାଯାଇଥିଲା ଏବଂ ପାଣ୍ଡବମାନଙ୍କୁ ଏକ ଜଙ୍ଗଲ ଦିଆଗଲା। ପାଣ୍ଡବମାନେ ସେଠାରେ ଏକ ଚମତ୍କାର ସହର ନିର୍ମାଣ କରିଥିଲେ। ସେମାନେ ତାଙ୍କ ନୂତନ ରାଜ୍ୟକୁ ସୁରକ୍ଷିତ ରଖିବା ପରିବର୍ତ୍ତେ ପାଣ୍ଡବମାନେ ଅହଂକାରୀ କୌରବଙ୍କ ସହ ଜୁଆ ଖେଳି ପ୍ରତାରିତ ହୋଇ ସେହି ରାଜ୍ୟ ହରାଇଥିଲେ। ଫଳରେ ତେର ବର୍ଷ ଧରି ପାଣ୍ଡବମାନଙ୍କୁ ଜଙ୍ଗଲରେ ରହିବାକୁ ପଡ଼ିଲା। ସେମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ଉପରେ ଚିନ୍ତାକରି ସେମାନେ ସେଠାରେ କ୍ରୋଧିତ ହୋଇପଡ଼ିଥିଲେ। କିନ୍ତୁ କୃଷ୍ଣ ସେମାନଙ୍କୁ ଜଙ୍ଗଲରୁ ଶିଖିବାକୁ କହିଥିଲେ। ଜଙ୍ଗଲ ଜୀବମାନେ ପାଣ୍ଡବଙ୍କୁ ମନେ ପକାଇ ଦେଇଥିଲେ ଯେ ପ୍ରକୃତି ଏବଂ ରାଜ୍ୟ ବଞ୍ଚିବା ପାଇଁ ସୃଷ୍ଟି ହୋଇଥିବାବେଳେ ସାମାଜିକ ସ୍ତର ଏବଂ ସମ୍ପତ୍ତି ଅହଂକାରକୁ ଉତ୍ସାହିତ କରିବା ପାଇଁ ପରିକଳ୍ପନା କରାଯାଇଛି। ନିର୍ବାସନର ଶେଷ ବର୍ଷରେ ପାଣ୍ଡବମାନଙ୍କୁ ସେବକ ଭାବେ ଲୁଚି ରହିବାକୁ ପଡ଼ିଥିଲା। ରାଜାମାନଙ୍କ ଦ୍ୱାରା ସେମାନେ ନିର୍ଯାତିତ ହୋଇଥିଲେ ଏବଂ ଧନୀ ଏବଂ ଶକ୍ତିଶାଳୀମାନେ କିପରି ସେମାନଙ୍କର ଅଧିକାରର ଅପବ୍ୟବହାର କରନ୍ତି ତାହା ସେମାନେ ଅନୁଭବ କରିଥିଲେ।

ରାମାୟଣ ଓ ମହାଭାରତରେ ବର୍ଣ୍ଣିତ ଜଙ୍ଗଲ ନିର୍ବାସନ ଦଣ୍ଡ ନୁହେଁ। ରାଜାମାନେ ଶିକ୍ଷା ପାଇ ପରିବର୍ତ୍ତନ କରିବା ପାଇଁ ଏହା ଏକ ପ୍ରକୃଷ୍ଟ ସମୟ। ଏହା ରାଜାମାନଙ୍କ ପାଇଁ କିଛି ଶିଖି ପରିବର୍ତ୍ତନ ହେବାର ସମୟ। ପ୍ରକୃତିର ବ୍ୟବସ୍ଥାରେ ଅନ୍ୟ ଜୀବମାନଙ୍କଠାରୁ କେହି ଶ୍ରେଷ୍ଠ କିମ୍ବା ନିକୃଷ୍ଟ ନୁହନ୍ତି, ତାହା ଅନୁଭବ କରିବାରେ ଏହା ମଧ୍ୟ ଏକ ଉପଯୁକ୍ତ ସମୟ। ରାଜାମାନେ ଏକ ସଂସ୍କୃତି ପ୍ରତିଷ୍ଠା କରିପାରନ୍ତି ଯେଉଁଠାରେ ସମସ୍ତେ ସେମାନଙ୍କୁ ସମ୍ମାନ କରନ୍ତି କିମ୍ବା ଭୟ କରନ୍ତି। କିନ୍ତୁ ବୁଝିବାକୁ ହେବ ଯେ, ସେମାନେ କେବଳ ଜୀବ, କେତେକ ପରିସ୍ଥିତିରେ ସେମାନେ ଶକ୍ତିଶାଳୀ ଏବଂ ଅନ୍ୟ କେତେକ କ୍ଷେତ୍ରରେ ସେମାନେ ଦୁର୍ବଳ। ପାଣ୍ଡବମାନେ ଅନୁଭବ କରିଥିଲେ, ସେମାନଙ୍କ ପାଖରେ ଧନ ଏବଂ ଶକ୍ତି ଥିଲାବେଳେ ସେମାନେ ଅହଂକାରୀ ହୋଇଯାଇଥିଲେ। ସେମାନେ ରାଜ୍ୟକୁ ନେଇ ସେମାନଙ୍କ ଅସ୍ତିତ୍ୱ ଥିଲା , ସେମାନଙ୍କୁ ନେଇ ରାଜ୍ୟର ଅସ୍ତିତ୍ୱ ନ ଥିଲା ବୋଲି ସେମାନେ ଭୁଲିଗଲେ। ରାଜ୍ୟ ଜୁଆ ଖେଳିବାର ସମ୍ପତ୍ତି ନ ଥିଲା।

ଯେଉଁ ରାଜାମାନେ ଧର୍ମର ମହତ୍ତ୍ୱ ବୁଝନ୍ତି ନାହିଁ ସେମାନଙ୍କୁ ପର୍ଶୁରାମ ଦଣ୍ଡ ଦିଅନ୍ତି। ରାମ ହେଉଛନ୍ତି ଜଣେ ରାଜା ଯିଏ ଧର୍ମକୁ ଗୁରୁତ୍ୱ ଦିଅନ୍ତି। କୃଷ୍ଣ ଜଣେ ଗୋପାଳକ, ପୃଥିବୀର ଯତ୍ନ ନେଉଥିବା ବ୍ୟକ୍ତିର ପ୍ରତୀକ। ତାଙ୍କର ରାଜା ହେବା ଦରକାର ନାହିଁ। ପ୍ରକୃତି ଓ ସମାଜର ତଥା ସଂସ୍କୃତିର କିପରି ରକ୍ଷାକର୍ତ୍ତା ହୋଇପାରିବ ତାହା ସେ ରାଜାମାନଙ୍କୁ ଶିଖାଉଛନ୍ତି। ରାଜଧର୍ମ ରାଜ୍ୟଗୁଡ଼ିକୁ ଦଖଲ କରି ସାମ୍ରାଜ୍ୟ ବିସ୍ତାର କରିବା କିମ୍ବା ଜୁଆ ଖେଳରେ ତାହାକୁ ହରାଇବାକୁ ବୁଝାଏ ନାହିଁ। ଶାସନ କରୁଥିବା ଲୋକଙ୍କୁ ଦେବତା ଭାବରେ ବ୍ୟବହାର କରିବା ପାଇଁ ଏହା ଉଦ୍ଦିଷ୍ଟ। ତୁମର ଯାହା ଅଛି କିମ୍ବା ସେମାନେ ଯାହା ଚାହାନ୍ତି ତାହା ସେମାନଙ୍କୁ ଦିଅ ଏବଂ ସେହିପରି କରିବାକୁ ସେମାନଙ୍କୁ ଉତ୍ସାହିତ କର। ଯେତେବେଳେ ଦେବତା ଜଣେ ଯଜମାନ ହେବାକୁ ଚେଷ୍ଟା କରନ୍ତି ସେତେବେଳେ ସବୁଠାରୁ ବଡ଼ ଲାଭ ମିଳେ।

–devduttofficial@gmail.com

# ବୁଝ ନ ବୁଝ...



ରାକେଶ ପଣ୍ଡା

ସାଧାରଣତଃ ଯଦି ଜଣେ ବ୍ୟକ୍ତି ନୀତି ଓ ନିୟମ ବାହାରେ କାର୍ଯ୍ୟ କରନ୍ତି, ତେବେ ସମାଜରେ ବିଶୃଙ୍ଖଳା ଏବଂ ଅରାଜକତା ସୃଷ୍ଟି ହୋଇଥାଏ ଏବଂ ଜୀବନ ନିର୍ବାହ ଦୁର୍ବିଷହ ହୋଇପଡେ। ଏଣୁ ପ୍ରତିଟି ମଣିଷ ନିଜର ଜୀବନଶୈଳୀ ଓ ଚଳଣିକୁ ଆଦର୍ଶ କରିବା ଜରୁରୀ। ଯେଉଁ ଆଦର୍ଶ ଜୀବନଟିଏ ବଞ୍ଚିବା ପାଇଁ ଏକ ସଜଡା ମାର୍ଗର ଆବଶ୍ୟକତା ରହିଅଛି ସେଥିଲାଗି ସମାଜରେ କିଛି ସାମାଜିକ ନୀତି, ନିୟମ ଏବଂ ଜୀବନ ଦର୍ଶନର ଅନେକ ଗୁରୁତ୍ୱ ରହିଥାଏ। ଏହାଛଡା ଉକ୍ତ ମାର୍ଗ ଦର୍ଶନ ନିମନ୍ତେ ଜଣେ ଗୁରୁ ଓ ଗ୍ରନ୍ଥର ଆବଶ୍ୟକତା ମଧ୍ୟ ରହିଛି, ଯାହା ଜୀବନର ଚଲାବାଟକୁ ସୁଗମ,ସରଳ ଓ ସହଜ କରିଥାଏ। ତେବେ ବିଭିନ୍ନ ପବିତ୍ର ଗ୍ରନ୍ଥରେ ବର୍ଣ୍ଣିତ ନୈତିକତା ହେଉଛି ଏକ ନୈତିକ ନୀତି ଯାହା ଲୋକଙ୍କ ଆଚରଣ, ନିଷ୍ପତ୍ତି ଏବଂ କାର୍ଯ୍ୟକୁ ବିଶୁଦ୍ଧ କରିବା ସହ ମାର୍ଗଦର୍ଶନ କରିଥାଏ। ଏହି ନୀତିଗୁଡ଼ିକ ଠିକ୍ ଭୁଲ, ଭଲ ମନ୍ଦ ଏବଂ ନ୍ୟାୟ ଅନ୍ୟାୟ ଧାରଣା ଉପରେ ଆଧାରିତ। ଯାହା କି ଜୀବନ ମୂଲ୍ୟବୋଧ ଓ ବ୍ୟକ୍ତିଗତ ଆଚରଣର ଆଦର୍ଶ ବିକାଶ କରିଥାଏ।

ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ସାଧୁ ଏବଂ ବିଦ୍ୱାନମାନଙ୍କର ଶିକ୍ଷା ହିଁ ଆମ ସଂସ୍କୃତିକୁ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ନେଇ ଆସିବାରେ ଏକ ସକ୍ରିୟ ଭୂମିକା ଗ୍ରହଣ କରିଛି। ବେଦ, ପୁରାଣ, ଗୀତା, ମହାଭାରତ, ରାମାୟଣ ଇତ୍ୟାଦି ପବିତ୍ର ଗ୍ରନ୍ଥମାନ ଭାରତୀୟ ସଂସ୍କୃତିର ଆଧାର। ଉକ୍ତ ସମସ୍ତ ଶାସ୍ତ୍ରଗୁଡ଼ିକ ମଧ୍ୟରେ ଶ୍ରୀମଦ୍ ଭଗବଦ ଗୀତାକୁ ପ୍ରଥମ ସ୍ଥାନ ଦିଆଯାଇଛି। ଏଥିରେ ସମୁଦାୟ ଅଠର ଗୋଟି ଅଧ୍ୟାୟ ଏବଂ ପ୍ରାୟ ସାତଶହ ସଂସ୍କୃତ ଶ୍ଳୋକ ରହିଅଛି। ଚାରି ବେଦର ସମ୍ପୂର୍ଣ୍ଣ ସୂଚନାକୁ ମିଶାଇ ଗୀତାର ସୃଷ୍ଟି। ଭାରତୀୟ ସଂସ୍କୃତିର ଏକ ଅଂଶ ଭାବରେ ସହନଶୀଳତାର ଆତ୍ମା ଗୀତାରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଥାଏ। ଏଥିରେ ବର୍ଣ୍ଣିତ ପଦଗୁଡ଼ିକ ଜଣେ ବ୍ୟକ୍ତିଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିରୁ ବାହାରିବାରେ ସାହାଯ୍ୟ କରିଥାଏ। ଜଣେ ବ୍ୟକ୍ତି କିପରି ନିଜ ଜୀବନ ବଞ୍ଚିବା ଉଚିତ, କିପରି ସେ ଅନ୍ୟକୁ ନିଜର ବ୍ୟବହାର ପ୍ରଦର୍ଶନ କରିବା ଜରୁରୀ, ନିଜ ଭିତରେ କିପରି ସଂଶୋଧନ ଓ ପରିଶୋଧନ ସମ୍ଭବ ତାହା ଗୀତା ଜଣେ ବ୍ୟକ୍ତିକୁ ଶିକ୍ଷା ଦିଏ। ଲୋକଙ୍କୁ ବଞ୍ଚିବା ଶିଖାଇବା ଓ ଉଦ୍ଧାର କରିବା ହେଉଛି ଗୀତାର ମୂଳ ଉଦ୍ଦେଶ୍ୟ।

ମହାଭାରତ ଯୁଦ୍ଧରେ ଯେତେବେଳେ କୌରବ ଏବଂ ପାଣ୍ଡବଙ୍କ ସୈନ୍ୟ ପରସ୍ପର ବିରୋଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ ଥିଲେ, ସେହି ସମୟରେ ଅର୍ଜୁନ ନିଜର ସମସ୍ତ ସମ୍ପର୍କୀୟଙ୍କୁ ବିପରୀତ ପାର୍ଶ୍ୱରେ ଦେଖି ଯୁଦ୍ଧ ଛାଡି ନିଜର ପରାଜୟ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଅର୍ଜୁନଙ୍କୁ ଯୁଦ୍ଧରୁ ବିମୁଖ ହେବା ଅନୁଭବ କରି ଶ୍ରୀକୃଷ୍ଣ ତାଙ୍କୁ ଆତ୍ମାର ପ୍ରକୃତିକୁ ସ୍ପଷ୍ଟ ଭାବରେ ବୁଝାଇଥିଲେ ଏବଂ ଜୀବନ ବାସ୍ତବତାର ମହାନ୍ ଦର୍ଶନ ପ୍ରଦାନ କରିଥିଲେ। ଅର୍ଜୁନଙ୍କୁ ତାଙ୍କ କର୍ତ୍ତବ୍ୟ ପାଳନ କରିବାକୁ ସେ ପ୍ରେରଣା ଦେଇଥିଲେ ଏବଂ କର୍ମଯୋଗ ମାଧ୍ୟମରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣଙ୍କର ଉକ୍ତ ଉପଦେଶ ଅର୍ଜୁନଙ୍କୁ ଜୀବନର ବାସ୍ତବତା ଓ ନିଜର କର୍ତ୍ତବ୍ୟ ସବୁକୁ ଅନୁଭବ କରାଇବାରେ ସମ୍ପୂର୍ଣ୍ଣ ସହାୟକ ହୋଇଥିଲା।

ତେବେ ଗୀତାର ଶିକ୍ଷା କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ, ଭାଷା, ଜାତି କିମ୍ବା ଧର୍ମ ପାଇଁ ସୀମିତ ନୁହେଁ। ଏହା ପ୍ରତିଟି ମଣିଷ ନିମନ୍ତେ ସର୍ବଭାରତୀୟ ତଥା ସମଗ୍ର ବିଶ୍ୱର ଜନତାଙ୍କ ପାଇଁ ଉଦ୍ଦିଷ୍ଟ। ବର୍ତ୍ତମାନ ଦେଶ ତଥା ବିଦେଶରେ ଗୀତା ପାଠ କରୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ପାଶ୍ଚାତ୍ୟ ବୁଦ୍ଧିଜୀବୀମାନେ ଗୀତା ବିଷୟରେ କୁହନ୍ତି ଯେ ସମସ୍ତ ଆଧୁନିକ ଭାଷାର ଗୀତ ମଧ୍ୟରେ ଗୀତା ସବୁଠାରୁ ସୁନ୍ଦର, ଅମୂଲ୍ୟ ଏବଂ ଦାର୍ଶନିକ। ହେଲେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ବର୍ତ୍ତମାନ ସମୟରେ ଅନେକ ଭାରତୀୟ ଗୀତାକୁ ନିଜ ଜୀବନର ଏକ ଅଂଶ ଭାବରେ ଗ୍ରହଣ କରିବାକୁ ଆଗ୍ରହୀ ନୁହନ୍ତି ! କିନ୍ତୁ ଆମର ସମାଜରେ ଏକ ମହତ୍ତ୍ୱପୂର୍ଣ୍ଣ ଲୋକକଥା ରହିଛି, ରୁଚୁ ନ ରୁଚୁ ଖାଅ ପିତା, ବୁଝ ନ ବୁଝ ପଢ ଗୀତା। ଅର୍ଥାତ୍ ସ୍ୱାସ୍ଥ୍ୟ ପ୍ରତି ପିତାଯୁକ୍ତ ଖାଦ୍ୟର ଉପକାରିତା ଓ ହିତକୁ ଅନୁଭବ କରି ତାହା ପାଟିକୁ ଭଲ ଲାଗୁ ଅବା ନ ଲାଗୁ ପ୍ରତ୍ୟହ ପ୍ରତ୍ୟେକ ବ୍ୟକ୍ତି ଗ୍ରହଣ କରିବା ଉଚିତ। ଠିକ୍ ସେହିପରି ଗୀତା ତଥା ଏହାର ଅମୂଲ୍ୟ ବାଣୀକୁ ବୁଝ ଅବା ନ ବୁଝ ତାକୁ ପ୍ରତ୍ୟହ ପଠନ ତଥା ଅଧ୍ୟୟନ କରିବା ଉଚିତ। କୁହାଯାଏ ଯଦି ଜଣେ ମୂର୍ଖ ବ୍ୟକ୍ତି ଥରେ ମଧ୍ୟ ଗୀତାର ଶିକ୍ଷାକୁ ଅନୁକରଣ କରେ ତେବେ ତାକୁ ଜ୍ଞାନପ୍ରାପ୍ତ ହୋଇଥାଏ। ଯାହାର ଶବ୍ଦ ଏବଂ ବାକ୍ୟଗୁଡ଼ିକ ଏତେ ଶକ୍ତିଶାଳୀ ଯେ ତାକୁ କେବଳ ଶୁଣିବା ଦ୍ୱାରା ହିଁ ମୋକ୍ଷପ୍ରାପ୍ତି ହୁଏ।

**ବନ୍ଧାଲୋ, ଟାଙ୍ଗୀ, କଟକ**
**ମୋ: ୯୩୩୭୮୯୭୬୫୦**

## ଏଇ ଭାରତରେ

ମହାରାଷ୍ଟ୍ରର ହରିଶ୍ଚନ୍ଦ୍ର ସୁଦେ ଦିବ୍ୟାଙ୍ଗମାନଙ୍କୁ ଆତ୍ମନିର୍ଭରଶୀଳ କରାଇ ସେମାନଙ୍କ ପାଇଁ ଦେବଦୂତ ସାଜିଛନ୍ତି। ହରିଶ୍ଚନ୍ଦ୍ର ପିଲାଦିନେ ଗୋଟିଏ ଆଖି ହରାଇବା ପରେ ବହୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଆଗକୁ ବଢ଼ିଛନ୍ତି। ଏହା ସତ୍ତ୍ୱେ ସେ 'ଗ୍ରାମୀଣ ଶ୍ରମିକ' ପ୍ରତିଷ୍ଠାନ' ଗଢ଼ି ଦୃଷ୍ଟିବାଧିତଙ୍କ ସହ ଅନ୍ୟ ଦିବ୍ୟାଙ୍ଗମାନଙ୍କୁ କୌଶଳଭିତ୍ତିକ ପ୍ରଶିକ୍ଷଣ ଦେଉଛନ୍ତି। ଏବେସୁଦ୍ଧା ସେ ୧,୦୦୦ରୁ ଅଧିକ ଦିବ୍ୟାଙ୍ଗଙ୍କୁ ସଶକ୍ତ କରିସାରିଲେଣି। ଏହି କାର୍ଯ୍ୟ ପାଇଁ ତାଙ୍କ ଯାତ୍ରା ବହୁ କଠିନ ଥିଲା। ପ୍ରଥମେ ସେ ଗ୍ରାମୀଣ ଶ୍ରମିକ ପ୍ରତିଷ୍ଠାନ ଏକ ଝୋପଡ଼ିରୁ ଆରମ୍ଭ କରିଥିଲେ। ପରେ ଲାତୁର ଜିଲାର ବୁଧୋଦା ଗାଁରେ ଜମି କିଣି ଘର କରିଥିଲେ। ଏଥିରେ ତାଙ୍କୁ ତାଙ୍କ ପିତାଙ୍କ ସହଯୋଗ ମିଳିଥିଲା। ଏହି କାର୍ଯ୍ୟ ଆରମ୍ଭ କରିବା ସମୟରେ ତାଙ୍କୁ ପାଗଳ ବୋଲି ଲୋକେ କହୁଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ସେ ତାଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। ହରିଶ୍ଚନ୍ଦ୍ରଙ୍କ ପୁଅ ପ୍ରଶାନ୍ତ ଏହି କାର୍ଯ୍ୟରେ ଏବେ ତାଙ୍କୁ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଏପ୍ରିଲ ୧୯୭୫

- ଆନ୍ଧ୍ର ପ୍ରଦେଶର ପୂର୍ବତନ ରାଜ୍ୟପାଳ ଖଣ୍ଡୁଭାଇ ଦେଶାଇଙ୍କ ୭୭ ବର୍ଷ ବୟସରେ ପରଲୋକ।
- ଭାରତର ପୂର୍ବତନ ରାଷ୍ଟ୍ରପତି ଏବଂ ବିଶ୍ୱବିଖ୍ୟାତ ଦାର୍ଶନିକ, ଲେଖକ, ରାଷ୍ଟ୍ରନୀତି ବିଶାରଦ, ଭାରତରତ୍ନ ଡ଼ଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ୮୬ ବର୍ଷ ବୟସରେ ପରଲୋକ।
- ସିହାନୁକ୍‌ଙ୍କ ସୈନ୍ୟବାହିନୀ ଦ୍ୱାରା ରାଜଧାନୀ ନମପେନ ଅଧିକୃତ ହୋଇଥିବା ରାଜକୁମାର ସିହାନୁକ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | 4 | | | | | 9 |
| | 6 | 2 | 1 | | | | | |
| | | | | | 6 | 7 | | 3 |
| | | | 5 | | | | | 2 |
| | 4 | | | | 7 | | | |
| 9 | | | | | | | | |
| | 9 | | 2 | | | | 8 | |
| | | | | 6 | 9 | | | |
| 2 | | 6 | | 1 | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 1 | 6 | 8 | 9 | 3 | 4 | 7 |
| 9 | 6 | 7 | 5 | 4 | 3 | 8 | 1 | 2 |
| 4 | 8 | 3 | 7 | 2 | 1 | 5 | 9 | 6 |
| 6 | 7 | 8 | 9 | 5 | 4 | 1 | 2 | 3 |
| 2 | 4 | 9 | 1 | 3 | 7 | 6 | 5 | 8 |
| 1 | 3 | 5 | 2 | 6 | 8 | 4 | 7 | 9 |
| 8 | 9 | 2 | 3 | 1 | 5 | 7 | 6 | 4 |
| 7 | 5 | 4 | 8 | 9 | 6 | 2 | 3 | 1 |
| 3 | 1 | 6 | 4 | 7 | 2 | 9 | 8 | 5 |

ଗତକାଲିର ଉତ୍ତର

# ସ୍ତମ୍ଭର ମହତ୍ତ୍ୱ



ଉପେନ୍ଦ୍ର ବିଶ୍ୱାଳ

ଶ୍ରୀ ଅରବିନ୍ଦଙ୍କ ଭାଷାରେ-'ସାହିତ୍ୟ ହେଉଛି ଜୀବନ୍ତ ମନେହେଉଥିବା ଶବ୍ଦଚିତ୍ର।' ପ୍ରଖ୍ୟାତ ବ୍ରିଟିଶ୍ ଲେଖିକା ଶେଲି କୁହନ୍ତି, 'ସାହିତ୍ୟ ହେଉଛି ସତ୍ୟର ପ୍ରତିଫଳନ ।' ଏହିପରି ବିଶ୍ୱର ବହୁ ମନୀଷୀ ସାହିତ୍ୟର ବ୍ୟାଖ୍ୟା କରିଛନ୍ତି ଭିନ୍ନ ଭିନ୍ନ ଶବ୍ଦରେ। ସେ ଯାହା ବି ହେଉ ସାହିତ୍ୟ ହେଉଛି ତାହା, ଯାହା ସମାଜର ହିତ ପାଇଁ ଉଦ୍ଦିଷ୍ଟ। ଅର୍ଥାତ୍ ସାହିତ୍ୟ ହେଉଛି ମାନବିକ କଲ୍ୟାଣର ମାପକାଠି। ସାହିତ୍ୟିକମାନେ ଉଦ୍‌ବୋଧିତ କରିଥାନ୍ତି ଜନମାନସିକତାକୁ। ଏଭଳିସ୍ଥଳେ ଆଜି ଯେତେବେଳେ କଳ୍ପନା ପ୍ରସୂତ ସାହିତ୍ୟ ପ୍ରତି ପାଠକଙ୍କ ରୁଚି କମି କମି ଆସୁଥିବାର ଦେଖାଯାଉଛି, ସେତେବେଳେ ସ୍ତମ୍ଭ ସାହିତ୍ୟ ପାଠକଙ୍କୁ ସାହାରା ଦେଉଛି। ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିବା ସ୍ତମ୍ଭ ପ୍ରତି ପାଠକୀୟ ଶ୍ରଦ୍ଧା, ଅନୁରାଗ ଧୀରେ ଧୀରେ ବଢୁଥିବା ବେଳେ ସ୍ତମ୍ଭ-ସାହିତ୍ୟର ମହତ୍ତ୍ୱ ବଢ଼ି ବଢ଼ି ଚାଲିଛି। ଆଜି ଆମେ ଯାହାକୁ ସ୍ତମ୍ଭ ବୋଲି କହୁଛନ୍ତି, ତାହା ପ୍ରବନ୍ଧ ଶ୍ରେଣୀଭୁକ୍ତ। ପ୍ର- ଉପସର୍ଗ ବନ୍ଧ- ଧାତୁର ଅ- ପ୍ରତ୍ୟୟଯୁକ୍ତ ହୋଇ ପ୍ରବନ୍ଧ ଶବ୍ଦ ସୃଷ୍ଟି (ପ୍ର+ବନ୍ଧ+ଅ)। ବ୍ୟାକରଣ ଦୃଷ୍ଟିରୁ ବ୍ୟାଖ୍ୟା କଲେ, ପ୍ରକୃଷ୍ଟ ବନ୍ଧନଯୁକ୍ତ ପଦଯୋଜନାକୁ ପ୍ରବନ୍ଧ କୁହାଯାଏ। ପ୍ରବନ୍ଧ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ, ଯେଉଁଥିରେ ଚିନ୍ତା ଓ ଯୁକ୍ତିର ସୁନ୍ଦର ସମନ୍ୱୟ ଦେଖିବାକୁ ମିଳେ। ସାହିତ୍ୟର ଅନ୍ୟାନ୍ୟ ବିଭାଗ (କବିତା, ଗଳ୍ପ, ଉପନ୍ୟାସ, ନାଟକ ଆଦି) କଳ୍ପନା, ଆବେଗ ଓ ତତ୍ତ୍ୱଜ୍ଞାନ ସମ୍ମିଶ୍ରଣରେ ସୃଷ୍ଟି ହେଉଥିବା ବେଳେ ସ୍ତମ୍ଭ/ପ୍ରବନ୍ଧଟିଏ କଳ୍ପନା, ଆବେଗ, ତତ୍ତ୍ୱ, ତଥ୍ୟ ସହିତ ବୁଦ୍ଧିର ସମ୍ମିଶ୍ରଣରେ ସୃଷ୍ଟି। କହିବାକୁ ଗଲେ ଏହା ସାହିତ୍ୟର ଗୋଟେ ଗମ୍ଭୀର ଓ ସମ୍ଭ୍ରାନ୍ତ ବିଷୟ। ସ୍ତମ୍ଭ ଲେଖିବା ବେଳେ ସମ୍ପୃକ୍ତ ପ୍ରସଙ୍ଗ ଉପରେ ଅଧ୍ୟୟନ ସହିତ ଗଭୀର ଅନୁଶୀଳନ, ଚିନ୍ତନ, ମନ୍ଥନ କରିବାକୁ ପଡ଼ିଥାଏ। ସେଇଥିପାଇଁ ତ ନୋବେଲ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଜର୍ମାନୀ ଲେଖକ ଥମାସ ମାନ୍ କହିଛନ୍ତି, 'ସ୍ତମ୍ଭକାର ହେଉଛି ସେହି ଲୋକ, ଯିଏ ଲେଖିବା ବେଳେ ସାଧାରଣ ଲୋକଙ୍କ ଠାରୁ ଅଧିକ କଷ୍ଟ ପାଏ।' ଡାକ୍ତରଙ୍କ ଭଳି ସ୍ତମ୍ଭକାରଟିଏ ହେଉଛି ସମାଜର ଜଣେ ଚିକିତ୍ସକ। ସମାଜର ସମସ୍ୟାଗୁଡ଼ିକର ସମାଧାନ ପାଇଁ ଜଣେ ଲେଖକକୁ ସେ ସମ୍ବନ୍ଧରେ ଖୁବ୍ ଅଧ୍ୟୟନ ସହିତ ଗଭୀର ଚିନ୍ତନ, ମନନ କରିବାକୁ ପଡ଼େ। ଦେଶ ଦୁନିଆର ସମସ୍ୟାଗୁଡ଼ିକୁ ଭଲଭାବେ ଚିହ୍ନଟ ଓ ଅନୁଧ୍ୟାନ କରି ତା'ର ସମାଧାନର ବାଟ ବତାଇଥାଏ। ଆହୁରି ବି ଖବରକାଗଜମାନଙ୍କରେ ସ୍ତମ୍ଭ ରଚନା ଏକ ଜଟିଳ ପ୍ରକ୍ରିୟା। ସୀମିତ ପରିସରରେ, ନିର୍ଦ୍ଦିଷ୍ଟ ଶବ୍ଦ ମଧ୍ୟରେ ସ୍ତମ୍ଭକାରଙ୍କୁ ଲେଖିବାକୁ ହୁଏ, ଠିକ୍ ଯେମିତି ଉପଯୁକ୍ତ ପରିମାଣର ଗ୍ୟାସ୍ ଭରିବାକୁ ପଡ଼େ ନିର୍ଦ୍ଦିଷ୍ଟ ଆୟତନର ସିଲିଣ୍ଡରରେ।

ସ୍ତମ୍ଭ ସବୁବେଳେ ତଥ୍ୟଯୁକ୍ତ, ପ୍ରାସଙ୍ଗିକ ଏବଂ ସଦ୍ୟ ଘଟଣାବଳୀ ଉପରେ ପର୍ଯ୍ୟବସିତ ହେବା ଉଚିତ। ସମାଜରେ ଘଟୁଥିବା ସମସ୍ୟା ସମ୍ପର୍କରେ ସଂକ୍ଷିପ୍ତରେ ଆଲୋଚନା କରି, କୌଶଳପୂର୍ବକ ବିଶ୍ଳେଷଣ କରି, ଯୁକ୍ତିଯୁକ୍ତ ସମାଧାନର ରାସ୍ତା ଦେଖାଇଥାଏ ସ୍ତମ୍ଭ। ଆହୁରି ଟିକେ ସରଳକରି କହିଲେ, ତିନୋଟି 'ଆଇ' (INFORMATION, INSPIRATION, INTEREST) ବଳିଷ୍ଠ କରିଥାଏ



ସ୍ତମ୍ଭକୁ। ଅର୍ଥାତ୍ ତଥ୍ୟ ସହିତ ପ୍ରେରଣାଦାୟୀ ବାର୍ତ୍ତା ଏବଂ ପଠନର ରୁଚି ବଢ଼େଇପାରିବା ହେଉଛି ଗୋଟେ ସ୍ତମ୍ଭର ସାର୍ଥକତା। କୌଣସି ଅବାନ୍ତର ବା ଅଯୌକ୍ତିକ କଥା ଉଲ୍ଲେଖ ଥିଲେ କିମ୍ବା ବିଦ୍ୱେଷଭାବ ରଖି ଉଦ୍ଦେଶ୍ୟମୂଳକ ଭାବେ ବଦ ମିଜାଜ୍‌ଭିତ୍ତିକ କିଛି ଲେଖା ହୋଇଥିଲେ ତାହା ସ୍ତମ୍ଭ ପଦବାଚ୍ୟ ନୁହେଁ। ଶାସ୍ତ୍ର(ଶବ୍ଦ)କୁ ଶସ୍ତ୍ର ପରି ଉପଯୋଗ କରିବା ଉଚିତ ନୁହେଁ। କାରଣ ଶବ୍ଦକାର ଜଣେ ଋଷି ପରି ଏବଂ ଲେଖା ହେଉଛି ତା'ର ଯଜ୍ଞ। ସତ୍ୟ, ନ୍ୟାୟ ଓ ଧର୍ମର ରକ୍ଷା ହେଉଛି ଲେଖକର ସ୍ୱରୂପ। ଦର୍ଶକଦର୍ଶୀ ନ ହୋଇ ଦୁନିଆର ଦିଶା ଓ ଦଶା ବଦଳାଇବା ହିଁ ବାହାଦୁରିପଣ। ଏଣୁ ସ୍ତମ୍ଭ ସର୍ବଦା ସତ୍ୟଦର୍ଶୀ, ବାର୍ତ୍ତା ଓ ବାସ୍ତବଧର୍ମୀ ତଥା ଚେତନଧର୍ମୀ ହେବା ତା'ର ମୌଳିକତା। ବିଶିଷ୍ଟ ସାହିତ୍ୟିକ, ବିପ୍ଳବୀ ବଙ୍କିମ୍ ଚନ୍ଦ୍ର ଚାଟାର୍ଜୀଙ୍କ ଭାଷାରେ, ''ପ୍ରବନ୍ଧଗୁଡ଼ିକ ଏମିତି ଭାଷାରେ ଲେଖାଯିବା ଉଚିତ, ଯେମିତିକି ପାଠକମାନଙ୍କ ହୃଦୟକୁ ଛୁଇଁବ ଏବଂ ପାଠକମାନେ ତାକୁ ବାରମ୍ବାର ପଢ଼ିବାରେ ଆନନ୍ଦ ଉପଲବ୍ଧି କରିବେ। ଏଭଳି ଉତ୍କୃଷ୍ଟ ଲେଖା ଲେଖିବାରେ ଯେଉଁମାନେ କର୍ତ୍ତୃତ୍ୱ ହାସଲ କରିଥାନ୍ତି, ସେମାନଙ୍କ ସାରସ୍ୱତ ସୃଷ୍ଟିକୁ ଦୁନିଆ ଏତେଶୀଘ୍ର ଭୁଲିପାରେନା। ମାତ୍ର, ଏମାନଙ୍କ ସଂଖ୍ୟା ଅତିସ୍ୱଳ୍ପ, ଅତିବେଶିରେ ଅଧା ଡଜନ ହେବ।'

ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ସ୍ତମ୍ଭ ବଢ଼ାଇଥାଏ ପତ୍ରପତ୍ରିକାର 'ମାନ' କୁ ଏବଂ ବଢ଼ାଇଥାଏ ସମ୍ପାଦକଙ୍କ ମର୍ଯ୍ୟାଦାକୁ। ଯେଉଁ କାଗଜର ସ୍ତମ୍ଭ ଯେତିକି ବଳିଷ୍ଠ, ସେହି କାଗଜର ସଚେତନ ଶ୍ରେଣୀୟ ପାଠକ, ଛାତ୍ରୀ-ଛାତ୍ର ଓ ବୁଦ୍ଧିଜୀବୀମାନଙ୍କ ସଂଖ୍ୟା ସେତେ ଅଧିକ। ଭୌତିକ ବିକାଶ ସହିତ ତାଳ ଦେଇ ଆଜି ଚାଲୁଛି ଅରାଜକତା ଓ ଅସାମାଜିକତା। ସେଥିପାଇଁ ସମସ୍ତେ ଉଦ୍‌ବିଗ୍ନ। ଏଭଳିସ୍ଥଳେ ସୁସ୍ଥ ଓ ସୁନ୍ଦର ସମାଜ ପାଇଁ ସାହିତ୍ୟର ଲୋକପ୍ରିୟତା ବଢ଼ିବା ନିହାତି ଜରୁରୀ। ବିଶେଷକରି ସ୍ତମ୍ଭର ଚାହିଦା ବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖେ। ସେଇଥିପାଇଁ ତ ଜନସାଧାରଣଙ୍କ ମନରେ ସ୍ତମ୍ଭ ପ୍ରତି ଆଦର ଓ ଆଗ୍ରହ ବଢ଼ାଇବା ସହିତ ସ୍ତମ୍ଭକାରମାନଙ୍କୁ ଉତ୍ସାହିତ କରିବାକୁ ଜାତୀୟସ୍ତରରେ ପ୍ରତିବର୍ଷ ଏପ୍ରିଲ ୧୮ ରେ ପାଳିତ ହୋଇଆସୁଛି 'ଜାତୀୟ ସ୍ତମ୍ଭକାର ଦିବସ।' ସ୍ୱଳ୍ପସଂଖ୍ୟାରେ ହେଲେ ବି ଖୁସିର କଥା ଯେ, ସ୍ତମ୍ଭ ସାହିତ୍ୟ ଓ ସ୍ତମ୍ଭକାରଙ୍କ ଉପରେ ଛାତ୍ରୀଛାତ୍ରମାନେ ପିଏଚ୍‌ଡି କରିବାକୁ ଆଗେଇ ଆସିଲେଣି ଆଜି। ଉତ୍କଳ ସାହିତ୍ୟ ସମାଜ, ଫକୀର ମୋହନ ସାହିତ୍ୟ ପରିଷଦ, ଭଦ୍ରାଣୀ ସାହିତ୍ୟ ସଂସଦ ଆଦି ରାଜ୍ୟର କେତେକ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆଗେଇ ଆସିଲେଣି ସ୍ତମ୍ଭକାରମାନଙ୍କୁ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରି ଯଥୋଚିତ ଉତ୍ସାହିତ କରିବାକୁ। ଏଭଳିସ୍ଥଳେ ସାହିତ୍ୟର ଏକା ଭୂମିକା ନିରୁତ୍ସାହଜନକ। ସ୍ତମ୍ଭ ସାହିତ୍ୟ ଓ ସ୍ତମ୍ଭକାରମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବାରେ ସାହିତ୍ୟ ଏକା ବିଫଳ; ଯାହାକି ଦୁର୍ଭାଗ୍ୟପୂର୍ଣ୍ଣ। ଆଜି ଦିନରେ ଆଗଧାଡ଼ିର ଦୈନିକ ଖବରକାଗଜଗୁଡ଼ିକରେ ଯେଉଁପ୍ରକାର ଉଚ୍ଚମାନର ସ୍ତମ୍ଭ ପ୍ରକାଶ ପାଉଛି, ସେସବୁକୁ ଯଦି ଛାତ୍ରୀଛାତ୍ରଙ୍କୁ ପଢ଼ିବାକୁ ବାଧ୍ୟ କରାଯା'ନ୍ତା, ସ୍କୁଲ କଲେଜରେ ସ୍ତମ୍ଭ ସାହିତ୍ୟ ଉପରେ ପ୍ରଶ୍ନପତ୍ର ତିଆରି ହୁଅନ୍ତା, ତେବେ ସମାଜରେ ଅନେକ ସୁଧାର ଆସିପାରନ୍ତା। ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା ହେଲା ସ୍ତମ୍ଭ କେବଳ ଚେତନାର ସ୍ତରକୁ ପ୍ରସାରିତ କରି ନ ଥାଏ, ଇତିହାସର ଐତିହ୍ୟରୁ ପୁରାଣର ପେଡ଼ିଯାଏ ଆମ ଜ୍ଞାନଭଣ୍ଡାରକୁ ବୃଦ୍ଧି କରିଥାଏ। ଏଣୁ ଆସନ୍ତୁ ସଂଜୀବନୀ ସଦୃଶ ଉପଯୋଗୀ ସ୍ତମ୍ଭଗୁଡ଼ିକୁ ଆଗ୍ରହର ସହ ପଢ଼ିବା।

**ମୋ: ୯୪୩୭୪୩୬୦୭୩**

## ପାଠକ ଶ୍ରେଷ୍ଠ ବିଚାରକ

### ଏବେଠୁ ଉତ୍କଟ ପାଣି ସମସ୍ୟା

ମହାଶୟ,

ଖରା ଆରମ୍ଭରୁ ଶୁଖିଗଲାଣି ନଦୀନାଳ। ପୁରୀ ଜିଲା ସତ୍ୟବାଦୀ ବ୍ଲକ ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଚାଷବାସ କଥା ଦୂରେ ଥାଉ ପିଇବାକୁ ପାଣି ଟୋପେ ପାଇବା କଷ୍ଟକର ହେଲାଣି। ନଦୀଜଳ ପରିଚାଳନାରେ ଅବ୍ୟବସ୍ଥା କାରଣରୁ ଆଗାମୀ ଦିନରେ ଏହି ସମସ୍ୟା ଜଟିଳ ହେବା ଆଶଙ୍କା ରହିଛି। କାଁ ଭାଁ କେଉଁଠି ପାଣି ଟିକେ ଦେଖିବାକୁ ମିଳୁଛି। ବର୍ଷା ନ ହେଲେ ମେ' ଓ ଜୁନ ବେଳକୁ ଏହା ସମ୍ପୂର୍ଣ୍ଣ ଶୁଖିଯିବାର ଆଶଙ୍କା ରହିଛି। କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିଥିଲେ ଯେ, ଡିସେମ୍ବର ୨୦୨୪ ସୁଦ୍ଧା ପ୍ରତି ଗାଁରେ ଘରେ ଘରେ ପାଇପ ପାଣି ଯୋଗାଣ ହେବ। ଲୋକେ ଟ୍ୟାପ ଖୋଲିଲେ ବିଶୁଦ୍ଧ ପାଣି ପାଇବେ। ହେଲେ ଓଡ଼ିଶା (ରାଜ୍ୟ)ରେ ତାହା ସମ୍ଭବ ହେଉନି। ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୨୦୧୯ରୁ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେଉଥିଲେ ବି ଏପର୍ଯ୍ୟନ୍ତ ସରିନାହିଁ। ପୁରୀ ଜିଲାରେ ୭ଟିରୁ ଗୋଟିଏ ପ୍ରକଳ୍ପ ଶେଷ ହୋଇଛି। ୩୦ଟି ଜିଲାରୁ ୨୧ଟି ଜିଲାରେ ଗୋଟିଏ ବି ମେଗା ପାନୀୟ ଜଳ ପ୍ରକଳ୍ପ ଶେଷ ହୋଇନି। ଗାଁରେ ଏବେ ପାନୀୟ ଜଳ ସଙ୍କଟ ରାଜନୈତିକ ଦଳ ପାଇଁ ମୁଣ୍ଡବିନ୍ଧାର କାରଣ ହେଲାଣି।

–ଦେବଭକ୍ତି ମିଶ୍ର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଲବଣ ଜୁଆର ଯେବେ ପେଶଇ ସାଗର
ବକ୍ଷ ତୋର ଯଉବନେ ହୁଏ ଜର ଜର,
ମରମ ହୁଏ ଆକୁଳ
ସେ ଯୌବନରାଶି ତୁ ଲୋ
ନିବେଦନ କରୁ କାହା ଚରଣତଳର ?
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ନନ୍ଦନକାନନରେ ଅଂଶୁଘାତରେ ଜଙ୍ଗଲୀ କୁକୁର ମୃତ

ବାରଙ୍ଗ,(ଲିଙ୍ଗରାଜ ରାଉତ): ନନ୍ଦନକାନନ ପ୍ରାଣୀଉଦ୍ୟାନରେ ପ୍ରଥମ କରି ଅଂଶୁଘାତରେ ଗୋଟିଏ ମାଈ ଜଙ୍ଗଲୀ କୁକୁରର ବୁଧବାର ମୃତ୍ୟୁ ଘଟିଛି। ରୌଦ୍ର ତାପରେ ସାରା ଓଡ଼ିଶା ସିଝୁଥିବାବେଳେ ପ୍ରାଣୀଉଦ୍ୟାନର ୧୯ ନଂ. ଏନ୍‌କ୍ଲୋଜରରେ ଏହି କୁକୁରଟି ବିଚରଣ କରୁଥିଲାବେଳେ ପ୍ରଚଣ୍ଡ ରୌଦ୍ରତାପରେ କୁକୁରଟି ସହ୍ୟ କରିପାରି ନ ଥିଲା। ହଠାତ୍ ଏନ୍‌କ୍ଲୋଜରରେ ଟଳି ପଡ଼ିଥିଲା। ଏହାର ମୃତ୍ୟୁ ପରେ ପ୍ରାଣୀ ଉଦ୍ୟାନରେ ଆଉ ଗୋଟିଏ ଅଣ୍ଡିରା ଜଙ୍ଗଲୀ କୁକୁର ରହିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଭୋଟର ସଚେତନତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୧୭।୪ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ଅଧୀନ କୃଷ୍ଣପ୍ରସାଦ ବ୍ଲକର କନ୍ଦାଖାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରୋଗ୍ରାମିଂ ଅଫିସର ଇଂଲିଶ ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ବାରିକ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରାଧ୍ୟାପକ ରାଜକିଶୋର ସାମନ୍ତରାୟ, ଡ. ପ୍ରଭାତ ଆଚାର୍ଯ୍ୟ, ସୁରେଶ ଚନ୍ଦ୍ର ସୁବୁଦ୍ଧିରତ୍ନ, ଅଧ୍ୟାପକ ମଧୁସୂଦନ ସାହୁ, ଅଧ୍ୟାପିକା ସ୍ମିତା ମହାରଣା, ଚନ୍ଦନା ନାୟକ, ମୁଖ୍ୟ କିରାଣୀ ଦିଲ୍ଲୀପ ଦଳାଇ, ସୁକାନ୍ତ ଜେନା ପ୍ରମୁଖ ଯୋଗଦେଇ ପ୍ରତିଟି ଭୋଟର ମୂଲ୍ୟବାନ ବୋଲି କହିବା ସହିତ ନୂତନ ଭୋଟରମାନେ ନିଶ୍ଚିତ ମତଦାନ ପାଇଁ ସଂକଳ୍ପ ନେଇ ପ୍ରଥମ ମତଦାନକୁ ସ୍ମରଣୀୟ କରିବାକୁ ଅନୁରୋଧ କରାଯାଇଥିଲା। ପରେ ଛାତ୍ରଛାତ୍ରୀ ନିକଟ ଗ୍ରାମ ପରିକ୍ରମା କରି ଭୋଟର ସଚେତନତାର ବାର୍ତ୍ତା ଦେଇଥିଲେ।

### ୨୧୪୯ ଲିଟର ମଦ ଜବତ, ଜଣେ ଗିରଫ

ବାଣପୁର,୧୭।୪(ଦିଲୀପ ସ୍ୱାଇଁ)

ବାଲୁଗାଁ ବାଣପୁର ଥାନା ଅଞ୍ଚଳରେ ବୁଧବାର ପୋଲିସ, ଏପିଆର୍ ଫୋର୍ସ ଏବଂ ଅବକାରୀ ବିଭାଗର ମିଳିତ ଚଢ଼ାଉ କରାଯାଇ ମଦ ଜବତ ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଦାଶରଥିପୁର ଗ୍ରାମ ଏବଂ କୋଷରଡ଼ା ଜଙ୍ଗଲ ଅଞ୍ଚଳରୁ ୨୨ ହଜାର ଲିଟର ପୋଚ ଏବଂ ୨୧୦୦ ଲିଟର ଦେଶୀ ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ଅନୁରୂପ ଭାବେ ଦାଶରଥିପୁର (ପୋଡ଼ାସାହି) ଗ୍ରାମରୁ ୪୯ ଲିଟର ଦେଶୀ ମଦ ଜବତ କରାଯାଇଛି। ଉକ୍ତ ଚଢ଼ାଉରେ ଟାଙ୍ଗୀ ରେଞ୍ଜ ଅବକାରୀ ଜିଲା ମୋବାଇଲ ଇନ୍ସପେକ୍ଟର ବାଲୁଗାଁ ଅବକାରୀ ଅଧିକାରିଣୀ ସ୍ମିତା ପଣ୍ଡା ସାମିଲ ଥିଲେ।

### ପୋଖରୀରେ ବୁଡ଼ି ନାବାଳିକା ମୃତ

ଟାଙ୍ଗୀ–ଖୋର୍ଦ୍ଧା,୧୭।୪ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ହାଟବରଡି ବଡ଼ସାହିର ଜଣେ ନାବାଳିକା ବୁଧବାର ପୋଖରୀରେ ବୁଡ଼ିଯିବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଜୟ ବେହେରାଙ୍କ ଝିଅ ସୁଚିତ୍ରା (୯)। ଘଟଣାରୁ ପ୍ରକାଶ, ସୁଚିତ୍ରା ଟିଉସନରୁ ଫେରି ସକାଳ ୯ଟାରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ପୋଖରୀ ତୁଠରେ କେହି ନ ଥିବାବେଳେ ଗାଧୋଇବାବେଳେ ତାଙ୍କ ପାଦ ଖସି ପାଣିରେ ବୁଡ଼ି ଯାଇଥିଲେ। ସୁଚିତ୍ରାଙ୍କୁ ପୋଖରୀରୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ତେବେ ମେଡିକାଲରେ ପହଞ୍ଚିବା ପୂର୍ବରୁ ନାବାଳିକାଙ୍କ ମୃତ୍ୟୁ ହୋଇଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ପଠାଇଥିବା ଜଣାପଡ଼ିଛି।

### ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହେଲା ଗାଁଠୁ ସହର

ବାଲୁଗାଁ,୧୭।୪(ସଂଗ୍ରାମ ପାଇକରାୟ)

ବାଲୁଗାଁ ନିକଟ ଛେଡ଼ାପଦର ଗ୍ରାମରେ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଦିନ ବେଶ ଧୁମ ଧାମରେ ପାଳିତ ହୋଇଯାଇଛି। ସକାଳୁ ପୂଜାର୍ଚ୍ଚନା କରିବା ସହିତ କଳସ ଯାତ୍ରା ପୂରା ଗ୍ରାମ ପରିକ୍ରମା କରିଥଲା। ପରିକ୍ରମାରେ ମହିଳାଙ୍କଠାରୁ ଆରମ୍ଭ କରି ବୃଦ୍ଧ ବନିତା ପର୍ଯ୍ୟନ୍ତ ସମସ୍ତେ ଯୋଗ ଦେଇଥିଲେ। ପରେ ପୁରୁଣା ଜାତୀୟ ରାଜପଥରେ ଯା ଆସ କରୁଥିବା ସମସ୍ତ ପଥଚାରୀଙ୍କୁ ଦହି ପଣା ବଣ୍ଟା ଯାଇଥିଲା। ସନ୍ଧ୍ୟା ସମୟରେ ମଧ୍ୟ ଗ୍ରାମର ବୁଲେଟ୍ କ୍ଲବର ସଦସ୍ୟଙ୍କ ଦ୍ୱାରା ଶୋଭାଯାତ୍ରା ଓ ଆତସବାଜି କରାଯିବା ସହ ସମସ୍ତ ଅଞ୍ଚଳ ହରିବୋଲ, ହୁଳହୁଳି, ଜୟଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ସେହିପରି ବାଲୁଗାଁ ବଜାରସ୍ଥିତ ହନୁମାନ ମନ୍ଦିର ଏବଂ ମାମୁ ଭଣଜା ପାହାଡ଼ ପାଦ ଦେଶରେ ଅବସ୍ଥାପିତ ଶ୍ରୀ ସାଇ ମନ୍ଦିରରେ ମଧ୍ୟ ରାମ ନବମୀ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଦିନ ତମାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି।

# ରାମ ଜନ୍ମୋତ୍ସବ ପାଇଁ ଗାଁଠୁ ସହର ଉତ୍ସବମୁଖର

ଖୋର୍ଦ୍ଧା,୧୭।୪ (ପ୍ରଭାତ ପାଣିଗ୍ରାହୀ)



ଗାଁଠୁ ସହର ସବୁଠି ଉତ୍ସାହ ଓ ଉଲ୍ଲାସର ସହ ଶ୍ରୀରାମ ଜନ୍ମୋତ୍ସବ ପାଳନ କରାଯାଇଛି। ରାମ ମନ୍ଦିରଗୁଡ଼ିକରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଗଡଖୋର୍ଦ୍ଧାର ଶ୍ରୀରଘୁନାଥ, ଗୁରୁଜଙ୍ଗର ହନୁମାନ ମନ୍ଦିର, ଶ୍ରୀରାମ ନଗର ସ୍ଥିତ ଶ୍ରୀରାମ ମନ୍ଦିର, ଖୋର୍ଦ୍ଧା ସବ୍‌ଜେଲସ୍ଥିତ ହନୁମାନ ମନ୍ଦିର, ଜରିପୁଟସ୍ଥିତ ସଙ୍କଟ ମୋଚନ, ଦଳେଇପୁଟ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇଥିଲା। ସବୁଠି ଚାଲିଥିଲା ହୋମଯଜ୍ଞ, ପାରାୟଣ ପାଠ। ଶ୍ରୀରାମନଗରସ୍ଥିତ ରାମମନ୍ଦିର ଉନ୍ନୟନ ପରିଷଦ ଏବଂ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଶ୍ରୀରାମ ମନ୍ଦିରରେ ଶ୍ରୀରାମଙ୍କ ଜନ୍ମୋତ୍ସବ ଓ ଶୁଭାଧିବାସ ସହି ସ୍ୱତନ୍ତ୍ର ପୂଜାପାଠ କରାଯାଇଛି। ଆସନ୍ତା ୧୮ରୁ ୨୬ତାରିଖ ପର୍ଯ୍ୟନ୍ତ ତ୍ରିଂଶତମ ସାପ୍ତାହିକ ଉତ୍ସବ, ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ସାନ୍ଧ୍ୟ ପ୍ରବଚନ, ଜ୍ଞାନଯଜ୍ଞ ଆୟୋଜନ କରାଯାଇଛି ବୋଲି ସମ୍ପାଦକ ସର୍ବେଶ୍ୱର ଦାସ କହିଛନ୍ତି। ସେହିଭଳି ଜରିପୁଟ ସଙ୍କଟମୋଚନ ମନ୍ଦିରରେ ଭୋରରୁ ଦ୍ୱାରଫିଟା, ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ବଢି ସକାଳ ୭ଟାରୁ ଦର୍ଶନ ଚାଲିଥିଲା। ମଧ୍ୟାହ୍ନରେ ଭୋଗଲାଗି ପରେ କିଛି ସମୟ ପଟ୍ଟରୁ ହୋଇ ପୁଣି ଅପରାହ୍ନ ୩ଟାରେ ଠାକୁରଙ୍କ ସନ୍ଧ୍ୟା ଆଳତି ଦର୍ଶନ ପରେ ପାରାୟଣ, ପ୍ରବଚନ କାର୍ଯ୍ୟକ୍ରମ ରହିଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ଦିର ପରିଚାଳନା କମିଟି ସମ୍ପାଦକ ଦୟାନିଧି ରାଉତରାୟ କହିଛନ୍ତି। ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀରଘୁନାଥଦେବ ପରିଚାଳନା ସମିତି ଆନୁକୂଲ୍ୟରେ ଚାଲିଥିବା ପଞ୍ଚବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞ ଶ୍ରୀରାମ ନବମୀରେ ସମାପ୍ତ ହୋଇଛି। ବୁଧବାର ଶ୍ରୀରଘୁନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାବିଧି ଆୟୋଜିତ ହୋଇଥିଲା। ଶ୍ରୀରାମଙ୍କ ଜନ୍ମୋତ୍ସବ ପାଳିତ ହୋଇଥିଲା। ସାମାଜିକକର୍ମୀ ତପନ ସାମନ୍ତରାୟ କହିଛନ୍ତି, ପରିବାରର ସୁଖଶାନ୍ତି ସହ ବିଶ୍ୱର କଲ୍ୟାଣ କାମନା କରିଛି। ସେହିପରି ଶିକ୍ଷାବିତ୍ ମମତାଞ୍ଜଳି ପଟ୍ଟନାୟକ କହିଛନ୍ତି, ସକାଳୁ ପ୍ରଭୁଙ୍କ ଦର୍ଶନ କରି ଆତ୍ମସନ୍ତୋଷ ପାଇଛି। ଶୁଶାନ୍ତ ମୋହନ ପଟ୍ଟନାୟକ କହିଛନ୍ତି, ସମସ୍ତଙ୍କ ମଧ୍ୟରେ ଭାଇଚାରା ଓ ଶ୍ରଦ୍ଧାଭାବ ରହୁ। ସମସ୍ତଙ୍କ ଉପରେ ପ୍ରଭୁ ଶ୍ରୀରାମଙ୍କ ଆର୍ଶୀବାଦ କୃପା ବର୍ଷା ହେଉ ବୋଲି କାମନା କରୁଛି।

## ମନ୍ଦିରରେ ପୂଜାପାଠ, ସ୍ୱତନ୍ତ୍ର ନୀତି

# ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଲେ ମା' ବନଦୁର୍ଗା

ନିରାକାରପୁର,୧୭।୪ (ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ରାମେଶ୍ୱରଠାରେ ଥିବା ମା' ବନଦୁର୍ଗାଙ୍କ ପୀଠରେ ବାସନ୍ତିକ ଚୈତ୍ର ନବରାତ୍ରିର ନବମ ଦିବସରେ ବୁଧବାର ମା' ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚଦେବତା ପୂଜା, ଶୋଡ଼ଷ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ପଣ୍ଡିତ ତପନ ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଶୀ ଏଥିରେ ସହଯୋଗ କରିଥିଲେ। ଶିକ୍ଷାବିତ୍ ଡ. ସୁବାସ ଚନ୍ଦ୍ର ନାୟକ ତ୍ରିଦିବସୀୟ ଯଜ୍ଞର ପୂର୍ଣ୍ଣାହୁତି କରିଥିଲେ। ଡ. ଧରଣୀଧର ପାଣ୍ଡବଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ ଦିବ୍ୟ ବେଶ ଦର୍ଶନ କରିଥିଲେ।

# ଶ୍ରୀରାମ ନବମୀରେ ଉତ୍ସବମୁଖର ମନ୍ଦିର

ନିରାକାରପୁର,୧୭।୪ (ମାନସ ଚନ୍ଦ୍ର ପଟ୍ଟନାୟକ)

ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ନିରାକାରପୁର ପଞ୍ଚାୟତର ଶ୍ରୀରାମ ମନ୍ଦିର ଉତ୍ସବମୁଖର ହୋଇ ପଡ଼ିଥିଲା। ସକାଳୁ ଶ୍ରୀଜୀଉଙ୍କ ନୀତିକାନ୍ତି ଆଦି ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଭୁ ଶ୍ରୀରାମଙ୍କ ଦୁର୍ଲଭ ବେଶ ଦର୍ଶନ ନିମନ୍ତେ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରତ୍ୟୁଷରୁ ମନ୍ଦିରକୁ କ୍ରିୟାନୁଷ୍ଠାନ ପକ୍ଷରୁ ସଜେଇ ଦିଆଯାଇଥିଲା। ସ୍ଥାନୀୟ ମାରୁତି ମଣ୍ଡପରେ ଭଜନ, କୀର୍ତ୍ତନ, ହନୁମାନ ଚାଳିଶା ଦିନ ତମାମ ଚାଲୁ ରହିଥିଲା। ଏହି ନାମ ସଂକୀର୍ତ୍ତନ ସହ ହରିବୋଲ, ହୁଳହୁଳି ଓ ଜୟ ଶ୍ରୀରାମ ଧ୍ୱନିରେ ମନ୍ଦିର ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀରାମ ଭକ୍ତ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିଲେ। ଶେଷରେ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଭଜନ, କୀର୍ତ୍ତନ ପରେ ସମସ୍ତେ ସାମୂହିକ ପ୍ରସାଦ ସେବନ କରିଥିଲେ। ଏହି ଉପଲକ୍ଷେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାଯ୍ୟକ୍ରମ ଚାଲୁ ରହିଛି। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ସୁଚାର ରୂପେ ତୁଲାଇଥିଲେ। ସେହିପରି କାମାଗୁରୁ ପଞ୍ଚାୟତରେ ଥିବା ଚିତ୍ରକୂଟ ଆଶ୍ରମରେ ଦକ୍ଷିଣ କାମାଗୁରୁ ଗ୍ରାମବାସୀଙ୍କ ଦ୍ୱାରା ରାମ ନବମୀ ପାଳିତ ହୋଇଯାଇଛି। ଏହାକୁ ଅନୁଷ୍ଠାନ ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତି ଏବଂ ଗଙ୍ଗାଧର ଚମ୍ପତିରେ ପରିଚାଳନା କରିଥିଲେ।

# ମା' ଆଙ୍କୁଲେଇଶ୍ୱରୀଙ୍କ ଅଶୋକାଷ୍ଟମୀ ଯାତ୍ରା



ବାଣପୁର,୧୭।୪(ଦିଲିପ ସ୍ୱାଇଁ)

ବାଣପୁର ବ୍ଲକ ଅଧୀନ ଗମ୍ଭାରୀମୁଣ୍ଡା ବଜାରଠାରେ ମା' ଆଙ୍କୁଲେଇଶ୍ୱରୀଙ୍କ ଅଶୋକାଷ୍ଟମୀ ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୨ ଦିନ ଧରି ଯାତ୍ରା ଚାଲିବାକୁ ଥିବା ଏହି ଯାତ୍ରାରେ ସ୍ଥାନାଧିପତି ମା' ଆଙ୍କୁଲେଇଶ୍ୱରୀଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀଶ୍ରୀ ବାବା ଗାଦିଶ୍ୱର ଦେବ, ଶ୍ରୀଶ୍ରୀ ପତିତପାବନ, ମା' ବ୍ରାହ୍ମଣୀ ଦେବୀଙ୍କୁ ସାଙ୍ଗରେ ଧରି ପଡ଼ିଆ ମଧ୍ୟରେ ଆସନ ଗ୍ରହଣ କରିଥିଲେ। ଗମ୍ଭାରୀମୁଣ୍ଡା ଗ୍ରାମରୁ ବାହାରି ଗମ୍ଭାରୀମୁଣ୍ଡା ବଜାର ଶେଷପର୍ଯ୍ୟନ୍ତ ପ୍ରସେଶନ ସହିତ ପାଟ ପଟୁଆର ରଙ୍ଗବେରଙ୍ଗ ଆଲୋକ ମାଳ ଘୋଡ଼ା ନାଚ, ବାଘ ନାଚ, ଶଙ୍ଖ ଓ ତୁରି ହରିବୋଲ ହୁଳହୁଳି ଧ୍ୱନିରେ ପରିବେଶକୁ ଆଧ୍ୟାତ୍ମିକ କରିଥିଲା।

ମଙ୍ଗଳବାର ରାତ୍ରରୁ ଭକ୍ତଙ୍କ ଭିଡ଼ ଲାଗିରହିଥିବାବେଳେ ରାତ୍ର ଏଗାର ଘଣ୍ଟିକା ସମୟରେ ରାମ ନାଟକ ପରିବେଷଣ ସହିତ ବୁଧବାର ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଜମିଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଲୋକଙ୍କ ପାଇଁ ପାନୀୟ ଜଳ ବିତରଣ କେନ୍ଦ୍ର ଖୋଲାଯାଇ ଜଳ ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ସମୟରେ ଗମ୍ଭାରୀମୁଣ୍ଡା ଗ୍ରାମବାସୀ ତଥା ଯୁବଗୋଷ୍ଠିଙ୍କ ଦ୍ୱାରା ମେଳନ ଯାତ୍ରା ସମାପନ ହୋଇଥିଲା। ବହୁ ସଂଖ୍ୟକ ଲୋକଙ୍କ ସମାଗମକୁ ଦେଖି ପୋଲିସ ପ୍ରଶାସନ ପକ୍ଷରୁ ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସ ଅଧିକାରୀ କେଶବ ଚନ୍ଦ୍ର ବେହେରା, ନାଚୁଣୀ ଥାନାର ଏସ୍‌ଆଇ ଟୁକୁନା ଦାସ, ହାବିଲଦାର ମହେଶ୍ୱର ଦାସ ଶୃଙ୍ଖଳାର ସହିତ ସୁରକ୍ଷା ବ୍ୟବସ୍ଥା କରିଥିଲେ।

# ଭୁବନେଶ୍ୱର ବିମାନବନ୍ଦରୁ କେଜିଏ ସୁନା ଜବତ

## ମଳଦ୍ୱାର, ଘଣ୍ଟା ତଳେ ଲୁଚାଇ ରଖିଥିଲେ, ଚାଲାଣକାରୀ ଗିରଫ

ଭୁବନେଶ୍ୱର,୧୭।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ କଷ୍ଟମ ବିଭାଗ ଚଢ଼ାଉ କରି ଜଣେ ଯାତ୍ରୀଙ୍କଠାରୁ ୧ କେଜି ସୁନା ଜବତ କରିଛି। ଚାଲାଣକାରୀ ଜଣକ ମହାରାଷ୍ଟ୍ରର ବାସିନ୍ଦା ବୋଲି ଜଣାପଡିଛି। ସେ ବ୍ୟାଙ୍କକ୍‌ରୁ ବିମାନ ଯୋଗେ ଆସି ମଙ୍ଗଳବାର ଅପରାହ୍ନରେ ଏଠାରେ ଓହ୍ଲାଇବା ପରେ ଧରାପଡ଼ିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଜବତ ହୋଇଥିବା ସୁନା ମଧ୍ୟରେ ୩ଟି ସୁନା କ୍ୟାପସୁଲ ରହିଥିବାବେଳେ ତାହା ଅଭିଯୁକ୍ତଙ୍କ ମଳଦ୍ୱାରରୁ ବାହାରିଥିଲା। ଏଥିସହ ଆଉ ଏକ ସୁନା ମୁଦି ଓ ଘଣ୍ଟା ତଳେ ଲୁଚାଯାଇଥିବା ଏକ ସୁନା ଖଣ୍ଡ ରହିଛି। ସୁନା ଚାଲାଣ ନେଇ ଖବର ପାଇବା ପରେ କଷ୍ଟମ ବିଭାଗର ଗୋଇନ୍ଦା ୟୁନିଟ୍ ବିମାନ ବନ୍ଦରରେ ଚଢ଼ାଉ କରି ଧରିବାରେ ସଫଳ ହୋଇଥିଲା। ଏନେଇ କଷ୍ଟମ ବିଭାଗ ତଦନ୍ତ ଜାରି ରଖିଥିବା ସୂଚନା ଦିଆଯାଇଛି।

# ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଦିବସ, ମହାଶାନ୍ତି ଯଜ୍ଞ

ଯାଆଁଳା,୧୭।୪(ବୁଲା ବାରିକ)

ଜଟଣୀ ବ୍ଲକ ଆଙ୍ଗାରପଡ଼ା ପଞ୍ଚାୟତର ପଳାସପୁର ଗ୍ରାମର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ୧୦ମ ପ୍ରତିଷ୍ଠା ଦିବସ ସହ ମହାଶାନ୍ତି ଯଜ୍ଞ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ପୁରୋହିତ ପ୍ରଭଞ୍ଜନ ମହାପାତ୍ର ଏହି ମହାଶାନ୍ତି ଯଜ୍ଞ ଆରମ୍ଭ କରିଥିଲେ। ସୁସଜ୍ଜିତ ବିମାନରେ ଶ୍ରୀରଘୁନାଥ ଦେବଙ୍କୁ ଗ୍ରାମ ପ୍ରରିକ୍ରମା କରାଇଥିଲେ। ଏହାଛଡ଼ା ନାମସଂକୀର୍ତ୍ତନ ଭଜନ ଏବଂ ପ୍ରସାଦ ସେବନ ହୋଇଥିଲା। ଏହାକୁ କୈଳାସ ଚନ୍ଦ୍ର ସୁବୁଦ୍ଧି ପରିଚାଳନା କରିଥିଲେ। ଗ୍ରାମବାସୀ ଉକ୍ତ ଯଜ୍ଞରେ ରତିକାନ୍ତ ସୁବୁଦ୍ଧି ଏବଂ ସ୍ତ୍ରୀ ବୀଣାପାଣି ସୁବୁଦ୍ଧି କର୍ତ୍ତା ଓ କର୍ତ୍ତ୍ରୀ ଥିଲେ।

**ଦ.ପୂ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ଡି-୬୪୫-ଏଫ୍‌ଓବି-ଜିଏମ୍‌ଏଚ୍, (୨) ସିକେପି-୬୪୬-ଏଫ୍‌ଓବି-ସିକେପି, ତାରିଖ: ୧୭।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଡି), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ନାମ: (୧)** ଦକ୍ଷିଣ ପୂର୍ବ ରେଳପଥର ସିକେପି ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା (ଏବିଏସ୍‌ଏସ୍) ଅଧୀନରେ ଜିଏମ୍‌ଏଚ୍ ଷ୍ଟେଶନଠାରେ ଏଫ୍‌ଓବି (୧୨ ମିଟର ପ୍ରସ୍ଥ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ପରିବର୍ତ୍ତନ କାର୍ଯ୍ୟ। **(୨)** ଦକ୍ଷିଣ ପୂର୍ବ ରେଳପଥର ସିକେପି ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା (ଏବିଏସ୍‌ଏସ୍) ଅଧୀନରେ ସିକେପି ଷ୍ଟେଶନଠାରେ ଏଫ୍‌ଓବି (୧୨ ମିଟର ପ୍ରସ୍ଥ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ପରିବର୍ତ୍ତନ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୪୮,୮୩,୩୪୮.୪୯ (କ୍ର.ସଂ. ୧ ପାଇଁ) ଏବଂ ₹୪୧,୦୫,୪୧୭.୮୨ (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୯୭,୭୦୦/- (କ୍ର.ସଂ. ୧ ପାଇଁ) ଏବଂ ₹୮୨,୧୦୦/- (କ୍ର.ସଂ. ୨ ପାଇଁ)। **ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ୯ ମାସ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୧୪।୦୫।୨୦୨୪ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୧୪।୦୫।୨୦୨୪ରିଖ ୧୫.୩୦ ଘଟିକା। **ଇ-ଟେଣ୍ଡର ଖୋଲାଯିବାର ସ୍ଥାନ:** ସିନିୟର ଡିଇଇ/ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ। ଇ-ଟେଣ୍ଡର ୱେବସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-49)

# ଶ୍ରୀରାମ ନବମୀରେ ବିଶାଳ ଶୋଭାଯାତ୍ରା

ଟାଙ୍ଗୀ–ଖୋର୍ଦ୍ଧା,୧୭।୪(ରଘୁନାଥ ସାହୁ)




ଟାଙ୍ଗୀ ବ୍ଲକର ବିଭିନ୍ନ ଗ୍ରାମରେ ଉତ୍ସାହ ଉଦ୍ଦୀପନାର ସହ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ରାମଚନ୍ଦ୍ରପୁର ପଞ୍ଚାୟତର ଝରିଆ ଗ୍ରାମରେ ବିଜେ ପ୍ରସିଦ୍ଧ ଶ୍ରୀଶ୍ରୀ ରଘୁନାଥଦେବ ମନ୍ଦିର, ଟାଙ୍ଗୀର ଶ୍ରୀରଘୁନାଥ, ଟାଙ୍ଗୀ ବଡ଼ପାଇକ ସାହିର ଶ୍ରୀରଘୁନାଥ ମନ୍ଦିର, ନିରାକାରପୁରସ୍ଥିତ ଶ୍ରୀରାମ ମନ୍ଦିର, କମାଗୁରୁ ଶ୍ରୀରାମ ମନ୍ଦିର ପରିସରରେ ଶହ ଶହ ସଂଖ୍ୟକ ଭକ୍ତଙ୍କ ସମାଗମରେ ଏହି ଉତ୍ସବ ପାଳିତ ହୋଇ ପ୍ରତ୍ୟେକ ମନ୍ଦିରରେ ସନ୍ଧ୍ୟା ସମୟରେ ଭକ୍ତଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ସେହିପରି ପବିତ୍ର ଶ୍ରୀରାମ ନବମୀ ଅବସରରେ ଏକ ବିଶାଳ ଶୋଭାଯାତ୍ରା କନ୍ଧ ନୟାଗଡ଼ ହନୁମାନ ମନ୍ଦିରଠାରୁ ବାହାରି ଟାଙ୍ଗୀ ଗ୍ରାମ ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ୫ଶହରୁ ଊର୍ଦ୍ଧ୍ୱ ଲୋକେ ବାଇକ୍ ରାଲିରେ ଶ୍ରୀରାମ ଧ୍ୱନି ନାରା ଦେଇ ପରିକ୍ରମା କରିଥିଲେ। ଶୋଭାଯାତ୍ରା ସମୟରେ ଗ୍ରାମବାସୀଙ୍କ ତରଫରୁ ପୂଜାର୍ଚ୍ଚନା କରାଯାଇଥିଲା। ଚାନ୍ଦପୁର ପୋଲିସ ଓ ଟାଙ୍ଗୀ ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ପରିସ୍ଥିତି ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଚନ୍ଦ୍ରଶେଖରପୁର ଜିଏ ପ୍ଲଟ୍ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧.୩୦ ଘଟିକା ପର୍ଯ୍ୟନ୍ତ ଏବଂ ଲିଙ୍ଗରାଜ ଷ୍ଟେସନ ଅଞ୍ଚଳ, ଭୀମଟାଙ୍ଗି ବିଡିଏ କଲୋନୀ ଫେଜ୍-୧, ହାଉସିଂ ବୋର୍ଡ ଅଞ୍ଚଳ, ପୁରୁଣା ଗେଟ୍ ଅଞ୍ଚଳ, ଅଳକା ଦାସ ଲେନ୍, ଭୀମକୁଣ୍ଡ, ପୂର୍ଣ୍ଣିମା ଗେଟ୍, ଭୀମଟାଙ୍ଗି ଓଏଚଏସବି କଲୋନୀ, ସେଣ୍ଟ୍ରାଲ ପଲ୍ଟ୍ରି ଫାର୍ମ ଅଞ୍ଚଳ, ତଲଗଡ଼ ଗାଁ, ସାନ ମୁଣ୍ଡଳି, ବଡ଼ ମୁଣ୍ଡଳି, ବେରସୁଆ, ବେରଣା ଓ ଜଟମୁଣ୍ଡିଆ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ ।

**ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡ଼ିଏଲ**

# ବିଜେଡି ପାଳିଲା ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ

## ତିଳତର୍ପଣ କଲେ ବିଧାୟକ ପ୍ରାର୍ଥୀ, ସମର୍ଥକ

ଜଟଣୀ,୧୭।୪(ରବିନ୍ଦ୍ରନାଥ ମହାକୁଡ଼)



ପ୍ରବାଦପୁରୁଷ ବିଜୁ ପଟନାୟକଙ୍କ ଶ୍ରାଦ୍ଧ ଦିବସ ବୁଧବାର ଜଟଣୀ ପୌରାଞ୍ଚଳରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାର ଗ୍ରାମସ୍ଥ ପୋଖରୀ କୂଳରେ ଜଟଣୀ ନଗର ବିଜେଡି ପକ୍ଷରୁ ଆୟୋଜିତ ଶ୍ରାଦ୍ଧ ଦିବସରେ ସାମୂହିକ ତିଳତର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ତଥା ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ ପ୍ରଥମେ ତିଳତର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ବିଜେଡି, ଯୁବ ବିଜେଡି, ଛାତ୍ର ବିଜେଡିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ପରେ ଏକ ଶୋଭାଯାତ୍ରାରେ ଯାଇ ସ୍ଥାନୀୟ ମା' ଉତ୍ତରାୟଣୀ ମନ୍ଦିରରେ ସାମୂହିକ ପୂଜାର୍ଚ୍ଚନା ପରେ ଉତ୍ତରାୟଣୀ ପ୍ରେକ୍ଷାଳୟରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ସଭାରେ ଜିଲା ବିଜେଡି ସଭାପତି ତଥା ବିଧାୟକ ପ୍ରାର୍ଥୀ ବିଭୁତିଭୂଷଣ ବଳବନ୍ତରାୟ, ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ, ଉପସଭାପତି ବିଜୟକୁମାର ଛୋଟରାୟ, ସୁଦର୍ଶନ ସୁନ୍ଦରାୟ, ଉମା ପଟ୍ଟନାୟକ, ସମ୍ପାଦକ ଅନନ୍ତ ଶତପଥି, ମନମୋହନ ରାଉତରାୟ, ଜଟଣୀ ନଗରପାଳ ଅନନ୍ତ ବେହେରା, ନମିତା ପାଳ, ଲକ୍ଷ୍ମୀଧର ବିଶ୍ୱାଳଙ୍କ ସହିତ ବହୁ ନେତା ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶେଷରେ ଶଶାଙ୍କ ଶେଖର ରାୟ ଧନ୍ୟବାଦ ଦେଇଥିଲେ।

**राष्ट्रीय विज्ञान शिक्षा एवं अनुसंधान संस्थान भुवनेश्वर**
**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**
परमाणु ऊर्जा विभाग, भारत सरकार का एक स्वयंशासित संस्थान
AN AUTONOMOUS INSTITUTE UNDER DAE, GOVERNMENT OF INDIA

**ADMISSION TO MASTERS PROGRAM IN MEDICAL AND RADIOLOGICAL PHYSICS**

**The National Institute of Science Education and Research (NISER) Bhubaneswar,** invites applications from interested candidates for the **M. Sc. program in Medical and Radiological Physics** at the **Centre for Medical and Radiation Physics, NISER, Odisha, India.**

**PROGRAM DETAILS**

| | |
|---|---|
| **Degree awarding institute** | Homi Bhabha National Institute, Mumbai and NISER |
| **Duration of the course** | 2 years Master's program and 1-year mandatory internship. |
| **Total No. of seats** | 10 |
| **Minimum qualification and selection** | 60% marks in B. Sc with physics as a main course and JAM 2024 / JEST 2024 scorecards. The shortlisting will be based on JAM 2024 / JEST 2024 marks, followed by interview for selection. |
| **Fellowship** | Rs. 16,000/- p.m. + HRA and mentorship grant as per DAE rules, during master's program. |
| **Internship hospitals as per AERB guidelines** | All India Institute of Medical Sciences, Bhubaneswar, Acharya Harihara Post Graduate Institute of Cancer, Cuttack and Tata Memorial Centre. |

More details about the program are available at: **https://www.niser.ac.in/cmrp/**

**HOW TO APPLY**

See announcements section of NISER website **https://www.niser.ac.in/** or Scan the **QR** code

**IMPORTANT DATES**

| | |
|---|---|
| **Last date of online application** | 15th May 2024 |
| **Date of interview** | 1st - 4th July 2024 |
| **Announcement of final selection list** | 5th July 2024 |

**ADDRESS FOR CORRESPONDENCE**

Centre for Medical and Radiation Physics, NISER, Jatni-50, Odisha, India
**Email : cmrp@niser.ac.in**

# ରାମ ଭକ୍ତିରେ ଭିଜିଲା ରାଜଧାନୀ



ଭୁବନେଶ୍ୱର ରାମ ମନ୍ଦିର ଆଗରେ ଭକ୍ତଙ୍କ ଗହଳି।



ରାମ, ଲକ୍ଷ୍ମଣ ଓ ସୀତାଙ୍କ ପ୍ରତିମୂର୍ତ୍ତିକୁ ଫୁଲରେ ସଜାଯାଇଛି।



ରାମ ମନ୍ଦିର ପରିସରରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମ।



ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବାଇକ୍ ଶୋଭାଯାତ୍ରା।

**ଭୁବନେଶ୍ୱର,୧୭।୪(ଶର୍ମିଷ୍ଠା ପାଣିଗ୍ରାହୀ)**

ରାମ ନବମୀ ପାଇଁ ସବୁଠି ଉତ୍ସାହ। ବର୍ଷକୁ ବର୍ଷ ରାମନବମୀକୁ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ବୁଧବାର ରାମନବମୀ ଉପଲକ୍ଷେ ରାଜ୍ୟର ଅନେକ ସ୍ଥାନରେ ଏହାକୁ ଏକ ଉତ୍ସବ ଭାବେ ପାଳନ କରାଯାଇଛି। ବିଶେଷକରି ଯୁବପିଢ଼ି ପ୍ରଭୁ ରାମଙ୍କର ଏହି ଦିନକୁ ପାଳନ କରିବାକୁ ଅଧିକ ଆଗ୍ରହୀ ହେଉଛନ୍ତି। ରାମନାମ ନାରାରେ କମ୍ପି ଉଠିଛି ସହରଠୁ ଗାଁ। ରାମମୟ ହୋଇପଡ଼ିଛି ସମଗ୍ର ରାଜଧାନୀ। ରାଜଧାନୀରେ ଥିବା ରାମ ମନ୍ଦିର ରାମନବମୀ ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲା। ସକାଳୁ ରାତି ଯାଏ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଅସହ୍ୟ ତାତି ସହ ଶ୍ରଦ୍ଧାଳୁମାନେ ଲମ୍ବା ଲାଇନ ଲଗାଇ ରାମଙ୍କ ଦର୍ଶନ କରିଥିଲେ। ରାମ ଭକ୍ତିରେ ଭିଜିଛି ରାଜଧାନୀ। ରାମ ମନ୍ଦିରରେ ହନୁମାନ, ରାମ ବେଶ ସହ ରାମଚରିତ ମାନସ ପାଠ କରାଯାଇଥିଲା। ଭଜାଣ, ଜଣାଣ, ରାମନାମରେ ଆଧ୍ୟାତ୍ମିକ ପରିସର ସୃଷ୍ଟି ହୋଇଥିଲା। ସେହିପରି ରାସ୍ତାରେ ଶୋଭାଯାତ୍ରା ଦେଖିବାକୁ ମିଳିଥିଲା। ରାମ ମନ୍ଦିର ସହ ଅନ୍ୟ ସ୍ଥାନରେ ଥିବା ମନ୍ଦିରଗୁଡ଼ିକରେ ଆକର୍ଷଣୀୟ ସାଜସଜ୍ଜା ସହ ଗେରୁଆ ରଙ୍ଗର ପତାକା ଅନନ୍ୟ ଆକର୍ଷଣ ସୃଷ୍ଟି କରୁଥିଲା। ପ୍ରସାଦ ସେବନ ଓ ପଣା ବଣ୍ଟନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।





## ଭୁବନେଶ୍ୱର ବିମାନବନ୍ଦରରୁ କେଜିଏ ସୁନା ଜବତ



### ମଳଦ୍ୱାର, ଘଣ୍ଟା ତଳେ ଲୁଚାଇ ରଖିଥିଲେ, ଚାଲାଣକାରୀ ଗିରଫ

**ଭୁବନେଶ୍ୱର,୧୭।୪ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ କଷ୍ଟମ ବିଭାଗ ଚଢ଼ାଉ କରି ଜଣେ ଯାତ୍ରୀଙ୍କଠାରୁ ୧ କେଜି ସୁନା ଜବତ କରିଛି। ଚାଲାଣକାରୀ ଜଣକ ମହାରାଷ୍ଟ୍ରର ବାସିନ୍ଦା ବୋଲି ଜଣାପଡ଼ିଛି। ସେ ବ୍ୟାଙ୍କକ୍‌ରୁ ବିମାନ ଯୋଗେ ଆସି ମଙ୍ଗଳବାର ଅପରାହ୍ଣରେ ଏଠାରେ ଓହ୍ଲାଇବା ପରେ ଧରାପଡ଼ିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଜବତ ହୋଇଥିବା ସୁନା ମଧ୍ୟରେ ୩ଟି ସୁନା କ୍ୟାପସୁଲ ରହିଥିବାବେଳେ ତାହା ଅଭିଯୁକ୍ତଙ୍କ ମଳଦ୍ୱାରରୁ ବାହାରିଥିଲା। ଏଥିସହ ଆଉ ଏକ ସୁନା ମୁଦି ଓ ଘଣ୍ଟା ତଳେ ଲୁଚାଯାଇଥିବା ଏକ ସୁନା ଖଣ୍ଡ ରହିଛି। ସୁନା ଚାଲାଣ ନେଇ ଖବର ପାଇବା ପରେ କଷ୍ଟମ ବିଭାଗର ଗୋଇନ୍ଦା ୟୁନିଟ୍ ବିମାନ ବନ୍ଦରରେ ଚଢ଼ାଉ କରି ଧରିବାରେ ସଫଳ ହୋଇଥିଲା। ଏନେଇ କଷ୍ଟମ ବିଭାଗ ତଦନ୍ତ ଜାରି ରଖିଥିବା ସୂଚନା ଦିଆଯାଇଛି।

## ଦେବଦେବୀଙ୍କ ଆଶୀର୍ବାଦ ନେଲେ ସୁଶାନ୍ତ

**ବାଲିଅନ୍ତା,୧୭।୪(ନୀଳମାଧବ ସାହୁ)**

ରାମନବମୀ ଅବସରରେ ବୁଧବାର ଭୁବନେଶ୍ୱରରେ ଉତ୍ତର ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମ ଓ ସାହିରେ ରାମ ନବମୀ ମହୋତ୍ସବ ଓ ଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ପୁଣି ଥରେ ବିଜେଡିର ବିଧାୟକ ପ୍ରାର୍ଥୀ ହୋଇଥିବା ବର୍ତ୍ତମାନର ବିଧାୟକ ସୁଶାନ୍ତ ରାଉତ ୧୦ରୁ ଊର୍ଦ୍ଧ୍ୱ ଯଜ୍ଞ କାର୍ଯ୍ୟକ୍ରମ ଓ ମନ୍ଦିରର ବାର୍ଷିକୋତ୍ସବକୁ ଯାଇ ବିଭିନ୍ନ ଦେବଦେବୀଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରଥମେ ୧୮ ନଂ. ୱାର୍ଡର କିମ୍ବାରିଆ ବିଜୁ ଆଦର୍ଶ କଲୋନୀସ୍ଥିତ ଶ୍ରୀ ରାମ ମନ୍ଦିର ର ବାର୍ଷିକୋତ୍ସବ ଓ ଯଜ୍ଞରେ ଯୋଗଦାନ କରିଥିଲେ। ସେଠାରେ ଉପସ୍ଥିତ ଶ୍ରଦ୍ଧାଳୁ ଓ ଶୁଭେଚ୍ଛୁମାନେ ବିଧାୟକ ସୁଶାନ୍ତ ପୁଣି ଥରେ ବିଧାୟକ ଭାବେ ନିର୍ବାଚିତ ହେବାକୁ ପ୍ରଭୁ ଶ୍ରୀରାମଙ୍କ ନିକଟରେ ହରିବୋଲ ହୁଳହୁଳି ଦେଇଥିଲେ। ପରେ ଜିଜିପି ଏନ୍‌କ୍ଲେଭସ୍ଥିତ ମା' ତାରିଣୀ ଓ ବାବା ଆଖଣ୍ଡଳମଣି ମନ୍ଦିରକୁ ଯାଇ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ପାଣ୍ଡରା ଗ୍ରାମର ସାଇ ବାବା ମନ୍ଦିରକୁ ଯାଇ ଆଶିଷ ଭିକ୍ଷା କରିଥିଲେ।

## 'ଶିକ୍ଷା, ଚିକିତ୍ସା, ବୈଚାରିକ ସ୍ୱାଧୀନତା ମିଳିବା ବାକି ରହିଛି'

**ଭୁବନେଶ୍ୱର,୧୭।୪ (ଅନୁରାଧା ମହାରଣା)**

### ପତଞ୍ଜଳି 'ଛତ୍ରପତି ଶିବାଜୀ ମହାରାଜ କଥା'ର ଅଷ୍ଟମ ଦିନ



ଦେଶକୁ ସ୍ୱାଧୀନତା ମିଳିଯାଇଛି। ମାତ୍ର ଶିକ୍ଷା, ଚିକିତ୍ସା, ଆର୍ଥିକ ଓ ସାଂସ୍କୃତିକ ବୈଚାରିକ ସ୍ୱାଧୀନତା ମିଳିବା ବାକି ରହିଛି। ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠ–୨ସ୍ଥିତ ଯୋଗଭବନରେ ଆୟୋଜିତ 'ଛତ୍ରପତି ଶିବାଜୀ ମହାରାଜ କଥା'ର ଅଷ୍ଟମ ଦିନରେ ଯୋଗଦେଇ ଯୋଗଗୁରୁ ରାମଦେବ ଏପରି ମତ ରଖିଛନ୍ତି। ସେହିଭଳି ଛତ୍ରପତି ଶିବାଜୀଙ୍କ ବୀରତ୍ୱର ଗାଥା ଶୁଣାଉଥିବା ସ୍ୱାମୀ ଗୋବିନ୍ଦଦେବ ଗିରି କହିଛନ୍ତି, ଶିବାଜୀ କେବେ କୌଣସି ଧର୍ମର ପ୍ରାର୍ଥନାସ୍ଥଳ ଭାଙ୍ଗି ନାହାନ୍ତି, ପରନ୍ତୁ ଯେଉଁଠାରେ ମନ୍ଦିର ଭଙ୍ଗାଯାଇ ଅନ୍ୟ ଧର୍ମର ପ୍ରାର୍ଥନାସ୍ଥଳ କରାଯାଇଛି ସେଠାରେ ସେ ମନ୍ଦିର ପୁନଃ ସ୍ଥାପନା କରିଛନ୍ତି। ଶିବାଜୀ ତିରୁବଣାମଲଇରେ ଦୁଇଟି ଦେବାଳୟର ପୁନଃସ୍ଥାପନା କରିଥିବା ନେଇ ଇତିହାସ ସାକ୍ଷୀ ରହିଥିବା ସେ କହିଛନ୍ତି।

କାର୍ଯ୍ୟକ୍ରମରେ ପତଞ୍ଜଳି ପରିବାରର ବରିଷ୍ଠ ସଦସ୍ୟ ପଦ୍ମସେନ୍ ଆର୍ଯ୍ୟ, ଆଚାର୍ଯ୍ୟକୁଳର ଉପାଧ୍ୟକ୍ଷା ଡା, ଋତୁମ୍ଭରା, ଆଇକ୍ୟୁଏସି ସେଲ୍‌ର ଅଧ୍ୟକ୍ଷ ପ୍ରଫେସର କେ. ଏନ୍. ଏସ୍ ଯାଦବ, ବିଶ୍ୱବିଦ୍ୟାଳୟର କୁଳାନୁଶାସକ ସ୍ୱାମୀ ଆର୍ଶଦେବ, ସହାୟକ କୁଳସଚିବ ଡା. ନିର୍ବିକାର, ଆଚାର୍ଯ୍ୟକୁଳର ପ୍ରଧାନାଚାର୍ଯ୍ୟା ଆରାଧନା କୌଲ, ପ୍ରଫେସର ମହାବୀର ଅଗ୍ରୱାଲ୍, ଆଇକ୍ୟୁଏସି ସେଲ୍‌ର ଅଧ୍ୟକ୍ଷ ପ୍ରଫେସର କେ. ଏନ୍. ଏସ୍ ଯାଦବ ପ୍ରମୁଖ ଯୋଗ ଦେଇଥିଲେ।

## ନିଶା କାରବାରକୁ ନେଇ ଖଣ୍ଡାରେ ହାଣିଲେ

**ବାଲିପାଟଣା,୧୭।୪(ଅଭିମନ୍ୟୁ ନାୟକ):** ବାଲିପାଟଣା ଥାନା ଆଲୋଇ ଗ୍ରାମରେ ନିଶା କାରବାରକୁ ନେଇ ଜଣେ ଯୁବକ ଅନ୍ୟଜଣଙ୍କୁ ଖଣ୍ଡାରେ ହାଣିଛନ୍ତି। ଫଳରେ ଯୁବକ ରିପନ ଭୋଇଙ୍କ ହାତରେ ୨ଟି ଗଭୀର କ୍ଷତ ହୋଇଛି। ସେ ଏବେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ରିପନଙ୍କ ଅଭିଯୋଗକୁ ଭିତ୍ତି କରି ୧୦୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗ୍ରାମର ଜଣେ ଯୁବକ ବ୍ରାଉନସୁଗାର ବ୍ୟବସାୟ କରୁଥିବାବେଳେ ରିପନ ଏହାକୁ ବିରୋଧ କରି ଆସୁଥିଲେ। ମଙ୍ଗଳବାର ରାତିରେ ଏହି ବିବାଦ ଉଗ୍ର ରୂପ ନେବାରୁ ଉକ୍ତ ଯୁବକ ରିପନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ।

TPCODL

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଚନ୍ଦ୍ରଶେଖରପୁର ଜିଏ ପ୍ଲଟ୍ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧.୩୦ ଘଟିକା ପର୍ଯ୍ୟନ୍ତ ଏବଂ ଲିଙ୍ଗରାଜ ଷ୍ଟେସନ ଅଞ୍ଚଳ, ଭୀମଟାଙ୍ଗି ବିଡିଏ କଲୋନୀ ଫେଜ୍-୧, ହାଉସିଂ ବୋର୍ଡ ଅଞ୍ଚଳ, ପୁରୁଣା ଗେଟ୍ ଅଞ୍ଚଳ, ଅଳକା ଦାସ ଲେନ୍, ଭୀମକୁଣ୍ଡ, ପୂର୍ଣ୍ଣିମା ଗେଟ୍, ଭୀମଟାଙ୍ଗି ଓଏଚଏସବି କଲୋନୀ, ସେଣ୍ଟ୍ରାଲ ପଲ୍ଟ୍ରି ଫାର୍ମ ଅଞ୍ଚଳ, ତଲଗଡ଼ ଗାଁ, ସାନ ମୁଣ୍ଡଳି, ବଡ଼ ମୁଣ୍ଡଳି, ବେରସୁଆ, ବେରଣା ଓ ଜଟମୁଣ୍ଡିଆ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ ।

**ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡ଼ିଏଲ**

**ଦ.ପୂ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ଡି-୬୪୫-ଏଫ୍‌ଓବି-ଜିଏମ୍‌ଏଚ୍, (୨) ସିକେପି-୬୪୬-ଏଫ୍‌ଓବି-ସିକେପି, ତାରିଖ: ୧୭।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଡି), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ନାମ: (୧)** ଦକ୍ଷିଣ ପୂର୍ବ ରେଳପଥର ସିକେପି ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା (ଏବିଏସ୍‌ଏସ୍) ଅଧୀନରେ ଜିଏମ୍‌ଏଚ୍ ଷ୍ଟେଶନଠାରେ ଏଫ୍‌ଓବି (୧୨ ମିଟର ପ୍ରସ୍ଥ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ପରିବର୍ତ୍ତନ କାର୍ଯ୍ୟ। **(୨)** ଦକ୍ଷିଣ ପୂର୍ବ ରେଳପଥର ସିକେପି ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା (ଏବିଏସ୍‌ଏସ୍) ଅଧୀନରେ ସିକେପି ଷ୍ଟେଶନଠାରେ ଏଫ୍‌ଓବି (୧୨ ମିଟର ପ୍ରସ୍ଥ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ପରିବର୍ତ୍ତନ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୪୮,୮୩,୩୪୮.୪୯ (କ୍ର.ସଂ. ୧ ପାଇଁ) ଏବଂ ₹୪୧,୦୫,୪୧୭.୮୨ (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୯୭,୭୦୦/- (କ୍ର.ସଂ. ୧ ପାଇଁ) ଏବଂ ₹୮୨,୧୦୦/- (କ୍ର.ସଂ. ୨ ପାଇଁ)। **ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ୯ ମାସ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୧୪।୦୫।୨୦୨୪ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୧୪।୦୫।୨୦୨୪ରିଖ ୧୫.୩୦ ଘଟିକା। **ଇ-ଟେଣ୍ଡର ଖୋଲାଯିବାର ସ୍ଥାନ:** ସିନିୟର ଡିଇଇ/ଟିଆର୍‌ଡି/ଦକ୍ଷିଣ ପୂର୍ବ ରେଳପଥ। ଇ-ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **(PR-49)**

## ବୈତାଳେଶ୍ୱର ମନ୍ଦିର ନିକଟରେ ପୁଣି ଅଟକିଲା ରଥ

**ପୁରୁଣା ଭୁବନେଶ୍ୱର, ୧୭।୪ (ସୁବାସ ଚନ୍ଦ୍ର ପ୍ରଧାନ)**

ବଡ଼େଇବାଙ୍କଠାରେ ମଙ୍ଗଳବାର ଅଟକି ରହିଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ବୁଧବାର ଟଣାଯାଇଥିଲା। ହେଲେ ରଥ ଟଣା ବିଳମ୍ବ ଏବଂ ଡ୍ରେନ୍ ଉପରକୁ ଚକା ଚଢ଼ିଯିବା କାରଣରୁ ବୈତାଳେଶ୍ୱର ମନ୍ଦିର ନିକଟରେ ରଥ ଅଟକିଛି। ସୂର୍ଯ୍ୟାସ୍ତ ଯୋଗୁ ରଥ ସାରଥୀ ରଥ ଟଣା ବନ୍ଦ କରିଥିଲେ। ଗୁରୁବାର ପୁଣି ରଥ ଟଣା ହେବ। ବୁଧବାର ପ୍ରାତଃରୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ମଙ୍ଗଳ ଆଳତି ପରେ ରଥରେ ମଙ୍ଗଳ ଆଳତି, ରୋଷ ହୋମ, ମହାସ୍ନାନ ବେଶ ଭୋଗ ମଣ୍ଡପ ସମ୍ପନ୍ନ ହୋଇଥିଲା। ପରେ ରଥରେ ସକାଳ ଧୂପ ହୋଇଥିଲା। ଆଳତି ପରେ ପୂଜାପଣ୍ଡା ସେବାୟତ ରଥ କାଳିସୀକୁ ଆଜ୍ଞା ପ୍ରସାଦ ଦେଇଥିଲେ। ଏହାପରେ ରଥ ଟାଣିବାକୁ କାଳିସୀ ଭବାନୀ ପ୍ରସାଦ ଖୁଣ୍ଟିଆ ନିର୍ଦ୍ଦେଶ ଦେଇଥିଲେ।



ତିନିମୁଣ୍ଡିଆ ଛକରେ ଅଟକି ରହିଥିବା ରୁକୁଣା ରଥ।

### ୨ ଘଣ୍ଟା ବିଳମ୍ବରେ ଗଡ଼ିଲା ରଥ

ରଥରେ ପୂଜା, ଚାରମାଳ, ଖୋଲାଯିବା, ଅନ୍ୟାନ୍ୟ ପୂଜାନୀତି ଅପରାହ୍ଣ ୧ଟା ୪୫ ମିନିଟ୍‌ରେ ସମ୍ପନ୍ନ ହୋଇଥିଲା। ମାତ୍ର ବଡ଼େଇବାଙ୍କଠାରେ ଦବିଥିବା ଚକା ଉଠିବାକୁ ୨ ଘଣ୍ଟା ସମୟ ଲାଗିଥିଲା। ପରେ ୨ଟି ଦୋକାନରେ ମଧ୍ୟ ରଥ ଲାଗିଯାଇଥିଲା। ବାଟରେ ରଥ ଚକା ଦବି ଯିବା, ଡ୍ରେନକୁ ଚକା ଚଢ଼ିଯିବା ଭଳି ସମସ୍ୟା ପାଇଁ ସନ୍ଧ୍ୟା ୬ଟା ୩୦ରେ ବୈତାଳେଶ୍ୱର ମନ୍ଦିର ନିକଟରେ ରଥ ପହଞ୍ଚି ୨ୟ ଦିନରେ ଅଟକ ରହିଥିଲା।

### ବିଏମ୍‌ସିକୁ ଦାୟୀ କଲେ ଶ୍ରଦ୍ଧାଳୁ

ଏକାମ୍ର କ୍ଷେତ୍ରର ପ୍ରସିଦ୍ଧ ରୁକୁଣା ରଥଯାତ୍ରା ସମୟରେ ରଥ ଦାଣ୍ଡର ସମସ୍ୟା ପାଇଁ ଲୋକମାନେ ବିଏମ୍‌ସିକୁ ଦାୟୀ କରିଛନ୍ତି। ଡ୍ରେନ୍ ଉପରେ ଦୋକାନ, ଜବରଦଖଲକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ନିଆଯିବା, ରଥ ଦାଣ୍ଡରେ ପିଚୁ କାର୍ଯ୍ୟ ଠିକ୍ ନ ଥିବା ପାଇଁ ବିଭିନ୍ନ ସମସ୍ୟା ଦେଖାଯାଉଛି। ରଥ ଠିକ୍ ସମୟରେ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚି ପାରୁନି ବୋଲି ସ୍ଥାନୀୟ ଅଧିବାସୀମାନେ ଅଭିଯୋଗ ଆଣିଛନ୍ତି। ଶ୍ରୀଲିଙ୍ଗରାଜ ଶ୍ରୀରାମ ନବମୀରେ ଶ୍ରୀରାମେଶ୍ୱରଙ୍କୁ ଭେଟ କରିବା ନୀତି ରହିଥିବାବେଳେ ତାହା ସମ୍ଭବ ହୋଇ ପାରି ନାହିଁ। ରଥ ମନ୍ଦିର ଶ୍ରୀରାମେଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିବାରୁ ଶ୍ରଦ୍ଧାଳୁ ଦର୍ଶନରୁ ବଞ୍ଚିତ ହୋଇଥିଲେ। ଅଟକି ରହିଥିବା ରଥ ଗୁରୁବାର ଗଡ଼ାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

**राष्ट्रीय विज्ञान शिक्षा एवं अनुसंधान संस्थान भुवनेश्वर**
**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**
परमाणु ऊर्जा विभाग, भारत सरकार का एक स्वयंशासित संस्थान
AN AUTONOMOUS INSTITUTE UNDER DAE, GOVERNMENT OF INDIA

**ADMISSION TO MASTERS PROGRAM IN MEDICAL AND RADIOLOGICAL PHYSICS**

**The National Institute of Science Education and Research (NISER) Bhubaneswar,** invites applications from interested candidates for the **M. Sc. program in Medical and Radiological Physics** at the **Centre for Medical and Radiation Physics, NISER, Odisha, India.**

**PROGRAM DETAILS**

| | |
|---|---|
| **Degree awarding institute** | Homi Bhabha National Institute, Mumbai and NISER |
| **Duration of the course** | 2 years Master's program and 1-year mandatory internship. |
| **Total No. of seats** | 10 |
| **Minimum qualification and selection** | 60% marks in B. Sc with physics as a main course and JAM 2024 / JEST 2024 scorecards. The shortlisting will be based on JAM 2024 / JEST 2024 marks, followed by interview for selection. |
| **Fellowship** | Rs. 16,000/- p.m. + HRA and mentorship grant as per DAE rules, during master's program. |
| **Internship hospitals as per AERB guidelines** | All India Institute of Medical Sciences, Bhubaneswar, Acharya Harihara Post Graduate Institute of Cancer, Cuttack and Tata Memorial Centre. |

More details about the program are available at: **https://www.niser.ac.in/cmrp/**

**HOW TO APPLY**

See announcements section of NISER website **https://www.niser.ac.in/** or Scan the **QR** code

**IMPORTANT DATES**

| | |
|---|---|
| **Last date of online application** | 15th May 2024 |
| **Date of interview** | 1st - 4th July 2024 |
| **Announcement of final selection list** | 5th July 2024 |

**ADDRESS FOR CORRESPONDENCE**

Centre for Medical and Radiation Physics, NISER, Jatni-50, Odisha, India
**Email : cmrp@niser.ac.in**

**ସଂକ୍ଷେପରେ**

## ଗଞ୍ଜେଇ କାରବାର ଅଭିଯୋଗରେ ୨ ଗିରଫ

କଟକ,୧୭।୪ (କାର୍ତ୍ତିକ ସାହୁ)

ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ କମିଶନରେଟ ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଚାଉଳିଆଗଞ୍ଜ ପୋଲିସ ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ କନ୍ଧମାଳ ଜିଲା ବାଲିଗୁଡାର ବାବୁଲି ମଲ୍ଲିକ(୨୯)ଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୦ କିଲୋ ୬୯୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ପୋଲିସ ମଙ୍ଗଳବାର ରାତିରେ ଓଏମ୍‌ପି ଛକଠାରେ ଯାଞ୍ଚ କରୁଥିଲା। ଏହି ସମୟରେ ବାବୁଲି ଗଞ୍ଜେଇ ନେଇ କୋଲକାତା ବସ୍‌ରେ ଚଢ଼ିବାକୁ ଉଦ୍ୟମ କରୁଥିବାବେଳେ ଧରାପଡ଼ିଥିଲେ। ସେହିପରି ମାଲଗୋଦାମ ପୋଲିସ ବେଆଇନ ଗଞ୍ଜେଇ କାରବାର ମାମଲାରେ କନ୍ଧମାଳ ସଦର ଥାନା ଅନ୍ତର୍ଗତ ବିଶିପଡ଼ା ଆଶ୍ରିସାହିର ଅମରେଶ ସାହାଣିଙ୍କୁ ଗିରଫ କରିଛି। ତାଙ୍କଠାରୁ ୪ କିଲୋ ୭୦୦ ଗ୍ରାମ୍ ଗଞ୍ଜେଇ ଓ ଦୁଇଟି ମୋବାଇଲ ଜବତ କରାଯାଇଛି। ଅଭିଯୁକ୍ତ ଜଣଙ୍କ ଗଞ୍ଜେଇ ନେଇ ବିକ୍ରି କରିବାକୁ ଯାଉଥିବାବେଳେ ମାଲଗୋଦାମ ଓଭରବ୍ରିଜ ନିକଟରେ ପୋଲିସ ହାତରେ ଧରାପଡ଼ିଥିଲେ।

## ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକ ବୈଠକ

ଚୌଦ୍ୱାର,୧୭।୪(ଆଶୁତୋଷ ଦାସ)

ଆସନ୍ତା ସାଧାରଣ ନିର୍ବାଚନକୁ ପରିଚାଳନା କରିବା ପାଇଁ ଚୌଦ୍ୱାର ପୌରପାଳିକାରେ ବିଜେଡି ପକ୍ଷରୁ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି । ପୌରପାଳିକାର ୧୯ଟି ୱାର୍ଡର ପର୍ଯ୍ୟବେକ୍ଷକଙ୍କୁ ନେଇ ଏକ ବୈଠକ ସ୍ଥାନୀୟ ହାଉସିଂବୋର୍ଡସ୍ଥିତ ଯଯାତୀ କେଶରୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୌରପାଳିକାର ୧ରୁ ୫ନଂ ୱାର୍ଡ ମୁଖ୍ୟ ପର୍ଯ୍ୟବେକ୍ଷକ ଭାବେ ପ୍ରେମଚାନ୍ଦ ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିପରି ୱାର୍ଡ ନଂ. ୬, ୭, ୮, ୧୧, ୧୨ର ଦାୟିତ୍ୱ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ୯, ୧୦, ୧୭, ୧୮, ୧୯ ନମ୍ବର ୱାର୍ଡର ଦାୟିତ୍ୱ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କୁ ଓ ୧୩, ୧୪, ୧୫ ଓ ୧୬ ନମ୍ବର ୱାର୍ଡର ଦାୟିତ୍ୱ ନଗର ସଭାପତି ବିଷ୍ଣୁଚରଣ ପରିଡାଙ୍କୁ ଦିଆଯାଇଛି। ମୁଖ୍ୟ ପର୍ଯ୍ୟବେକ୍ଷକଙ୍କ ଅଧୀନରେ ଦଳ ପକ୍ଷରୁ ୩୮ଜଣ ପର୍ଯ୍ୟବେକ୍ଷକଙ୍କୁ ନିର୍ବାଚନ ସମୟରେ ଦଳର ହାଲ୍‌ଚାଲ ଓ ୱାର୍ଡଗୁଡିକରେ ଥିବା ଲୋକଙ୍କ ସମସ୍ୟା ବୁଝିବା ପାଇଁ ନିୟୋଜିତ କରାଯାଇଛି ।

## ଜଳଛତ୍ର ଉଦ୍‌ଘାଟିତ

ଫୁଲନଖରା,୧୭।୪(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ମହାନଗର ନିଗମ(ସିଏମ୍‌ସି)ର ୫୯ ନମ୍ବର ୱାର୍ଡ ଅଧୀନ ଫୁଲନଖରା ଛକରେ ନୃସିଂହ ପାର୍ବତୀ ଫାଉଣ୍ଡେଶନ ପକ୍ଷରୁ ଜଳଛତ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଫାଉଣ୍ଡେଶନ ସଭାପତି ତଥା ସାମାଜିକ କର୍ମୀ ରୁନା ଜେନାଙ୍କ ନେତୃତ୍ୱରେ ହୋଇଥିବା ଜଳଛତ୍ରକୁ ମୁଖ୍ୟ ଅତିଥି ଫୁଲନଖରା ଚା' ଖଟିର ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳାମ୍ବର ସାହୁ, ସୁଧୀର ପଟ୍ଟନାୟକ, କାନନ ବିହାରୀ ନାୟକ, କୃଷ୍ଣଚନ୍ଦ୍ର ଭୋଇ, ଅନିଲ କୁମାର ମହାନ୍ତି, ଅମୂଲ୍ୟ ବାରିକ, ଟିଟନ ସାହୁ, ବିନୟ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଆଲୋକ ଜେନା, ପାଣ୍ଡବ ଜେନା, ଅନାଥ ଜେନା, ବଲ୍ଲଭ ଜେନା ଓ ପ୍ରଦ୍ୟୁମ୍ନ ଜେନା ଯୋଗଦେଇଥିଲେ।

# ଶ୍ରମିକ ବେଶରେ ଆସି ଶିଶୁପୁତ୍ର ଅପହରଣ

ଫୁଲନଖରା,୧୭।୪(ସତ୍ୟରଞ୍ଜନ ଦାସମହାପାତ୍ର)

**ଅଭିଯୁକ୍ତ ଗିରଫ**



ରାଜ୍ୟର ବିଭିନ୍ନ ସ୍ଥାନରେ ଶିଶୁ ଅପହରଣ ଘଟଣା ଦେଖିବାକୁ ମିଳୁଛି। ଅଭିନବ ଉପାୟରେ ଦୁର୍ବୃତ୍ତମାନେ ଶିଶୁଙ୍କୁ ଅପହରଣ କରି ନେଉଛନ୍ତି। ଏଭଳି ଏକ ଘଟଣା କଟକ ସଦର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଶିଶୁପୁତ୍ର ଅପହରଣ ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ଗୟଲମରା ଗ୍ରାମର ଦାମୋଦର ମାରାଣ୍ଡି। ମିଳିଥିବା ସୂଚନା ଅନୁଯାୟୀ, ମାହାଙ୍ଗା ଅଞ୍ଚଳର ଉଷାରାଣୀ ଜଟ ଦୀର୍ଘଦିନ ଧରି ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ବାଲିସାହି ନୂଆପଡ଼ାରେ ଘରଭଡ଼ା ନେଇ ପରିବାର ସହିତ ରହୁଛନ୍ତି। ଏଥିରେ ସେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ମଙ୍ଗଳବାର ଉଷାରାଣୀ କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ସାଇ ମନ୍ଦିରଠାରେ ଏକ ଘର ନିର୍ମାଣ କାର୍ଯ୍ୟ କରିବା ପାଇଁ ଆସିଥିଲେ। ପୁଅ ଦୀପ୍ତିରଞ୍ଜନ ଜଟ(୪)ଙ୍କୁ ମଧ୍ୟ ସାଙ୍ଗରେ ଆଣି ଆସିଥିଲେ। ସେହି ନିର୍ମାଣ କାର୍ଯ୍ୟ କରିବା ପାଇଁ ଶ୍ରମିକ ଭାବେ ଦାମୋଦର ମଧ୍ୟ ଆସିଥିଲେ। ଦୀପ୍ତିରଞ୍ଜନଙ୍କୁ ତଳେ ଛାଡି ଘରର ଛାତ ଉପରେ ନିର୍ମାଣ କାର୍ଯ୍ୟରେ ଉଷାରାଣୀ ବ୍ୟସ୍ତ ଥିଲେ। ଏହି ସମୟରେ ଦାମୋଦର ଉକ୍ତ ଶିଶୁପୁତ୍ରକୁ ଅପହରଣ କରିନେଇ ସେଠାରୁ ଫେରାର ହୋଇଯାଇଥିଲେ। ଯିବା ସମୟରେ ଦାମୋଦର ତାଙ୍କର ବ୍ୟାଗ ଓ ଅନ୍ୟ ସାମଗ୍ରୀ ମଧ୍ୟ ନେଇ ନ ଥିଲେ। ଉଷାରାଣୀ ବହୁ ଖୋଜାଖୋଜି କରିବା ପରେ ପୁଅକୁ ପାଇ ନ ଥିଲେ। ଦୀପ୍ତିରଞ୍ଜନଙ୍କୁ କେହି ଦୁର୍ବୃତ୍ତ ଅପହରଣ କରି ନେଇଥିବା ନେଇ ଉଷାରାଣୀ କଟକ ସଦର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୨୦୬/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଚାଉଳିଆଗଞ୍ଜ ମେଡିକାଲ ନିକଟରୁ ଦାମୋଦରଙ୍କୁ ପୋଲିସ ଗିରଫ କରିବା ସହ ଦୀପ୍ତିରଞ୍ଜନଙ୍କୁ ଉଦ୍ଧାର କରିଥିଲା।

# ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ହୋଇଛି



ଶୋଭାଯାତ୍ରାରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଓ ଆଠଗଡ ବିଧାନସଭା ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ।

ଖୁଣ୍ଟୁଣୀ, ୧୭।୪(ସଚ୍ଚିଦାନନ୍ଦ ପଣ୍ଡା)

ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଓ ଆଠଗଡ ବିଧାନସଭା ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବାଇକ୍ ଶୋଭାଯାତ୍ରା କରିଛନ୍ତି। ବୁଧବାର ସକାଳ ୭ଟାରେ କୁସପଙ୍ଗୀସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଉଭୟ ପ୍ରାର୍ଥୀ ଦଳୀୟ କର୍ମୀଙ୍କ ସହିତ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା କୁସପଙ୍ଗୀ, ପହିଲାବର, ବାଲୀ, ଜେମାଦେଇପୁର, ଛଅଗାଁ, ଗୁରୁଡିଝାଟିଆ, ରାଧାକିଶୋରପୁର, ରାଧାକୃଷ୍ଣପୁର, କଣ୍ଡେରେଇ ଓ ଖୁଣ୍ଟୁଣୀ ଦେଇ ରାଧାନାଥ ରଥ ବିଜ୍ଞାନ ମହାବିଦ୍ୟାଳୟ ନିକଟରେ ଥିବା ମିନି ଷ୍ଟାଡିୟମଠାରେ ପହଞ୍ଚିଥିଲା। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଆଠଗଡ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସନ୍ତୃପ୍ତ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ସମ୍ଭବ ହୋଇପାରିଛି। ସେହିପରି ରଣେନ୍ଦ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଜେଡି ସରକାର ୨୪ବର୍ଷ ଧରି ବିକାଶ କରିଚାଲିଛି। ଏହି କାର୍ଯ୍ୟକ୍ରମରେ ୨ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟା ମିନତି ଗାଗରାଇ, ଆଠଗଡ଼ ବିଜୁ ଯୁବ ଜନତା ଦଳ ସଭାପତି ବିନୋଦ କୁମାର ମାଝୀ, ଛାତ୍ର ସଭାପତି ସତ୍ୟପ୍ରିୟ ମହାନ୍ତି, କଟକ ବିଜୁ ଜନତା ଦଳ ସମ୍ପାଦକ ଲଳିତେନ୍ଦୁ ସେନାପତି, ଖୁଣ୍ଟୁଣୀ ସରପଞ୍ଚ କୈଳାସ ଦାସ, ନାରୀନେତ୍ରୀ ମିତାଲି ରାଉତଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ବିପିନ ବିହାରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# 'ଜ୍ଞାନ ଆହରଣର ପ୍ରକୃଷ୍ଟ କ୍ଷେତ୍ର ପାଠାଗାର'



ସମାରୋହରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କଟକ,୧୭।୪(କାର୍ତ୍ତିକ ସାହୁ)

**ରବୀନ୍ଦ୍ର କୁମାର ପାଠାଗାରର ପ୍ଲାଟିନମ ଜୁବିଲି**

ଜ୍ଞାନ ଆହରଣ ଓ ବିତରଣର ପ୍ରକୃଷ୍ଟ କ୍ଷେତ୍ର ହେଉଛି ପାଠାଗାର। ତେଣୁ ଏହାର ଉନ୍ନତି ଦିଗରେ ସମସ୍ତେ ପ୍ରୟାସ କରିବାକୁ ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ପରାମର୍ଶ ଦେଇଛନ୍ତି। କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ରବୀନ୍ଦ୍ର କୁମାର ପାଠାଗାରର ୭୫ତମ ପ୍ରତିଷ୍ଠା ଦିବସ ସମାରୋହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଚାରପତି ଷଡ଼ଙ୍ଗୀ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ମୁଖ୍ୟବକ୍ତା ପ୍ରଫେସର ଡ. ସୋମା ଚାନ୍ଦ କହିଥିଲେ, ପାଠାଗାର ହେଉଛି ଜ୍ଞାନର ମହୋଦଧି। ପାଠ, ପାଠକ ଓ ପାଠାଗାର ମଧ୍ୟରେ ସଂପର୍କ ସୁଦୃଢ ହେବା ଆବଶ୍ୟକ। ପାଠକଙ୍କ ମଧ୍ୟରେ ପଢ଼ିବାର ସ୍ପୃହା ବୃଦ୍ଧି ପାଇଁ ସେ ପରାମର୍ଶ ଦେଇଥିଲେ। ପାଠାଗାରର ସଭାପତି ତାରକନାଥ ସୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଉପସଭାପତି ଗୌତମ ମୁଖାର୍ଜୀ, ସମ୍ପାଦକ ସନ୍ଦୀପ କୁମାର ମିତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏଥିସହ କେତେକ ପୁରୁଖା ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ରାମନବମୀ ଉତ୍ସବ

ନିଆଳି/ଚୌଦ୍ୱାର/ ମଙ୍ଗୁଳି–ଜଗତପୁର, ୧୭।୪ (ସୁକାନ୍ତ କୁମାର ସିଂହ/ଆଶୁତୋଷ ଦାସ/ ମାନସ ସାମଲ)

ରାମନବମୀ ଅବସରରେ ବୁଧବାର ନିଆଳି ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ନିଆଳିର ଶୋଭନେଶ୍ୱର ପୀଠରେ ଶ୍ରୀରାମଙ୍କ ଜନ୍ମ ଉତ୍ସବ, ମା' କୁତାମଚଣ୍ଡୀ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଓ ରାମ ମନ୍ଦିରରେ ରାମ ଜନ୍ମ ଉତ୍ସବ ପାଳିତ ହୋଇଥିଲା। ସକାଳେ ଉକ୍ତ ଅଞ୍ଚଳର ରାମ ମନ୍ଦିର ଓ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଚୌଦ୍ୱାର ଅଞ୍ଚଳରେ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ଓଟିଏମ୍ କଲୋନୀସ୍ଥିତ ବ୍ୟାଘ୍ରବାହିନୀ ପୀଠରେ ୨ଦିନ ଧରି ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମା'ଙ୍କର ଷୋଡଶ ଉପଚାର ପୂଜା ସହିତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଇମ୍ପା କଲୋନୀସ୍ଥିତ ଶ୍ରୀରାମ ମନ୍ଦିର, ଚୌଦ୍ୱାର ୧୭ ନମ୍ବର ୱାର୍ଡ ନୂଆସାହିସ୍ଥିତ ହନୁମାନ ମନ୍ଦିରରେ ରାମନବମୀ ଉତ୍ସବ ପାଳିତ ହୋଇଛି। ଚୌଦ୍ୱାର ଗୋଡ଼ିପାଟଣାସ୍ଥିତ ଶାରଦାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମର୍ପଣ ପରିବାରର ସମ୍ପାଦକ ତୀର୍ଥବାସୀ ବେହେରା, ସମ୍ମାନିତ ଅତିଥି ଭାବେ ତ୍ରିଲୋଚନ ନାୟକ, ସଦାନନ୍ଦ ସାହୁ, ଅଭିରାମ ବେହେରା, ବିଦ୍ୟାଳୟର ସମ୍ପାଦକ ସୁରେଶ କୁମାର ଜେନା ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ରାମ, ସୀତା ବେଶରେ ସଜ୍ଜିତ ଶିଶୁମାନେ ପାଇକେରାପୁର ଗ୍ରାମ ଭ୍ରମଣ କରିଥିଲେ। ଆଚାର୍ଯ୍ୟା ବିଶାଖା ମହାରଣା ମଞ୍ଚ ପରିଚାଳନା ଓ ଆଚାର୍ଯ୍ୟ ରାଜକିଶୋର ଲେଙ୍କା ଧନ୍ୟବାଦ ଦେଇଥିଲେ।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର

ଫୁଲନଖରା/ନିଆଳି, ୧୭।୪(ସତ୍ୟରଞ୍ଜନ ଦାସମହାପାତ୍ର/ସୁକାନ୍ତ କୁମାର ସିଂହ)

ରାମନବମୀ ଅବସରରେ ପାହାଳ ଥାନା ଅନ୍ତର୍ଗତ ନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ବାହାରି ନିଆଳି ଅଭିମୁଖେ ଯାତ୍ରା କରିଥିଲା। ବିଶ୍ୱ ହିନ୍ଦୁ ପରିଷଦର କଟକ ଜିଲା ସଭାପତି ମାନସ ରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବହୁ ସଂଖ୍ୟକ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜୟ ଶ୍ରୀରାମ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ସହର। ଏହି ଶୋଭାଯାତ୍ରାରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶଧାରୀ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏହାପରେ ନିଆଳି ହାଇସ୍କୁଲ ପଡିଆ ସମ୍ମୁଖରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ ଦୁର୍ଗାବାହିନୀ ମାତୃଶକ୍ତି ଅଖିଳ ଭାରତୀୟ ସଂଯୋଜିକା ପ୍ରଜ୍ଞା ପାରମିତା ମାହାଲ ଯୋଗଦେଇ ହିନ୍ଦୁତ୍ୱର ପରାକାଷ୍ଠା ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଦ୍ର ମୋହନ ବେହେରା, ବଦ୍ରି ନାରାୟଣ ପଟ୍ଟନାୟକ, ଅମୂଲ୍ୟ ପାତ୍ର, ପରେଶ ନାୟକ, ଆଲୋକ ବେହେରା, ଜ୍ଞାନରଞ୍ଜନ ପାତ୍ର, ଆଶୁତୋଷ ମହାନ୍ତି, ଅକ୍ଷୟ ବେହେରା, ଆଲୋକ ଚନ୍ଦ୍ର ନାୟକ ଓ ଧରଣୀଧର ଶତପଥୀ ଉପସ୍ଥିତ ଥିଲେ।



ରାମନବମୀ ଅବସରରେ ବୁଧବାର କଟକ ଚୌଧୁରୀ ବଜାରସ୍ଥିତ ମାରୁତି ମଣ୍ଡପ ନିକଟରୁ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବାହାରିଥିବା ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରା।

# ହେଲିକପ୍ଟରରୁ ପଡ଼ିଲା ମୋଦିଙ୍କ ପ୍ରଚାରପତ୍ର

ମଙ୍ଗୁଳି–ଜଗତପୁର,୧୭।୪(ମାନସ ସାମଲ)

କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନ ଟାଙ୍ଗୀ–ଚୌଦ୍ୱାର ବ୍ଲକର ୧୩ଟି ପଞ୍ଚାୟତ ଅଞ୍ଚଳରେ ୨ ଦିନ ଧରି ଆକାଶ ମାର୍ଗରୁ ନିର୍ବାଚନ ପ୍ରଚାର ହେଉଥିବା ଦେଖିବାକୁ ମିଳିଛି। ଆସନ୍ତା ନିର୍ବାଚନ ପାଇଁ ବିଜେଡି, କଂଗ୍ରେସ, ସିପିଆଇ(ଏମ୍) ପକ୍ଷରୁ ପ୍ରଚାର ଆରମ୍ଭ ହୋଇଥିବାବେଳେ ଭାଜପା ଏକ ଅଭିନବ ଢଙ୍ଗରେ ପ୍ରଚାର ଆରମ୍ଭ କରିଛି। ଏକ ଘରୋଇ ହେଲିକପ୍ଟର ବିଭିନ୍ନ ଗ୍ରାମ ଉପରେ ଉଡି ଅତି ନିକଟରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚାରପତ୍ର ପକାଇଥିବା ଦେଖିବାକୁ ମିଳିଛି। ଏହି ପ୍ରଚାର ପତ୍ରରେ ମୋଦିଙ୍କ ଫଟୋ ଥାଇ ଉଲ୍ଲେଖ ଅଛି ଯେ, କେନ୍ଦ୍ରାପଡା ସହିତ ଏଥର ୪୦୦ ପାର। ଏହି ପତ୍ରରେ ପ୍ରାର୍ଥୀଙ୍କ ନାମ ଉଲ୍ଲେଖ ନ ଥିବାବେଳେ କେନ୍ଦ୍ରାପଡା ଭାଜପା ସଭାପତି କିଶୋର କୁମାର ପଣ୍ଡାଙ୍କ ନାମ ପ୍ରକାଶକ ଭାବେ ଛପାଯାଇଛି। ଏଭଳି ପ୍ରଚାର ଦେଖିବା ପାଇଁ ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହରୁ ବାହାରି ଆସି ବାହାରେ ଭିଡ ଜମାଇଥିଲେ। ତେବେ ଏହି ଅଭିନବ ପ୍ରୟାସ ଭୋଟରଙ୍କୁ କେତେ ଆକୃଷ୍ଟ କରୁଛି ତାହା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଜଣାପଡିବ ବୋଲି ସାଧାରଣରେ ଆଲୋଚନା ହେଉଛି।

**ଦ.ପୂ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ଡି-୬୪୫-ଏଫ୍ଓବି-ଜିଏମ୍ଏଚ୍, (୨) ସିକେପି-୬୪୬-ଏଫ୍ଓବି-ସିକେପି, ତାରିଖ: ୧୭।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଡି), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ନାମ: (୧)** ଦକ୍ଷିଣ ପୂର୍ବ ରେଳପଥର ସିକେପି ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା (ଏବିଏସ୍ଏସ୍) ଅଧୀନରେ ଜିଏମ୍ଏଚ୍ ଷ୍ଟେଶନଠାରେ ଏଫ୍ଓବି (୧୨ ମିଟର ପ୍ରସ୍ଥ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍ଇ ପରିବର୍ତ୍ତନ କାର୍ଯ୍ୟ। **(୨)** ଦକ୍ଷିଣ ପୂର୍ବ ରେଳପଥର ସିକେପି ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା (ଏବିଏସ୍ଏସ୍) ଅଧୀନରେ ସିକେପି ଷ୍ଟେଶନଠାରେ ଏଫ୍ଓବି (୧୨ ମିଟର ପ୍ରସ୍ଥ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍ଇ ପରିବର୍ତ୍ତନ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୪୮,୮୩,୩୪୮.୪୯ (କ୍ର.ସଂ. ୧ ପାଇଁ) ଏବଂ ₹୪୧,୦୫,୪୧୭.୮୨ (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୯୭,୭୦୦/- (କ୍ର.ସଂ. ୧ ପାଇଁ) ଏବଂ ₹୮୨,୧୦୦/- (କ୍ର.ସଂ. ୨ ପାଇଁ)। **ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ୯ ମାସ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୧୪।୦୫।୨୦୨୪ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୧୪।୦୫।୨୦୨୪ରିଖ ୧୫.୩୦ ଘଟିକା। **ଇ-ଟେଣ୍ଡର ଖୋଲାଯିବାର ସ୍ଥାନ:** ସିନିୟର ଡିଇଇ/ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ। ଇ-ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **(PR-49)**

**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଚନ୍ଦ୍ରଶେଖରପୁର ଜିଏ ପ୍ଲଟ୍ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧.୩୦ ଘଟିକା ପର୍ଯ୍ୟନ୍ତ ଏବଂ ଲିଙ୍ଗରାଜ ଷ୍ଟେସନ ଅଞ୍ଚଳ, ଭୀମଟାଙ୍ଗି ବିଡିଏ କଲୋନୀ ଫେଜ୍-୧, ହାଉସିଂ ବୋର୍ଡ ଅଞ୍ଚଳ, ପୁରୁଣା ଗେଟ୍ ଅଞ୍ଚଳ, ଅଳକା ଦାସ ଲେନ୍, ଭୀମକୁଣ୍ଡ, ପୂର୍ଣ୍ଣିମା ଗେଟ୍, ଭୀମଟାଙ୍ଗି ଓଏଚଏସବି କଲୋନୀ, ସେଣ୍ଟ୍ରାଲ ପଲ୍ଟ୍ରି ଫାର୍ମ ଅଞ୍ଚଳ, ତଳଗଡ଼ ଗାଁ, ସାନ ମୁଣ୍ଡୁଳି, ବଡ଼ ମୁଣ୍ଡୁଳି, ବେରସୁଆ, ବେରଣା ଓ ଜଟମୁଣ୍ଡିଆ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ ।

**ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡ଼ିଏଲ**

# ବିଜୁବାବୁ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ

କଟକ,୧୭।୪(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ–କଟକ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ମହାନଦୀର ଗଡ଼ଗଡ଼ିଆ ଘାଟରେ ତିଳତର୍ପଣ କରାଯାଇଥିଲା। ଏଥିରେ ବିଜେଡି କଟକ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, କଟକ ମହାନଗର ନିଗମ(ସିଏମ୍‌ସି)ମେୟର ସୁବାସ ସିଂ, ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା ଯୋଗଦେଇଥିଲେ। ତିରୋଧାନ ଦିବସକୁ ସଙ୍କଳ୍ପ ଦିବସ ଭାବେ ପାଳନ କରିଛି ବାରବାଟୀ–କଟକ ବିଜେଡି। ଏନେଇ ଦେବାଶିଷ କହିଛନ୍ତି, ବିଜୁବାବୁଙ୍କ ସ୍ଥାନ କେହି ପୂରଣ କରିପାରିବେ ନାହିଁ। ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା ଏହି ତିଳତର୍ପଣ କାର୍ଯ୍ୟ ତୁଲାଇଛନ୍ତି, ଆଶା ରହିଛି ବିଜୁ ବାବୁଙ୍କ ଆଶୀର୍ବାଦ ତାଙ୍କ ଉପରେ ରହିବ। ସେହିପରି ସୁବାସ କହିଛନ୍ତି, ବିଜୁବାବୁ ହେଉଛନ୍ତି ବାଦଲର ଇଗଲ୍। ତାଙ୍କ ସ୍ୱପ୍ନକୁ ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାମରେ ପରିଣତ କରୁଛନ୍ତି। ବିଜୁବାବୁ ସବୁ ପିଢ଼ି ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଛନ୍ତି। ବିଜେଡି ପ୍ରାର୍ଥୀ ପ୍ରକାଶ କହିଛନ୍ତି, ବିଜୁବାବୁ କାମ କରିବା ପାଇଁ ଦେଖିଥିବା ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରା କରୁଛନ୍ତି। ତିଳତର୍ପଣ ପରେ କଟକ ଆନନ୍ଦ ଭବନରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କହିଛନ୍ତି, ବିଜେଡି ପକ୍ଷରୁ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟ ଭାରତର ପ୍ରତ୍ୟେକ କୋଣ ଅନୁକୋଣରେ ପହଞ୍ଚିଛି। ଯେପରି ପରିବାରର ସମସ୍ୟା ଥାଏ, ଠିକ୍ ସେହିପରି ରାଜନୀତିରେ ସମସ୍ୟା ଥାଏ, ହେଲେ ଏହା କୌଣସି ପ୍ରଭାବ ପକାଇବ ନାହିଁ। ଫାଟ ହେଲେ ବି ଯୁଝିଲାବେଳେ ଦଳ ଏକ ହୋଇ କାମ କରେ ବୋଲି ବିଶ୍ୱାଳ କହିଛନ୍ତି। ତେବେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ବରିଷ୍ଠ ନେତା ଓ କର୍ମୀମାନେ ଏକାଠି ହୋଇ ଦଳ ପାଇଁ କାମ କରିବାକୁ ଅଣ୍ଟା ଭିଡିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହିଳା ମୋର୍ଚ୍ଚା, ଯୁବମୋର୍ଚ୍ଚା, କର୍ପୋରେଟର, ଯୁବ–ଛାତ୍ରଙ୍କ ସମେତ ସମସ୍ତ କର୍ମୀ ଉପସ୍ଥିତ ଥିଲେ।



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ଗଡ଼ଗଡ଼ିଆ ଘାଟରେ ତିଳତର୍ପଣ କରାଯାଉଛି ।

राष्ट्रीय विज्ञान शिक्षा एवं अनुसंधान संस्थान भुवनेश्वर
**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**
परमाणु ऊर्जा विभाग, भारत सरकार का एक स्वयंशासित संस्थान
AN AUTONOMOUS INSTITUTE UNDER DAE, GOVERNMENT OF INDIA

**ADMISSION TO MASTERS PROGRAM IN MEDICAL AND RADIOLOGICAL PHYSICS**

**The National Institute of Science Education and Research (NISER) Bhubaneswar,** invites applications from interested candidates for the **M. Sc. program in Medical and Radiological Physics** at the **Centre for Medical and Radiation Physics, NISER, Odisha, India.**

**PROGRAM DETAILS**

| | |
|---|---|
| Degree awarding institute | Homi Bhabha National Institute, Mumbai and NISER |
| Duration of the course | 2 years Master's program and 1-year mandatory internship. |
| Total No. of seats | 10 |
| Minimum qualification and selection | 60% marks in B. Sc with physics as a main course and JAM 2024 / JEST 2024 scorecards. The shortlisting will be based on JAM 2024 / JEST 2024 marks, followed by interview for selection. |
| Fellowship | Rs. 16,000/- p.m. + HRA and mentorship grant as per DAE rules, during master's program. |
| Internship hospitals as per AERB guidelines | All India Institute of Medical Sciences, Bhubaneswar, Acharya Harihara Post Graduate Institute of Cancer, Cuttack and Tata Memorial Centre. |

More details about the program are available at: **https://www.niser.ac.in/cmrp/**

**HOW TO APPLY**

See announcements section of NISER website **https://www.niser.ac.in/** or Scan the **QR** code

**IMPORTANT DATES**

| | |
|---|---|
| Last date of online application | 15th May 2024 |
| Date of interview | 1st - 4th July 2024 |
| Announcement of final selection list | 5th July 2024 |

**ADDRESS FOR CORRESPONDENCE**

Centre for Medical and Radiation Physics, NISER, Jatni-50, Odisha, India
**Email : cmrp@niser.ac.in**

## ବିଜୁବାବୁଙ୍କ ୨୭ତମ ଶ୍ରାଦ୍ଧ ଦିବସ

ଅସ୍ତରଙ୍ଗ,୧୭।୪(ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି କେଦାରନାଥ ବିଶ୍ୱାଳ ଏଥିରେ ତତ୍ତ୍ୱାବଧାନ କରିଥିଲେ। ସକାଳୁ ବିଜେଡି କର୍ମୀ ନେତା ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ନେତା ଓ କର୍ମୀମାନେ ସଂକଳ୍ପ ନେଇଥିଲେ। ଆଗାମୀ ଦିନରେ ଦଳରେ ଶୃଙ୍ଖଳିତ ହୋଇ ନିଃସ୍ୱାର୍ଥପର ଭାବରେ ବିକଶିତ ଏବଂ ସ୍ୱାଭିମାନ ଓଡ଼ିଶା ଗଠନ କରିବାକୁ ସମସ୍ତେ ଶପଥ ନେଇଛନ୍ତି। କାର୍ଯ୍ୟକ୍ରମରେ ୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, କୁଞ୍ଜବିହାରୀ ପ୍ରଧାନ, ପଞ୍ଚାନନ ସ୍ୱାଇଁ, ନୂଆଗଡ଼ ସମିତି ସଭ୍ୟ ରାମଚନ୍ଦ୍ର ନାୟକଙ୍କ ସମେତ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ସମୁଦ୍ରକୂଳରୁ ମିଳିଲା ବୃଦ୍ଧଙ୍କ ରକ୍ତାକ୍ତ ମୃତଦେହ

ଅସ୍ତରଙ୍ଗ, ୧୭।୪
(ପ୍ରଦୀପ୍ତ କୁମାର ଦୀକ୍ଷିତ/ ମମତା ଜେନା)

**ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ**

- ଶରୀରର ବିଭିନ୍ନ ସ୍ଥାନରେ ରହିଛି କ୍ଷତ ଚିହ୍ନ
- ପୋଲିସ ଓ ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଆରମ୍ଭ

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଗୁଣ୍ଡଲବା ସମୁଦ୍ରକୂଳରୁ ରକ୍ତାକ୍ତ ଅବସ୍ଥାରେ ଜଣେ ବୃଦ୍ଧଙ୍କ ମୃତଦେହ ମିଳିଛି। ମୃତକ ହେଲେ ଅସ୍ତରଙ୍ଗ ଥାନା ଅଧୀନ ଛୁରିଆନା ପଞ୍ଚାୟତ ଆଇସିଣିଆ ଗ୍ରାମର ରାଧୁ ସ୍ୱାଇଁ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏନେଇ ଅସ୍ତରଙ୍ଗ ଥାନା ପୋଲିସ ଏକ କେସ୍ (ନଂ. ୮୫/୨୪) ରୁଜୁ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରିରଖିଛି। ଘଟଣାର ରହସ୍ୟ ଉନ୍ମୋଚନ ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ରାଧୁ ମଙ୍ଗଳବାର ରାତ୍ର ୯ଟା ୩୦ରେ କୌଣସି କାମରେ ଘରୁ ବାହାରକୁ ଆସିଥିଲେ। ବିଳମ୍ବିତ ରାତ୍ର ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ବୁଧବାର ସକାଳେ ଗୁଣ୍ଡଲବାଠାରୁ କିଛି ଦୂରରେ


ରାଧୁ ସ୍ୱାଇଁ।

ଥିବା ସମୁଦ୍ରକୂଳରେ ଜଣେ ବୃଦ୍ଧବ୍ୟକ୍ତି ମୃତାବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଏକ ଧୂସର ରଙ୍ଗର ହ୍ୟାପ୍ ପ୍ୟାଣ୍ଟ ପିନ୍ଧିଥିବା ବେଳେ ବେକ, ଦୁଇଟି କାନ, ଆଖିରୁ ପ୍ରଚୁର ରକ୍ତସ୍ରାବ ହେଉଥିବା ଏବଂ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଥିବା ଦେଖିଥିଲେ। ଖବର ପାଇ ତାଙ୍କ ପରିବାରବର୍ଗ ଓ ସମ୍ପର୍କୀୟ ପୁତୁରା କୈଳାଶ ସ୍ୱାଇଁ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂ ଏବଂ ନିମାପଡ଼ା ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ। ପରେ ସାଇଣ୍ଟିଫିକ ଟିମ୍‌ର ଆଦିତ୍ୟ ରଞ୍ଜନ ନାୟକ, ପୁରୁଷୋତ୍ତମ ନାଥ ଓ ରମେଶ ଚନ୍ଦ୍ର ବାରିକ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ଲାଗି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପୋଲିସ ପକ୍ଷରୁ ମାମଲା ରୁଜୁ ସହ ଏହି ଘଟଣାର ଅନୁସନ୍ଧାନ ଜାରି ରହିଛି।

## 'ନାଟକ ଏକତା ସୃଷ୍ଟି କରିଥାଏ'



ଗୋପ, ୧୭।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଆଜିର ଦିନରେ ବିଭିନ୍ନ ଗାଁରୁ ଓଡ଼ିଆ ପରମ୍ପରା, ଭାଇଚାରା ଓ ସଂସ୍କୃତି ହଜିଯାଉଥିବା ବେଳେ ଓରୁଆଲି ଗାଁ ତା'ର ଗରିମା ବଜାୟ ରଖିପାରିଛି। ମଙ୍ଗଳବାର ରାତିରେ ଗୋପ ବ୍ଲକ ଅନ୍ତର୍ଗତ ଓରୁଆଲି ଗ୍ରାମରେ ଅନୁଷ୍ଠିତ ଏକ ନାଟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ଜିଲାପରିଷଦ ସଭ୍ୟ ଲକ୍ଷ୍ମୀଧର ପ୍ରଧାନ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ରାଉତରାୟ, ଆଇନଜୀବୀ ସୁଧିର ମହାନ୍ତି, ରଞ୍ଜିତ ସାହୁ, ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ, ତପନ କୁମାର ବରାଳ, ଉପେନ୍ଦ୍ର କାନୁନ୍‌ଗୋ, ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଓରୁଆଲି ଗ୍ରାମର ଦୁଲ୍ଲାଦେହୀ ଯୁବକ ସଂଘ ଦୀର୍ଘ ୨୪ ବର୍ଷ ଧରି ନାଟକ ମଞ୍ଚସ୍ଥ କରି ସମସ୍ତଙ୍କୁ ଏକତାରେ ବାନ୍ଧି ରଖିବା ବଡ଼କଥା ବୋଲି କହିଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଦୁଲ୍ଲାଦେହୀ ଯୁବକ ସଂଗ ପକ୍ଷରୁ ନାଟକ 'ବିଧବା ଖେଳୁଛି ସିନ୍ଦୂର ଖେଳ' ପରିବେଷଣ ହୋଇଥିଲା। ଏହି ନାଟକ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା।

## ବିଜୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଉ

ସାକ୍ଷୀଗୋପାଳ,୧୭।୪ (ପ୍ରଶାନ୍ତ କୁମାର ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ବିଜୁବାବୁ ସ୍ମୃତି ସଂସଦ ସତ୍ୟବାଦୀ ପକ୍ଷରୁ ସ୍ଥାନୀୟ ବ୍ଲକ ଛକ ନିକଟସ୍ଥ ମଣ୍ଡପରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧଦିବସ ବୁଧବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ଅନନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବୁଦ୍ଧିଜୀବୀ ନିରଞ୍ଜନ ମହାପାତ୍ର ଯୋଗଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱନାଥପୁର ସରପଞ୍ଚ ସର୍ବେଶ ଷଡ଼ଙ୍ଗୀ, ରବୀନ୍ଦ୍ର ନାଥ ଶତପଥୀ, ଶତ୍ରୁଘନ ରାଉତ, ଭଜେନ୍ଦ୍ର ନାୟକ, ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସଭାରେ ଅତିଥିମାନେ ବିଜୁବାବୁଙ୍କ ଜୀବନୀ, ଆଦର୍ଶ ଓ ଦେଶ ସେବାରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ଦେଶ ଓ ସମାଜ ପ୍ରଗତି ପଥରେ ଅଗ୍ରସର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଜୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ କରିବା ନିମନ୍ତେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଅତିଥିମାନେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥିରେ ପ୍ରଭାକର ବେହେରା, କାଳିଆ ଭୋଇ, କୈଳାସ ଚନ୍ଦ୍ର ମହାପାତ୍ର, ସଂଗ୍ରାମ ମହାପାତ୍ର, ଚିନ୍ମୟ ରଞ୍ଜନ ମହାପାତ୍ର, ଶ୍ୟାମସୁନ୍ଦର ବାରିକ୍, ଶିବ ରାଉତ ଓ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହେଲା ପିପିଲି



ପିପିଲି, ୧୭।୪(ପ୍ରଭାତ କୁମାର ମହାପାତ୍ର)

**ରାମରଥକୁ ଭବ୍ୟ ସ୍ୱାଗତ**

ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ନବମୀ ଉତ୍ସବରେ ପ୍ରକମ୍ପିତ ହେଲା ପିପିଲି। ପବିତ୍ର ରାମନବମୀରେ ବୁଧବାର ଜୟ ଶ୍ରୀରାମ ଧ୍ୱନୀ ଓ ଶ୍ରୀରାମ ଧ୍ୱଜା ସହ ପିପିଲିରେ ବିଶାଳ ଶୋଭାଯାତ୍ରାରେ ସାମିଲ ହେଲେ ହଜାର ହଜାର ରାମପ୍ରେମୀ। ପିପିଲିର ସଙ୍ଗଠିତ ହିନ୍ଦୁ ପରିବାର, ବିଶ୍ୱ ହିନ୍ଦୁ ପରିଷଦ, ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମିଳିତ ଆନୁକୂଲ୍ୟରେ ଶୋଭାଯାତ୍ରାରେ ଶ୍ରୀରାମ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ସଂଗଠିତ ହିନ୍ଦୁ ପରିବାର ସଂସ୍ଥାପକ ପ୍ରଦୀପ କୁମାର ବେହେରା ଓ ଆବାହକ ପ୍ରକାଶ ପ୍ରଧାନଙ୍କ ନେତୃତ୍ୱରେ ଶ୍ରଦ୍ଧାଳୁମାନେ ସୁସଜ୍ଜିତ ଶ୍ରୀରାମ ରଥ ସହ ବିଶାଳ ବାଇକ ଶୋଭାଯାତ୍ରା କରି ଶିଉଳା ଛକ ଜାଗେଶ୍ୱରୀ ମନ୍ଦିରଠାରୁ ବାହାରି ଉତ୍ତରା ଛକ ଓ ପିପିଲି ନଗର ପରିକ୍ରମା କରିଥିଲେ। ପରେ ଶୋଭାଯାତ୍ରା ଦାଣ୍ଡମୁକୁନ୍ଦପୁର ପର୍ଯ୍ୟନ୍ତ ଯାଇ ପିପିଲି ଇନ୍ଦିରା ମଇଦାନଠାରେ ଶେଷ ହୋଇଥିଲା। ରାମ ରଥରେ ସୁସଜ୍ଜିତ ବେଶଧାରୀ ପ୍ରଭୁ ରାମ, ଲକ୍ଷ୍ମଣ, ସୀତାଙ୍କୁ ଅବସ୍ଥାପିତ କରାଯାଇ ବାଟରେ ପିପିଲି ପତିତପାବନ ମନ୍ଦିର, ସଙ୍କଟମୋଚନ ହନୁମାନ ମନ୍ଦିର, ପୋଡେଇଶୁଣୀ ମନ୍ଦିର, ଦାଣ୍ଡମୁକୁନ୍ଦପୁର ଗୋପାଳ ଜୀଉ ମନ୍ଦିରଠାରେ ସ୍ୱାଗତ ସହ ବନ୍ଦାପନା କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଖାତିର ନ କରି ଶୋଭାଯାତ୍ରାରେ ହଜାର ହଜାର ରାମପ୍ରେମୀ ସାମିଲ ହୋଇଥିଲେ। ରାମପ୍ରେମୀଙ୍କ ପାଇଁ ପିପିଲି ନଗର ଭାଜପା ପକ୍ଷରୁ ଦହିପଣା ବଣ୍ଟନ କରାଯାଇଥିଲା। ପୁରୀ ଜିଲା ଭାଜପା ସଭାପତି ତଥା ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସହ ଭାଜପା ନଗର ସଭାପତି ସୁକାନ୍ତ କୁମାର ଭଞ୍ଜ ଓ ଯୁବମୋର୍ଚ୍ଚାର ସମସ୍ତ ସଦସ୍ୟ ରାମପ୍ରେମୀଙ୍କୁ ଦହିପଣା ବାଣ୍ଟିଥିଲେ।

## ରଥରୁ ଗୁଣ୍ଡିଚା ମନ୍ଦିରକୁ ଗଲେ ଶ୍ରୀଜୀଉ

ନିରାକାରପୁର,୧୭।୪
(ମାନସ ଚନ୍ଦ୍ର ପଟ୍ଟନାୟକ)



ଅଶୋକଷ୍ଟମୀରେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆଠାରେ ଥିବା ଶ୍ରୀକପିଳେଶ୍ୱର ଦେବଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀକପିଳେଶ୍ୱର ଦେବ, ଧର୍ମପତ୍ନୀ ମା' ପାର୍ବତୀ ଓ ଲେଣ୍ଡୋ ପଞ୍ଚାୟତ ଆରରେଡି ଗ୍ରାମର କପିଳେଶ୍ୱର ଦେବଙ୍କ ବଡ଼ ଭାଇ ଗ୍ରାମେଶ୍ୱର ଦେବ ଭାଉଜ ଗ୍ରାମେଶ୍ୱରୀ ଏହି ରଥଯାତ୍ରାରେ ସାମିଲ ହୋଇ ଆସି ମଙ୍ଗଳବାରଠାରୁ ରଥରେ ପଣାକିଆରୀରେ ବିଶ୍ରାମ ନେଇଥିଲେ। ରୀତିନୀତି ଅନୁଯାୟୀ ବୁଧବାର ନବମୀ ତିଥିରେ ସମସ୍ତ ପୂଜାର୍ଚ୍ଚନା ପରେ ଡିଆଗ୍ରାମସ୍ଥିତ ଗୁଣ୍ଡିଚା ମନ୍ଦିରକୁ ଶ୍ରୀଜୀଉଙ୍କୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନିଆଯାଇଛି। ଶ୍ରୀଜୀଉମାନେ ଗୁଣ୍ଡିଚା ମନ୍ଦିରରେ ଆସୀନ ହେବା ପରେ ସ୍ଥାନୀୟ ଡିଆ, ଭୋଇସାହି, ଭଟସାହି, କୋଲସାହିରେ ଗାଁଯାତ ଆରମ୍ଭ ହୋଇଛି। ଆଜିଠାରୁ ଶ୍ରୀଜୀଉମାନେ ୩ ଦିନ ଧରି ଗୁଣ୍ଡିଚା ମନ୍ଦିରରେ ରହି ପୂଜା ପାଇବେ। ଆସନ୍ତା ଦ୍ୱାଦଶୀ ମଧ୍ୟ ରାତ୍ରରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ ହେବ ବୋଲି ପରିଚାଳନା କମିଟି ସଭାପତି କିଶୋର ଦାଶ, ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## ସମ୍ବିତ, ଓମ୍‌ଙ୍କ ସାକ୍ଷୀଗୋପାଳଙ୍କ ଦର୍ଶନ

ସାକ୍ଷୀଗୋପାଳ,୧୭।୪
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ପୁରୀ ଲୋକ ସଭା ଆସନର ଭାଜପା ଏମ୍‌ପି ପ୍ରାର୍ଥୀ ଡ. ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାନସଭା ଆସନର ଭାଜପା ବିଧାୟକ ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ର ବୁଧବାର ରାତିରେ ସାକ୍ଷୀଗୋପାଳ ମନ୍ଦିରରେ ପହଞ୍ଚିଥିଲେ। ଠାକୁର ଶ୍ରୀଶ୍ରୀ ଗୋପାଳଜୀଉ ଓ ଠାକୁରାଣୀ ଶ୍ରୀଶ୍ରୀ ରାଧାରାଣୀ ଓ ଶ୍ରୀରାମ ମନ୍ଦିରରେ ପ୍ରଭୁ ରାମଲାଲା, ମାତା ସୀତା ଅନୁଜ ଲକ୍ଷ୍ମଣ ଓ ଭକ୍ତ ହନୁମାନଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ। ଏହି ଅବସରରେ ମନ୍ଦିର ନିକଟରେ ଆୟୋଜିତ ରାମ ନବମୀ ସାଂସ୍କୃତିକ ମଞ୍ଚରେ ଡ. ପାତ୍ର ନିଜେ ଭଜନ ଗାନ କରିଥିଲେ। ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସମିତି ସଭ୍ୟ ଦୀପକ ଶତପଥୀ, ବିଶ୍ୱନାଥପୁର ସରପଞ୍ଚ ମଣ୍ଟୁ ଷଡ଼ଙ୍ଗୀ, ରଞ୍ଜନ ବରାଳ, ଶଙ୍କର୍ଷଣ ପ୍ରଧାନ, ମିଲୁ ଶତପଥୀ, ହରପ୍ରସାଦ ରଥ, ତ୍ରିଲୋଚନ ରଥ, ସୁରେନ୍ଦ୍ର ପ୍ରଧାନ, ଅଶୋକ ରାଉତରାୟ, ଯୋଗୀ ନନ୍ଦ, ବାବୁନା ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତ ଥିଲେ।


ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ଅବସରରେ ସମ୍ବିତ୍ ପାତ୍ର ଏବଂ ଓମ୍ ପ୍ରକାଶ ମିଶ୍ର।

## ରାମନବମୀ ଉପଲକ୍ଷେ ଶୋଭାଯାତ୍ରା

କାକଟପୁର,୧୭।୪(ଶୁଭଦର୍ଶନ ମିଶ୍ର)

ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଦିବସରେ ସ୍ଥାନୀୟ ସୋମେଶ୍ୱର ଶମ୍ଭୁ ମନ୍ଦିର ପ୍ରାଙ୍ଗଣରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ସହିତ ମଙ୍ଗଳା ମନ୍ଦିର ଏବଂ ବିଶ୍ୱାମିତ୍ର ମଠ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। ରାଷ୍ଟ୍ରୀୟ ନବବର୍ଷ ସମିତି ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ଅଞ୍ଚଳର ସମସ୍ତ ବର୍ଗର ଲୋକେ ସାମିଲ ହୋଇ ଜୟ ଶ୍ରୀରାମ ଧ୍ୱନୀରେ ଦେଇଥିଲେ। ଉକ୍ତ ଶୋଭାଯାତ୍ରାକୁ ମିହିର ରଞ୍ଜନ ଦୀକ୍ଷିତ, କାବୁଲା ବିଶ୍ୱାଳ, ସଲିଳ ରଞ୍ଜନ ଦୀକ୍ଷିତ, ରଞ୍ଜିତ ସ୍ୱାଇଁ, ଶ୍ରୀଧର ସ୍ୱାଇଁ, କୈଳାଶ ନାୟକ, ଅଲେଖ ମହାନ୍ତି, ଚିନ୍ମୟ ପ୍ରକାଶ ଦାଶ, ଲିଙ୍ଗରାଜ ଦାଶ, ତୁଷାର ରଞ୍ଜନ ବେହେରା, ରାଜକିଶୋର ମଲ୍ଲିକ, ଶିବପ୍ରସାଦ ପରିଡା, ପ୍ରଦୀପ୍ତ ଦାଶ, ପପୁ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର କାଣ୍ଡି, ଅନୁପ ଦାସ, ପଦ୍ମଚରଣ ସାମଲ, ଚିଣ୍ଟୁ, ପିଣ୍ଟୁ, ପାପୁ ପ୍ରମୁଖ ପରିଚାଳନା କରିଥିଲେ। ସ୍ଥାନୀୟ ବିଧାୟକ ତଥା କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ କାକଟପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକଙ୍କୁ ସମିତି ପକ୍ଷରୁ ଶୋଭାଯାତ୍ରା ସ୍ଥଳରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

**TPCODL**
**ବିଶେଷ ସୂଚନା**
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଚନ୍ଦ୍ରଶେଖରପୁର ଜିଏ ପ୍ଲଟ୍ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧.୩୦ ଘଟିକା ପର୍ଯ୍ୟନ୍ତ ଏବଂ ଲିଙ୍ଗରାଜ ଷ୍ଟେସନ ଅଞ୍ଚଳ, ଭୀମଟାଙ୍ଗି ବିଡିଏ କଲୋନୀ ଫେଜ୍-୧, ହାଉସିଂ ବୋର୍ଡ ଅଞ୍ଚଳ, ପୁରୁଣା ଗେଟ୍ ଅଞ୍ଚଳ, ଅଳକା ଦାସ ଲେନ୍, ଭୀମକୁଣ୍ଡ, ପୂର୍ଣ୍ଣିମା ଗେଟ୍, ଭୀମଟାଙ୍ଗି ଓଏଚଏସବି କଲୋନୀ, ସେଣ୍ଟ୍ରାଲ ପଲ୍ୟୁଟ୍ରି ଫାର୍ମ ଅଞ୍ଚଳ, ତଳଗଡ଼ ଗାଁ, ସାନ ମୁଣ୍ଡୁଳି, ବଡ଼ ମୁଣ୍ଡୁଳି, ବେରସୁଆ, ବେରଣା ଓ ଜଟମୁଣ୍ଡିଆ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ ।
**ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡ଼ିଏଲ**

**ଦ.ପୂ. ରେଳପଥ ଟେଣ୍ଡର**
**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ଡି-୬୪୫-ଏଫ୍‌ଓବି-ଜିଏମ୍‌ଏଚ୍, (୨) ସିକେପି-୬୪୬-ଏଫ୍‌ଓବି-ସିକେପି, ତାରିଖ: ୧୭।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଡି), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ନାମ: (୧)** ଦକ୍ଷିଣ ପୂର୍ବ ରେଳପଥର ସିକେପି ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା (ଏବିଏସ୍‌ଏସ୍) ଅଧୀନରେ ଜିଏମ୍‌ଏଚ୍ ଷ୍ଟେଶନଠାରେ ଏଫ୍‌ଓବି (୧୨ ମିଟର ପ୍ରସ୍ଥ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ପରିବର୍ତ୍ତନ କାର୍ଯ୍ୟ। **(୨)** ଦକ୍ଷିଣ ପୂର୍ବ ରେଳପଥର ସିକେପି ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା (ଏବିଏସ୍‌ଏସ୍) ଅଧୀନରେ ସିକେପି ଷ୍ଟେଶନଠାରେ ଏଫ୍‌ଓବି (୧୨ ମିଟର ପ୍ରସ୍ଥ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ପରିବର୍ତ୍ତନ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୪୮,୮୩,୩୪୮.୪୯ (କ୍ର.ସଂ. ୧ ପାଇଁ) ଏବଂ ₹୪୧,୦୫,୪୧୭.୮୨ (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୯୭,୭୦୦/- (କ୍ର.ସଂ. ୧ ପାଇଁ) ଏବଂ ₹୮୨,୧୦୦/- (କ୍ର.ସଂ. ୨ ପାଇଁ)। **ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ୯ ମାସ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୧୪।୦୫।୨୦୨୪ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୧୪।୦୫।୨୦୨୪ରିଖ ୧୫.୩୦ ଘଟିକା। **ଇ-ଟେଣ୍ଡର ଖୋଲାଯିବାର ସ୍ଥାନ:** ସିନିୟର ଡିଇଇ/ଟିଆର୍‌ଡି/ଦକ୍ଷିଣ ପୂର୍ବ ରେଳପଥ। ଇ-ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-49)

# ଦାଣ୍ଡମୁକୁନ୍ଦପୁରରେ ଶ୍ରୀରାମ ରଥଯାତ୍ରା

ପିପିଲି,୧୭।୪(ପ୍ରଭାତ ମହାପାତ୍ର)



ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ଦାଣ୍ଡମୁକୁନ୍ଦପୁରଠାରେ ପ୍ରବଳ ଆନନ୍ଦ ଉଲ୍ଲାସ ମଧ୍ୟରେ ପ୍ରଭୁ ଶ୍ରୀରାମଙ୍କ ରଥଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ଏହି ରଥଯାତ୍ରା ଦାଣ୍ଡମୁକୁନ୍ଦପୁର ଗ୍ରାମର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀଜୟଗୋପାଳ ଦେବଙ୍କ ମନ୍ଦିର ପରିସରରୁ ଆରମ୍ଭ ହୋଇଥିଲା। ଏହି ଅବସରରେ ପ୍ରାତଃ ୫ଟାରେ ମଙ୍ଗଳ ଆଳତି ଓ ସମସ୍ତ ପୂଜାର୍ଚ୍ଚନା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ, ଦେବୀ ସୀତା ଓ ପରମଭକ୍ତ ଶ୍ରୀହନୁମାନଙ୍କ ବିଗ୍ରହକୁ ରଥାରୂଢ଼ କରାଯିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ପ୍ରବଳ ଆନନ୍ଦ ଓ ଉତ୍ସାହର ସହ ଏହି ରଥକୁ ଟାଣି ଟାଣି ନେଇଥିଲେ। ଦାଣ୍ଡମୁକୁନ୍ଦପୁର ଶାସନ, ମଠସାହି, ବରାଗଡ଼, ମାଳିବରାହି, ବାବଜା, ମାନସିଂହପାଟଣା, ମୁଖ୍ୟବଜାର, ରାଣପୁର, ନୂଆସାହି, ବାସୁଦେଇପୁର, କରଣସାହି ପ୍ରଭୃତି ଗ୍ରାମ ପରିକ୍ରମା କରି ଅପରାହ୍ନରେ ଶ୍ରୀଜୟଗୋପାଳ ମନ୍ଦିର ନିକଟ ଶ୍ରୀରାମ ଦର୍ଶନପୀଠଠାରେ ରଥ ପହଞ୍ଚିଥିଲା। ବିଭିନ୍ନ ଗ୍ରାମରେ ଠାକୁରଙ୍କୁ ଦ୍ୱାରିଭୋଗ ଅର୍ପଣ କରାଯାଇଥିଲା। ମଧ୍ୟାହ୍ନରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଶ୍ୱହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଜନସ୍ୱାର୍ଥ ସୁରକ୍ଷା ସମିତି ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କର୍ମକର୍ତ୍ତାଙ୍କ ସମେତ ଅନୁଷ୍ଠାନର ରଣଜିତ ପଣ୍ଡା, ଶିକ୍ଷାବିତ୍ ସନ୍ତୋଷ ମିଶ୍ର, ଯୋଗଗୁରୁ ବଂଶୀଧର ସାହୁ, ପ୍ରସନ୍ନ ଦାସ, କମଳେଶ ଦାଶ, ଶିଶିର ମହାନ୍ତି, ଅଭିଷେକ ଲେଙ୍କା, ରଞ୍ଜନ ପଣ୍ଡା, ରଜନୀକାନ୍ତ ପଣ୍ଡା, ଚିତ୍ତରଞ୍ଜନ ମହାରଣା, ପ୍ରଭାତ ବେହେରା ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

राष्ट्रीय विज्ञान शिक्षा एवं अनुसंधान संस्थान भुवनेश्वर
**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**
परमाणु ऊर्जा विभाग, भारत सरकार का एक स्वयंशासित संस्थान
AN AUTONOMOUS INSTITUTE UNDER DAE, GOVERNMENT OF INDIA

**ADMISSION TO MASTERS PROGRAM IN MEDICAL AND RADIOLOGICAL PHYSICS**

**The National Institute of Science Education and Research (NISER) Bhubaneswar,** invites applications from interested candidates for the **M. Sc. program in Medical and Radiological Physics** at the **Centre for Medical and Radiation Physics, NISER, Odisha, India.**

**PROGRAM DETAILS**

| | |
|---|---|
| Degree awarding institute | Homi Bhabha National Institute, Mumbai and NISER |
| Duration of the course | 2 years Master's program and 1-year mandatory internship. |
| Total No. of seats | 10 |
| Minimum qualification and selection | 60% marks in B. Sc with physics as a main course and JAM 2024 / JEST 2024 scorecards. The shortlisting will be based on JAM 2024 / JEST 2024 marks, followed by interview for selection. |
| Fellowship | Rs. 16,000/- p.m. + HRA and mentorship grant as per DAE rules, during master's program. |
| Internship hospitals as per AERB guidelines | All India Institute of Medical Sciences, Bhubaneswar, Acharya Harihara Post Graduate Institute of Cancer, Cuttack and Tata Memorial Centre. |

More details about the program are available at: **https://www.niser.ac.in/cmrp/**

**HOW TO APPLY**
See announcements section of NISER website **https://www.niser.ac.in/** or Scan the QR code

**IMPORTANT DATES**

| | |
|---|---|
| Last date of online application | 15th May 2024 |
| Date of interview | 1st - 4th July 2024 |
| Announcement of final selection list | 5th July 2024 |

**ADDRESS FOR CORRESPONDENCE**
Centre for Medical and Radiation Physics, NISER, Jatni-50, Odisha, India
**Email : cmrp@niser.ac.in**

**ମହିଳା ଶ୍ରମିକଙ୍କୁ ସେବାୟତଙ୍କ ଗାଳି, ମାଡ଼**

ପୁରୀ,(ଅଜିତ ମହାନ୍ତି):ଶ୍ରୀମନ୍ଦିରରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସେବାୟତଙ୍କ ଆକ୍ରମଣର ଶିକାର ହୋଇଛନ୍ତି ଶ୍ରୀମନ୍ଦିର ପରିସରରେ କାର୍ଯ୍ୟରତ ମହିଳା ଶ୍ରମିକ। ସେବାୟତ ଜଣକ ଜାତିଆଣ ଆକ୍ଷେପ କରି ତାଙ୍କୁ ମାଡ଼ ମାରିଛନ୍ତି। ଏ ନେଇ ସମ୍ପୃକ୍ତ ମହିଳା ଶ୍ରମିକ ପୁରୀ ଗୌଡ଼ବାଡ଼ ସାହିର ପୂର୍ଣ୍ଣିମା ବେହେରା ସିଂହଦ୍ୱାର ଥାନାର ଦ୍ୱାରସ୍ଥ ହୋଇଛନ୍ତି।



## ସଂକ୍ଷେପରେ

### ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ ଦାବି



ଭୁବନେଶ୍ୱର, ୧୭।୪ (ବନ୍ଦନା ସେଠୀ)- ଜନନାୟକ ଓ ରାଷ୍ଟ୍ରନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ବୁଧବାର ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପରେ ବିଜୁବାବୁ ନବ ଉତ୍କଳର ନିର୍ମାଣ କରିବା ସହିତ ସାରା ବିଶ୍ୱରେ ଓଡିଶାକୁ ପରିଚିତ କରିଛନ୍ତି ବୋଲି ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ ଓ ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି ମତ ଦେଇଥିଲେ। ମାଲ୍ୟାର୍ପଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର ଯୁଗ୍ମସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ କୁମାର ଜେଠୀ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ବାସନ୍ତୀ ତ୍ରିପାଠୀ, ସୁରଜିତ ପରିଡା, ଅନୁପମା ବେହେରା, ସୁଧା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ରାଜଧାନୀ ରାସ୍ତାକଡ଼ ପାଲଟିଛି କବାଡ଼ିଖାନା

## ନିଜ ନିର୍ଦ୍ଦେଶ ନିଜେ ଭୁଲିଗଲା ବିଏମ୍‌ସି

- ମନଇଚ୍ଛା ରଖୁଛନ୍ତି ପରିତ୍ୟକ୍ତ ଯାନ, ପୁରୁଣା କ୍ୟାବିନ
- ନଷ୍ଟ ହେଉଛି ସୌନ୍ଦର୍ଯ୍ୟ

ଭୁବନେଶ୍ୱର, ୧୭।୪ (ବନ୍ଦନା ସେଠୀ)

ରାଜଧାନୀର ରାସ୍ତା କଡ଼ରୁ ପରିତ୍ୟକ୍ତ ହୋଇ ପଡିରହିଥିବା ଗାଡ଼ି, କ୍ୟାବିନ ଏବଂ ଅନ୍ୟାନ୍ୟ ଅଦରକାରୀ ସାମଗ୍ରୀଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ନିଷ୍ପତ୍ତି ନେଇଥିଲା। ସହରର ସୌନ୍ଦର୍ଯ୍ୟକରଣର ଆଉ ଏକ ପଦକ୍ଷେପ ସ୍ୱରୂପ ଏହି ନିୟମ ପ୍ରାୟ ୧୦ମାସ ତଳେ କରାଯାଇଥିଲା। ଦୀର୍ଘଦିନ ଧରି ରାସ୍ତାକଡ଼ରେ ପଡି ରହିଥିବା ଗାଡ଼ିକୁ ବୁଲିବୁଲି ବିଏମ୍‌ସି କର୍ମଚାରୀମାନେ ନୋଟିସ୍ ମାରିଥିଲେ। ୭ଦିନ ମଧ୍ୟରେ ସମ୍ପୃକ୍ତ ଗାଡ଼ିର ମାଲିକ ଏହାକୁ ନ ଉଠାଇଲେ ବିଏମ୍‌ସି ନିଜେ ସେଗୁଡ଼ିକ ଉଠାଇନେବ ବୋଲି ଚେତାବନୀ ଦିଆଯାଇଥିଲା। ମାତ୍ର ଏବେ ନିଜ ନିୟମକୁ ନିଜେ ଭୁଲି ଯାଇଛି ବିଏମ୍‌ସି। ସହରର ବିଭିନ୍ନ ଅଞ୍ଚଳ ଏପରିକି ମୁଖ୍ୟ ରାସ୍ତାକଡ଼ରେ ପରିତ୍ୟକ୍ତ ଗାଡ଼ି, ଭଙ୍ଗା କ୍ୟାବିନ୍ ପଡି ରହିଥିଲେ ବି ସେଗୁଡ଼ିକୁ ହଟାଯାଉ ନାହିଁ କିମ୍ବା ସମ୍ପୃକ୍ତ ମାଲିକଙ୍କୁ ତାଗିଦ୍ ମଧ୍ୟ କରାଯାଉନାହିଁ।



ଶହୀଦନଗରସ୍ଥିତ ଆର୍‌ଟିଓ ଅଫିସ୍ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ପଡ଼ି ରହିଥିବା ଗାଡି।



କଳ୍ପନାରୁ ବଡ଼ଗଡ଼ ଯିବା ରାସ୍ତାରେ ବହୁଦିନ ହେବ ରହିଥିବା ଜିପ୍।

ଫଳରେ ଏବେ ରାସ୍ତାକଡ଼ ଏକ ପ୍ରକାରର କବାଡ଼ିଖାନାରେ ପରିଣତ ହୋଇଛି। ଶହୀଦନଗରସ୍ଥିତ ରାଜ୍ୟ ରାଜସ୍ୱ ଓ ଆୟକର ବିଭାଗ ଅଫିସ ନିକଟରେ ପ୍ରାୟ ୭ଟି ପରିତ୍ୟକ୍ତ ଗାଡ଼ି ପାଦଚଲା ରାସ୍ତା ଉପରେ ପଡ଼ିରହିଛି। ସେହିପରି କଳ୍ପନାରୁ ବଡ଼ଗଡ଼କୁ ଯିବା ରାସ୍ତାରେ ୨ଟି ପରିତ୍ୟକ୍ତ ଜିପ୍, ଶହୀଦନଗର କଲ୍ୟାଣ ମଣ୍ଡପ ସାମ୍ନା ରାସ୍ତା, ମଞ୍ଚେଶ୍ୱର ଥାନା ସମ୍ମୁଖ ରାସ୍ତା କଡ଼ରେ ମଧ୍ୟ ଦୁଇଟି ପରିତ୍ୟକ୍ତ ଗାଡ଼ି ଥୁଆ ହୋଇଛି। କେବଳ ସେତିକି ନୁହେଁ, ଖଣ୍ଡଗିରିରୁ ବରମୁଣ୍ଡା ଯିବା ରାସ୍ତାରେ ରାଜପଥ କଡ଼ରେ ପରିତ୍ୟକ୍ତ କ୍ୟାବିନ୍ ରହିଛି, ଯାହାକୁ ବିଏମସି ଉଚ୍ଛେଦ କରୁନାହିଁ। ଏନେଇ ବିଏମ୍‌ସିର ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତାକଡ଼ରେ ପଡି ରହୁଥିବା ଠେଲାଗାଡ଼ି, ଟ୍ରଲି ଆଦିକୁ ବିଏମ୍‌ସି ଉଠାଇ ନେଉଛି। ଖାଓଗଳିରେ ପଡି ରହୁଥିବା ଭଙ୍ଗାରୁଜା ଜିନିଷକୁ ଗତ ସୋମବାର ଉଠାଯାଇଥିଲା। ମାତ୍ର ପରିତ୍ୟକ୍ତ ଗାଡ଼ି ଉଠା କାମ ଏଯାବତ୍ ଆରମ୍ଭ ହୋଇନି, କେବଳ ନୋଟିସ୍ ମରାଯାଉଛି। ପରିତ୍ୟକ୍ତ ସାମଗ୍ରୀକୁ ଉଠାଇବା ଆରମ୍ଭ କଲେ ସେମାନେ ନେଇ ଯାଉଛନ୍ତି। ନଚେତ୍ ସମ୍ପୃକ୍ତ ଜୋନ୍ ଅଫିସ୍‌ରେ ଏହାକୁ ରଖାଯାଉଛି। ସେହିପରି ପୋଲିସ୍ ଜବତ ଗାଡି ରଖିଥିବା ସ୍ଥାନରେ କିଛି ଉନ୍ନତିମୂଳକ କାମ ଚାଲିଲେ ସେଗୁଡ଼ିକୁ ଉଠାଇବା ପାଇଁ ଥାନାଧିକାରୀଙ୍କୁ କୁହାଯାଉଛି। ତେବେ ଯେଉଁ ଗାଡ଼ି ଉପରେ କୋର୍ଟରେ କେସ୍ ଚାଲିଛି ସେଗୁଡ଼ିକ ଏଭଳି ପଡି ରହୁଛି। ଏହାର ସମାଧାନ ପାଇଁ ଖୁବ୍‌ଶୀଘ୍ର କିଛି ବାଟ ବାହାର କରିବୁ। ସେହିପରି ଡିସିପି ପ୍ରତୀକ ସିଂ କହିଛନ୍ତି, ପ୍ରତିଦିନ ଦୁର୍ଘଟଣା ହେଉଛି, ଗାଡ଼ି ଜବତ କରାଯାଉଛି। ପରେ ଫେରାଯାଉଛି। ଏହାଏକ ନିୟମିତ ପ୍ରକ୍ରିୟା। ପରିତ୍ୟକ୍ତ ଗାଡ଼ି ଯେପରି ପଡି ନ ରୁହେ ସେ ନେଇ ଧ୍ୟାନ ଦିଆଯାଉଥିବା ଡିସିପି କହିଛନ୍ତି।



ଖଣ୍ଡଗିରିରୁ ବରମୁଣ୍ଡା ଯିବା ରାସ୍ତା କଡ଼ରେ ଥିବା ପରିତ୍ୟକ୍ତ କ୍ୟାବିନ୍



ଶହୀଦନଗର ରାସ୍ତା ପାର୍ଶ୍ୱରେ ଖତ ଖାଉଥିବା ଅଟୋ ଓ ଅନ୍ୟ ଗାଡି।

### ବର୍ଷ ବର୍ଷ ଧରି ପଡି ରହୁଛି ଜବତ ଗାଡ଼ି

ସହରର ବିଭିନ୍ନ ଥାନା ସମ୍ମୁଖ ରାସ୍ତାପାର୍ଶ୍ୱରେ ଶହଶହ ଜବତ ଗାଡ଼ି ଖତ ଖାଉଛି। ଦୁର୍ଘଟଣା ବା ଅନ୍ୟ କୌଣସି ଘଟଣାରେ ପୋଲିସ୍ ଗାଡ଼ିଗୁଡିକୁ ସିଜ୍ କରି ରାସ୍ତାକଡ଼ରେ ପକାଇ ଦେଉଛି। ଅଧିକାଂଶ ଗାଡି ଦୀର୍ଘଦିନ ଧରିସେମିତି ସେଠାରେ ପଡିରହୁଛି। ଏପରିକି କିଛି ଗାଡି ବର୍ଷ ବର୍ଷ ଧରି ସେମିତି ଖରା, ବର୍ଷା, ଶୀତରେ ପଡିରହିଥିବାବେଳେ କିଛି ଗାଡ଼ିରେ କଳଙ୍କି ଲାଗିଗଲାଣି ତ ଆଉ କିଛି ଗାଡ଼ିରେ ଅନାବନା ଗଛ ଉଠିଗଲାଣି। ଏହାଦ୍ୱାରା ରାସ୍ତା ସଙ୍କୁଚିତ ହେବା ସହ ସହରର ସୌନ୍ଦର୍ଯ୍ୟ ନଷ୍ଟ କରୁଛି। ପୁଣି ବର୍ଷାଦିନେ ସେଥିରେ ପାଣି ଜମିରହି ମଶାବଂଶ ବୃଦ୍ଧିରେ ସହାୟକ ହେଉଛି। ମାତ୍ର ସିଜ୍ କରି ଆଣିବା ପରେ ସମ୍ପୃକ୍ତ ଥାନାଧିକାରୀ ସେଗୁଡିକର କୌଣସି ବ୍ୟବସ୍ଥା କରୁ ନ ଥିବାବେଳେ ବିଏମ୍‌ସି ମଧ୍ୟ ସବୁକିଛି ଦେଖି ନ ଦେଖିବା ଭଳି ଅଭିନୟ କରୁଛି। ସେହିଭଳି ଆର୍‌ଟିଓ ଅଫିସ୍ ନିକଟ ରାସ୍ତା ପାର୍ଶ୍ୱରେ ବହୁ ଜବତ ଗାଡି ପଡି ରହିଥିବା ଦେଖିବାକୁ ମିଳୁଛି।

# ବିଜେଡିର କର୍ମୀ ସମ୍ମିଳନୀ

ବାଲିପାଟଣା,୧୭।୪(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅଧୀନ ତ୍ରିବେଣୀ ଘାଟ ଅନ୍ତର୍ବେଦୀ ପୀଠଠାରେ ବିଜେଡିର ଏକ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ ସଭାପତି କିଶୋର ଜେନାଙ୍କ ସଭାପତିତ୍ୱରେ ଦଳୀୟ ବିଧାୟକ ପ୍ରାର୍ଥୀ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ମୋତେ ଜୟଦେବର ସେବକ ଭାବେ କାମ କରିବାକୁ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଟିକେଟ ଦେଇ ସୁଯୋଗ ଦେଇଛନ୍ତି। ଦଳର ବରିଷ୍ଠ ନେତା ଶରତ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ପବିତ୍ର ପଟେଲ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତ୍ରିବିକ୍ରମ ଦାଶ, ପଦ୍ମିନୀ ଦାଶ, ସୁନୀଲ ରାଉତରାୟ, ପ୍ରଦ୍ୟୁମ୍ନ ସେନାପତି, ଶରତ ତ୍ରିପାଠୀ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ପବିତ୍ର ତ୍ରିବେଣୀ ଘାଟରେ ତିଳତର୍ପଣ କରାଯାଇଥିଲା। ବହୁ ସଂଖ୍ୟାରେ ବିଜୁପ୍ରେମୀ ଉପସ୍ଥିତ ଥିଲେ।

# ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ ପାଳିଲା ବିଜେଡି



ବିନ୍ଦୁ ସାଗରରେ ତିଳତର୍ପଣ ଅବସରରେ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନାଙ୍କ ସହ ଅନ୍ୟ ନେତୃବୃନ୍ଦ।

ଭୁବନେଶ୍ୱର,୧୭।୪(ଅନିଲ ଦାସ)

ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏହି ତିରୋଧାନ ଦିବସକୁ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ବିଜେଡି ନିରାଡ଼ମ୍ବର ସହ ପାଳନ କରିଛି। ଏହି ଅବସରରେ ବୁଧବାର ବିନ୍ଦୁସାଗର କୂଳରେ ବିଜୁବାବୁଙ୍କୁ ବିଜୁ ଜନତା ଦଳ ପକ୍ଷରୁ ତିଳତର୍ପଣ ପ୍ରଦାନ କରାଯାଇଛି। ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ସହ ଦଳର କର୍ମୀମାନେ ସାମିଲ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ସକାଳୁ ବିଜେଡି ପକ୍ଷରୁ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ନେତା ଓ କର୍ମୀମାନେ ସଂକଳ୍ପ ନେଇଛନ୍ତି। ଆଗାମୀ ଦିନରେ ଦଳରେ ଶୃଙ୍ଖଳିତ ହୋଇ ନିଃସ୍ୱାର୍ଥପର ଭାବରେ ବିକଶିତ ଏବଂ ସ୍ୱାଭିମାନୀ ଓଡ଼ିଶା ଗଠନ କରିବା ପାଇଁ ସମସ୍ତେ ଶପଥ ନେଇଛନ୍ତି। ଏହାଛଡ଼ା ବିଭିନ୍ନ ସ୍ଥାନରେ ସ୍ମୃତିସଭା, ରକ୍ତଦାନ ଶିବିର, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଛି। ସ୍ୱର୍ଗତ ବିଜୁ ପଟ୍ଟନାୟକ ୧୯୧୬ ମାର୍ଚ୍ଚ ୫ରେ କଟକରେ ଜନ୍ମ ଗ୍ରହଣ କରିଥିଲେ। ୧୯୯୭ ଏପ୍ରିଲ ୧୭ରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।

### ପଳାଶୁଣୀରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ

ବାଲିଅନ୍ତା,୧୭।୪(ନୀଳମାଧବ ସାହୁ): ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ପଳାଶୁଣୀ ପ୍ରାଚୀ ବିହାରସ୍ଥିତ ବିଜୁ ପଟ୍ଟନାୟକଙ୍କ ଖେଳ ପଡ଼ିଆରେ ବୁଧବାର ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଭୁବନେଶ୍ୱରର ଲୋକ ସଭା ପାଇଁ ବିଜେଡିର ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ, ପ୍ରଭାତ ରାଉତ, ବିଭୂତି ଭୂଷଣ ତ୍ରିପାଠୀ, ୧୮ ନଂ. ୱାର୍ଡ କର୍ପୋରେଟର ବିପ୍ଳବ ବେହେରା ପ୍ରମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ଓ ବରିଷ୍ଠ ନାଗରିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସ୍ମୃତି କମିଟି ଆବାହକ ରମେଶ ସାହୁ ଅଧ୍ୟକ୍ଷତା କରିଥିଲେ।

# ଚର୍ଚ୍ଚାରେ ସମୀରଙ୍କ ଭାଇରାଲ ଫଟୋ

ନିମାପଡ଼ା,୧୭।୪ (ରଞ୍ଜନ କୁମାର ପଟ୍ଟନାୟକ)

ବିଜେଡି ବିଧାୟକ ସମୀର ରଞ୍ଜନ ଦାଶ ହାତ ଧରିବା ନେଇ ଆଲୋଚନା ହେଉଛି। ବୁଧବାର ସମୀରଙ୍କ ସହିତ ରାହୁଲ ଗାନ୍ଧୀଙ୍କ ଭାଇରାଲ ଫଟୋକୁ ନେଇ ଦିନତମାମ ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଥିଲା। ଭାଜପା, ବିଜେଡି ପ୍ରାର୍ଥୀ ଘୋଷଣା କରିସାରି ଥିବାବେଳେ କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ପ୍ରାର୍ଥୀ ଘୋଷଣା ବିଳମ୍ୱ ହିଁ ଚର୍ଚ୍ଚା ପାଇଁ ଖୋରାକ ଯୋଗାଉଛି। ବର୍ତ୍ତମାନ ଫଟୋଟି ମୋବାଇଲରୁ ମୋବାଇଲକୁ ବାରମ୍ବାର ଶେୟାର କରାଯାଉଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ସିଧାସଳଖ ସମୀରଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇପାରିନାହିଁ। ହେଲେ ରାଜନୀତିରେ ଅସମ୍ଭବ ଶବ୍ଦ ନାହିଁ ବୋଲି ଭୋଟରମାନେ କହୁଛନ୍ତି। ସମୀର ଦାଶ କଂଗ୍ରେସକୁ ଯାଉନାହାନ୍ତି କି ଦଳର ଉଚ୍ଚ ସ୍ତରୀୟ ନେତୃତ୍ୱ ତାଙ୍କୁ ଗ୍ରହଣ କରିବା ମାନସିକତାରେ ନାହାନ୍ତି ବୋଲି କହିଛନ୍ତି କଂଗ୍ରେସ ଆଶାୟୀ ନିରୋଦ ବରଣ ଖୁଣ୍ଟିଆ।

### ବ୍ଲକ ଅଧ୍ୟକ୍ଷଙ୍କ ଘରେ ଗୁପ୍ତ ବୈଠକ

ନିମାପଡ଼ା,୧୭।୪(ରଞ୍ଜନ ପଟ୍ଟନାୟକ): ବିଜେଡି ଟିକେଟ ଘୋଷଣା ପରେ ବିଧାୟକ ସମୀର ଦାଶଙ୍କ ସମର୍ଥକ ହତୋତ୍ସାହିତ ହୋଇପଡ଼ିଛନ୍ତି। ଦଳ ଦିଲିପ ନାୟକଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାରୁ ସମୀରଙ୍କ ସମର୍ଥକ ଏହାକୁ ସହଜରେ ହଜମ କରିପାରୁ ନାହାନ୍ତି। ଦଳର ମୁଖିଆ ନବୀନ ପଟ୍ଟନାୟକଙ୍କ ଏଭଳି ନିଷ୍ପତ୍ତି ସେମାନଙ୍କ ମଧ୍ୟରେ ନୈରାଶ୍ୟର ଭାବ ଖେଳାଇ ଦେଇଛି। ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ବୁଧବାର ମଧ୍ୟାହ୍ନରେ ବ୍ଲକ ଅଧ୍ୟକ୍ଷଙ୍କ ବାସଭବନରେ ଆୟୋଜିତ ଗୁପ୍ତ ବୈଠକରେ ନିଜେ ସମୀର ଦାଶ ଉପସ୍ଥିତ ରହି ସମର୍ଥକଙ୍କ ସହିତ ଆଲୋଚନା କରିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ଏହି ବୈଠକ ଅନ୍ୟ ଏକ ଦିଗ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

# 'ମିଶନ ଶକ୍ତି ମହିଳାଙ୍କୁ ଦଳୀୟ କାର୍ଯ୍ୟରେ ଲଗାଯାଉଛି'

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦହେଲା ଭାଜପା

ଭୁବନେଶ୍ୱର, ୧୭।୪(ସୁନିତ୍ ମିଶ୍ର)

କେତେଜଣ ସରକାରୀ ଅଧିକାରୀ ଶାସକ ଦଳର ହାତବାରିସି ସାଜି ସାଧାରଣ ନିର୍ବାଚନ ବୈତରଣୀ ପାରକରିବାର ଅପଚେଷ୍ଟା ଚଳାଇଥିବା ଭାଜପା ଅଭିଯୋଗ କରିଛି। ଏନେଇ ଭାଜପାର ଏକ ପ୍ରତିନିଧି ଦଳ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି କହିଛନ୍ତି, ଦୁଃଖର ବିଷୟ ରାଜ୍ୟ ସରକାରଙ୍କ ମିଶନ ଶକ୍ତିର ବରିଷ୍ଠ ୨ ଅଧିକାରୀ ଅମ୍ବିକା ଦାସ ଓ ବିନୋଦ ଜେନା ପ୍ରତ୍ୟକ୍ଷଭାବେ ସରକାରୀ ଅର୍ଥରେ ମିଶନ ଶକ୍ତିର ସଦସ୍ୟାଙ୍କୁ ଶାସକ ଦଳର ରାଜନୈତିକ କାର୍ଯ୍ୟ ପରିଚାଳନା କରୁଛନ୍ତି। ମିଶନ ଶକ୍ତିର ସରକାରୀ ଅଧିକାରୀ ଅମ୍ବିକା ଦାସ ଓ ବିଜେଡି ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମିଳିତ ଉଦ୍ୟମରେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରାଯାଇଛି, ଯେଉଁଥିରେ ଏମ୍‌ବିକେ, ବ୍ୟାଙ୍କ ମିତ୍ରକୁ ସାମିଲକରି ସରକାରୀ ଅର୍ଥ ପ୍ରଚାର କାର୍ଯ୍ୟରେ ଲଗାଯାଉଛି। ସେହିପରି ବିଭିନ୍ନ ସମୟରେ ବିଜେଡିର ସମାବେଶରେ ଲୋକ ପଠାଇବା ପାଇଁ ସହଯୋଗ କରୁଛନ୍ତି। ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଗୋଟିଏ ସ୍ଥାନରେ ରହି ଶାସକ ଦଳର ସମସ୍ତ କାର୍ଯ୍ୟକୁ ପରିଚାଳନା କରୁଛନ୍ତି, ଯାହା ଆଦର୍ଶ ନିର୍ବାଚନ ଆଇନକୁ ଉଲ୍ଲଂଘନ କରୁଛି। ଶାସକ ଦଳର ସଦସ୍ୟାମାନେ ମିଶନ ଶକ୍ତିର ସଦସ୍ୟାମାନଙ୍କୁ ସଶକ୍ତ କରିବା ପରିବର୍ତ୍ତେ ନିଜ ଦଳୀୟ ପ୍ରଚାରରେ କର୍ମୀ ଭଳି କାର୍ଯ୍ୟରେ ଲଗାଉଛନ୍ତି। ତେଣୁ ଏହାର ତଦନ୍ତ କରାଯାଇ ବିହିତ ପଦକ୍ଷେପ ନିଆଯାଉ ବୋଲି ଭାଜପା ଦାବି କରିଛି।

# ଶ୍ରମିକ ବେଶରେ ଆସି ଶିଶୁ ଅପହରଣ

ଫୁଲନଖରା, ୧୭।୪ (ସତ୍ୟରଞ୍ଜନ ଦାସମହାପାତ୍ର)

ଶିଶୁପୁତ୍ର ଅପହରଣ ଅଭିଯୋଗରେ କଟକ ସଦର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ଗୟଳମରା ଗ୍ରାମର ଦାମୋଦର ମାରାଣ୍ଡି। ସୂଚନା ଅନୁଯାୟୀ, ମାହାଙ୍ଗା ଅଞ୍ଚଳର ଉଷାରାଣୀ ଜଟ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ବାଲିସାହି ନୂଆପଡାରେ ଘରଭଡ଼ା ନେଇ ରହିବା ସହ ଶ୍ରମିକ ଭାବେ କାମ କରନ୍ତି। ମଙ୍ଗଳବାର ଉଷାରାଣୀ କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ସାଇ ମନ୍ଦିରଠାରେ ଏକ ଘର ନିର୍ମାଣ କରୁଥିଲେ। ପୁଅ ଦୀପ୍ତିରଞ୍ଜନ ଜଟ(୪)କୁ ମଧ୍ୟ ସାଙ୍ଗରେ ଆଣି ଆସିଥିଲେ। ସେଠାରେ ଶ୍ରମିକ ଭାବେ କାମ କରୁଥିବା ଦାମୋଦର ଉକ୍ତ ଶିଶୁପୁତ୍ରକୁ ଅପହରଣ କରିନେଇଥିଲେ।

# ଉତ୍କଳ ବିଶ୍ୱ ବିଦ୍ୟାଳୟ ୧୯୮୫ ବ୍ୟାଚ୍‌ର ବନ୍ଧୁମିଳନ



ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱ ବିଦ୍ୟାଳୟ ୧୯୮୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆୟକର ବିଭାଗର ପ୍ରଧାନ ପ୍ରମୁଖ ଆୟକର କମିଶନର ମନୋରଞ୍ଜନ ପାଣିଗ୍ରାହୀ, ଏସ୍‌ପି ଭବାନୀ ପଟ୍ଟନାୟକ, ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଅଧିକାରୀ ତପନ ମହାପାତ୍ର, ଆଇଟି ଉଦ୍ୟୋଗର ନିର୍ଦ୍ଦେଶିକା ସାଗରିକା ଦାସ ସାହୁ ଓ କଳା ନିର୍ଦ୍ଦେଶିକା ଇନ୍ଦ୍ରାଣୀ ଚାନ୍ଦବୋଷ ପ୍ରମୁଖ ଯୋଗଦେଇଥିଲେ। ଅର୍ଥବିଭାଗର ପୂର୍ବତନ ଅତିରିକ୍ତ ସଚିବ ନିଧି ରାଉତରାୟ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡ. ଅଭୟ ନାୟକ, ପୂର୍ବତନ ଅବକାରୀ ଅଧୀକ୍ଷକ ଡ. ଶାନ୍ତନୁ ଦାସ, କେନ୍ଦ୍ରୀୟ ଶ୍ରମ କମିଶନର ତାପସ ପଣ୍ଡା, ପ୍ରଫେସର କଲ୍ୟାଣ ପଣ୍ଡା, କେନ୍ଦ୍ରୀୟ ଗୋଇନ୍ଦା ଏସ୍‌ପି ମହେଶ୍ୱର ଦାସ, ପୂର୍ବତନ ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ ଦଳେଇଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ବହୁ ପ୍ରତିଷ୍ଠିତ ପୁରାତନ ବନ୍ଧୁ ଉପସ୍ଥିତ ରହି ପାରସ୍ପରିକ ଭାବ ବିନିମୟ କରିଥିଲେ। ଏହି ଅବସରରେ ବନ୍ଧୁମିଳନ ମୁଖପତ୍ର 'ସ୍ମୃତିଫଗୁଣ'ର ଦ୍ୱିତୀୟ ଅର୍ଘ୍ୟ ଶୀଘ୍ର ପ୍ରକାଶ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଫେସର ସିସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ବିଭିନ୍ନ ସ୍ତରରେ କୃତିତ୍ୱ ହାସଲ କରିଥିବା ଅଧିକାରୀଙ୍କୁ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଉପହାର ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସାଗରିକା ଦାଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଇତିହାସର ଗତିପଥ ବଦଳାଇଦେବା ଭଳି ଚରିତ୍ର ବିଜୁବାବୁ

## ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର,୧୭।୪(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରବାଦପୁରୁଷ ବିଜୁବାବୁ ଥିଲେ ଓଡ଼ିଶାର ସ୍ୱାଭିମାନ, ସ୍ପର୍ଦ୍ଧା ଓ ସମୃଦ୍ଧିର ପ୍ରତୀକ। ଆଧୁନିକ ଓଡ଼ିଶା ଗଠନରେ ତାଙ୍କର ଭୂମିକା ଥିଲା ଅଗ୍ରଗଣ୍ୟ। ବିଜୁବାବୁ ଓଡ଼ିଶାର ରାଜନୀତି, ଅର୍ଥନୀତି, ସାଂସ୍କୃତିକ ଜାଗରଣ, ଚେତନା ଆନ୍ଦୋଳନକୁ ବହୁଭାବେ ପ୍ରଭାବିତ କରିଥିଲେ ବୋଲି ପ୍ରବାଦପୁରୁଷ ବିଜୁବାବୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ସୂଚନା ଭବନଠାରେ ଆୟୋଜିତ ଏହି ଶ୍ରାଦ୍ଧୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଥିଲେ ଜଣେ ମହାନାୟକ। ସେ ଥିଲେ ସମୟ ଓ ଇତିହାସର ଗତିପଥକୁ ବଦଳାଇଦେବା ଭଳି ଚରିତ୍ର।





କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଅନ୍ୟମାନେ।

କେବଳ ଭାରତ ନୁହେଁ, ବୀରତ୍ୱ ପାଇଁ ଇଣ୍ଡୋନେସିଆ ଓ ରୁଷିଆରେ ସେ ପ୍ରଶଂସିତ ହୋଇଥିଲେ। ତାଙ୍କର ସ୍ୱପ୍ନ, ସାହସ ଏବଂ ବୀରତ୍ୱ ଅତ୍ୟନ୍ତ ମର୍ମସ୍ପର୍ଶୀ। ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍ ତଥା ସ୍ତମ୍ଭକାର ଡ. ଅଭିରାମ ବିଶ୍ୱାଳ କହିଲେ, ପାରାଦୀପ ବନ୍ଦର, ମହିଳା ସଶକ୍ତୀକରଣ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆଦି ତାଙ୍କର ଅନେକ ଅବଦାନ ମଧ୍ୟରୁ କେତେକ ଉଦାହରଣ ମାତ୍ର। ଶିଳ୍ପ ବିକାଶ ହେଉ ବା ଭିତ୍ତିଭୂମି, ଗରିବ ଲୋକଙ୍କ କଲ୍ୟାଣ ହେଉ ବା ମା'ମାନଙ୍କ ସଶକ୍ତୀକରଣ, ସବୁକ୍ଷେତ୍ରରେ ସେ ଜଣେ ଦୂରଦ୍ରଷ୍ଟା ପରି କାମ କରିଯାଇଛନ୍ତି। ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସଭାପତିତ୍ୱ କରି କହିଲେ, ଓଡ଼ିଆ ଜାତି ପାଇଁ, ରାଜ୍ୟ ତଥା ଦେଶ ପାଇଁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ସବୁବେଳେ ନମସ୍ୟ ହୋଇ ରହିବେ। ରାଜ୍ୟବାସୀଙ୍କ ପାଇଁ ତାଙ୍କ ଆଦର୍ଶ ଅନୁକରଣୀୟ ହୋଇ ରହିଥିବ। ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ

**ନିଶ୍ଚିନ୍ତକୋଇଲି, ୧୭।୪(ଅଶୋକ କୁମାର ମହାପାତ୍ର):** ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧୋତ୍ସବ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ବ୍ଲକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ବିଜେଡି ପକ୍ଷରୁ ସାମାଜିକ କାର୍ଯ୍ୟମାନ କରାଯାଇଛି। ତେବେ ଶ୍ରାଦ୍ଧ ଦିବସରେ ମାହାଙ୍ଗା ବିଧାୟକ ନିଶ୍ଚିନ୍ତକୋଇଲିରେ ଏକ ଜଳଛତ୍ରର ଆୟୋଜନ କରି ତୃଷାର୍ତ୍ତଙ୍କୁ ଜଳଦାନ କରୁଥିବା ଦୃଶ୍ୟ ଚର୍ଚ୍ଚାର ପରିସରକୁ ଆସିଛି। ନିଶ୍ଚିନ୍ତକୋଇଲି ବଜାରଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପୂର୍ବତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଯୁବନେତା ପ୍ରମୋଦ କୁମାର ସ୍ୱାଇଁ, ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ, ସମିତି ସଭ୍ୟ ପ୍ରଦୋଷ କୁମାର ସାହୁ, ପୂର୍ବତନ ସରପଞ୍ଚ ମିହିର କୁମାର ମିଶ୍ର, ମନୋରଞ୍ଜନ ସ୍ୱାଇଁ, ନିତ୍ୟାନନ୍ଦ ସେଠୀ, ସରପଞ୍ଚ ଜୟଦେବ ରାଉତ, ପିଣ୍ଟୁ ଜେନା ପ୍ରମୁଖ ବହୁ ବ୍ୟକ୍ତି ଯୋଗଦାନ କରିଥିଲେ।

### ଆଦିବାସୀ ହରିଜନ ସଂଘର ସାଧାରଣ ପରିଷଦ ବୈଠକ

**ବାଙ୍କୀ, ୧୭।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ଡମପଡ଼ା ବ୍ଲକ ଆଦିବାସୀ ହରିଜନ ସଂଘ ପକ୍ଷରୁ ଜାତମୁଣ୍ଡିଆଠାରେ ବୁଧବାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ହରି ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ନିର୍ମଳ ନାୟକ ବିବରଣୀ ପାଠ କରି ଆଦିବାସୀ ହରିଜନମାନଙ୍କର ଉନ୍ନତି ପାଇଁ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ଅତିଥି ଭାବେ ବିଧାୟକ ତ୍ରିପାଠୀ, ପୂର୍ବତନ ବିଧାୟକ ତ୍ରିପାଠୀ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ବିଧାୟକ ତ୍ରିପାଠୀଙ୍କ ଆଇନ୍ ପରାମର୍ଶଦାତା ଗୌରୀଶଙ୍କର ନନ୍ଦ ଉପସ୍ଥିତ ରହି ଏ ଅଞ୍ଚଳର ଆଦିବାସୀ ହରିଜନବସ୍ତିଗୁଡିକରେ ଉନ୍ନତି ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବା ସହ ଗ୍ରାମକୁ ଭଲ ରାସ୍ତା, ପାନୀୟ ଜଳଯୋଗାଣ ଓ ରାଶନକାର୍ଡ ଯୋଗାଇ ଦିଆଯିବ ବୋଲି କହିଥିଲେ। ବୈଠକରେ ହରିଜନସାହିର ମୁରବିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଅଟଳ ସେନାର ବିଷୁବ ମିଳନ

**ସାଲେପୁର, ୧୭।୪ (ଅରବିନ୍ଦ ଭୂୟାଁ):** ଅଟଳ ସେନା ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଅଟଳ ସେନା ଓଡ଼ିଶା ଓ ଅଖିଳ ଭାରତ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ମା'ବୁଢ଼ୀଜାଗୁଳାଇ ପୀଠରେ ଅନୁଷ୍ଠିତ ହୋଇଥିଲା। ସେନାର ଉପଦେଷ୍ଟା ଅଧ୍ୟାପକ ବଳାଇଚରଣ ନାୟକଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅଖିଳ ଭାରତ ସାହିତ୍ୟ ପରିଷଦର ସାଲେପୁର ଶାଖା ସଭାପତି ଅଧ୍ୟାପକ ଡ. ପ୍ରଭାତ କିଶୋର ନାୟକ, ସମ୍ମାନିତ ଅତିଥି ରୂପେ ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନ, ଅଟଳ ସେନା ମହିଳା ସଂଘ ଉପଦେଷ୍ଟା ବିଦ୍ୟୁତ୍‌ଲତା ରାଉତ, ଭାଜପା ନେତା କୁଞ୍ଜମୋହନ ସେଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ରାଉତରାୟ, ହରେକୃଷ୍ଣ ରାଉତରାୟ, ପ୍ରଦୀପ୍ତ କୁମାର ବିଶ୍ୱାଳ, ମନୋଜ କୁମାର ପତି ପ୍ରମୁଖ ଯୋଗଦେଇଥିଲେ। ଗଣେଶ୍ୱର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଉପଦେଷ୍ଟା ଅଭୟ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।

# ଜାମିନରେ ଆସି ପୁଣି ଆତଙ୍କ ସୃଷ୍ଟିକଲେ ୨ ଯୁବକ

**ବାଙ୍କୀ, ୧୭।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ବ୍ଲକ ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଖଜୁରିପଦା ଗାଁରେ ୨୦୦୦ ଫେବୃଆରୀ ୧୫ରେ ହୋଇଥିବା ଡବଲ ମର୍ଡର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଜେଲ ଯାଇଥିଲେ। ସେମାନଙ୍କୁ ଜାମିନ ମିଳିବା ପରେ ଗାଁକୁ ଆସି ପୁଣି ଆତଙ୍କ ସୃଷ୍ଟି କରିଛନ୍ତି। ବିପକ୍ଷ ଗୋଷ୍ଠୀର ଲୋକଙ୍କୁ ଭୟଭୀତ କରି ମାରଧର କରୁଥିବା ସ୍ଥାନୀୟ ବୈଦ୍ୟେଶ୍ୱର ଥାନାରେ ଏତଲା ଦିଆଯାଇଛି। ଏ ସମ୍ପର୍କରେ ଥାନାରେ ନଂ. ୬୬/୨୪ରେ ମାମଲା ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ପଣା ସଂକ୍ରାନ୍ତି ଅବସରରେ ନୂଆଗାଁରେ ହୋଇଥିବା ଝାମୁଯାତ୍ରା ଦେଖିବାକୁ ଡବଲମର୍ଡର ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତି ହାଇକୋର୍ଟରୁ ଜମିନ୍ ପାଇଥିବା ୨ଜଣ ଯୁବକ ଆସିଥିଲେ। ସେମାନେ ଗ୍ରାମରେ ଝାମୁଯାତ୍ରା ଦେଖି ବେଗୁନିଆ ଥାନା ଧଳାପଥରଠାରେ ଥିବା ସମୟରେ ହତ୍ୟାକାଣ୍ଡର ଶିକାର ହୋଇଥିବା ମହିଳା ସରପଞ୍ଚଙ୍କ ସ୍ୱାମୀ ଭଗବାନ ପ୍ରଧାନଙ୍କ ପରିବାରର ୨ଜଣ ଯୁବକ ଧଳାପଥର ଆସିଥିଲେ। ସେଠାରେ ଜାମିନରେ ଥିବା ୨ଯୁବକ ଗାଳିଗୁଲଜ କରିଥିଲେ ବୋଲି ସ୍ଥାନୀୟ ପୋଲିସ ନିକଟରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକ ଦ୍ୱୟ ଦୀପୁ ପ୍ରଧାନ ଓ ପପୁ ପ୍ରଧାନ ଭଗବାନଙ୍କ ପିଲାଙ୍କୁ ଗାଳି କରିବା ପରେ ଗାଁକୁ ଯାଇ ଏ ବିଷୟ କହିବା ପରେ କେତେଜଣ ଯୁବକ ଧଳାପଥର ଆସି ଦୀପୁ ଓ ପପୁଙ୍କୁ ନିସ୍ଥୁକ ମାଡ ମାରିଥିଲେ ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଶୈଳବାଳା ବେହେରା ସ୍ଥାନୀୟ ବୈଦ୍ୟେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏହା ଉପରେ ନଜର ରଖିଛି ବୋଲି ଥାନା ଅଧିକାରୀ ପ୍ରିୟରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

**ଖଜୁରିପଦା ଡବଲ ମର୍ଡର ଘଟଣା**

# ସମ୍ପର୍କୀୟ ଝିଅାରୀଙ୍କୁ ଗର୍ଭବତୀ କରି ଦାଦା ଜେଲ ଗଲେ

**ନିଶ୍ଚିନ୍ତକୋଇଲି, ୧୭।୪ (ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ସମ୍ପର୍କୀୟ ଝିଅାରୀଙ୍କୁ ୬ ମାସର ଗର୍ଭବତୀ କରି ଫେରାର ଥିବା ଦାଦାଙ୍କୁ ପୋଲିସ ମଙ୍ଗଳବାର ସମ୍ବଲପୁରରୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ପୋଲିସ ସମ୍ପୃକ୍ତ ଦାଦାଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁ ଉପକାରାଗାରକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୨୩ ସେପ୍ଟେମ୍ବର ୧୯ ତାରିଖ ସନ୍ଧ୍ୟା ୫ଟା ବେଳେ ଘର ପାଖରେ ହୋଇଥିବା ଗଣେଶ ମୂର୍ତ୍ତି ଦେଖିବାକୁ ଝିଅାରୀ ଯାଇଥିଲେ। ଏହି ସମୟରେ ତାଙ୍କର ପଡୋଶୀ ସମ୍ପର୍କୀୟ ଦାଦା ତାଙ୍କୁ ଏକୁଟିଆ ଦେଖି ଟଣାଓଟରା କରିଥିବା ଥାନାରେ ଅଭିଯୋଗ ହୋଇଛି। ଝିଅାରୀଙ୍କ ଅନିଚ୍ଛାସତ୍ତ୍ୱେ ସମ୍ପର୍କୀୟ ଦାଦା ଜୋରଜବରଦସ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ଦାଦା ସମ୍ପୃକ୍ତା ଝିଅାରୀଙ୍କୁ ବିବାହ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। କାହା ଆଗରେ ଏହା ପ୍ରକାଶ କଲେ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ସ୍ଥାନୀୟ ପଡୋଶୀମାନେ ଏହି ଘଟଣାର ଆପୋସ ବୁଝାମଣା କରିବା ନିମନ୍ତେ ଉଦ୍ୟମ କରି ବିଫଳ ହୋଇଥିଲେ। ଶେଷରେ ଫେବୃଆରୀ ୧୯ ରେ ଯୁବତୀଙ୍କ ପିତା ନେମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନଂ. ୨୯/୨୦୨୪ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବା କାରଣରୁ ତାଙ୍କ ପରିବାର ସାଲେପୁର ଏସ୍‌ଡିପିଓଙ୍କ ନିକଟରେ ଫେରାଦ ହେବା ସହ ନେମାଳ ଥାନା ଆଗରେ ଧାରଣା ଦେଇଥିଲେ। ଶେଷରେ ପୋଲିସ ଏକ ସ୍ୱତନ୍ତ୍ର ଦଳ ଗଠନ କରି ଅଭିଯୁକ୍ତ ଦାଦାଙ୍କୁ ସମ୍ବଲପୁରରୁ ମଙ୍ଗଳବାର ରାତିରେ ଗିରଫ କରିବାରେ ସକ୍ଷମ ହେଇଥିଲା।

# ଶ୍ରୀରାମ ନବମୀରେ ବାଇକ୍ ଶୋଭାଯାତ୍ରା



ଜଗତ୍‌ପୁରରୁ ସାଲେପୁର ଅଭିମୁଖେ ବାହାରିଥିବା ବାଇକ୍ ଶୋଭଯାତ୍ରା।

**ସାଲେପୁର, ୧୭।୪(ଅରବିନ୍ଦ ଭୂୟାଁ)**

ପବିତ୍ର ଶ୍ରୀରାମ ନବମୀ ଅବସରରେ ବୁଧବାର ଜଗତପୁରରୁ ସାଲେପୁର ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ସେବା ସମିତିର ସଭାପତି ଯୁବନେତା ରଶ୍ମିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ ଯୁବକ ଦଳବର୍ଣ୍ଣ ନିର୍ବିଶେଷରେ ଏହି ଶୋଭାଯାତ୍ରାରେ ଜଗତପୁରରୁ ବାହାରି ପାଗା, ନାନ୍ଦୋଳ, ଶିଶୁଆ, ମାଛୁଆଡି ଓ ସାଲେପୁର ବଜାର ପରିକ୍ରମା କରି ହାଟ ଦୁର୍ଗାମଣ୍ଡପଠାରେ ଶେଷ କରିଥିଲେ। ଏହି ଅବସରରେ ପ୍ରବଳ ଖରା ସତ୍ତ୍ୱେ ଯୁବକମାନେ ରାମଧୂନ୍‌ରେ ସାରା ଅଞ୍ଚଳ ପ୍ରକମ୍ପିତ କରିବା ସହ ଜୟ ଶ୍ରୀରାମ ନାରାରେ ସାଲେପୁର ସହର ପ୍ରକମ୍ପିତ ହୋଇ ଉଠିଥିଲା। ଏଥିରେ ଭଗବାନ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବେଶ ମୁଖ୍ୟ ଆକର୍ଷଣ ପାଲଟିଥିଲା। ଏହି ଅବସରରେ ବିଭିନ୍ନ ଛକବଜାରରେ ଶ୍ରୀରାମ ଶୋଭାଯାତ୍ରାକୁ ଫୁଲ ଓ ବନ୍ଦାପନା କରାଯାଇ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସୁରେଶ କୁମାର ପଣ୍ଡା, ଶରତ ଚନ୍ଦ୍ର ପରିଡ଼ା, ସୌମ୍ୟରଞ୍ଜନ ମିଶ୍ର, ମହତାବ ବାରିକ, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରତ୍ୟୁଷ ଦାଶ, ତାପସ ମିଶ୍ର, ଅଞ୍ଜନ ସାହୁ, ଗୌତମ ସାହୁ, ସୌମ୍ୟରଞ୍ଜନ ବେହେରା, ଗଣେଶ୍ୱର ମହାନ୍ତି, ତ୍ରିଲୋଚନ ପାତ୍ର, ହରେକୃଷ୍ଣ ରାଉତରାୟ, କୈଳାସ ଓଝା, ଗୌରାଙ୍ଗ ସାହୁ, ରଶ୍ମିରଞ୍ଜନ ପରିଡ଼ା, ରାଷ୍ଟ୍ରୀୟ ବଜରଙ୍ଗ ଦଳ ସେନାର କଟକ ଜିଲା ସଭାପତି ନାରାୟଣ ଭୂୟାଁ, ସାଲେପୁର ସଭାପତି ଅଭିଷେକ ପଣ୍ଡାଙ୍କ ସମେତ ବହୁ ଯୁବକ ଯୋଗଦେଇଥିଲେ। ଶ୍ରୀରାମ ନବମୀ ଅବସରରେ ବିଭିନ୍ନ ଶ୍ରୀରାମଙ୍କ ମୂର୍ତ୍ତିକୁ ସ୍ୱତନ୍ତ୍ର ସ୍ନାନ ଓ ବେଶ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସାଲେପୁର ସାହେଶ୍ୱରୀ ପୀଠ, କୁଳିଆ ମଠ ସମେତ ବିଭିନ୍ନ ରାମମନ୍ଦିରରେ ଭକ୍ତମାନଙ୍କର ଭିଡ଼ ଲାଗି ରହିଥିଲା।

## ତିଗିରିଆର ବିଭିନ୍ନ ପୀଠରେ ରାମନବମୀ ବ୍ରତ ଆରମ୍ଭ

**ତିଗିରିଆ, ୧୭।୪(ଜାଫର ଖାଁ)**

ତିଗିରିଆ ବ୍ଲକରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଏଥିସହ ବିଭିନ୍ନ ପୀଠରେ ରାମନବମୀ ବ୍ରତ ଆରମ୍ଭ ହୋଇଛି। ଶତାଧିକ ମହିଳାପୁରୁଷ ବ୍ରତୀ ନବଦିନ ବ୍ୟାପୀ ପୀଠଗୁଡିକରେ ଅବସ୍ଥାନ କରିବା ସହ ସାମୂହିକ ଆରାଧନା ଆରମ୍ଭ କରିଛନ୍ତି। ବୁଧବାର ବ୍ରତଧାରୀମାନେ ଜଳଯାତ୍ରା କରି ପୀଠରେ କଳସ ସ୍ଥାପନ କରିଛନ୍ତି। ପରେ ପ୍ରତ୍ୟେକ ପୀଠରେ ବୈଦିକ ହୋମଯଜ୍ଞ, ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ କରିଛନ୍ତି। ଏହି ଅବସରରେ ଗଦାଧରପୁର ଗାଁର ଶ୍ରୀରଘୁନାଥ ଜୀଉଙ୍କ ପୀଠରେ ନବଦିନ ବ୍ୟାପୀ ବ୍ରତ ଆରମ୍ଭ ହୋଇଛି। ପ୍ରଥମେ ଗ୍ରାମର ଦେବଦେବୀଙ୍କ ପୀଠରେ ଧ୍ୱଜା ପ୍ରତିଷ୍ଠା କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିରରେ ବିଜେ ଚତୁର୍ଦ୍ଧା ବିଗ୍ରହ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ସ୍ୱତନ୍ତ୍ର ଜନ୍ମନାରାୟଣ ବେଶ ଅନୁଷ୍ଠିତ ହୋଇଛି। ଉକ୍ତ ପୀଠରେ ୨୫ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ହେବ। ସେହିଭଳି ବ୍ଲକର ବିନ୍ଧାଣୀମା, ମାନପୁର, ହରିଶରଣପୁର, ଗୋକର୍ଣ୍ଣଖାଲ, ହରିଡ଼ାପଶି, କୋଇଲକନ୍ୟା, ପାଞ୍ଚଗାଁ, ତିଗିରିଆ, ଗୋପୀନାଥପୁର ଶାସନ, ନୂଆପାଟଣା, ବାସୁଦେବପୁର, ବେଲଅଣ୍ଟା, ବନମାଳୀପୁର ଆଦି ଗ୍ରାମରେ ବିଭିନ୍ନ ପୀଠରେ ରାମ ନବମୀ ପାଳିତ ହୋଇଯାଇଛି। ଅନେକ ପୀଠରେ ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାମଲୀଳା ଗୀତିନାଟ୍ୟର ଆୟୋଜନ କରାଯାଇଛି।

## ମନୋଜ ମିଶ୍ରଙ୍କ ୨ ପୁସ୍ତକ ଉନ୍ମୋଚିତ



ଅତିଥିମାନେ ଉନ୍ମୋଚିତ ପୁସ୍ତକ ପ୍ରଦର୍ଶନ କରୁଛନ୍ତି।

**କଟକ, ୧୭।୪ (କାର୍ତ୍ତିକ ସାହୁ)**

କଟକ ଶ୍ରୀରାମଚନ୍ଦ୍ର ଭବନରେ ଡ. ମନୋଜ ମିଶ୍ରଙ୍କ ଉପନ୍ୟାସ ପୁସ୍ତକ ଅପୂର୍ବା ଓ ଅଣୁଗଳ୍ପ ସଂକଳନ ଅଳ୍ପଗଳ୍ପ ବୁଧବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି। କଥାକାର ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ପୁସ୍ତକ ଦୁଇଟିକୁ ଉନ୍ମୋଚନ କରିଥିଲେ। ବରେଣ୍ୟ ଅତିଥି ଅଧ୍ୟାପିକା ଡ. ବିଜୟଲକ୍ଷ୍ମୀ ଦାଶ 'ଅପୂର୍ବା' ଉପନ୍ୟାସର ରଚନାଶୈଳୀ ଓ ଭାବବସ୍ତୁ ଅତ୍ୟନ୍ତ ସୁନ୍ଦର ହୋଇଛି ବୋଲି କହିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ପଣ୍ଡିତ ପ୍ରଭାତ କୁମାର କର 'ଅଳ୍ପଗଳ୍ପ' ପୁସ୍ତକ ଶିକ୍ଷଣୀୟ ହୋଇଛି ବୋଲି କହିଥିଲେ। ଲେଖକ ଡ. ମିଶ୍ର ଦୁଇ ପୁସ୍ତକ ରଚନାର ପୃଷ୍ଠଭୂମି ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଡ. କମଳ ମାହୁନ୍ତ ପ୍ରାରମ୍ଭିକ ସୂଚନା ଓ ପୁସ୍ତକଦ୍ୱୟର ପ୍ରକାଶକ ତଥା ବିଜୟିନୀ ପବ୍ଲିକେଶନ୍ସର ସ୍ୱତ୍ତ୍ୱାଧିକାରୀ ଦିଲୀପ କୁମାର ବେଉରା ଧନ୍ୟବାଦ ଦେଇଥିଲେ। ଡ. ସରୋଜ ମିଶ୍ର, ବିରାଜ ମିଶ୍ର, ଜୟରାଜ ମିଶ୍ର, ପୃଥ୍ୱୀରାଜ ମିଶ୍ର, ବନଜା ମିଶ୍ର, ଅନୁଜା ମିଶ୍ର, ନୀରଜା ମିଶ୍ର ଓ ମୋନାଲିସା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ

**କଟକ/କଟକ ସଦର/ଚୌଦ୍ୱାର, ୧୭।୪ (କାର୍ତ୍ତିକ ସାହୁ/ ସୁଶାନ୍ତ କୁମାର ଜେନା/ ଆଶୁତୋଷ ଦାସ)**

ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଜିଲା ପ୍ରଶାସନ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ଶିବ ଟପୋ ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ବିଜୁ ପଟ୍ଟନାୟକ ଛକସ୍ଥିତ ପ୍ରତିମୂର୍ତ୍ତି, ଆନନ୍ଦ ଭବନ ପରିସରରେ ଥିବା ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଓ ଯୋବ୍ରା ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କନ୍ଦରପୁର ପଞ୍ଚାୟତର ଅଥଙ୍ଗା ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସକାଳବେଳା କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସମର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ରଜନୀକାନ୍ତ ସାହୁ, ଶରତ ରାୟ, ବୀରବର ଲେଙ୍କା, ପ୍ରଦୀପ୍ତ ମହାଳୀ, ଉମାକାନ୍ତ ରାଉତରାୟ, ରଣଜିତ୍ ପାତ୍ର, ପ୍ରମୋଦ ମହାପାତ୍ର, ଉମାକାନ୍ତ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ସେହିପରି କିଶୋର ନଗରଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ବେହେରାଙ୍କ ସମେତ ସତ୍ୟସିଦ୍ଧାନ୍ତ ଦାଶ, ସୁରେଶ ବିଷୋୟୀ, ଗଗନ ବିହାରୀ ମହାପାତ୍ର, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଚୌଦ୍ୱାରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସକାଳେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ ଲୋକ ଶୋଭାଯାତ୍ରାରେ ଯାଇ ବିରୂପା ଘାଟରେ ତିଳତର୍ପଣ କରିବା ସହିତ ବ୍ୟାରେଜ ନିକଟସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଜିଲା ବିଜେଡି ଉପ ସଭାପତି ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ରାଜ୍ୟ ଯୁଗ୍ମ ସମ୍ପାଦକ ଅର୍ଜୁନ ପଣ୍ଡା, ଜିଲା ସମ୍ପାଦକ ସୁବ୍ରତ କୁମାର ସାମଲ, ସାରଦା ରଞ୍ଜନ ପରିଜା, କବିତାରାଣୀ ଲେଙ୍କା, ଭରତ ଚନ୍ଦ୍ର ସାହୁ, ଅଶୋକ ଦାସ ପ୍ରମୁଖ ଯୋଗଦେଇଥିଲେ। ପରେ ଓଟିଏମ୍ ପରିବା ମାର୍କେଟ୍‌ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ପଙ୍କାଳ ଚାମ୍ପିୟନ

**ମାଣିଆବନ୍ଧ, ୧୭।୪ (ଅଖିଳ କୁମାର ସାହୁ)**

ବଡ଼ମ୍ବା ବ୍ଲକ ମାଣିଆବନ୍ଧ ହାଟ ପଡ଼ିଆରେ ଚାଲିଥିବା ବିମଳେନ୍ଦୁ ଦାସ ସ୍ମାରକୀ ଜିଲାସ୍ତରୀୟ ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ମଙ୍ଗଳବାର ଫାଇନାଲ ମ୍ୟାଚ ହୋଇଯାଇଛି। ଏଥିରେ ୮ ଦଳ ସାମିଲ ହୋଇଥିଲେ। ଫାଇନାଲରେ ନୟାଗଡ଼ ଇଟାମାଟିକୁ ହରାଇ ତିଗିରିଆ ପଙ୍କାଳ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ସରପଞ୍ଚଙ୍କ ପ୍ରତିନିଧି ଅଜୟ ସ୍ୱାଇଁ, ସାନବାରସିଂହ ସରପଞ୍ଚ ସଦାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଦଳକୁ ୪୫୦୦ ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୩୫୦୦ ଟଙ୍କା ସହ ଟ୍ରଫି ଦିଆଯାଇଥିଲା। ରମାକାନ୍ତ ନନ୍ଦ, ସୁରେଶ ବେହେରା, ଅଖିଳ ବିହାରୀ ଚୌଧୁରୀ ଓ ବିଜୟ ନାୟକ ଅମ୍ପାୟର ଭାବେ କାର୍ଯ୍ୟ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀନିବାସ ବେଉରା, ରାଜକିଶୋର ଦାସ, ଶିବାନନ୍ଦ ପାଳ, ପ୍ରଦ୍ୟୁମ୍ନ ସାହୁ, ହରିଚନ୍ଦନ ସାହୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ମୂଳବସନ୍ତ, ପରିଡ଼ାସାହିରେ ବାସନ୍ତୀ ଦୁର୍ଗାପୂଜା

**ମାହାଙ୍ଗା, ୧୭।୪ (ଯଯାତି ସିଂହ)**



ମୂଳବସନ୍ତଠାରେ ମା' ବାସନ୍ତୀ ଦୁର୍ଗାଙ୍କ ପୂଜାର୍ଚ୍ଚନା ଚାଲିଛି।

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ଉତ୍ତରସାହି ଗ୍ରାମରେ ପ୍ରତିଷ୍ଠିତ ମା' ବାସନ୍ତୀ ଦୁର୍ଗାପୂଜା ୯ ଦିନବ୍ୟାପୀ ଅନୁଷ୍ଠିତ ହେଉଛି। ଏଥିରେ କର୍ତ୍ତା ଭାବେ ଇଂ. ଅରୁଣ ବଳବନ୍ତରାୟ ଓ କର୍ତ୍ତୀ ଭାବେ ଶୈଳଜା ଜେନା ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକ ନିରଞ୍ଜନ ଶତପଥୀ, କମଳାକାନ୍ତ କର ପ୍ରମୁଖ ପୂଜା ସମ୍ପାଦନ କରୁଛନ୍ତି। ଏହି ଅବସରରେ ସୂର୍ଯ୍ୟପୂଜା, ଗୋପୂଜା, ଦେବୀଙ୍କ ଷୋଡଶ ଉପଚାର ପୂଜା ଓ ସପ୍ତସତୀ ଚଣ୍ଡୀ ହୋମ ଆଦି କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ କୈଳାସ ଚନ୍ଦ୍ର ବଳବନ୍ତରାୟ, ଆଶୁତୋଷ ବଳବନ୍ତରାୟ, ପରିତୋଷ ବଳବନ୍ତରାୟ, ପରେଶ ବଳବନ୍ତରାୟ, ସରୋଜ ବଳବନ୍ତରାୟ, ସ୍ନେହାସ ବଳବନ୍ତରାୟ ଓ ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଉଛି। ସେହିପରି ବ୍ଲକର କଇଥା ଗାଁର ପରିଡାସାହିରେ ମା' ବାସନ୍ତୀ ଦୁର୍ଗାପୂଜା ୪ଦିନ ବ୍ୟାପୀ ପାଳିତ ହେଉଛି। ଏଥିରେ ବିନାୟକ ପରିଡା କର୍ତ୍ତା ହୋଇଥିବାବେଳେ ପଣ୍ଡିତ ବାବାଜୀ ଚରଣ ଦାଶ ଓ ପଣ୍ଡିତମାନେ ଯଥାରୀତି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମାହାଙ୍ଗା ବିଧାୟକ ପ୍ରତାପ ଜେନା ପହଞ୍ଚି ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ବିଶ୍ୱନାଥ ପରିଡାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ନାରାୟଣ ବେହେରା, ପୂର୍ବତନ ସରପଞ୍ଚ କମଳାକାନ୍ତ ରାଉତ, ନାଏବ ସରପଞ୍ଚ ହରିହର ସାହୁ, ବାବାଜୀ ଚରଣ ପରିଡା, ସୁକାନ୍ତ ଦଳାଇ, ଗଙ୍ଗାଧର ପରିଡା, ସ୍ୱାଧୀନ ପରିଡା, ରାମଚନ୍ଦ୍ର ବେହେରା, ବିଷ୍ଣୁ ଜେନା, ଧନେଶ୍ୱର ପରିଡା, ଅଲେଖ ସାହୁ ପ୍ରମୁଖଙ୍କ ସମେତ କମିଟିର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଅବସରରେ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମାନସିକଧାରୀ ଫୁଟାଇଲେ ବାଣ

**ନିଶ୍ଚିନ୍ତକୋଇଲି, ୧୭।୪ (ଅଶୋକ କୁମାର ମହାପାତ୍ର)**

ଓଡ଼ିଶା ପ୍ରସିଦ୍ଧ ଅସୁରେଶ୍ୱର ରଘୁନାଥ ମନ୍ଦିରରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଜନ୍ମ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଓଡ଼ିଶାର କୋଣ ଅନୁକୋଣରୁ ଏହି ଜନ୍ମ ଉତ୍ସବ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ମନ୍ଦିରରେ ମହାପ୍ରଭୁଙ୍କ ଅନ୍ନପ୍ରସାଦ ନୀତି ବନ୍ଦ ଥିବାବେଳେ ସ୍ୱତନ୍ତ୍ର ନୈବେଦ୍ୟ ଲାଗି କରାଯାଇଛି। ରାତିରେ ମହାପ୍ରଭୁ ବିମାନରେ ଦଧିବାମନ ମନ୍ଦିରକୁ ଯାଇ ନବ ଦିନାତ୍ମକ ଯାତ୍ରା ପାଇଁ ନିମନ୍ତ୍ରଣ ଦେଇଥିବା ଜଣାଯାଇଛି। ବୁଧବାରଠାରୁ ଅସୁରେଶ୍ୱରରେ ରାମଲୀଳା ଓ ବଚନିକା ପରିବେଷଣ କରାଯିବ ବୋଲି ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଲୋ ପଞ୍ଚାୟତ ମଲ୍ଲୀପୁରସ୍ଥିତ ଅସୁରେଶ୍ୱରର ଶ୍ରୀରଘୁନାଥ ଜୀଉଙ୍କ ପବିତ୍ର ଶ୍ରୀରାମ ନବମୀ ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରର ପୂଜକମାନେ ଦ୍ୱାରା ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଭକ୍ତମାନଙ୍କ ଦ୍ୱାରା ରାତିରେ ମାନସିକ ବାଣ ଫୁଟାଇଥିଲେ। ନିଶ୍ଚିନ୍ତକୋଇଲି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ, ଶୋଭନ କର, ଭାଜପା ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡେଇ, ପିସିସି ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ପ୍ରଭୁ ଶ୍ରୀରଘୁନାଥଙ୍କ କୃପାଭିକ୍ଷା କରିଥିଲେ। ସେହିପରି ବ୍ଲକର ବନ୍ଧୁପୁରସ୍ଥିତ ଶ୍ରୀରଘୁନାଥ ଜୀଉ,କୋଲଣପୁର ପଞ୍ଚାୟତ କୁଳିଆ ରଘୁନାଥ ଜୀଉଙ୍କ ପୀଠ, ନିଶ୍ଚିନ୍ତକୋଇଲି ରଘୁନାଥ ଜୀଉଙ୍କ ପୀଠ, ସିଦ୍ଧ ମହାବୀରଙ୍କ ପୀଠ, ନଟକାଇ ପଞ୍ଚାୟତ ଏକରୁଖି, ସରପଡା ପଞ୍ଚାୟତ ସାଧୁପୁରସ୍ଥିତ ରଘୁନାଥ ମନ୍ଦିରରେ ଆନନ୍ଦ ଉଲ୍ଲାସର ସହ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି।

**ଜନ୍ମ ଉତ୍ସବ ପାଇଁ ରଘୁନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼**





ରାମନବମୀ ଅବସରରେ ବୁଧବାର କଟକ ଚହଟାସ୍ଥିତ ଶ୍ରୀରାମନିଗମେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।

## ସଂକ୍ଷେପରେ

### ମହାକାଳୀଙ୍କ ପୀଠରେ ସପ୍ତଶତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

**ବୋଲଗଡ଼,୧୭।୪(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ସାଗରଗୁଆଁ ଗ୍ରାମର ଆରାଧ୍ୟା ଶ୍ରୀ ଶ୍ରୀ ମହାକାଳୀଙ୍କ ପବିତ୍ର ପୀଠରେ ସପ୍ତଶତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆହୁତି ପ୍ରଦାନ କରିଥିଲେ। ଏହି ଯଜ୍ଞ ଉପଲକ୍ଷେ ପ୍ରଥମେ ସଂକଳ୍ପଧାରୀ ଶ୍ରଦ୍ଧାଳୁଗଣ ନିକଟ ପୁଷ୍କରିଣୀରୁ କଳସ ଯାତ୍ରାରେ ଯାଇ ପୂଜାର୍ଚ୍ଚନା କରିଥିଲେ। ପବିତ୍ର ଜଳ ଆଣି ଯଜ୍ଞସ୍ଥଳରେ ଘଟସ୍ଥାପନ କରିବା ସହିତ ଅଗ୍ନି ସ୍ଥାପନ, ସୂର୍ଯ୍ୟ ପୂଜା ଓ ଅନ୍ୟାନ୍ୟ ନୀତିକାନ୍ତି ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମକୁ ଗୋପାଳ ଚନ୍ଦ୍ର ମହାନ୍ତି, ପୂର୍ବତନ ସମିତି ସଭ୍ୟ ଶରତ ଜୟସିଂ, ତପନ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଅଜୟ ବଳିଆରସିଂ ଏବଂ ପବିତ୍ର ବଳିଆରସିଂ ପ୍ରମୁଖଙ୍କ ସମେତ କାଳିଗିରି ଶ୍ରୀଜଗନ୍ନାଥ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଦ୍ୱିତୀୟ ବାଲିଯାତ୍ରା ଉଦ୍‌ଯାପିତ

**କୃଷ୍ଣପ୍ରସାଦ,୧୭।୪(କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକର ଦ୍ୱିତୀୟ ବାଲିଯାତ୍ରା (ପଣାଯାତ୍ରା) ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଏହିଯାତ୍ରା ଭୋର ୫ଟାରେ ୧୭ ଠାକୁରଙ୍କ ମହାମିଳନକୁ ଲକ୍ଷ ଲକ୍ଷ ଭକ୍ତ ଦର୍ଶନ କରି ନିଜର ମନସ୍କାମନା ମନାସିଥିଲେ। ୩୫ ମୌଜା କମିଟି ସଭାପତି ଡ. ଅଭିମନ୍ୟୁ ଜେନା, ସମ୍ପାଦକ ମନୋଜ ସାହୁ, ବରିଷ୍ଠ ସଭ୍ୟ ସୁରେନ୍ଦ୍ର ନାଥ ମାଝୀ, କୃଷ୍ଣଚନ୍ଦ୍ର ଜେନା, ହେମନ୍ତ ଜେନାଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଭ୍ୟଙ୍କ ସହଯୋଗରେ ମହୋତ୍ସବ ଚଳିତବର୍ଷ ସୁରୁଖୁରୁରେ ଶେଷ ହୋଇଛି। ଏହି ୨ୟ ବାଲିଯାତ୍ରାକୁ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥିନୀ ଉପାସନା ମହାପାତ୍ର, ଉମା ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଏବଂ କଂଗ୍ରେସ ପ୍ରାର୍ଥୀ ମିତ୍ରଭାନୁ ମହାପାତ୍ର ଯୋଗଦେଇଥିଲେ। କମଳେଶ୍ୱର ଦେବଙ୍କ ନେତୃତ୍ୱରେ ବିରାଜମାନ କରିଥିବା ୧୭ ଠାକୁରଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ୩୫ ମୌଜା ପରିଚାଳନା କମିଟି ପକ୍ଷରୁ ୨ଟି ଅପେରା ପାର୍ଟିର ପ୍ରଯୋଜକ, ଶ୍ରେଷ୍ଠ ଆତସବାଜି କାରିଗର ଏବଂ ଶ୍ରେଷ୍ଠ ଶବ୍ଦ ଓ ଆଲୋକସଜ୍ଜା କାରିଗରଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଜିଲାରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

### ପଞ୍ଚଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

**ବେଗୁନିଆ,୧୭।୪(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ନିକଟସ୍ଥ ପଣ୍ଡାଳମ ଗ୍ରାମର ଲୋକନାଥ ଦେବଙ୍କ ପୀଠରେ ପଞ୍ଚଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପରିଚାଳନା କମିଟିର ସହଯୋଗରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଦିନରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିନରେ ମଣ୍ଡଳକରଣ, କଳସ ଯାତ୍ରା, ବ୍ରାହ୍ମଣ ବରଣ, ଅଗ୍ନିସ୍ଥାପନ, ତୃତୀୟ ଦିନରେ ସୂର୍ଯ୍ୟପୂଜା, ଗୋପୂଜା ଓ ଶିବ ମନ୍ତ୍ରରେ ଆହୁତି ପ୍ରଦାନ, ଚତୁର୍ଥ ଦିନରେ ଚଣ୍ଡି ଆହୁତି ଓ ପୂର୍ଣ୍ଣାହୁତି ପ୍ରଦାନ କାର୍ଯ୍ୟ ହୋଇଥିଲା।

# ଅସ୍ତିତ୍ୱ ହରାଉଛି ଗଡ଼ଖୋର୍ଦ୍ଧା, ପାଣ୍ଡବଘରା

**ଆଜି ବିଶ୍ୱ ଐତିହ୍ୟ ଦିବସ**

**ଖୋର୍ଦ୍ଧା,୧୭।୪ (ପ୍ରଭାତ ପାଣିଗ୍ରାହୀ)**

ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଖୋର୍ଦ୍ଧାର ଅନେକ ଐତିହ୍ୟ କୀର୍ତ୍ତିରାଜି ଆଜି ଧ୍ୱଂସାଭିମୁଖୀ। ଐତିହ୍ୟ ଗଡ଼ଖୋର୍ଦ୍ଧା ଏବଂ ବରୁଣେଇ ପାହାଡ଼ ଶୀର୍ଷରେ ଥିବା ପାଣ୍ଡବ ଘରା ଗୁମ୍ଫା ଅସ୍ତିତ୍ୱ ହରାଇବାକୁ ବସିଲାଣି। ତୁରନ୍ତ ଏହାର ସଂରକ୍ଷଣ କରାଯିବାର ଆବଶ୍ୟକତା ରହିଛି ବୋଲି ଗବେଷକ ଓ ବୁଦ୍ଧିଜୀବୀ ମତ ଦିଅନ୍ତି।

ଗବେଷକ ଗୋପାଳ ଦାସ କହିଛନ୍ତି, ପାଣ୍ଡବଘରା ଗୁମ୍ଫାରେ ତୃତୀୟ –ଚତୁର୍ଥ ଶତାବ୍ଦୀର ଓଡ଼ିଆ ଲିପି, ବୌଦ୍ଧ ଧର୍ମାବଲମ୍ବୀଙ୍କ ରହଣିସ୍ଥଳ ଅଧୁନା ଧ୍ୱଂସାଭିମୁଖୀ । ଏଠାରେ ଦୁଇହଜାର ବର୍ଷ ତଳର ଓଡ଼ିଆରେ ଲେଖାଯାଇଥିବା ଶିଳାଲେଖ, ବୌଦ୍ଧ କୀର୍ତ୍ତି ରହିଛି। ୧୮୩୬ରେ ବ୍ରିଟିଶ ଗବେଷକ ମାରଖାମ୍ କିଟୋ ଏବଂ ୧୮୭୬ରେ ବିଖ୍ୟାତ୍ ପ୍ରତ୍ନତତ୍ତ୍ୱବିତ୍ ସାର୍ ଆଲେକଜାଣ୍ଡାର କନିଙ୍ଗ୍‌ହାମ୍‌ଙ୍କ ସହଯୋଗୀ ଜେ.ଡି. ବେଗଲର୍ ଏହି ଲିପି ସମ୍ପର୍କରେ କୋଲକାତାରୁ ପ୍ରକାଶିତ ‘ଏସିଆଟିକ୍ ଜର୍ନାଲ୍’ରେ ପ୍ରକାଶ କରିଥିଲେ। ସେହିପରି ନରଣଗଡ଼ ସନ୍ନିକଟ ଭୋଗପୁର ପାହାଡ଼ରେ ଖୋଦିତ ପ୍ରାଚୀନ ଲିପି ଖୋଦିତ ଗୁମ୍ଫା ରହିଛି। ଯଥାଶୀଘ୍ର ଏହାର ସଂରକ୍ଷଣ ନ କଲେ ପ୍ରାଚୀନ ଓଡ଼ିଆ ଲିପିର କ୍ରମବିକଶିତ ପ୍ରାମାଣିକ ତଥ୍ୟ ନଷ୍ଟ ହୋଇଯିବ। ବୀରଭୂମି ଖୋର୍ଦ୍ଧାରେ ସହସ୍ର ବର୍ଷ ଧରି ଅସଂଖ୍ୟ ଯୁଦ୍ଧରେ ବୀରଗତିପ୍ରାପ୍ତ ଶହୀଦମାନଙ୍କ ସ୍ମୃତିରେ ସ୍ଥାପିତ ବୀରଶିଳା ବାଜପୁର, କାଇପଦର, ଖୁଦୁପୁର ଆଦି ସ୍ଥାନରେ ରହିଛି। ଖୋର୍ଦ୍ଧା ଜିଲା ପ୍ରଶାସନ ସଂସ୍କୃତି ଭବନ ପରିସରସ୍ଥ ସଂଗ୍ରହାଳୟକୁ ଏଗୁଡ଼ିକୁ ନ ଆଣିଲେ ବିଲୁପ୍ତ ହୋଇଯିବ। ଭାଗବତ ଟୁଙ୍ଗି ଗାଦିରେ ଥିବା ତାଳପତ୍ର ପୋଥି ସଂରକ୍ଷଣ ପାଇଁ ମଧ୍ୟ ସଚେତନତା ଜରୁରୀ। ସେହିପରି ଗବେଷକ ସତ୍ୟବାଦୀ ବଳିଆରସିଂ କହିଛନ୍ତି, ବରୁଣେଇ ପାହାଡ଼ରେ ଖୋର୍ଦ୍ଧା ରାଜାଙ୍କ ଇଷ୍ଟଦେବୀ ମା’ ବରୁଣେଇ, କରୁଣେଇ ବିଜେ କରିଛନ୍ତି। କୁହାଯାଏ, ଏହି ପାହାଡ଼ ଉପରୁ ଶ୍ରୀମନ୍ଦିର ନୀଳଚକ୍ର ଦୃଶ୍ୟମାନ ହୁଏ। ଔଷଧୀୟ ଗୁଳ୍ମରେ ପାହାଡ଼ ପରିପୂର୍ଣ୍ଣ। ଅଥଚ ଏହି ଐତିହ୍ୟ ପାହାଡ଼ର ସଂରକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯୋଜନା ନାହିଁ। ପାହାଡ଼ ଉପରକୁ ରୋପ ୱେ ଏବଂ ପାହାଡ ଉପରେ ପାଇକ ବିଦ୍ରୋହର ମୁଖ୍ୟ ନାୟକ ଜୟୀ ରାଜଗୁରୁ ଏବଂ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯିବା ଆବଶ୍ୟକ। କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଛନ୍ତି, ଅତୀତର ସ୍ମୃତିକୁ ସାଉଁଟି ରଖିଥିବା ଖୋର୍ଦ୍ଧାଗଡ଼ ଏବେ ଭଗ୍ନ ଅବସ୍ଥାରେ ରହିଛି। ଏଠାରୁ ଦିନେ ପାଇକ ବୀରମାନେ ଇଂରେଜଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ। ପାଇକଙ୍କ ଅସୀମ ବୀରତ୍ୱର ସ୍ମୃତିକୁ ସାଇତି ରଖିଥିବା ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ନ ହେଲେ ବିଲୁପ୍ତ ହୋଇଯିବ। ଗବେଷକ ପ୍ରଫେସର ନାରାୟଣ ରାଓ କହିଛନ୍ତି, ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର କରାଗଲେ ରାଣୀ ପୋଖରୀ ସମେତ ବହୁ କୀର୍ତ୍ତିରାଜି ସଂରକ୍ଷଣ ହୋଇପାରିବ। ପାଇକ ବିଦ୍ରୋହର ସମସ୍ତ ସ୍ମୃତି ଖୋର୍ଦ୍ଧାଗଡ଼ ସହ ଜଡ଼ିତ। ଏହାର ପୁନରୁଦ୍ଧାର ଜରୁରୀ। ସାମାଜିକ କର୍ମୀ କ୍ଷିତୀଶ ମୋହନ ଦାସ କହିଛନ୍ତି, ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ମଧ୍ୟରୁ ଖୋର୍ଦ୍ଧାର ବିଜେବି ହାଇସ୍କୁଲ ଅନ୍ୟତମ। ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ଏହି ବିଦ୍ୟାଳୟର ଛାତ୍ର ଅଂଶଗ୍ରହଣ କରିଥିଲେ। ଅତୀତରେ ବହୁ ଜନନାୟକ, ରାଜନୀତିଜ୍ଞ, ପ୍ରଶାସନିକ ଅଧିକାରୀ, ସାହିତ୍ୟିକ ଏହି ବିଦ୍ୟାଳୟରେ ପାଠ ପଢି ଏହାର ଗୌରବକୁ ବୃଦ୍ଧି କରିଛନ୍ତି। ଏହି ଶିକ୍ଷାନୁଷ୍ଠାନକୁ ଜାତୀୟ ଅଥବା ଐତିହ୍ୟ ବିଦ୍ୟାଳୟ ମାନ୍ୟତା ପାଇଁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଶିକ୍ଷାବିତ୍ ଭୀମସେନ ପ୍ରଧାନ କହିଛନ୍ତି, ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ୩ବର୍ଷ ପରେ ବି ସ୍ମାରକୀ ନିର୍ମାଣ ହୋଇପାରିଲା ନାହିଁ। ରାଜ୍ୟ ସରକାରଙ୍କ ଆନ୍ତରିକତା ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ କାମ ଆଗେଇପାରୁନାହିଁ। ତେଣୁ ଐତିହ୍ୟକୁ ଅଣଦେଖା କରାଯାଉଛି।

# ରଥରୁ ଗୁଣ୍ଡିଚା ମନ୍ଦିରକୁ ଗଲେ ଶ୍ରୀଜୀଉ



ଠାକୁର ରଥରୁ ଗୁଣ୍ଡିଚା ମନ୍ଦିରକୁ ଯାଉଛନ୍ତି।

**ନିରାକାରପୁର,୧୭।୪(ମାନସ ଚନ୍ଦ୍ର ପଟ୍ଟନାୟକ)**

ଅଶୋକଷ୍ଟମୀରେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆଠାରେ ଥିବା ଶ୍ରୀକପିଳେଶ୍ୱର ଦେବଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀକପିଳେଶ୍ୱର ଦେବ, ଧର୍ମପତ୍ନୀ ମା’ ପାର୍ବତୀ ଓ ଲେଣ୍ଡୋ ପଞ୍ଚାୟତ ଆରରେଡି ଗ୍ରାମର କପିଳେଶ୍ୱର ଦେବଙ୍କ ବଡ଼ ଭାଇ ଗ୍ରାମେଶ୍ୱର ଦେବ ଭାଉଜ ଗ୍ରାମେଶ୍ୱରୀ ଏହି ରଥଯାତ୍ରାରେ ସାମିଲ ହୋଇ ଆସି ମଙ୍ଗଳବାରଠାରୁ ରଥରେ ପଣାକିଆରୀରେ ବିଶ୍ରାମ ନେଇଥିଲେ। ରୀତିନୀତି ଅନୁଯାୟୀ ବୁଧବାର ନବମୀ ତିଥିରେ ସମସ୍ତ ପୂଜାର୍ଚ୍ଚନା ପରେ ଡିଆଗ୍ରାମସ୍ଥିତ ଗୁଣ୍ଡିଚା ମନ୍ଦିରକୁ ଶ୍ରୀଜୀଉଙ୍କୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନିଆଯାଇଛି। ଶ୍ରୀଜୀଉମାନେ ଗୁଣ୍ଡିଚା ମନ୍ଦିରରେ ଆସୀନ ହେବା ପରେ ସ୍ଥାନୀୟ ଡିଆ, ଭୋଇସାହି, ଭଟସାହି, କୋଲସାହିରେ ଗାଁଯାତ ଆରମ୍ଭ ହୋଇଛି। ଆଜିଠାରୁ ଶ୍ରୀଜୀଉମାନେ ୩ ଦିନ ଧରି ଗୁଣ୍ଡିଚା ମନ୍ଦିରରେ ରହି ପୂଜା ପାଇବେ। ଆସନ୍ତା ଦ୍ୱାଦଶୀ ମଧ୍ୟ ରାତ୍ରରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ ହେବ ବୋଲି ପରିଚାଳନା କମିଟି ସଭାପତି କିଶୋର ଦାଶ, ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି।

# ସବୁଠି ଶୁଭିଲା ଶ୍ରୀରାମଙ୍କ ଜୟଧ୍ୱନି



**ଖୋର୍ଦ୍ଧା ସହରରେ ବାଇକ୍ ଶୋଭାଯାତ୍ରା**

**ଖୋର୍ଦ୍ଧା,୧୭।୪(ପ୍ରଭାତ ପାଣିଗ୍ରାହୀ)**

ଶ୍ରୀରାମ ଜୟନ୍ତୀ ଅବସରରେ ବୁଧବାର ଶ୍ରୀରାମ ନବମୀ ସମନ୍ୱୟ ସମିତି ଆନୁକୂଲ୍ୟରେ ତଥା ହିନ୍ଦୁ ଜାଗରଣ ମଞ୍ଚ ସଂଯୋଜନାରେ ଖୋର୍ଦ୍ଧାରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଶ୍ରୀରାମଙ୍କ ଜୟ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ଖୋର୍ଦ୍ଧା ସହର। କର୍ମକର୍ତ୍ତାମାନେ ବାଇକ ଶୋଭାଯାତ୍ରାରେ ବାହାରି ଗୁରୁଜଙ୍ଗ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ପରେ ଜରିପୁଟ ଶ୍ରୀସଙ୍କଟମୋଚନ ହନୁମାନ ମନ୍ଦିର ଅଭିମୁଖେ ବାହାରିଥିଲା ଶୋଭାଯାତ୍ରା। ଆଗରେ ଏକ ସୁସଜ୍ଜିତ ରଥରେ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ, ଦେବୀ ସୀତା ଏବଂ ଶ୍ରୀହନୁମାନ ବେଶଧାରୀ ବିଜେ କରିଥିଲେ। ପଛରେ ଖୋଲାଜିପ୍‌ରେ ଶ୍ରୀରାମଙ୍କ ବିରାଟ ଫଟୋଚିତ୍ର ଓ ଧ୍ୱଜା ରହିଥିବାବେଳେ ଏକ କିମି ପର୍ଯ୍ୟନ୍ତ ବାଇକ ଶୋଭାଯାତ୍ରା ଲମ୍ବିଥିଲା। ସବୁ ବାଇକରେ ଲାଗିଥିଲା ଶ୍ରୀରାମ ଓ ଶ୍ରୀହନୁମାନଙ୍କ ଫଟୋଚିତ୍ର ଥିବା ଗୈରିକ ପତାକା। ହାତ ଓ ମୁଣ୍ଡରେ ଥିଲା ଶ୍ରୀରାମଙ୍କ ପଟି। ଶୋଭାଯାତ୍ରା ଗୁରୁଜଙ୍ଗ ମୁଖ୍ୟ ରାସ୍ତା, ଡାକ୍ତର୍ସ ଲେନ, ଟ୍ରାଫିକ ଛକ, ସମବାୟ ଛକ, ଏସ୍‌ବିଆଇ ଛକ, ନୂଆବସଷ୍ଟାଣ୍ଡ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ୧୬ ନମ୍ବର ଜାତୀୟ ରାଜପଥକୁ ଉଠିଥିଲା। ସେଠାରୁ ତୋଟାପଡ଼ା ଦେଇ ଜରିପୁଟସ୍ଥିତ ସଙ୍କଟମୋଚନ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ହୋମଯଜ୍ଞ କରାଯାଇଥିଲା। ସହରରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଶୋଭାଯାତ୍ରାରେ ଆର୍‌ଏସ୍‌ଏସ୍, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସମେତ ଅନ୍ୟ ହିନ୍ଦୁ ସଙ୍ଗଠନ ସାମିଲ ହୋଇଥିଲେ। ୫ହଜାରରୁ ଊର୍ଦ୍ଧ୍ୱ ଯୁବକ, ୧ ହଜାରରୁ ଊର୍ଦ୍ଧ୍ୱ ବାଇକ, କାର, ଜିପ୍ ସାମିଲ ଥିବା ଶ୍ରୀରାମ ନବମୀ ସମନ୍ୱୟ ସମତି ପକ୍ଷରୁ କୁହାଯାଇଛି। ସମନ୍ୱୟ ସମିତିର ସଞ୍ଚାଳକ ତଥା ହିନ୍ଦୁ ଜାଗରଣ ମଞ୍ଚର ଜିଲା ସଂଯୋଜକ ଆଶିଷ ବିଭୂରେନ୍ଦ୍ର କହିଛନ୍ତି, ଶ୍ରୀରାମ ହେଉଛନ୍ତି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ରବିନ୍ଦୁ। ସନାତନ ଧର୍ମ ଭାରତର ଅସ୍ମିତା। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ତ୍ୟାଗ ଓ ଆଦର୍ଶ ଲୋକଙ୍କ ନିକଟରେ ପହଞ୍ଚାଇବା ଏହି ଶୋଭାଯାତ୍ରାର ଉଦ୍ଦେଶ୍ୟ। ସେହିପରି ହିନ୍ଦୁ ଜାଗରଣ ମଞ୍ଚର ନଗର ସଂଯୋଜକ ତୁଷାରକାନ୍ତ ବେହେରା କହିଛନ୍ତି, ଓଡ଼ିଶାର ସଂସ୍କୃତି ଓ ପରମ୍ପରା ବିଶ୍ୱରେ ଅନନ୍ୟ। ଲୋକଙ୍କ ମନରେ ହିନ୍ଦୁତ୍ୱ ଭାବ ଜାଗରଣ, ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ବିଚାରଧାରା ଉପରେ ଫୋକସ କରିବା ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ମଞ୍ଚର ସହଜିଲା ସଂଯୋଜକ ଶୁଭମ ରାମ, ଖଣ୍ଡସଂଯୋଜକ ରାଧାମୋହନ ପ୍ରଧାନ, ପ୍ରଚାର ପ୍ରମୁଖ ସଞ୍ଜିତ ମହାପାତ୍ର, ପ୍ରତାପ ପ୍ରଧାନ, ମନୋରଞ୍ଜନ ପାତ୍ର, ରାକେଶ ରାଉତ ସୌମ୍ୟରଞ୍ଜନ ବେହେରା, ସୌଭାଗ୍ୟ ହାତୀ, ବିକାଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧିବକ୍ତା ଅଜିତ ପଟ୍ଟନାୟକ, ପ୍ରଶାନ୍ତ ବେହେରା, ବେଲେଶ୍ୱର ସାହୁ, ଆଦିତ୍ୟ ମହାରାଣା, ସରୋଜ ପାଲଟାସିଂହ, ଅଭିମନ୍ୟୁ ଘଗୁଆଳ ପ୍ରମୁଖ ଉପସ୍ଥିତ ଥିଲେ।

### ଭିଏଚ୍‌ପି, ବଜରଙ୍ଗ ଦଳ ପକ୍ଷରୁ ଶୋଭାଯାତ୍ରା

**ଖୋର୍ଦ୍ଧା,୧୭।୪(ପ୍ରଭାତ ପାଣିଗ୍ରାହୀ)**

ଶ୍ରୀରାମ ନବମୀ ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ଜଟଣୀ ପ୍ରଖଣ୍ଡ ଆନୁକୂଲ୍ୟରେ ଶ୍ରୀରାମ ଚରିତ ପାରାୟଣ, ହନୁମାନ ଚାଳିଶା ପାଠ, ହୋମଯଜ୍ଞ, ମହୋତ୍ସବ ଓ ଶୋଭାଯାତ୍ରା ଜଟଣୀରେ ଆୟୋଜିତ ହୋଇଯାଇଛି। ବଡ଼ତୋଟା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ଓ ହନୁମାନ ଚାଳିଶା ୧୦୮ ବିଜୟ ମହାମନ୍ତ୍ର ଜପ କରାଯାଇଥିଲା। ଜଟଣୀ ପ୍ରଖଣ୍ଡ ସଂଯୋଜକ ବୀରେନ୍ଦ୍ର ସିଂଙ୍କ ନେତୃତ୍ୱରେ ସୁସଜ୍ଜିତ ବିମାନରେ ପ୍ରଭୁ ଶ୍ରୀରାମଙ୍କ ଫଟୋଚିତ୍ର ବିରାଜମାନ କରାଇ କୁଦିଆରୀ ହନୁମାନ ମନ୍ଦିରକୁ ଅଣାଯାଇଥିଲା। ହରିରାଜପୁର ଶ୍ରୀରାମ ମନ୍ଦିରରେ ସନ୍ଥ ଶ୍ରୀରାଧେ ଶ୍ୟାମଜୀ ପୂଜାର୍ଚ୍ଚନା କରିବା ପରେ ଅଧିବକ୍ତା ବୀରେନ୍ଦ୍ର ପଟ୍ଟନାୟକ, ପ୍ରଖଣ୍ଡ ସଭାପତି ରମେଶ କୁମାର ଦାସ, ହିମାଂଶୁ ପ୍ରସାଦ ପଟ୍ଟନାୟକ ଓ ଦେବପ୍ରସାଦ ଦାଶଙ୍କ ନେତୃତ୍ୱରେ ଶୋଭାଯାତ୍ରା ଜଟଣୀ ନଗର ଅଭିମୁଖେ ବାହାରିଥିଲା। ସେହିପରି ଗଜପତି ନଗରରୁ ଆଉ ଏକ ଶୋଭାଯାତ୍ରା ଜଟଣୀ ନଗର ବଜରଙ୍ଗ ଦଳ ସଂଯୋଜକ ମାଧବ ଦାସ ଓଁକାରଙ୍କ ନେତୃତ୍ୱରେ ସୀତାରାମ ଛକରେ ଏକତ୍ରିତ ହୋଇ ହରିଭାଇନା ଛକରୁ ସମାରୋହ ସ୍ଥାନକୁ ଯାଇଥିଲା।

### ଶିରିଡି ସାଇବାବାଙ୍କ ପ୍ରଥମ ବାର୍ଷିକୋତ୍ସବ

**ବେଗୁନିଆ,୧୭।୪(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅଧୀନ ଗଂପୁର ଗ୍ରାମସ୍ଥିତ ଶିରିଡି ସାଇବାବାଙ୍କ ପ୍ରଥମ ବାର୍ଷିକୋତ୍ସବ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅଙ୍କୁରାରୋପଣ, ଶାଳାମଣ୍ଡନ, କାକଡ ଆଳତି, କଳସ ଯାତ୍ରା, ଦେବତା ଆବାହନ, ସୂର୍ଯ୍ୟପୂଜା, ଗୋପୂଜା, ମହାଭିଷେକ, ହରିନାମ କୀର୍ତ୍ତନ, ମଧ୍ୟାହ୍ନ ଆଳତି, ଗୀତାଯଜ୍ଞ, ପୂର୍ଣ୍ଣାହୁତି, ତଭାଡ଼ି ଯାତ୍ରା, ଭାଗବତ ପାଠ ଆଦି ହୋଇଥିଲା।

# ବଉଳାବନ୍ଧରେ ଶ୍ରୀରାମ ନବମୀ

**ଟାଙ୍ଗୀ–ଖୋର୍ଦ୍ଧା,୧୭।୪(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ବଉଳାବନ୍ଧ ଗ୍ରାମସ୍ଥ ଶ୍ରୀଶ୍ରୀ ରଘୁନାଥ ଦେବଙ୍କ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଶ୍ରୀରାମ ନବମୀ ଉପଲକ୍ଷେ ମନ୍ଦିରରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଚଣ୍ଡୀପାଠ, ହନୁମାନ ଚାଳିଶା ଓ ହୋମ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ପରେ ପୁରୀ, କଟକ, ନୟାଗଡ଼, ଗଞ୍ଜାମ ଓ ଖୋର୍ଦ୍ଧା ଜିଲାରୁ ଆସିଥିବା ମାନସିକଧାରୀ ଭକ୍ତ ମାନସିକ କରି ପୂର୍ଣ୍ଣ କୁମ୍ଭ ବସାଇଥିଲେ। ଏ ବର୍ଷ ସମୁଦାୟ ୧୨୬୭ଟି କୁମ୍ଭ ଠାକୁରଙ୍କ ପାଖେ ମାନସିକ କରି ବସାଯାଇଥିଲା। ଏହି ଉତ୍ସବ ୨୧ ଦିନ ଧରି ଚାଲେ। ପ୍ରତ୍ୟହ ରାତ୍ରିରେ କଳାକାରମାନେ ରାମ ନାଟକ ପରିବେଷଣ କରୁଛନ୍ତି।

# ବୋଲଗଡ଼ ଅଞ୍ଚଳରେ ରାମନବମୀ



**ବୋଲଗଡ଼,୧୭।୪(ଦେବବ୍ରତ ହୋତା)**

ପବିତ୍ର ରାମ ନବମୀ ଉପଲକ୍ଷେ ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ରାମମନ୍ଦିର, ମହାବୀର ହନୁମାନ ମନ୍ଦିର ପୀଠ ଓ ଆଶ୍ରମରେ ଆନନ୍ଦ ଉଲ୍ଲାସର ସହ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଜୟନ୍ତୀ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ସଂପୁର ନିକଟସ୍ଥ ପର୍ଯ୍ୟଟନସ୍ଥଳ ମଣ୍ଡନଗିର ପାହାଡ଼ ଉପର ବନବାସୀ ରଘୁନାଥ ମନ୍ଦିର, ନୟାପାଟଣା ରଘୁନାଥ ମନ୍ଦିର, ଯୋଡ଼ାପଡ଼ା ରାମମନ୍ଦିର, ଗବଡିହସ୍ଥିତ ଜଖଲା ମହାବୀର ମନ୍ଦିର, ମାଣିକାଗୋଡ଼ା ରାମମନ୍ଦିର, ବୋଲଗଡ଼ ଶ୍ରୀଚନ୍ଦ୍ରଶେଖର ମନ୍ଦିର, ଗର୍ଭଣିପଡ଼ାସ୍ଥିତ ହନୁମାନ ମନ୍ଦିର, ସାନକୁମାରୀସ୍ଥିତ ହନୁମାନ ମନ୍ଦିର, କଳାମାଟିଆସ୍ଥିତ ଝିକିମିକି ମନ୍ଦିର, ମାଣିବନ୍ଧ ଶ୍ରୀରଘୁନାଥଦେବ ମନ୍ଦିର, ମାଳିସାହି ମଠ, କଳାଙ୍ଗ ବଜରଙ୍ଗୀ ମନ୍ଦିର ଓ ରସୋଳ ମହାବୀର ପୀଠରେ ପବିତ୍ର ରାମ ନବମୀ ଉପଲକ୍ଷେ ଶ୍ରଦ୍ଧାଳୁ ରାମଭକ୍ତଙ୍କ ଭିଡ଼ ଜମିଥିଲା। ସମସ୍ତ ମନ୍ଦିରକୁ ଆକର୍ଷଣୀୟ ଭାବେ ସଜିତ କରାଇ ହୋମଯଜ୍ଞ, ପୂଜାପାଠ, ଗୀତପାଠ, ହନୁମାନ ଚାଳିଶା, ରାମାୟଣ ପାଠ ମାଧ୍ୟମରେ ପ୍ରଭୁଙ୍କ ସୁମରଣ କରାଯାଇଥିଲା। ଅନ୍ୟପଟେ ରାମ ନବମୀ ଉପଲକ୍ଷେ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗଦଳ ବୋଲଗଡ଼ ପ୍ରଖଣ୍ଡ ପକ୍ଷରୁ ଶ୍ରୀରାମ ମହୋତ୍ସବ ବାଇକ୍ ଶୋଭାଯାତ୍ରା ବୋଲଗଡ଼ ଗୋପବନ୍ଧୁ ଛକଠାରୁ ଆରମ୍ଭ ହୋଇ ବୋଲଗଡ଼ ବ୍ଲକ ଅଞ୍ଚଳର ଅନେକ ଗ୍ରାମ ପରିକ୍ରମା ପରେ ଯୋଡପଡ଼ା ରାମ ମନ୍ଦିରଠାରେ ସମାପନ ହୋଇଥିଲା। ସେହିଭଳି ସଂପୁର ଗ୍ରାମ ନୟାପାଟଣା ରଘୁନାଥ ଯୁବକ ସଂଘ ସଦସ୍ୟମାନେ ଏକ ବାଇକ୍ ଶୋଭାଯାତ୍ରାରେ ରାମ ଭଗବାନ ଓ ପ୍ରଭୁ ବଜରଙ୍ଗବଲୀଙ୍କ ଜୟ ଜୟକାର ଧ୍ୱନିରେ ପ୍ରକମ୍ପିତ କରି ଅନେକ ଗ୍ରାମ ପରିକ୍ରମା କରି ନୟାଗଡ଼ ଜିଲା ଫତେଗଡ ରାମମନ୍ଦିର ପ୍ରାଙ୍ଗଣରେ ସମାପନ ହୋଇଥିଲା।

# ଶ୍ରୀରାମ ଜନ୍ମୋତ୍ସବ, ବୈଷ୍ଣୋଦେବୀ ମନ୍ଦିର ବାର୍ଷିକ ଉତ୍ସବ

**ବୋଲଗଡ଼,୧୭।୪(ଦେବବ୍ରତ ହୋତା)**

ବୋଲଗଡ଼ ସଦର ମହକୁମା ଗୋପବନ୍ଧୁ ବିହାରସ୍ଥିତ ମହାବୀର ହନୁମାନ ଓ ମାତା ବୈଷ୍ଣୋଦେବୀ ମନ୍ଦିରର ବାର୍ଷିକ ଉତ୍ସବ ଏବଂ ଶ୍ରୀରାମ ଜନ୍ମୋତ୍ସବ ବୁଧବାର ରାମନବମୀରେ ଗୋପବନ୍ଧୁ ବିକାଶ ପରିଷଦ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଅଧିବାସ, ଅଙ୍କୁରାରୋପଣ ଓ ବେଦିମଣ୍ଡନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ବୁଧବାର ପ୍ରାତଃ ୬ଟାରେ ଶ୍ରଦ୍ଧାଳୁମାନେ କଳସଯାତ୍ରାରେ ଯାଇ ପୂଜାର୍ଚ୍ଚନା ପରେ ନିକଟସ୍ଥ ନୂଆ ପୋଖରୀର ଜଳପୂର୍ଣ୍ଣ କଳସ ମୁଣ୍ଡାଇ ଆଣି ଯଜ୍ଞବେଦି ନିକଟରେ ଘଟସ୍ଥାପନ କରିଥିଲେ। ପରେ ପୁରୋହିତ ଲୁଲୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ରଘୁନାଥ ଦାସ ଓ ପର୍ଶୁରାମ ଦାସ ଯଜ୍ଞ ଅନୁଷ୍ଠାନ ପରିଚାଳନା କରିଥିଲେ। ଏହି ଯଜ୍ଞରେ କର୍ତ୍ତା ଭାବେ ପରିଷଦର ସଭାପତି ଗୁଣନିଧି ହୋତା ଉପବିଷ୍ଟ ଥିଲେ। ଯଜ୍ଞ ପୂର୍ଣ୍ଣାହୁତି ପରେ ଶ୍ରଦ୍ଧାଳୁମାନେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ସନ୍ଧ୍ୟାରୁ ନାମ ସଙ୍କୀର୍ତ୍ତନ ଓ ଭାଗବତ ପରାୟଣ ଆଦି କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। ଶୁକ୍ରବାର ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଗୋପବନ୍ଧୁ ବିକାଶ ପରିଷଦର କାର୍ଯ୍ୟକର୍ତ୍ତା କୃତ୍ତିବାସ ସାଥୁଆ, ଜନାର୍ଦ୍ଦନ ସାହୁ, ଅନ୍ନଦା ପ୍ରସାଦ ପଟ୍ଟନାୟକ, ଧନଞ୍ଜୟ ମାଝୀ, ତପନ ଜେନା, ଜିତେନ୍ଦ୍ର ସାହୁ, ଶୁଭ୍ରାଂଶୁ ସାହୁ, ବିଭୂତି ଭୂଷଣ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ନୂଆ ରୂପରେ ସଜେଇ ହେଲା ଭାଗବତ ଟୁଙ୍ଗି

- ଆଡ଼ମ୍ବରରେ ପ୍ରତିଷ୍ଠା ଉତ୍ସବ ପାଳିଲେ ଗ୍ରାମବାସୀ
- ‘ଧରିତ୍ରୀ’ର ସ୍ୱତନ୍ତ୍ର ପ୍ରୟାସକୁ ଧନ୍ୟବାଦ ଦେଲେ

**ବେଗୁନିଆ,୧୭।୪(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ତଳଗଡ଼ ଗାଁରେ ବୁଧବାର ପବିତ୍ର ରାମନବମୀରେ ଆଧ୍ୟାତ୍ମିକ ଭାବଧାରା ଦେଖିବାକୁ ମିଳିଛି। ବିଶ୍ୱାଳସାହିସ୍ଥିତ ଭାଗବତ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ପୀଠ ପରିସରରେ ଶାନ୍ତି ମହାଯଜ୍ଞ ବିଧି ମୁତାବକ ସାଲାମଣ୍ଡନ, ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା ପରେ ଗୃହ ପ୍ରବେଶ ଉତ୍ସବ କରାଯାଇଥିଲା। ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହେବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗ୍ରାମର ବିଶ୍ୱାଳସାହି, ଦଳବେହେରା ସାହି ଏବଂ ବଳିୟାରସିଂହ ସାହିର ଶ୍ରଦ୍ଧାଳୁମାନେ ଏକାଠି ହୋଇ ନୂଆ ରୂପରେ ସଜେଇ ହୋଇଥିବା ଭାଗବତ ଦେବଙ୍କ ପୀଠରେ ଭାଗବତ ପୁରାଣ ପାଠ କରିଥିଲେ।




ନୂଆ ଭାଗବତ ଦେବଙ୍କ ମନ୍ଦିର ।

ସୂଚନା ଅନୁଯାୟୀ, ୧୯୦୪ ମସିହାରୁ ସ୍ଥାପିତ ଏହି ଟୁଙ୍ଗୀ ପରବର୍ତ୍ତୀ ସମୟରେ ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ଏ ସମ୍ପର୍କରେ ୨୦୧୫–୧୬ ମସିହାରୁ ଦୈନିକ ‘ଧରିତ୍ରୀ’ରେ ବାରମ୍ବାର ଖବର ପ୍ରକାଶ ପାଇଥିଲା। ଏପରିକି ୨୦୧୯ ମାର୍ଚ୍ଚ ୧୭ରେ ‘ଅର୍ଥ ମିଳିଲାନି, ଗ୍ରାମବାସୀ କଲେ ଜରାଜୀର୍ଣ୍ଣ ଟୁଙ୍ଗୀ ମରାମତି’ ଶୀର୍ଷକ ତଥ୍ୟଭିତ୍ତିକ ଉପସ୍ଥାପନା ଧରିତ୍ରୀରେ ପ୍ରକାଶ ପାଇବା ପରେ ପ୍ରଶାସନ ସହଯୋଗର ହାତ ବଢାଇଥିଲା। ବ୍ଲକ ପ୍ରଶାସନ ମାତ୍ର ୨୫ ହଜାର ଟଙ୍କା ସହାୟତା ଦେଇ ଚୁପ୍ ବସିପଡିଥିଲା। ୨୦୨୦ ଓ ୨୦୨୧ ମସିହାରେ ବାରମ୍ବାର ଭିନ୍ନ ଶୈଳୀରେ ଉକ୍ତ ଟୁଙ୍ଗୀ ଉପରେ ଫୋକସ କରାଯାଇଥିଲା। ପରେ ବିଧାୟକ ଅନୁଦାନ ପାଣ୍ଠିରୁ ୧ ଲକ୍ଷ ଟଙ୍କା, ଗ୍ରାମପଞ୍ଚାୟତ ପକ୍ଷରୁ ୧ ଲକ୍ଷ ଟଙ୍କା ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ୩ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ମିଳିବା ପରେ ଏହି ଜରାଜୀର୍ଣ୍ଣ ଟୁଙ୍ଗି ଆଜି ନୂଆ ରୂପରେ ସଜେଇ ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି। ବିଶେଷ କରି ‘ଧରିତ୍ରୀ’ର ସ୍ୱତନ୍ତ୍ର ପ୍ରୟାସକୁ ଗ୍ରାମବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଉଛୁ ବୋଲି ରାଘବ ବିଶ୍ୱାଳ, ପ୍ରଭାକର ବିଶ୍ୱାଳ, ସମିତି କୁମାର ଜଗଦ୍ଦେବ, ଅନିଲ ଜଗଦ୍ଦେବ, ରଙ୍କନିଧି ବଳିୟାରସିଂହ, ପ୍ରଶାନ୍ତ କୁମାର ଜଗଦ୍ଦେବ, ନିବାସ କୁମାର ସାମନ୍ତରାୟ, ସୁରେନ୍ଦ୍ର ଜୟସିଂହ ଏବଂ ଦୁର୍ଯ୍ୟୋଧନ ବିଶ୍ୱାଳ ପ୍ରମୁଖ ପ୍ରକାଶ କରିଛନ୍ତି।




୧୭।୪।୨୦୨୪

| ୩,୨୩,୨୫୭ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ମହିଳା ଶ୍ରମିକଙ୍କୁ ସେବାୟତଙ୍କ ଗାଳି, ମାଡ଼

## ଶ୍ରୀମନ୍ଦିର ପରିସରରେ ଅଭାବନୀୟ ଘଟଣା

ପୁରୀ,୧୭।୪(ଅଜିତ ମହାନ୍ତି)

ଶ୍ରୀମନ୍ଦିରରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସେବାୟତଙ୍କ ଆକ୍ରମଣର ଶିକାର ହୋଇଛନ୍ତି ଶ୍ରୀମନ୍ଦିର ପରିସରରେ କାର୍ଯ୍ୟରତ ମହିଳା ଶ୍ରମିକ। ଏ ନେଇ ସମ୍ପୃକ୍ତ ମହିଳା ଶ୍ରମିକ ପୁରୀ ଗୌଡ଼ବାଡ଼ ସାହିର ପୂର୍ଣ୍ଣିମା ବେହେରା ସିଂହଦ୍ୱାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ, ସମ୍ପ୍ରତି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ସଂସ୍ଥା ପକ୍ଷରୁ ଶ୍ରୀମନ୍ଦିର ପରିସରରେ ବିଭିନ୍ନ କାର୍ଯ୍ୟ ଚାଲିଛି। ବୁଧବାର ଏଏସଆଇ ପକ୍ଷରୁ ଦକ୍ଷିଣଦ୍ୱାର ଗୁମୁଟ ମରାମତି ସହ ରୋଷଶାଳା ପାଖରେ କାର୍ଯ୍ୟ ଚାଲିଥିଲା। ପୂର୍ଣ୍ଣିମା ଏହି କାର୍ଯ୍ୟରେ ନିୟୋଜିତ ଥିଲେ। ସେ ଏକ ସ୍ଥାନରେ ବସି ପାଟିରେ ହାତ ଦେଇଥିଲେ। ଏହାକୁ ନେଇ ସେବାୟତ ଜଣଙ୍କ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରି ମାଡ଼ ମାରିଥିବା ପୂର୍ଣ୍ଣିମା ଅଭିଯୋଗ ଆଣିଛନ୍ତି। ଏହି ଘଟଣା ପ୍ରତିବାଦରେ ସମସ୍ତ ଶ୍ରମିକ କାର୍ଯ୍ୟବନ୍ଦ କରିବା ସହ ଏଏସ୍ଆଇ ଅଧିକାରୀଙ୍କୁ ଜଣାଇଥିଲେ। ପରେ ସିଂହଦ୍ୱାର ଥାନାରେ ଅଭିଯୋଗ ଆଣି ସମ୍ପୃକ୍ତ ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ଏ ନେଇ ପୂର୍ଣ୍ଣିମା କହିଛନ୍ତି, କାମ ସରିବା ପରେ ସେ ଛାଇ ଦେଖି ତାଙ୍କ ପାଟିରେ ହାତ ରଖି ଠିଆ ହେଇଥିଲେ। ଏହି ସମୟରେ ସମ୍ପୃକ୍ତ ସେବାୟତ ଆସି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏପରିକି ଠେଲି ଦେଇଥିଲେ। ସେ ଶ୍ରୀମନ୍ଦିରର ବିଭିନ୍ନ କାମରେ ୨୨ବର୍ଷ ହେଲା ନିୟୋଜିତ ହୋଇଆସୁଥିବାବେଳେ ତାଙ୍କ ପ୍ରତି ଏଭଳି ବ୍ୟବହାର ଦୁଃଖଦାୟକ। ମହିଳାଙ୍କ ପ୍ରତି ଏପରି ବ୍ୟବହାର ବନ୍ଦ ହେଉ ବୋଲି ସେ ଦାବି କରିଛନ୍ତି। ସେହିପରି ଏଏସ୍ଆଇ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ କହିଛନ୍ତି, ବୁଧବାର କାର୍ଯ୍ୟ ଚାଲିଥିଲା। ସମ୍ପୃକ୍ତ ମହିଳା ଶ୍ରମିକ ଦକ୍ଷିଣଦ୍ୱାର ଗୁମୁଟ ନିକଟରେ ଠିଆ ହେଇଥିବାବେଳେ କେହି ସେବାୟତ ତାଙ୍କୁ ଗାଳି ଦେବା ସହ ଜାତିଆଣ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯିବ। ଶ୍ରମିକମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ସୁରକ୍ଷା ଯୋଗାଇଦେବା ଉଚିତ ବୋଲି ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଅଭିଯୋଗ ଭିତ୍ତିରେ ତଦନ୍ତ ଆରମ୍ଭ କରାଯାଇଥିବା ସିଂହଦ୍ୱାର ଥାନା ପୋଲିସ କହିଛି।

# ସାହିଯାତରେ ଭୋଟର ସଚେତନତା




ପୁରୀ,୧୭।୪(ଅଜିତ ମହାନ୍ତି)

ଆଗାମୀ ନିର୍ବାଚନରେ ସମସ୍ତ ଭୋଟର ନିଶ୍ଚିତ ମତଦାନ କରି ନିଜ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାକୁ ପୁରୀ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁରୋଧ କରିଛନ୍ତି।

ପୁରୀ ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ମେ ୨୫ ଏବଂ ଜଗତ୍‌ସିଂହପୁର ଲୋକସଭା ନିର୍ବାଚମଣ୍ଡଳୀ ଅନ୍ତର୍ଗତ କାକଟପୁର ଓ ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜୁନ ୧ତାରିଖରେ ମତଦାନ ଅନୁଷ୍ଠିତ ହେବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ମତଦାନ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ବୁଧବାର ସାହିଯାତ ଆରମ୍ଭ ଅବସରରେ ମାଟିମଣ୍ଡପ ସାହିରେ ଭୋଟର ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସଚେତନତା ବାର୍ତ୍ତା ଥିବା ପ୍ଲାକାର୍ଡ ଓ ପ୍ରସ୍ତୁତ ଏକ ଗୀତକୁ ଜିଲାପାଳ ସ୍ୱାଇଁ ଏବଂ ଏସ୍‌ପି ପିନାକ ମିଶ୍ର ଉନ୍ମୋଚନ କରିଥିଲେ। ଉପଜିଲାପାଳ ଗୋପୀନାଥ କୁଅଁର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତ ସାହି ମୁରବି, ସଦସ୍ୟ ଓ ଯୁବ ବର୍ଗ ଚଳିତ ନିର୍ବାଚନରେ ନିଶ୍ଚିତ ମତଦାନ କରିବେ ବୋଲି କହିଥିଲେ।

## ବଜରଙ୍ଗୀ ସଂଗଠନର ଶ୍ରୀରାମ ଶୋଭାଯାତ୍ରା

ଡେଲାଙ୍ଗ,୧୭।୪(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବଜରଙ୍ଗୀ ସଂଗଠନ ପକ୍ଷରୁ ବୁଧବାର ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଏହି ଅବସରରେ ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ମହାବୀର ମନ୍ଦିରଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ବେରବୋଇ ବଜାର, ଡେଲାଙ୍ଗ ହାଟ ବଜାର, ବେଣୁପଡ଼ା ଛକ, ଆଙ୍କୁଲା ଛକ, ମୁନିନ୍ଦା, ଅଳଉତା, ଡେଲାଙ୍ଗ ଗ୍ରାମ ଦେଇ ଡେଲାଙ୍ଗ ମହାବୀର ମନ୍ଦିର ନିକଟରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଶ୍ରୀରାମଙ୍କ ଭଜନ କୀର୍ତ୍ତନ କରାଯାଇଥିଲା। ସଂଗଠନ ସଦସ୍ୟ ଶୁଭାଶିଷ ଛୋଟରାୟ, ଅଜୟ ମଲ୍ଲିକଙ୍କ ସମେତ ଶତାଧିକ ଯୁବକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଶ୍ରୀକ୍ଷେତ୍ର ବିକାଶ ମଞ୍ଚର ପ୍ରଥମ ବାର୍ଷିକୋତ୍ସବ



ଶ୍ରୀକ୍ଷେତ୍ର ବିକାଶ ମଞ୍ଚର ପ୍ରଥମ ବାର୍ଷିକୋତ୍ସବରେ ନବନିର୍ବାଚିତ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

## ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା

ପୁରୀ,୧୭।୪(ଅଜିତ୍ ମହାନ୍ତି)

ଶ୍ରୀକ୍ଷେତ୍ର ବିକାଶ ମଞ୍ଚର ପ୍ରଥମ ବାର୍ଷିକୋତ୍ସବ ପାଳନ ସହ ନବନିର୍ବାଚିତ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ(ଲକି)ଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିସହ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଉଦ୍‌ଘୋଷକ ବିଶ୍ୱନାଥ ମିଶ୍ର ଓ ଶ୍ୟାମପ୍ରକାଶ ସେନାପତି ଅତିଥି ପରିଚୟ ପ୍ରଦାନ କରିବା ପରେ ଅନୁଷ୍ଠାନର ସଭାପତି ବିନୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱ ଏବଂ ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ପୃଷ୍ଟିଙ୍କ ପରିଚାଳନାରେ ସଭା ହୋଇଥିଲା। ଶ୍ରୀମନ୍ଦିର ପୂଜାପଣ୍ଡା ସାମନ୍ତ ନିଯୋଗ, ପୁଷ୍ପାଳକ ନିଯୋଗ, ଦଇତାପତି ନିଯୋଗ, ଗରାବଡୁ ନିଯୋଗ, ବିମାନବଡୁ ନିଯୋଗ, ସୁଆରବଡୁ ନିଯୋଗ, ସୁଆର ଓ ମହାସୁଆର ନିଯୋଗ, ଶୁଦ୍ଧସୁଆର ନିଯୋଗ, ଭିତର ସେବାୟତ ନିଯୋଗ, ପ୍ରତିହାରୀ ନିଯୋଗ, ପାଣିଆ ଆପଟ ନିଯୋଗ, ପତ୍ରିବଡୁ ନିଯୋଗଙ୍କ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାତସାହି ଆଖଡ଼ା, ଓଡ଼ିଶା ଇଣ୍ଟର ନ୍ୟାଶନାଲ ସେଣ୍ଟର ଭୁବନେଶ୍ୱର, ପୁରୀ ବାର୍ ଆସୋସିଏଶନ, ପୁରୀ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ, କଳିଙ୍ଗ ବୈଶ୍ୟ ସମାଜ, ତୈଳିକ ବୈଶ୍ୟ ସମାଜ, ମାରୱାଡ଼ି ଯୁବ ମଞ୍ଚ, ନୀଳାଚଳ ଖଣ୍ଡାୟତ ମହାସଂଘ, ସିଂହସ୍ଥାନ ଯାଦବ ସମିତି, ଶଙ୍କରେଶ୍ୱର ଅଠର ଦେଶ ଯାଦବ ମହାସଂଘ, ପୁରୀ ମୁସ୍‌ଲିମ୍ ଉନ୍ନୟନ କମିଟି, ପୁରୀ ଅର୍ବାନ କୋ-ଅପରେଟିଭ ସୋସାଇଟି କର୍ମଚାରୀ ସଂଘ, ଲାୟନ୍ସ କ୍ଲବ ପୁରୀ, ଓଡ଼ିଶା ରାଜ୍ୟ କୁରାଳ ମହାସଂଘ, ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୀ ଜିଲା ବିଶ୍ୱକର୍ମା ମହାସଂଘ, ପୁରୀ ମ୍ୟୁନିସିପାଲିଟି କଣ୍ଟ୍ରାକ୍ଟର ସଂଘ, ପୁରୀ ରେଲୱେ ଷ୍ଟେଶନ ଟ୍ୟାକ୍ସି ଆସୋସିଏଶନ, ରାଜ୍ ଗ୍ରୁପ ଅଫ୍ ହୋଟେଲ୍ସ, ପୁରୀ ଲାଇଟ୍ ଆଣ୍ଡ ସାଉଣ୍ଡ ଆସୋସିଏଶନ, ତେଲଗୁ ସମାଜ, ବଡ଼ବଜାର ବ୍ୟବସାୟୀ ସଂଘ, ମୋତିଚାନ୍ଦ ବଜାର ବ୍ୟବସାୟୀ ସଂଘ, ମାର୍କେଟ ବଜାର ବ୍ୟବସାୟୀ ସଂଘ, ବଡ଼ଶଙ୍ଖ ବଜାର ବ୍ୟବସାୟୀ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଯୁବ ଓ ସ୍ୱେଚ୍ଛାସେବୀ ଏବଂ ୫ଶହରୁ ଅଧିକ ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ ହୋଇଥିଲେ। ରାମକୃଷ୍ଣଦାସ ମହାପାତ୍ର, ଗୌରହରି ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ରବିଶଙ୍କର ପ୍ରତିହାରୀ ଓ ଭଗବାନ ପଢ଼ିଆରୀଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦିଆଯାଇଥିଲା। ଶେଷରେ ଶ୍ରୀକ୍ଷେତ୍ର ବିକାଶ ମଞ୍ଚର ଉପସଭାପତି ଶଙ୍ଖମିତ୍ର ସିଂହାରୀ ଧନ୍ୟବାଦ ଦେଇଥିଲେ।

## ସାକ୍ଷୀଗୋପାଳରେ ଶ୍ରୀରାମ ଜନ୍ମ ମହୋତ୍ସବ

ସାକ୍ଷୀଗୋପାଳ,୧୭।୪(କିଶୋର ମହାପାତ୍ର/ ପ୍ରଶାନ୍ତ ବାରିକ/ଭରତ ରାଉତ)

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀରାମ ଜନ୍ମ ମହୋତ୍ସବ ପ୍ରଥମ ବାର୍ଷିକ ମହାସମାରୋହରେ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷାବିତ୍ ସତ୍ୟବାଦୀ ଦାସ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଇଂ. ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ଦିବାକର ମହାପାତ୍ର, ବିଶ୍ୱନାଥ ମହାପାତ୍ର ଓ କାହ୍ନୁ ପୁଷ୍ପାଳକ ଏବଂ ପ୍ରବଚକ ବୈକୁଣ୍ଠନାଥ ପ୍ରଧାନ ଯୋଗଦେଇ ଶ୍ରୀରାମ କଥା ଆଲୋଚନା କରିଥିଲେ। ସତ୍ୟବାଦୀ ଗୁରୁକୁଳ ସ୍କଲାର୍ସ ବିଦ୍ୟାଳୟ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନର କଳାକାରମାନେ ଓଡ଼ିଶୀ, ଲୋକନୃତ୍ୟ ପରିବେଷଣ କରିଥିଲେ। ସଭାରେ କଳାକାରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସାଂସ୍କୃତିକ ସଙ୍ଗଠନ 'ସଙ୍ଗୀତ ମୂର୍ଚ୍ଛନା' ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ପରେ ପ୍ରସାଦ ସେବନ କରାଯାଇଥିଲା। ମା' ତାରିଣୀ ରାମନାଟ୍ୟ କଳାକାରମାନେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶ ଧାରଣ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରାରମ୍ଭରେ ଶ୍ରୀରାମଙ୍କ ଆଳତି ଅନୁଷ୍ଠିତ ହୋଇଥିଲା। ସେହିପରି ରାମମନ୍ଦିରରେ ପାରମ୍ପରିକ ରୀତିନୀତିରେ ଜନ୍ମୋତ୍ସବ, ଯଜ୍ଞ, ଆଳତି, ପଣା ଭୋଗ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସମବେତ ହୋଇଥିବା ଦେଖାଯାଇଥିଲା। ସିଂହାରୀ ଆଲୋକ ଖୁଣ୍ଟିଆ ଏହାର ପରିଚାଳନା କରିଥିଲେ।

## ଚନ୍ଦ୍ରଭାଗା ବିଜୁ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ



କୋଣାର୍କ,୧୭।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗାରେ ବୁଧବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୯ଟାରେ କାକଟପୁରର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଶତାଧିକ ସମର୍ଥକଙ୍କ ସହିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇଥିଲେ। ସେଠୀ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, କାକଟପୁର, ଅସ୍ତରଙ୍ଗ ଓ ଗୋପ ବ୍ଲକ ସରପଞ୍ଚ, ନୋମିନି, ସମିତି ସଭ୍ୟ, ପ୍ରଫୁଲ୍ଲ ପାତ୍ର ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ବ୍ଲକ ଅଧ୍ୟକ୍ଷଙ୍କ ବାସଭବନରେ ସମୀରଙ୍କ ଗୁପ୍ତ ବୈଠକ

ନିମାପଡ଼ା,୧୭।୪(ରଞ୍ଜନ ପଟ୍ଟନାୟକ)

ବିଜେଡି ଟିକେଟ ଘୋଷଣା ପରେ ବିଧାୟକ ସମୀର ଦାଶଙ୍କ ସମର୍ଥକ ହତୋତ୍ସାହିତ ହୋଇପଡ଼ିଛନ୍ତି। ଦଳ ଦିଲିପ ନାୟକଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାରୁ ସମୀରଙ୍କ ସମର୍ଥକ ଏହାକୁ ସହଜରେ ହଜମ କରିପାରୁ ନାହାନ୍ତି। ଦଳର ମୁଖିଆ ନବୀନ ପଟ୍ଟନାୟକଙ୍କ ଏଭଳି ନିଷ୍ପତ୍ତି ସେମାନଙ୍କ ମଧ୍ୟରେ ନୈରାଶ୍ୟର ଭାବ ଖେଳାଇ ଦେଇଛି। ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ବୁଧବାର ମଧ୍ୟାହ୍ନରେ ବ୍ଲକ ଅଧ୍ୟକ୍ଷଙ୍କ ବାସଭବନରେ ଆୟୋଜିତ ଗୁପ୍ତ ବୈଠକରେ ନିଜେ ସମୀର ଦାଶ ଉପସ୍ଥିତ ରହି ସମର୍ଥକଙ୍କ ସହିତ ଆଲୋଚନା କରିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ଏହି ବୈଠକ ଅନ୍ୟ ଏକ ଦିଗ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

## ଆତ୍ମାରାମ ବାଲା ଆଶ୍ରମରେ ରାମ ନବମୀ ଉତ୍ସବ



ଚାରିଛକ,୧୭।୪(ଶିଶିର ସ୍ୱାଇଁ)

ଚାରିଛକ ଥାନା ଅଧୀନ ନୂଆଗାଁ ଆତ୍ମାରାମ ବାଲା ଆଶ୍ରମର ଗଣେଶ ବାବାଙ୍କ ନେତୃତ୍ୱରେ ରାମ ନବମୀ ପୂଜା ଉତ୍ସବ ପାଳନ ହୋଇଯାଇଛି। ଉତ୍ସବରେ ସକାଳ ରୀତିନୀତି ପରେ ପୂର୍ବାହ୍ନ ୧୦ଟା ସମୟରେ ଗୀତ ଭାଗବତ ଓ ହନୁମାନ ଚାଳିଶା ପାଠ କରାଯାଇଥିଲା। ଆଶ୍ରମରେ ପ୍ରଭୁ ଶ୍ରୀରାମକୁ ଦର୍ଶନ କରିବାକୁ ବିଭିନ୍ନ ଅଞ୍ଚଳରୁ ଶତାଧିକ ଭକ୍ତ ଆସିଥିଲେ। ରାମ ମନ୍ଦିରରେ ଦୀପ ଜାଳି ନିଜ ପରିବାରର ମଙ୍ଗଳ କାମନା କରିବା ସହ ଦେଶର ଶୁଭ ମନାସିଥିଲେ। ହରି ନାମ ରାମ ରାମ ନାମରେ ଆଶ୍ରମ ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ଅଭିଜିତ ମହାନ୍ତିଙ୍କ ନେତୃତ୍ୱରେ ଚାରିଛକ ବଜାର ନିକଟସ୍ଥ ବିଶୀମାତ୍ରିଠାରେ ଥିବା ହନୁମାନ ମନ୍ଦିରଠାରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମହାବୀର ଭକ୍ତମାନେ ଶୋଭାଯାତ୍ରାରେ ବାହାରି ଚାରିଛକ ବଜାର ଦେଇ ଛଣିଜଙ୍ଗ ପଞ୍ଚାୟତରଥିବା ଗ୍ରାମ ପରିକ୍ରମା କରିଆମ୍ବର ଗ୍ରାମର ହରିଶଙ୍କର ମହାଦେବ ମନ୍ଦିରରେ ପହଞ୍ଚିଥିଲେ। ଶେଷରେ ମନ୍ଦିରରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

## ୧୧୯ ମତଦାନ କେନ୍ଦ୍ର ପାଇଁ ପହଞ୍ଚିଲା ହୁଇଲ ଚେୟାର

ଡେଲାଙ୍ଗ,୧୭।୪(ରଶ୍ମିରଞ୍ଜନ ପ୍ରଧାନ)

ଆଗାମୀ ସାଧାରଣ ନିର୍ବାଚନରେ ଦିବ୍ୟାଙ୍ଗ ମତଦାତାଙ୍କ ପାଇଁ ହୁଇଲ ଚେୟାର ବୁଧବାର ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଛି। ଏହି ମତଦାତାଙ୍କୁ କେନ୍ଦ୍ର ବାହାରୁ ମତଦାନ ସ୍ଥଳକୁ ନେବାକୁ ଏହି ଚୋୟାର ବ୍ୟବସ୍ଥା କରାଯାଇଛି। ଡେଲାଙ୍ଗ ବ୍ଲକରେ ୧୧୯ଟି ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଥିବାବେଳେ ସମସ୍ତ ମତଦାନ କେନ୍ଦ୍ରକୁ ଏହି ହୁଇଲ ଚେୟାର ପଠାଯିବ ବୋଲି ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ତପନ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି

ପୁରୀ,୧୭।୪(ଅଜିତ୍ ମହାନ୍ତି)

ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ବା ରାମନବମୀ ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି ଅନୁଷ୍ଠିତ ହେବା ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସାହିଯାତ ଆରମ୍ଭ ହୋଇଛି। ରାମନବମୀ ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଭୋରରୁ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତରଶୋଧ, ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ସକାଳଧୂପ ସହ ବିଭିନ୍ନ ନୀତି ବଢ଼ି ଯାତ୍ରାଙ୍ଗୀ ମହାସ୍ନାନ କରାଯାଇଥିଲା। ପରେ ମହାପ୍ରଭୁଙ୍କ ଘଣ୍ଟଛତା ସର୍ବାଙ୍ଗ ସମ୍ପନ୍ନ ସହ ଛ'ମୂର୍ତ୍ତି ଅଳଙ୍କାର ଲାଗି ଓ ବେଶ କରାଯାଇଥିଲା। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇ ଧୋ ପଖାଳ ପରେ ଶ୍ରୀରାମ ଜନ୍ମନୀତି ଆରମ୍ଭ ହୋଇଥିଲା। ଜନ୍ମନୀତି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଜୟବିଜୟ ଦ୍ୱାର ବନ୍ଦ ରଖାଯାଇଥିଲା। ଶୁଦ୍ଧସୁଆର ଭଣ୍ଡାର ଘର ଆଗରେ ପୋଛା ମାରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚମୁରୁଜରେ ଜନ୍ମମଣ୍ଡଳ କାଟିଥିଲେ। ଏହାପରେ ବନ୍ଦାପନା ଓ ବରୁଣ ପୂଜା କରାଯାଇଥିଲା। ଦକ୍ଷିଣୀଘର ଭୋଗ ଶେଷ ହେବା ପରେ ଶ୍ରୀରାମଚନ୍ଦ୍ରଙ୍କ ପ୍ରତିମାଙ୍କୁ ମହାଜନ ସେବକ ରତ୍ନ ସିଂହାସନକୁ ବିଜେ କରାଇଥିଲେ। ମୁଦିରସ୍ତ ଧଣ୍ଡି ପ୍ରସାଦ ଲାଗି କରିବା ପରେ ପ୍ରସାଦ ଓଲାଗି ହୋଇ ରାମଚନ୍ଦ୍ରଙ୍କୁ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ମହାଜନ ସେବକମାନେ ରାମଚନ୍ଦ୍ରଙ୍କ ପ୍ରତିମାକୁ ଉକ୍ତ ଜନ୍ମମଣ୍ଡଳ ଉପରେ ବିଜେ କରାଇଥିଲେ। ମହାଜନ ସେବାୟତଙ୍କ ମଧ୍ୟରୁ ଜଣେ ଦଶରଥ ଓ ଜଣେ କୌଶଲ୍ୟା ଭାବେ ଖଣ୍ଡୁଆ ଘୋଡ଼ାଇ ହୋଇ ଜନ୍ମବିଧି ନୀତି ସମ୍ପନ୍ନ କରିଥିଲେ। କର୍ପୂର ଆଳତି ବନ୍ଦାପନା ନୀତି ପରେ ମହାସୁଆର ସେବକ ଠାକୁରଙ୍କୁ ଗଣ୍ଡୁଷ ମସଲା ଓ କ୍ଷୀର ମଣୋହି କରାଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ଜନ୍ମବିଧି, ଶୀତଳ ଭୋଗ ମଣୋହି ନୀତି କରିଥିଲେ। ମହାସୁଆର ସେବାୟତ ଜୟବିଜୟ ଦ୍ୱାର ନିକଟରେ ଠାକୁରଙ୍କୁ ଚରୁଭାତ ମଣୋହୀ କରିବା ପରେ ଠାକୁର ଦକ୍ଷିଣୀଘରକୁ ବାହୁଡ଼ା ବିଜେ କରିଥିଲେ। ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

## ଓଡ଼ିଆ ସାହିତ୍ୟରେ ସହାବସ୍ଥାନର ବର୍ତ୍ତନା ଶୀର୍ଷକ ଆଲୋଚନାଚକ୍ର




ପୁରୀ,୧୭।୪(ଅଜିତ୍ ମହାନ୍ତି)

ସମତା ସାହିତ୍ୟ ସମିତି ପକ୍ଷରୁ ଓଡ଼ିଶା ସଙ୍ଗୀତ ପରିଷଦ ଠାରେ ବୁଧବାର 'ଓଡ଼ିଆ ସାହିତ୍ୟରେ ସହାବସ୍ଥାନର ବର୍ତ୍ତନା' ଶୀର୍ଷକ ଆଲୋଚନାଚକ୍ର ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମିତିର ସଭାପତି ପ୍ରତିଭା ତ୍ରିପାଠୀ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷାବିତ ଶିବସୁନ୍ଦର ମିଶ୍ର ସଂଯୋଜନା କରିଥିଲେ। ଅତିଥିଭାବେ ଅଧ୍ୟାପକ ଅଶୋକ କୁମାର ମିଶ୍ର, ଶିକ୍ଷାବିତ ବିଜୟଲକ୍ଷ୍ମୀ ଦାଶ, ପଣ୍ଡିତ ସଦାଶିବ ମିଶ୍ର, ଲେଖିକା ପୌର୍ଣ୍ଣମାସୀ ଦେବୀ, ଡ. ସସ୍ମିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ସାହିତ୍ୟରେ ଶାନ୍ତି, ମୈତ୍ରୀ, ପ୍ରୀତି ଏକାନ୍ତ ଆବଶ୍ୟକ। ଈର୍ଷା, ଘୃଣା ବର୍ଜନ ସହ ବିଶ୍ୱକୁ ଓଡ଼ିଆ ସାହିତ୍ୟ କୁଟୁମ୍ବ ମନେକରେ ବୋଲି ମତ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ସମିତିର ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ଏବଂ ଅନୁକୂଳଚନ୍ଦ୍ର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମିନତୀ ମିଶ୍ର, ଅଭିମନ୍ୟୁ ରାୟଗୁରୁ, ଡାକ୍ତର ରାନୁ ମିଶ୍ର, ଅଧ୍ୟାପକ ସହଦେବ ସାହୁ, ଡ. ପ୍ରମୀଳ କୁମାର ନନ୍ଦ, ପ୍ରବାସିନୀ ମିଶ୍ର, ସର୍ବେଶ୍ୱର ପାଳ, ରାଜେଶ ବେହେରା, ରାଧାକୃଷ୍ଣ ପ୍ରଧାନୀ, ହେମାଙ୍ଗିନୀ ମହାନ୍ତି, ପୂଜା ପ୍ରଧାନ, ସୁନୀଲ ମିଶ୍ର, ମହେଶ୍ୱର ଜେନା, ଅନନ୍ତ ପ୍ରଧାନ, ପିତାମ୍ବର ମହାପାତ୍ର, ନାରାୟଣ ନନ୍ଦ, ମଞ୍ଜୁଳା ମିଶ୍ର, ଯୋଗେଶ୍ୱର ପ୍ରହରାଜ, ବେଣୁଧର ପାତ୍ର ପ୍ରମୁଖ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ଅଶୋକ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଜିଲା ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

ପୁରୀ,୧୭।୪(ଅଜିତ ମହାନ୍ତି)



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ବୁଧବାର ପୁରୀ ବିଜୁ ଜନତା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭା ସଦସ୍ୟ ତଥା ବିଜୁ ଯୁବ ଜନତା ଦଳ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ଦ୍ୱାରା ଶ୍ରୀମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଇଥିଲା। ସେହିପରି ମେଡିକାଲ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ପୁରୀ ଲୋକସଭା ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ, ବିଧାନସଭା ପ୍ରାର୍ଥୀ ସୁନିଲ୍ କୁମାର୍ ମହାନ୍ତି, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାସ, ଗୌରହରି ପ୍ରଧାନ, ପୁରୀ ଜିଲା କ୍ରୀଡ଼ା ସମ୍ପାଦକ ରବିଶଙ୍କର ପ୍ରତିହାରୀ, ପୁରୀ ଜିଲା ଯୁବ ସଭାପତି ନାରାୟଣ ସ୍ୱାଇଁ, ଓଡ଼ିଶା ମୋ ପରିବାର ସହସଂଯୋଜକ ଭଗବାନ ପଢ଼ିଆରୀ, ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା, ବିଶ୍ୱକେତନ ଦାସ, ଛାତ୍ର ନଗର ସଭାପତି ସାଗର ପାତ୍ର, ବିଜୁ ଛାତ୍ର ଜନତା ଦଳ ଛାତ୍ର ସମ୍ପାଦକ ରାଜେଶ ତ୍ରିପାଠୀ, ସାଧାରଣ ସମ୍ପାଦକ ଗୋପାଳ ମିଶ୍ର, ପ୍ରସନ୍ନ ମହାପାତ୍ର, ବାବୁଲି ବାରିକ, ସନ୍ତୋଷ ବେହେରା, ମାଧବ ପଣ୍ଡା, ଶ୍ରୀଧର ଜେନା, ଭୁବନମୋହନ ପୂଜାପଣ୍ଡା, ପୀତବାସ ଫାରକ, ସୋମନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ପ୍ରଭାକର ସମର୍ଥା, କାହ୍ନୁ ବାରିକ, ରାଜା ମୁରଡ଼ି, ରାମକୃଷ୍ଣ ପ୍ରତିହାରୀ, ନାରୀନେତ୍ରୀ ସନ୍ଧ୍ୟାରାଣୀ ଭଞ୍ଜ, ରୋଜାଲିନ ନାୟକ , ଲୋରିନ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତି, ଲିପ୍ସା ମିଶ୍ର , ଝାନ୍ସରାଣୀ ମିଶ୍ର, ଲିଲି ଘଡେଇ, ଜୟଶ୍ରୀ ପାଢ଼ୀ, ନିରୁପମା ପଣ୍ଡା, ଯୋଗମାୟା ଜେନା, ଜ୍ୟୋତ୍ସ୍ନାରାଣୀ ସିହ୍ନା, ଧନିମଣି ମହାପାତ୍ର, କୁମୁଦୁନି ସାହୁ, ଜ୍ୟୋତ୍ସ୍ନାରାଣୀ ବେହେରା, ଅନିମା ପ୍ରଧାନ, ପଦ୍ମିନୀ ବେହେରା ଉପସ୍ଥିତ ଥିଲେ। ଶିବିରରେ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଦେଶୀ ବନ୍ଧୁକ ଜବତ, ୨ ଗିରଫ



**କଟକ,୧୭।୪ (କାର୍ତ୍ତିକ ସାହୁ):** ବନ୍ଧୁକ କାରବାର ମାମଲାରେ ଚାଉଳିଆଗଞ୍ଜ ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୈଦେଶ୍ୱର ଥାନା ନଟେରୀ ଗ୍ରାମର ଚଗଲା ଓରଫ ପ୍ରଦୀପ୍ତ କୁମାର ଉଥାନସିଂହ ଓ କୋଠପାଟଣା ଗ୍ରାମର ପ୍ରଫୁଲ୍ଲ କୁମାର ସାହୁ। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ୪୦ରେ କାଳିଆବୋଦା ନିକଟରେ ପୋଲିସ ପକ୍ଷରୁ ଚେକିଂ କରାଯାଉଥିଲା। ଅଭିଯୁକ୍ତ ଦ୍ୱୟ ଗୋଟିଏ ବାଇକ୍‌ରେ ଆସୁଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲା। ହେଲେ ସେମାନେ ନ ଅଟକି ପୋତାପୋଖରୀ ଆଡ଼କୁ ପଳାଇ ଯାଇଥିଲେ। ପରେ ପୋଲିସ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ପରେ ଚଗଲାଙ୍କ ନିକଟରୁ ଦେଶୀ ବନ୍ଧୁକ ଜବତ ହୋଇଥିଲା। ଉଭୟ ବେଆଇନ ବନ୍ଧୁକ କାରବାର କରୁଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୦୨/୨୪) ରୁଜୁ ହୋଇଛି।

# ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ

ପୁରୀ,୧୭।୪(ଅଜିତ ମହାନ୍ତି)

## କାଳିକାଦେବୀ ସାହି ଆଖଡ଼ା ପକ୍ଷରୁ ଶ୍ରୀରାମ ଜନ୍ମନୀତି ସମ୍ପନ୍ନ



ରଷ୍ୟଶୃଙ୍ଗ ଋଷିଙ୍କ ସହ ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଶ୍ରୀମନ୍ଦିରରୁ ରାମଜନ୍ମ ନୀତି ସାରି ସାହି ବୁଲିବାକୁ ଯାଉଛନ୍ତି।



ସାହିଯାତରେ ହନୁମାନ ବେଶଧାରୀ ଯୁବକ। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

ପବିତ୍ର ରାମନବମୀ ଅବସରରେ ବୁଧବାରଠାରୁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ ହୋଇଛି। ସାହିଯାତ ପାଇଁ ଉତ୍ସବମୁଖର ହୋଇପଡ଼ିଛି ଶ୍ରୀକ୍ଷେତ୍ର। ଶ୍ରୀରାମଙ୍କ ଜନ୍ମଲୀଳାଠାରୁ ଆରମ୍ଭ ହୋଇଥିବା ଏହି ଯାତ ରାମାଭିଷେକରେ ସମାପନ ହେବ। ଶ୍ରୀମନ୍ଦିର ନୀତି ସହ ଅଙ୍ଗାଙ୍ଗୀ ଭାବେ ସାହିଯାତ ଜଡ଼ିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନାରେ ଏକ ଅଙ୍ଗ ଭାବେ ଶ୍ରୀରାମଲୀଳାକୁ ବିବେଚନା କରାଯାଏ। ଶ୍ରୀମନ୍ଦିରରେ ଏହି ଲୀଳା ପାଳନ ହେବା ସହ ଶ୍ରୀକ୍ଷେତ୍ରର ଆଠସାହିରେ ଯାତ ଅନୁଷ୍ଠିତ ହୋଇଥାଏ। ସାହିଯାତରେ ପାରମ୍ପରିକ ସାମରିକ କଳା, ଲୋକକଳା, ଲୋକନୃତ୍ୟ ଓ ସାଂସ୍କୃତିକ ପରମ୍ପରା ଦେଖିବାକୁ ମିଳିବ। ପୁରୀର ଆଠସାହି ଆଖଡ଼ା ପକ୍ଷରୁ ଏହି ଯାତ ଅନୁଷ୍ଠିତ ହେବ। ସାହିଯାତର ବୁଧବାର ପ୍ରଥମ ଦିବସରେ କାଳିକାଦେବୀ ସାହି ଆଖଡ଼ା ପକ୍ଷରୁ ରାମଜନ୍ମ ନୀତି ପ୍ରସ୍ତାବ ଆଗତ କରାଯିବା ସହ ଶ୍ରୀରାମ ଜନ୍ମନୀତି ସମ୍ପନ୍ନ ହୋଇଛି। ଏହି ଅବସରରେ ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ରଷ୍ୟଶୃଙ୍ଗ ଆଦି ବେଶଧାରୀମାନେ ସାହିରୁ ବାହାରି ପ୍ରଥମେ ମା' ଦକ୍ଷିଣକାଳୀଙ୍କୁ ଦର୍ଶନ କରିବା ସହ ଆଜ୍ଞାମାଳ ପ୍ରାପ୍ତ ହୋଇଥିଲେ। ପରେ ସେମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀରାମ ଜନ୍ମନୀତିରେ ସାମିଲ ହୋଇଥିଲେ। ସେଠାରୁ ଚରୁଅନ୍ନ ଆଣି ମା' ଦକ୍ଷିଣକାଳୀଙ୍କୁ ଅର୍ପଣ କରାଯିବା ପରେ ବେଶଧାରୀମାନେ ମାଟିମଣ୍ଡପ ସାହି ପରିକ୍ରମା କରିଥିଲେ। ଏଥିସହ ନାଗା, ମେଢ଼ର ପାରମ୍ପରିକ ନୃତ୍ୟ ଦେଖିବାକୁ ମିଳିଛି। ନାଗା, ନବଶିରା ସହିତ ବିଭିନ୍ନ ମେଢ଼ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲା। ଆଠ ସାହି ଆଖଡ଼ାର ମୁରବିମାନେ ସାହିଯାତରେ ସାମିଲ ହୋଇଥିଲେ। ରଷ୍ୟଶୃଙ୍ଗ ଋଷି ଚରିତ୍ରରେ ମନୋରଞ୍ଜନ ଦାଶ, ରାମ ଚରିତ୍ରରେ ହରି ସିଂହ, ଲକ୍ଷ୍ମଣ ଚରିତ୍ରରେ ଆୟୁଷ୍ମାନ ମେକାପ, ଭରତ ଚରିତ୍ରରେ ଅଂଶୁମାନ୍ ମେକାପ ଏବଂ ଶତ୍ରୁଘ୍ନ ଚରିତ୍ରରେ ରୁଦ୍ରନାଥ ପଣ୍ଡା ସାହି ବୁଲିଛନ୍ତି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାଳିକାଦେବୀ ସାହି ଆଖଡ଼ାର ସଭାପତି ଲକ୍ଷ୍ମୀକାନ୍ତ ରଥ, ସମ୍ପାଦକ ପ୍ରଫୁଲ୍ଲ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଠସାହି ସମ୍ପାଦକ ତଳଚ୍ଛୁ ନୀଳକଣ୍ଠ ମହାପାତ୍ର, ସଂଯୋଜକ ନରେନ୍ଦ୍ର ମହାନ୍ତି, ସହସମ୍ପାଦକ ଚକ୍ରଧର ମହାପାତ୍ର, ହରଚଣ୍ଡୀ ସାହିର ସହସମ୍ପାଦକ ନାରାୟଣ କୋଠାରୀ, କୁଣ୍ଡେଇବେଣ୍ଟ ସାହିର ସଭାପତି ସାହିନାୟକ ନାରାୟଣ ମହାପାତ୍ର, ସମ୍ପାଦକ ଜଗନ୍ନାଥ ମହାପାତ୍ର ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଅନୁକୂଳ ହେଲା ରଥକାଠ ଚିରଟ



ଖପୁରିଆସ୍ଥିତ ସରକାରୀ ସ' ମିଲ୍‌ରେ ରଥକାଠ ଚିରଟ ପାଇଁ ପୂଜାର୍ଚ୍ଚନା କରାଯାଉଛି।

କଟକ/ପୁରୀ,୧୭।୪
(ଶିଲ୍ପା ପ୍ରିୟଦର୍ଶିନୀ/ଅଜିତ ମହାନ୍ତି)

ଆସନ୍ତା ଜୁଲାଇ ୭ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଅକ୍ଷୟତୃତୀୟାରୁ ୩ ରଥର ନିର୍ମାଣ କାମ ଆରମ୍ଭ ହେବାକୁ ଥିବାବେଳେ ବୁଧବାର କଟକ ଖପୁରିଆସ୍ଥିତ ସରକାରୀ ସ' ମିଲ୍‌ରେ ରଥକାଠ ଚିରଟ ଅନୁକୂଳ ହୋଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁ ଦିନ ରଥର କ'ଣ ନିର୍ମାଣ ହେବ, ତାହା ବିଧି ମୁତାବକ କରାଯାଇଥାଏ। ସେହି ଅନୁସାରେ ଶ୍ରୀରାମ ନବମୀରେ ରଥକାଟ ଚିରଟ ଅନୁକୂଳ ହେବା ପରମ୍ପରା ରହିଛି। ସେଥିପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ନୀତି ପ୍ରଶାସକ ଜିତେନ୍ଦ୍ର ଦାସ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବୀନ୍ଦ୍ର ନାଥ ଭୋଇ, ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ଭାରପ୍ରାପ୍ତ ଅଧିକାରୀ ରବୀନ୍ଦ୍ରନାଥ ଦାସ, କର୍ମଚାରୀ ବେଣୁଧର ମହାରଣା, ୱାର୍କ ସରକାର ଅନାଦି ସ୍ୱାଇଁ ପ୍ରମୁଖ ଏକ ପ୍ରତିନିଧି ଦଳ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ଖପୁରିଆ ସ' ମିଲ୍‌ରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ତିନୋଟି ଧଉରା କାଠ ଚିରଟ କରାଯାଇଥିଲା। ଗତବର୍ଷ ୨୦୦ ଖଣ୍ଡ କାଠ ବଳକା ରହିଥିଲା। ରଥ ନିର୍ମାଣ ପାଇଁ ପ୍ରାୟ ୮୧୨ ଖଣ୍ଡ କାଠର ଆବଶ୍ୟକତା ରହିଛି। ସେଥିମଧ୍ୟରୁ ୪୫୦ ଖଣ୍ଡ କାଠ ନୟାଗଡ଼ ବନଖଣ୍ଡ ସମେତ ଅନ୍ୟ ବନଖଣ୍ଡରୁ ଆସିଛି। ପ୍ରତିଦିନ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଏହି କାଠଚିରା କାମ ଚାଲିବ। ଏଥିରେ ୩୦ ଜଣ କର୍ମଚାରୀ ନିୟୋଜିତ ହେବେ। ଏନେଇ ଶ୍ରୀମନ୍ଦିର ରଥ ଅମିନ ଲକ୍ଷ୍ମଣ ମହାପାତ୍ର କହିଛନ୍ତି, ରାମନବମୀ ଅବସରରେ ସମସ୍ତ ରୀତିନୀତି ଅନୁଯାୟୀ ପ୍ରଥମ କାଠ ଚିରଟ କରାଯାଇଛି। ଅପରପକ୍ଷରେ ସ' ମିଲ୍ ମ୍ୟାନେଜର ଅଶୋକ କୁମାର କର କହିଛନ୍ତି, ରାମନବମୀରେ ରଥକାଠ ଚିରଟ ଅନୁକୂଳ ହୋଇଥିବାବେଳେ ସମୟ ଅନୁସାରେ କାମ ସାରିବା ପାଇଁ ଲକ୍ଷ୍ୟ ରହିଛି।

# 'ବିଚାରପତି-ଆଇନଜୀବୀଙ୍କ ମଧ୍ୟରେ ପାରସ୍ପରିକ ସମ୍ମାନବୋଧ ରହିବା ଉଚିତ'

କଟକ,୧୭।୪ (କାର୍ତ୍ତିକ ସାହୁ)

ନ୍ୟାୟିକ ପ୍ରଶାସନର ସ୍ୱଚ୍ଛତା ପାଇଁ କୋର୍ଟରୁମ୍‌ରେ ବିଚାରପତି ଓ ଆଇନଜୀବୀଙ୍କ ମଧ୍ୟରେ ପାରସ୍ପରିକ ସମ୍ମାନବୋଧ, ସହନଶୀଳତା ଓ ସୌଜନ୍ୟତା ରହିବା ଆବଶ୍ୟକ। ଏଥିସହିତ ଆଇନ କ୍ଷେତ୍ରରେ କାର୍ଯ୍ୟରତ ପ୍ରତ୍ୟେକ ବ୍ୟକ୍ତିଙ୍କ ନ୍ୟାୟର ନିୟମ ପ୍ରତି ସମ୍ମାନବୋଧ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ କହିଛନ୍ତି। ମାଲକାନଗିରିର ତତ୍କାଳୀନ ଉପଜିଲାପାଳ ଟି. ୱାପାଙ୍ଗ ଆଓଙ୍କ ବିରୋଧରେ ମାଲକାନଗିରି ଏସ୍‌ଡିଜେଏମ୍ ଗ୍ରହଣ କରିଥିବା ଫୌଜଦାରି ଆଦେଶକୁ ଖାରଜ କରିବା ଅବସରରେ ବିଚାରପତି ପାଣିଗ୍ରାହୀ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

ହାଇକୋର୍ଟ କହିଛନ୍ତି, ବିଚାର ବ୍ୟବସ୍ଥାର ପ୍ରଭାବୀ ସୁପରିଚାଳନା ପାଇଁ କୋର୍ଟରୁମ୍‌ରେ ବିଚାରପତି ଓ ଆଇନଜୀବୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିବା ଦରକାର। ପ୍ରତ୍ୟେକ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ଅବଗତ ହେବା ସହ ପରସ୍ପରକୁ ପ୍ରଶଂସା କରିବା ଆବଶ୍ୟକ। କୋର୍ଟରୁମ୍‌ରେ ବିଚାରପତିମାନେ ଆଇନ ପରିସର ମଧ୍ୟରେ ନିରପେକ୍ଷ ତଥା ସ୍ୱଚ୍ଛ ନ୍ୟାୟ ପ୍ରଦାନ ପାଇଁ କାର୍ଯ୍ୟ କରୁଥିବାବେଳେ ଆଇନଜୀବୀମାନେ ଲଢୁଥିବା ବ୍ୟକ୍ତି ସପକ୍ଷରେ ଆଇନ ପରିସରରେ ରହି କାର୍ଯ୍ୟ କରିଥାନ୍ତି। ଆଇନଜୀବୀଙ୍କ ଦକ୍ଷତା, ତ୍ୟାଗ ଓ ଯୁକ୍ତି କରିବାର କୌଶଳ ପ୍ରତି ବିଚାରପତିମାନଙ୍କର ଯଥେଷ୍ଟ ସମ୍ମାନ ରହିବା ଉଚିତ୍। ଅନୁରୂପ ଭାବରେ ଆଇନଜୀବୀମାନେ ମଧ୍ୟ ନିଜର ବ୍ୟକ୍ତିଗତ ମତରୁ ଊର୍ଦ୍ଧ୍ୱକୁ ଯାଇ ବିଚାରପତି ଓ କୋର୍ଟରେ ନିଷ୍ପତ୍ତିକୁ ସମ୍ମାନ ଜଣାଇବା ଉଚିତ୍। ନିଜର ବୃତ୍ତିଗତ ପାରଦର୍ଶିତାରେ ରହି ବିଚାରପତି ଏବଂ ଆଇନଜୀବୀମାନେ କୋର୍ଟରୁମ୍‌ରେ ଅନ୍ୟମାନଙ୍କ ପ୍ରତି ଉଦାହରଣ ସାଜିବା ଆବଶ୍ୟକ ବୋଲି ହାଇକୋର୍ଟ ମତ ଦେଇଛନ୍ତି।

## ମାଲକାନଗିରିର ତତ୍କାଳୀନ ଉପଜିଲାପାଳଙ୍କ ବିରୋଧରେ ମାମଲା ଖାରଜ

ମାମଲାର ବିବରଣୀ ଅନୁଯାୟୀ, ୨୦୦୩ ଅଗଷ୍ଟ ୫ ତାରିଖ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ମାଲକାନଗିରି ଉପଜିଲାପାଳଙ୍କ କୋର୍ଟରେ ଏକ ମାମଲାର ବିଚାରବେଳେ ଆଇନଜୀବୀ ଗୋବିନ୍ଦ ପାତ୍ର ପ୍ରଥମ ପକ୍ଷଙ୍କ ପାଇଁ ନିଜର ଯୁକ୍ତି ଉପସ୍ଥାପନ କରୁଥିଲେ। କୋର୍ଟ କାର୍ଯ୍ୟ ଚାଲିଥିବାବେଳେ ଉପଜିଲାପାଳ ତଥା ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ଟି. ୱାପାଙ୍ଗ ଆଓ ପ୍ରତିପକ୍ଷଙ୍କୁ ତାଙ୍କ ସପକ୍ଷରେ ପ୍ରମାଣ ଦାଖଲ ପାଇଁ ଅନୁରୋଧ କରିଥିଲେ। ମାତ୍ର ଏହାକୁ ପ୍ରଥମ ପକ୍ଷଙ୍କ ଆଇନଜୀବୀ ବିରୋଧ କରିବା ସହ ଏହା କୋର୍ଟ ନିୟମର ବିରୁଦ୍ଧାଚରଣ କରୁଛି ବୋଲି କହିଥିଲେ। ଏହାକୁ ନେଇ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ଓ ଆଇନଜୀବୀଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ଆଇନଜୀବୀଙ୍କୁ ସମ୍ମାନହାନି ହେବା ଭଳି ଶବ୍ଦ ପ୍ରୟୋଗ କରିଥିଲେ। ଏନେଇ ଆଇନଜୀବୀ ପାତ୍ର ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ମାମଲା ଦାଏର କରିଥିଲେ। ଏସ୍‌ଡିଜେଏମ୍ କୋର୍ଟ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍‌ଙ୍କ ବିରୋଧରେ କଗନିଜାନ୍ସ ନେବାରୁ ଏହାକୁ ବିରୋଧ କରି ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ହାଇକୋର୍ଟକୁ ଆସିଥିଲେ। ଦୀର୍ଘ ୨ ଦଶନ୍ଧି ପରେ ମାମଲାର ଅନ୍ତ ଘଟିଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିବେକ



@ ଦୀପକ



@ ପ୍ରଣତୀ



@ ବେଦମ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ନନ୍ଦନକାନନ: ଅଂଶୁଘାତରେ ଜଙ୍ଗଲୀ କୁକୁର ମୃତ




ବାରଙ୍ଗ,୧୭।୪(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନରେ ପ୍ରଥମ କରି ଅଂଶୁଘାତରେ ଗୋଟିଏ ମାଈ ଜଙ୍ଗଲୀ କୁକୁରର ବୁଧବାର ମୃତ୍ୟୁ ଘଟିଛି। ରୌଦ୍ର ତାପରେ ସାରା ଓଡ଼ିଶା ସିଝୁଥିବାବେଳେ ପ୍ରାଣୀଉଦ୍ୟାନର ୧୯ ନଂ. ଏନ୍‌କ୍ଲୋଜରରେ ଏହି କୁକୁରଟି ବିଚରଣ କରୁଥିଲାବେଳେ ପ୍ରଚଣ୍ଡ ରୌଦ୍ରତାପରେ କୁକୁରଟି ସହ୍ୟ କରିପାରି ନ ଥିଲା। ହଠାତ୍ ଏନ୍‌କ୍ଲୋଜରରେ ଟଳି ପଡ଼ିଥିଲା। ଏହାର ମୃତ୍ୟୁ ପରେ ପ୍ରାଣୀ ଉଦ୍ୟାନରେ ଆଉ ଗୋଟିଏ ଅଣ୍ଡିରା ଜଙ୍ଗଲୀ କୁକୁର ରହିଥିବା ସୂଚନା ମିଳିଛି।

# ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣ ସଫଳ

କଟକ,୧୭।୪(ଶିଲ୍ପା ପ୍ରିୟଦର୍ଶିନୀ)

## ମୃତା ସଂଯୁକ୍ତାଙ୍କ ଶରୀରରୁ କଢ଼ାଯାଇଥିଲା ୨ ବୃକ୍କ ଓ ଯକୃତ

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ଇତିହାସ ରଚି ଚାଲିଛି କଟକ ଏସ୍‌ସିବି ମେଡିକାଲ। ବୁଧବାର ପୁଣି ଥରେ ଏଠାରେ କାଡାଭରିକ୍ କିଡ୍‌ନୀ(ବୃକ୍କ) ପ୍ରତିରୋପଣ କରାଯାଇଛି। କଟକ ଜିଲା ଟିଗିରିଆ ଅଞ୍ଚଳର ରାଜୀବ ଦାସ(୪୨)ଙ୍କ ଶରୀରରେ ଗୋଟିଏ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ସୂଚନା ଅନୁଯାୟୀ, ସଂଯୁକ୍ତା ପାତ୍ର(୫୦)ଙ୍କ ମୃତ୍ୟୁ ପରେ ତାଙ୍କ ଶରୀରରୁ ଦୁଇଟି ବୃକ୍କ ଓ ଯକୃତକୁ ପ୍ରତିରୋପଣ ପାଇଁ କଢାଯାଇଥିଲା। ଦୁଇଟି ବୃକ୍କ ମଧ୍ୟରୁ ଗୋଟିଏ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଜଣଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିବାବେଳେ ଅନ୍ୟଟିକୁ ଏସ୍‌ସିବି ମେଡିକାଲରେ ରାଜୀବଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି। ଏଥିପାଇଁ ଏସ୍‌ସିବି ମେଡିକାଲ ୟୁରୋଲୋଜି ବିଭାଗର ମୁଖ୍ୟ ଡା. ସମୀର ସ୍ୱାଇଁଙ୍କ ନେତୃତ୍ୱରେ



ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇ ଅସ୍ତ୍ରୋପଚାର କରାଯାଇଛି। ଏଥିରେ ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡା. ଅରୁଣା ଆଚାର୍ଯ୍ୟ, ଡା. ସଞ୍ଜୟ ଚୌଧୁରୀ, ଡା. ପ୍ରୀତମ ପଟ୍ଟନାୟକ, ଡା. ରାକେଶ ରାଉତରାୟ, ଡା. ଉଦୟ ବେହେରା ନିୟୋଜିତ ହୋଇଥିଲେ। ଫଳରେ ଏସ୍‌ସିବି ମେଡିକାଲରେ କାଡାଭରିକ କିଡ୍‌ନୀ ପ୍ରତିରୋପଣ ସଂଖ୍ୟା ୧୫ରେ ପହଞ୍ଚିଛି।

# ଆଇଏଏସ୍ ପରୀକ୍ଷାରେ ଆପ୍ଟି ପ୍ଲସ୍‌ର ସଫଳତା

ଭୁବନେଶ୍ୱର,୧୭।୪
(ଅନୁରାଧା ମହାରଣା)

ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା (ଆଇଏଏସ୍) ୨୦୨୩ର ଫଳ ମଙ୍ଗଳବାର ପ୍ରକାଶ ପାଇଛି। ପାଖାପାଖି ୧୧୦୫ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ମୋଟ ୧୦୧୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ଆପ୍ଟି ପ୍ଲସ୍‌ର ଇଣ୍ଡିଆନ ଗାଇଡାନ୍ସ ପ୍ରୋଗ୍ରାମ (ଆଇଜିପି) ନେଇଥିବା ଆଦିତ୍ୟ ଶ୍ରୀବାସ୍ତବ ସର୍ବ ଭାରତୀୟସ୍ତରରେ ର୍ୟାଙ୍କ-୧ ହାସଲ କରିଛନ୍ତି। ସେହିପରି ସର୍ବଭାରତୀୟ ର୍ୟାଙ୍କ୍-୧୬, ୬୪, ୭୫, ୮୪ ଓ ୮୬ ସହ ବହୁ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ତେବେ ଓଡ଼ିଶାରେ ଆପ୍ଟି ପ୍ଲସ୍‌ର ବିଭିନ୍ନ ଗାଇଡାନ୍ସ ପ୍ରୋଗ୍ରାମ ନେଇ ମଧ୍ୟ ଓଡ଼ିଆ ଛାତ୍ରୀଛାତ୍ର ଭଲ ର୍ୟାଙ୍କ୍ ପାଇଛନ୍ତି। ସର୍ବଭାରତୀୟ ର୍ୟାଙ୍କ୍-୧୬ରେ ଅୟାନ ଜୈନ ରହିଥିବାବେଳେ ର୍ୟାଙ୍କ୍-୨୪ରେ ପ୍ରଜ୍ଞାନନ୍ଦନ ଗିରି, ର୍ୟାଙ୍କ-୩୬ରେ ଆୟୁଷୀ ପ୍ରଧାନ, ର୍ୟାଙ୍କ-୧୧୦ରେ ଅମୃତାଂଶୁ ନାୟକ ଏବଂ ର୍ୟାଙ୍କ-୪୦୯ରେ ସନ୍ତୋଷ କୁମାର ପାତ୍ର ସ୍ଥାନ ପାଇଛନ୍ତି। ସେହିଭଳି ଆଇଏଏସ୍ ପରୀକ୍ଷା ୨୦୨୨ରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସଫଳତା ପାଇଥିବାବେଳେ ସର୍ବଭାରତୀୟ ସ୍ତରରେ ର୍ୟାଙ୍କ୍-୨ରେ ଗରିମା, ୬୭ରେ ଓଡ଼ିଆ ଛାତ୍ରୀ କସ୍ତୁରୀ ପଣ୍ଡା, ୨୪୮ରେ ସୁଶ୍ରୀ ଶୁଭାଙ୍ଗୀ ଖୁଣ୍ଟିଆ, ୩୩୪ରେ ଆୟୁଷୀ ପ୍ରଧାନ ଏବଂ ର୍ୟାଙ୍କ୍ ୫୧୬ରେ ତେଜସ୍ୱିନୀ ବେହେରା ସ୍ଥାନ ପାଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସୁସିଜିତ୍ ସାହୁ କୃତୀ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ତଥା ଅଧ୍ୟାପିକାଅଧ୍ୟାପକଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତାର ଧାରା ଆଗକୁ ଜାରି ରହିବ ବୋଲି କହିଛନ୍ତି। ଏଥିସହ ସେ କହିଛନ୍ତି, ଭାରତୀୟ ଏବଂ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ୨୦୨୪-୨୫ ପାଇଁ ପ୍ରସ୍ତୁତ କରୁଥିବା ଛାତ୍ରୀଛାତ୍ରଙ୍କ ଲାଗି ଆପ୍ଟି ପ୍ଲସର ୨ମାସିଆ ଅତିରିକ୍ତ ଏନ୍‌ସିଇଆର୍‌ଟି ଫାଉଣ୍ଡେଶନ କୋର୍ସ ସହ ଆଡଭାନ୍ସ ଲେଭଲ୍‌ର ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ଏଥିପାଇଁ ସମସ୍ତ ପ୍ରକାର ଆବଶ୍ୟକ ପାଠ୍ୟ ପୁସ୍ତକ, ଲାଇବ୍ରେରି, ହଷ୍ଟେଲ ସୁବିଧା ମଧ୍ୟ ରହିଛି। ଏଠାରେ ଦିଲ୍ଲୀର ଅଭିଜ୍ଞ ଅଧ୍ୟାପିକାଅଧ୍ୟାପକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଉଛି। ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ପୂରଣ ସହ ସଫଳ ଭବିଷ୍ୟତ ଗଠନ ପାଇଁ ଆପ୍ଟି ପ୍ଲସ୍ ସଂକଳ୍ପବଦ୍ଧ। ବର୍ତ୍ତମାନ ଆପ୍ଟି ପ୍ଲସ୍‌ରେ ଓଏସ୍ ଏବଂ ଆଇଏଏସ୍ ପ୍ରିଲିମ୍ ଟେଷ୍ଟ ସିରିଜ୍ ପାଇଁ ନାମଲେଖା ଚାଲିଥିବା ସେ ସୂଚନା ଦେଇଛନ୍ତି।



# ଶ୍ରୀଲଙ୍କା, ୟୁଏଇକୁ ପିଆଜ ରପ୍ତାନି କରିବ ଭାରତ

ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)



ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଶ୍ରୀଲଙ୍କାକୁ ସୀମିତ ପରିମାଣରେ ପିଆଜ ରପ୍ତାନି କରିବାକୁ ଭାରତ ଅନୁମତି ଦେଇଛି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ବୈଦେଶିକ ବାଣିଜ୍ୟ ନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ମାଧ୍ୟମରେ ଏନେଇ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଯେଉଁଥିରେ ୟୁଏଇକୁ ଅତିରିକ୍ତ ୧୦,୦୦୦ ମେଟ୍ରିକ ଟନ୍ (ଏମ୍‌ଟି) ପିଆଜ ରପ୍ତାନି କରିବାକୁ ଅନୁମତି ଦିଆଯାଇଛି। ପୂର୍ବରୁ ୨୪,୦୦୦ ଟନ୍‌ରୁ ଅଧିକ ରପ୍ତାନିକୁ ଅନୁମତି ରହିଥିଲା। ଏହା ସହ ଶ୍ରୀଲଙ୍କାକୁ ଜାତୀୟ କୋଅପରେଟିଭ ରପ୍ତାନି ଲିମିଟେଡ୍ (ଏନ୍‌ସିଏଲ୍) ମାଧ୍ୟମରେ ୧୦,୦୦୦ ଟନ୍ ସୁବିଧା ଯୋଗାଇ ଦିଆଯାଇଛି। ମାର୍ଚ୍ଚରେ ବାଂଲାଦେଶକୁ ୫୦,୦୦୦ ଟନ୍ ପିଆଜ ରପ୍ତାନି କରିବାକୁ କେନ୍ଦ୍ର ଅନୁମତି ଦେଇଥିଲା। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସରକାର ପିଆଜ ରପ୍ତାନି ଉପରେ କଟକଣା ଲଗାଇଛନ୍ତି। ସୂଚନା ଥାଉକି, ୨୦୨୩ ଡିସେମ୍ବର ଆରମ୍ଭରୁ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଭାରତ ପିଆଜ ରପ୍ତାନି ଉପରେ କଟକଣା ଲଗାଇଥିଲା। ତେବେ ଦେଶଗୁଡ଼ିକର ଅନୁରୋଧ ଆଧାରରେ କେନ୍ଦ୍ର ସରକାର ଅନ୍ୟ ଦେଶକୁ ଦିଆଯାଇଥିବା ଅନୁମୋଦନ ଅନୁଯାୟୀ ପିଆଜ ରପ୍ତାନି ଅନୁମତି ଦିଆଯିବ ବୋଲି ଡିଜିଏଫ୍‌ଟି ବିଜ୍ଞପ୍ତିରେ କୁହାଯାଇଛି। ଘରୋଇ ବଜାରରେ ମୂଲ୍ୟ ବୃଦ୍ଧିକୁ ରୋକିବା ଏବଂ ଯୋଗାଣରେ ଉନ୍ନତି ଆଣିବା ପାଇଁ ସରକାର ୨୦୨୩ ଅଗଷ୍ଟ ୩୧ ପର୍ଯ୍ୟନ୍ତ ପିଆଜ ରପ୍ତାନି ଉପରେ ୪୦ ପ୍ରତିଶତ ଶୁଳ୍କ ଲଗାଇଥିଲେ। ପରେ କେନ୍ଦ୍ର ସରକାର ଟନ ପିଛା ସର୍ବନିମ୍ନ ରପ୍ତାନି ମୂଲ୍ୟ (ଏମ୍‌ଇପି) ୮୦୦ ଡଲାର ଧାର୍ଯ୍ୟ କରିଥିଲେ। ତେବେ କେନ୍ଦ୍ର ସରକାର ପିଆଜ ରପ୍ତାନି ଉପରେ ସର୍ତ୍ତ ସହ ବାଂଲାଦେଶକୁ ରପ୍ତାନି ଶୁଳ୍କ ଛାଡ଼ କରିଛନ୍ତି। ୨୦୨୩-୨୪ରେ ବଫର ଷ୍ଟକ୍ ଭାବରେ ୩ ଲକ୍ଷ ଟନ ପିଆଜ ରଖିବ ବୋଲି କେନ୍ଦ୍ର ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ୨୦୨୨-୨୩ରେ ସରକାର ୨.୫୧ ଲକ୍ଷ ଟନ ପିଆଜକୁ ବଫର ଷ୍ଟକ୍ ଭାବରେ ରଖିଛନ୍ତି। କୌଣସି ଜରୁରିକାଳୀନ ପରିସ୍ଥିତିକୁ ମୁକାବିଲା କରିବା ଏବଂ ମୂଲ୍ୟ ଯୋଗାଣ ପାଇଁ ବଫର ଷ୍ଟକ୍ ରକ୍ଷଣାବେକ୍ଷଣ କରାଯାଏ , ଯଦି ସ୍ୱଳ୍ପ ଯୋଗାଣ ଋତୁରେ ହାର ଯଥେଷ୍ଟ ବୃଦ୍ଧି ପାଇଥାଏ। ଏପ୍ରିଲ - ଜୁନ୍ ମଧ୍ୟରେ ଅମଳ ହୋଇଥିବା ରବି ପିଆଜ ଭାରତର ପିଆଜ ଉତ୍ପାଦନର ୬୫ ପ୍ରତିଶତ ହୋଇଥିବାବେଳେ ଏବଂ ଅକ୍ଟୋବର-ନଭେମ୍ବରରେ ଖରିଫ ଫସଲ ଅମଳ ନ ହେବା ପର୍ଯ୍ୟନ୍ତ ଗ୍ରାହକଙ୍କ ଚାହିଦା ପୂରଣ କରିଥାଏ।

## କ୍ୟୁଏଲ୍‌ଇଡି ସିରିଜ୍‌ର ଅନାବରଣ

ନୂଆଦିଲ୍ଲୀ,୧୭।୪

ହାୟର ଆପ୍ଲାଏନ୍ସେସ୍ ଇଣ୍ଡିଆର ନୂତନ ଉତ୍ପାଦ ତଥା ଲାଟେଷ୍ଟ ସ୍ମାର୍ଟ କ୍ୟୁଏଲ୍‌ଇଡି ସିରିଜ 'ଏସ୍ ୮୦୦କ୍ୟୁଟି'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ବିଶେଷକରି ଆଶାୟୀ ଗ୍ରାହକଙ୍କ ଘରର ମନୋରଞ୍ଜନ ଅଭିଜ୍ଞତାକୁ ବଢ଼ାଇବା ଲାଗି ଡିଜାଇନ ହୋଇଥିବା ଏହି ସିରିଜର ୪କେ କ୍ୟୁଏଲ୍‌ଇଡି ଡିସ୍‌ପ୍ଲେ ବିଶିଷ୍ଟ ୪ଟି ସାଇଜ ଯଥା ୭୬ ଇଞ୍ଚ, ୬୫ଇଞ୍ଚ, ୫୫ଇଞ୍ଚ ଏବଂ ୪୩ ଇଞ୍ଚର ନୂତନ ଉତ୍ପାଦ ବଜାରରେ ଉପଲବ୍ଧ। ଏ ସମ୍ପର୍କରେ ହାୟର ଇଣ୍ଡିଆର ଅଧ୍ୟକ୍ଷ ଏନ୍.ଏସ୍.ସତୀଶ କହିଛନ୍ତି, ଆମେ ଗ୍ରାହକଙ୍କ ପାଇଁ ଗୃହର ମନୋରଞ୍ଜନ ଅଭିଜ୍ଞତାକୁ ବୃଦ୍ଧି କରିବା ସହ ଏକ ଉତ୍ସର୍ଗୀକୃତ ଓ ଉନ୍ନତ ମାନ ସେବା ଯୋଗାଇବାକୁ ଲକ୍ଷ୍ୟ ରଖିଛୁ। ବିଶେଷକରି ଅନେକ ବୈଶିଷ୍ଟ୍ୟ ସଂଯୋଗ ଥିବା ଏସ୍୮୦୦କ୍ୟୁଟି କ୍ୟୁଏଲ୍‌ଇଡି ସିରିଜ୍ ସହ ଆମେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ସୌନ୍ଦର୍ଯ୍ୟର ଏକ ସୁସଙ୍ଗତ ମିଶ୍ରଣ କରିଛୁ।

## ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନୂଆ ଶୋ'ରୁମ୍



ଭୁବନେଶ୍ୱର,୧୭।୪

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନୂଆ ଶୋ'ରୁମ୍ ବୁଧବାର କଟକର କ୍ୟାଣ୍ଟନମେଣ୍ଟରୋଡ୍‌ସ୍ଥିତ ଏନ୍‌ସିସି କ୍ୟାଣ୍ଟିନଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଗ୍ରୁପ୍ କମାଣ୍ଡର ଏନ୍‌ସିସି କଲୋନେଲ ସତ୍ୟବ୍ରତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମ୍‌ଡି ସାଜନ ଅଗ୍ରୱାଲଙ୍କ ସମେତ ରାମଅବତାର ଅଗ୍ରୱାଲ ଏବଂ ଅଗ୍ରୱାଲ ପରିବାର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏହା ୨ୟ ଶୋ'ରୁମ୍ ହୋଇଥିବାବେଳେ ଏଠାରେ ସୁନା,ହୀରା ଓ ରୁପା ସହ ମୂଲ୍ୟବାନ୍ ରତ୍ନ ପଥର ସମେତ ବିଭିନ୍ନ ବର୍ଗର ଅଳଙ୍କାର ଡିଜାଇନ ଉପଲବ୍ଧ।

## ବଜାରରେ ଭି-ଗାର୍ଡର ନୂତନ ଉତ୍ପାଦ




ଭୁବନେଶ୍ୱର,୧୭।୪

ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ନୂତନ ଉତ୍ପାଦଗୁଡ଼ିକୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ରାଣ୍ଡର ନୂତନ ଉତ୍ପାଦ ଯଥା, ଆରିଜୋ ମେଲଟ ରେସିଷ୍ଟାଣ୍ଟ ଓ୍ୱାର (ଆରିଜୋ), ସୁପରିଓ + ଇକୋ ସେଫ୍ ଓ୍ୱାର (ସୁପରିଓ+) ଏବଂ ଏଲେଗ୍ନା ଏମ୍‌ସିବି (ଏଲେଗ୍ନା) ଭଳି ବୈଦ୍ୟୁତିକ ସାମଗ୍ରୀ ନିକଟରେ ଉନ୍ମୋଚିତ ହୋଇଯାଇଛି, ଯାହାକି ଇଲେକ୍ଟ୍ରିକାଲ୍ ଓ୍ୱାରିଂ ଟେକ୍ନୋଲୋଜି କ୍ଷେତ୍ରରେ ଏକ ଅଭିନବ ଉଦ୍ଭାବନ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ନିର୍ଦ୍ଦେଶକ ତଥା ସିଓଓ ରାମଚନ୍ଦ୍ରନ ଭି କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ ସମ୍ଭାରକୁ ଉନ୍ମୋଚନ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ବୈଦ୍ୟୁତିକ ନିରାପତ୍ତା ଏବଂ ସ୍ଥାୟିତ୍ୱର ପରବର୍ତ୍ତୀ ଯୋଦ୍ଧା ଭାବେ ଆମେ 'ଆରିଜୋ ଓ୍ୱାର୍ସ'ର ଶୁଭାରମ୍ଭ କରି ଅତ୍ୟନ୍ତ ଆନନ୍ଦିତ ଥିଲାବେଳେ ଆରିଜୋ ସହିତ ଉପଭୋକ୍ତାମାନେ ବିଶ୍ୱାସ କରି ପାରିବେ ଯେ ସେମାନେ ଏଭଳି ଏକ ଉତ୍ପାଦରେ ନିବେଶ କରୁଛନ୍ତି, ଯାହା କେବଳ ସେମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଏ ନାହିଁ ବରଂ ଏକ ସ୍ୱଚ୍ଛ,ସବୁଜ ଭବିଷ୍ୟତରେ ମଧ୍ୟ ଯୋଗଦାନ କରିଥାଏ।

## ଷ୍ଟାଇଲ ଗୋଲ୍ଡ ଜୁଏଲର୍ସର ୩ୟ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୭।୪ (ଅଭୟ ଦାଶ)

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଷ୍ଟାଇଲ ଗୋଲ୍ଡ ଜୁଏଲର୍ସର ୩ୟ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏପରିକି ରାମନବମୀ ଅବସରରେ ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏ ସମ୍ପର୍କରେ ଷ୍ଟାଇଲ ଗୋଲ୍ଡ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଇଂ. ବାବୁରାମ ସ୍ୱାଇଁ କହିଥିଲେ, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମେ ଧୁମଧାମରେ ବାର୍ଷିକ ଉତ୍ସବ ପାଳନ ସହ ଆମର ଅତି ଆପଣାର ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ରିହାତି ଓ ଅଫର ସହ ବମ୍ପର ଲକି ଡ୍ର ଭଳି ଅନେକ ସୁବିଧା ପ୍ରତିଷ୍ଠାନ ପକ୍ଷରୁ ଯୋଗାଇ ଦିଆଯାଇଥିଲା।



ପ୍ରତିଷ୍ଠା ଦିବସ ଅବସରରେ ଷ୍ଟାଇଲ ଗୋଲ୍ଡ ଜୁଏଲର୍ସର କର୍ତ୍ତୃପକ୍ଷ, ପରିବାରବର୍ଗ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଉଦ୍ୟୋଗୀଙ୍କୁ ସଶକ୍ତ କରିବ ସ୍ୱକଳ୍ପ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭।୪

ଓଡ଼ିଶା ସରକାରଙ୍କ ପ୍ରମୁଖ ପ୍ରତିଷ୍ଠାନ ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟି (ଓଏସ୍‌ଡିଏ) ଏବଂ ଓ୍ୱାର୍ଲଡ ସ୍କିଲ୍ ସେଣ୍ଟର (ଡବ୍ଲ୍ୟୁଏସ୍‌ସି) ଭୁବନେଶ୍ୱର ସହ ଇ କମର୍ସ ମାର୍କେଟପ୍ଲେସ୍ 'ମିଶୋ' ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ବୁଧବାର ସ୍ୱାକ୍ଷରିତ ହୋଇଯାଇଛି। ଏପରିକି ଏକ ଘରୋଇ ସଂସ୍ଥାର ସହଭାଗିତାରେ ସ୍ୱକଳ୍ପ ଉଦ୍ୟୋଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମ ପ୍ରାୟ ୧୦,୦୦୦ ବ୍ୟକ୍ତିଙ୍କୁ ଉପକୃତ କରିବ। ଏପରିକି ଉକ୍ତ କାର୍ଯ୍ୟକ୍ରମ ୧୦୦୦ଟି ମେଣ୍ଟରଶିପ ଓ ଏଣ୍ଟରପ୍ରାଇଜ ସେଟ୍‌ଅପ୍ ସମର୍ଥନ ପାଇଁ ମନୋନୀତ ହୋଇଛି। ବିଶେଷକରି ଏହି କାର୍ଯ୍ୟକ୍ରମ ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବ। ସେହିଭଳି ଉକ୍ତ ସହଭାଗିତାର ଅଂଶ ଭାବେ ମିଶୋ ସ୍ୱକଳ୍ପ ଅଧୀନ ମଧ୍ୟରେ ତାଲିମପ୍ରାପ୍ତ ଉଦ୍ୟୋଗୀଙ୍କୁ ତା'ର ପ୍ଲାଟ୍‌ଫର୍ମରେ ସୁଯୋଗ ଦେବ। ମିଶୋ ପ୍ଲାଟ୍‌ଫର୍ମରେ ଉନ୍ନତି ଆଣିବା ଲାଗି ଉଦ୍ୟୋଗୀମାନଙ୍କୁ ଆବଶ୍ୟକ ତାଲିମ କୌଶଳ ସହ ଦକ୍ଷ କରିବା ଲାଗି ମଧ୍ୟ ଏହା ପ୍ରୟାସ କରିବ। ଏହା ବ୍ୟତୀତ ମାର୍କେଟିଂ ସେବା, ଗ୍ରାହକ ସେବା, ଅର୍ଡର ଗ୍ରହଣ ଓ ପ୍ରେରଣ ଉପରେ ତାଲିମ ପ୍ରଦାନ କରାଯିବ।

ଏ ସମ୍ପର୍କରେ ଡବ୍ଲ୍ୟୁଏସ୍‌ସିର ସିଓଓ ପିନାକୀ ପଟ୍ଟନାୟକ କହିଛନ୍ତି, ଏହି ସହଭାଗିତା ମାଧ୍ୟମରେ ଆମେ ଓଡ଼ିଶାର ଆଶାୟୀ ଉଦ୍ୟୋଗୀମାନଙ୍କ ଲାଗି ଏକ ନୂଆ ସୁଯୋଗ ସୃଷ୍ଟି କରିବୁ। ଏପରିକି ଆମେ ସ୍ଥାନୀୟ ବ୍ୟବସାୟକୁ ବ୍ୟାପକ ବଜାର ସହିତ ସଂଯୋଗ କରି ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବୁ। ଫଳରେ ଏହା ଆମର ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ କରିବ। ସେହିଭଳି ମିଶୋର ପ୍ରତିଷ୍ଠାତା ତଥା ସିଟିଓ ସଞ୍ଜୀବ ବର୍ନୱାଲ କହିଛନ୍ତି, ଓଡ଼ିଶା ସରକାରଙ୍କ ଅଗ୍ରଣୀ ପ୍ରତିଷ୍ଠାନଗୁଡ଼ିକ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଛୋଟ ଛୋଟ ବ୍ୟବସାୟକୁ ସଶକ୍ତ କରିବା ଓ ଆଶାୟୀ ଉଦ୍ୟୋଗୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାରେ ମିଶୋର ମିଶନ ସହିତ ସ୍ୱକଳ୍ପ ସମ୍ପୂର୍ଣ୍ଣ ରୂପେ ଜଡ଼ିତ ରହିଛି। ଆଶାୟୀ ଉଦ୍ୟୋଗୀମାନଙ୍କ ପାଇଁ ଆମେ ଆବଶ୍ୟକ କୌଶଳ, ପ୍ଲାଟ୍‌ଫର୍ମ ଓ ବଜାର ପ୍ରବେଶ ଆଦି ଯୋଗାଇ ଓଡ଼ିଶାର ଅର୍ଥନୈତିକ ବିକାଶରେ ଯୋଗଦାନ କରିପାରିବୁ।

**ନୀତି ରାଜନୀତି**

# ଗୋଟିଏ ମଞ୍ଚରେ ଏକାଠି ହେଲେ ୨ ବାପି




ସଭା ମଞ୍ଚରେ ବିଧାୟକ ସମ୍ବିତ ରାଉତରାୟ, ଅରିନ୍ଦମ ସର୍ଖେଲ ଓ ଅନ୍ୟମାନେ।

ପାରାଦୀପ,୧୭।୪ (ଶରତ ରାଉତ)

**ପାରାଦୀପ ନିର୍ବାଚନମଣ୍ଡଳୀ**
- ବିଜେଡି ପାଇଁ ମିଳିତ ଭାବେ ପ୍ରଚାର ଲାଗି ସହମତି
- ୨୦୧୯ରେ ଲଢ଼ିଥିଲେ, ଏବେ ଏକାଠି ବସିଲେ

ପାରାଦୀପ ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତିରେ ବୁଧବାର ଏକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଗୋଟିଏ ମଞ୍ଚରେ ଦୁଇ ବାପି ଓ ତାଙ୍କ ସ୍ତ୍ରୀ ବସି ବିଜେଡି ପାଇଁ କାମ କରିବେ ବୋଲି ଘୋଷଣା କରିଛନ୍ତି। ଦୁଇ ବାପି ହେଲେ ଅରିନ୍ଦମ ସର୍ଖେଲ (ବାପି) ଓ ବିଧାୟକ ସମ୍ବିତ ରାଉତରାୟ (ବାପି)। ସମ୍ବିତଙ୍କ ସ୍ତ୍ରୀ ଗୀତାଞ୍ଜଳି ରାଉତରାୟଙ୍କୁ ଚଳିତ ନିର୍ବାଚନ ପାଇଁ ପାରାଦୀପ ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟିକା ପ୍ରାର୍ଥୀ ଭାବେ ଘୋଷଣା କରିଛି। ସେହିପରି କଂଗ୍ରେସରୁ ଆସି ବିଜେଡିରେ ମିଶିଥିବା ସର୍ଖେଲଙ୍କ ସ୍ତ୍ରୀ ମୋନିଦୀପାଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟର କାର୍ଯ୍ୟକାରୀ ସଭାପତି ଭାବେ ଥଇଥାନ କରାଯାଇଛି। ଗୀତାଞ୍ଜଳି ଓ ମୋନିଦୀପା ବିଜେଡି ଟିକେଟ ପାଇଁ ଦୌଡରେ ଥିଲେ। ତାଙ୍କ ସହ ପାରାଦୀପ ନଗର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମଧ୍ୟ ଥିଲେ। ଶେଷରେ ଦଳ ଗୀତାଞ୍ଜଳିଙ୍କୁ ପ୍ରାର୍ଥୀ ଘୋଷଣା ପରେ ଅନ୍ୟ ଆଶାୟୀମାନେ ଅସନ୍ତୁଷ୍ଟ ଥିଲେ। ଏହିକ୍ରମରେ ବୁଧବାର ନୂଆବଜାରସ୍ଥ ସର୍ଖେଲଙ୍କ କାର୍ଯ୍ୟାଳୟରେ ପ୍ରଥମେ କର୍ମୀମାନଙ୍କ ମଧ୍ୟରେ ମିଳନ ହୋଇଥିଲା। ଯଥା ସର୍ଖେଲଙ୍କ ସଙ୍ଗଠନ ଆମ ପାରାଦୀପ ଆମ ପ୍ରଗତି ଜରିଆରେ ପୌର ନିର୍ବାଚନ ଜିତିଥିବା ୯ ଜଣ କାଉନସିଲର ମଧ୍ୟ ଉପସ୍ଥିତ ଥିଲେ। ବୈଠକ ପରେ ଦୁଇ ବାପି ଓ ତାଙ୍କ ସ୍ତ୍ରୀ ଗଣମାଧ୍ୟମରେ ସୂଚନା ଦେଇଥିଲେ ଯେ, ପାରାଦୀପ ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ହୋଇଥିବା ଗୀତାଞ୍ଜଳିଙ୍କୁ ବିପୁଳ ବ୍ୟବଧାନରେ ଜିତାଇବା ପାଇଁ ସମସ୍ତେ ମିଳିମିଶି କାମ କରିବେ।

ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନରେ ସର୍ଖେଲ କଂଗ୍ରେସ ପ୍ରାର୍ଥୀ ହୋଇଥିବାବେଳେ ସମ୍ବିତ ବିଜେଡି ପ୍ରାର୍ଥୀ ଥିଲେ। ସମ୍ବିତଙ୍କୁ ୬୮ ହଜାର ଭୋଟ ମିଳିଥିବା ବେଳେ ସର୍ଖେଲଙ୍କୁ ୪୮ ହଜାର ଭୋଟ ମିଳିଥିଲା। ବୁଧବାର ବୈଠକରେ ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳ ଅନୁପସ୍ଥିତ ଥିଲେ। ଏହି ପ୍ରସଙ୍ଗରେ ପଚାରିବାରେ ସମ୍ବିତ କହିଥିଲେ, ଆସନ୍ତା ୩ରୁ ୪ଦିନ ମଧ୍ୟରେ ସମସ୍ତଙ୍କୁ ନେଇ ନିର୍ବାଚନ ପ୍ରସ୍ତୁତି ବୈଠକ ହେବ। ସେତେବେଳେ ସମସ୍ତ କର୍ମୀଙ୍କୁ ଆପଣମାନେ ଦେଖିବେ। ଆମେ ସମସ୍ତେ ଏକାଠି ବୋଲି ସେ କହିଥିଲେ। ପାନୀୟ ଜଳ ସମସ୍ୟା, ପ୍ରଦୂଷଣ, ଟ୍ରାଫିକ୍, ନିଯୁକ୍ତି ଆଦି ପ୍ରସଙ୍ଗ ଉପରେ ପଚାରିବାରେ କହିଥିଲେ, ଆମେ ମହାଶକ୍ତି ଏବେ ଗୋଟିଏ ମଞ୍ଚରେ। ଆଗକୁ ସବୁ ସମସ୍ୟା ନିଶ୍ଚିତ ସମାଧାନ କରାଯିବ।

# ମନମୋହନଙ୍କୁ ଅସନ୍ତୁଷ୍ଟ ଭାଜପା କର୍ମୀଙ୍କ ଟାର୍ଗେଟ

- ରାଜନଗରରେ ଭାଜପା କର୍ମୀଙ୍କ ବିକ୍ଷୋଭ, ଶୋଭାଯାତ୍ରା
- ଲଳିତ ୱାର୍ଡ ମେମ୍ବର ପାଇଁ ଯୋଗ୍ୟ ନୁହନ୍ତି, ଅଜୟଙ୍କୁ ଟିକେଟ୍ ଦିଅ
- ମନମୋହନ ହାଏ ହାଏ,ଲଳିତଙ୍କ କୁଶପୁତ୍ତଳିକା ଦାହ



ଭାଜପା କର୍ମୀମାନେ ଲଳିତଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

ରାଜନଗର,୧୭।୪(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ଯୁବନେତା ଲଳିତ କୁମାର ବେହେରାଙ୍କ ନାମ ଘୋଷଣା ହେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମଙ୍ଗଳବାର ସୋସିଆଲ ମିଡ଼ିଆରେ ଅତି କଟୁ ଶବ୍ଦରେ ଭାଜପା ରାଜ୍ୟ ସଭାପତିଙ୍କୁ ସମାଲୋଚନା କରାଯାଇଥିବା ବେଳେ ବୁଧବାର ଭାଜପା କର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭାଜପା କର୍ମୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ବିସ୍ଫୋରକ ରୂପ ନେଇଛି। ଶତାଧିକ ଭାଜପା କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଭାଜପା ପ୍ରାର୍ଥୀ ଲଳିତଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ରାଜନଗର ଭାଜପା କର୍ମକର୍ତ୍ତାଙ୍କୁ ଚିହ୍ନି ନ ଥିବା ଲଳିତଙ୍କଠାରୁ ୫ କୋଟି ଟଙ୍କା ନେଇ ଟିକେଟ୍ ବିକ୍ରି କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସଙ୍ଗଠନ କରିଥିବା ଓ କର୍ମୀଙ୍କ ସୁଖଦୁଃଖରେ ଥିବା ଅଜୟ କୁମାର ବେହେରାଙ୍କୁ ଟିକେଟ୍ ଦିଆଯାଉ, ନଚେତ୍ ଲଳିତଙ୍କୁ ରାଜନଗରରେ ପୁରାଇ ଦିଆଯିବ ନାହିଁ, ଏହି ଅସନ୍ତୋଷର ନିଆଁ ରାଜଧାନୀ ଯାଏ ବ୍ୟାପିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଭାଜପା କର୍ମୀ ନିଜ ଦଳର ପ୍ରାର୍ଥୀଙ୍କ କୁଶ ପୁତ୍ତଳିକା ଦାହ କରିବା ଘଟଣା ରାଜନଗର ରାଜନୀତିକୁ ଉଷ୍ମ କରିଛି।

ବୁଧବାର ଅପରାହ୍ନରେ ଶତାଧିକ ଭାଜପା କର୍ମୀ ତ୍ରିନାଥବଜାର ଠାରୁ ଶୋଭାଯାତ୍ରାରେ ଆସି ରାଜନଗର ହଂସୁଆ ସେତୁ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ସଭାପତି ମନମୋହନ ସାମଲ ହାଏ ହାଏ, ଲଳିତ ବେହେରା ମୁର୍ଦ୍ଦାବାଦ ସ୍ଲୋଗାନ ଦେଇ ଲଳିତଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ୧୭ନଂ. ଜୋନ୍ ଉପସଭାପତି ଚନ୍ଦନ କୁମାର ଦାସ, ୩୧ନଂ. ଜୋନ୍ ସଭାପତି ସସ୍ମିତା ପାତ୍ର, ଯୁବନେତା ଚନ୍ଦନ କୁମାର ସ୍ୱାଇଁ, ବିଭୂ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏହି ଶୋଭାଯାତ୍ରା ଓ ବିକ୍ଷୋଭରେ ସାମିଲ ହୋଇଥିଲେ। ଟିକେଟ୍ ପରିବର୍ତ୍ତନ ହେବା ଯାଏଁ ଏହି ବିକ୍ଷୋଭ ଜାରି ରହିବ ବୋଲି କର୍ମୀମାନେ କହିଛନ୍ତି।

## ବିଜେଡିରେ କୈଳାସ, ମହେଶ, ରାଜନାରାୟଣ

ଭୁବନେଶ୍ୱର,୧୭।୪(ଅନିଲ ଦାସ)

କନ୍ଧମାଳ କଂଗ୍ରେସର ବରିଷ୍ଠ ନେତା ତଥା ମୁଖପାତ୍ର କୈଳାସ ମୁଖୀ, ଅନୁଗୋଳ ଜିଲାର ବିଶିଷ୍ଟ ଶିକ୍ଷାବିତ୍ ତଥା ଆଦର୍ଶ ଗ୍ରୁପ୍‌ର ପ୍ରତିଷ୍ଠାତା ମହେଶ ଚନ୍ଦ୍ର ଧଳ ଏବଂ ଯାଜପୁର ଜିଲା ଅନ୍ତର୍ଗତ ବଡ଼ଚଣା ନିର୍ବାଚନମଣ୍ଡଳୀର ପିସିସି ସମ୍ପାଦକ ତଥା କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ର ବିଜୁ ଜନତା ଦଳରେ ଯୋଗଦେଇଛନ୍ତି।

ଶଙ୍ଖଭବନଠାରେ ବୁଧବାର ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉପସ୍ଥିତିରେ କୈଳାସ ମୁଖୀ ବିଜେଡିରେ ସାମିଲ ହୋଇଛନ୍ତି।ସେହିପରି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ମହେଶ ଚନ୍ଦ୍ର ଧଳ ବିଜେଡିରେ ଯୋଗ ଦେଇଛନ୍ତି। ଏଥିସହ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଓ ମୟୂରଭଞ୍ଜ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କାଙ୍କ ଉପସ୍ଥିତିରେ କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ରଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ବିଜେଡିରେ ଯୋଗଦେଇଛନ୍ତି। ଶଙ୍ଖ ଧରିଥିବା ସମସ୍ତ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ଓ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିବା କହିଛନ୍ତି। ଏଥିସହ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଅନ୍ୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଶ୍ରୀରାମଚନ୍ଦ୍ର ସୁଶାସନର ପ୍ରତୀକ: ଧର୍ମେନ୍ଦ୍ର

ସମ୍ବଲପୁର,୧୭।୪(ବି.ଶଙ୍କର)

**ଶ୍ରୀରାମନବମୀର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ**

୫ଶହ ବର୍ଷର ସଂଘର୍ଷ ପରେ ବୁଧବାର ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟାରେ ରାମଲାଲାଙ୍କ ଭବ୍ୟ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳନ କରାଯାଇଛି। ଏଥିପାଇଁ ସମଗ୍ର ଦେଶ ରାମମୟ ହୋଇଉଠିଥିବା ବେଳେ ସବୁଠି ଖୁସି ଓ ଉତ୍ସାହ ଦେଖାଦେଇଛି। ରାମଲାଲାଙ୍କ ଅଦ୍ଭୁତ ସୂର୍ଯ୍ୟ ତିଲକ ଦେଶବାସୀଙ୍କୁ ଅଭିଭୂତ କରିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପବିତ୍ର ଶ୍ରୀରାମ ନବମୀ ତିଥିରେ ରାଜ୍ୟ ଓ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ସେ ଦେଶ ନିର୍ମାଣରେ ଆଗେଇ ଆସିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି।ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ନିଷ୍ଠା, ସୁଶାସନ ଓ କର୍ତ୍ତବ୍ୟବୋଧର ପ୍ରତୀକ ଥିଲେ। ତେଣୁ ରାଜ୍ୟ ତଥା ଦେଶବାସୀଙ୍କ ସୁଖସମୃଦ୍ଧି ଓ ମଙ୍ଗଳ ପାଇଁ ସେ ରାମଲାଲାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଗାୟତ୍ରୀ ମନ୍ଦିର ପରିସରରେ ଥିବା ଶ୍ରୀରାମ ମନ୍ଦିରରେ ରାମଲାଲାଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ପରେ ସେ ବୁର୍ଲାସ୍ଥିତ ଇସ୍କନ ମନ୍ଦିରରେ ଭଗବାନ ଶ୍ରୀରାମଙ୍କ ଆରାଧନା କରିବା ସହ କିରବାଠାରେ ନାମଯଜ୍ଞରେ ସାମିଲ ହୋଇଥିଲେ। ସେହିପରି ଠେମରାସ୍ଥିତ ରାମଚଣ୍ଡୀ ମନ୍ଦିରରେ ଆୟୋଜିତ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେଇ ଦେବୀକୃପା ଲାଭ କରିଥିଲେ। ରାତି ପ୍ରାୟ ୭ଟାରେ ଦାନିପାଲିସ୍ଥିତ ରଣେଶ୍ୱର ରାମଚଣ୍ଡୀ ପୀଠରେ ଆଳତି କରି ଆଶୀର୍ବାଦ ଗ୍ରହଣ କରିଛନ୍ତି।



ରଣେଶ୍ୱର ରାମଚଣ୍ଡୀ ପୀଠରେ ଧର୍ମେନ୍ଦ୍ର ପ୍ରଧାନ ଆଳତି କରୁଛନ୍ତି।

# ଐତିହ୍ୟ ଆବିଷ୍କାର, ସଂରକ୍ଷଣକୁ ଗୁରୁତ୍ୱ ନାହିଁ

## ଆଜି ବିଶ୍ୱ ଐତିହ୍ୟ ଦିବସ

ଭୁବନେଶ୍ୱର,୧୭।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା କଳା, ସଂସ୍କୃତି, ଐତିହ୍ୟରେ ସମୃଦ୍ଧ। ପ୍ରତିଟି ଜିଲାରେ ରହିଛି ଅନନ୍ୟ ଐତିହ୍ୟର ପରିଚୟ। ମାତ୍ର ଭୁବନେଶ୍ୱର, କୋଣାର୍କ, ପୁରୀ ଆଦି କେତୋଟି ସ୍ଥାନକୁ ବାଦ୍‌ଦେଲେ ଅଧିକାଂଶ ଐତିହ୍ୟ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ମନ୍ଦିରମାଳିନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପୁରାତନ ମନ୍ଦିରରେ ଫାଟ ସୃଷ୍ଟି ହେବା, ଗଛ ଉଠିବା ଭଳି ଘଟଣା ସାମ୍ନାକୁ ଆସୁଛି। ସେହିପରି ଶିଶୁପାଳଗଡ଼ ଭଳି ସମୃଦ୍ଧ ଐତିହ୍ୟ ଆଜି ମାଟିରେ ମିଶିବାକୁ ଲାଗିଛି। ଐତିହ୍ୟ ସହ ପର୍ଯ୍ୟଟନ ଯୋଡ଼ି ହୋଇ ରହିଛି। ଫଳରେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ର ମଧ୍ୟ ପ୍ରଭାବିତ ହେଉଛି। ଯେଉଁଭଳି ବିକାଶ ହେବା କଥା ସେଭଳି ହେଉନାହିଁ। ଏପରି ସ୍ଥିତିରେ ଓଡ଼ିଶା ଗୁରୁବାର ବିଶ୍ୱ ଐତିହ୍ୟ ଦିବସ ପାଳନ କରିବାକୁ ଯାଉଛି। ଚଳିତବର୍ଷର ଥିମ୍ ରହିଛି 'ଆବିଷ୍କାର ଏବଂ ବିବିଧତାର ଅନୁଭୂତି'। ଐତିହ୍ୟର ସୁରକ୍ଷା ସହ ଏହାର ସଂରକ୍ଷଣ ଏବଂ ଲୁଚି ରହିଥିବା ଐତିହ୍ୟର ଆବିଷ୍କାର ହେବା ନିହାତି ଜରୁରୀ ବୋଲି ମତ ପ୍ରକାଶ ପାଇଛି। ୫-ଟି ଅଧୀନରେ ବିଭିନ୍ନ ଜିଲାରେ ଥିବା ପ୍ରମୁଖ ଐତିହ୍ୟସ୍ଥଳର ରୂପାନ୍ତରଣ ପାଇଁ ପ୍ରୟାସ ଚାଲିଛି। ମାତ୍ର ଅବହେଳିତ, ଅସଂରକ୍ଷିତ ଐତିହ୍ୟକୁ ଉପଯୁକ୍ତ ପରିଚୟ ଦେବାରେ ଆବଶ୍ୟକ ପଦକ୍ଷେପ ନେବାକୁ ଐତିହ୍ୟ ଗବେଷକମାନେ ଗୁରୁତ୍ୱ ଦେଇଛନ୍ତି।

### କେତେକ ଅବହେଳିତ ଐତିହ୍ୟ

କେନ୍ଦୁଝର ନୂଆଗଡ଼ର ମୁକ୍ତେଶ୍ୱର ଶିବମନ୍ଦିର ଓ ଶିଳାଲେଖ, ଗଞ୍ଜାମର ମହୁରିଗଡ଼ଠାରେ ଥିବା ଜଗନ୍ନାଥ ମନ୍ଦିର, କୋରାପୁଟର ଗୋରାହାଣ୍ଡିଠାରେ ଥିବା ପ୍ରାଚୀନ ଭଗ୍ନ ବିଷ୍ଣୁ ମୂର୍ତ୍ତି, କଟକ କୁଆଁରପୁରରେ ଥିବା ଦଧିବାମନ ମନ୍ଦିର, ପୁରୀର ଘୋରଡ଼ିଆଠାରେ ଭୈରବମୂର୍ତ୍ତି, ଯାଜପୁରର ଧାନମଣ୍ଡଳରେ ଥିବା ଭଗ୍ନ ମନ୍ଦିର, ଖୋର୍ଦ୍ଧା ଭୋଗପୁରରେ ଥିବା ଗଜସିଂହ ମଣ୍ଡପ ଭଳି ଅନେକ ଐତିହ୍ୟ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଏହାବାଦ୍ ରାଜ୍ୟର ଶତାଧିକ ଅବହେଳିତ ଐତିହ୍ୟର ସଂରକ୍ଷଣ ହେଉ ନ ଥିବା ନଜିର ରହିଛି।


ଗଞ୍ଜାମ ମହୁରିଗଡ଼ରେ ଥିବା ଜଗନ୍ନାଥ ମନ୍ଦିର ଅବହେଳିତ ଅବସ୍ଥାରେ ପଡ଼ିଛି।

### ଏ ବର୍ଷର ବାର୍ତ୍ତା

ପ୍ରତିବର୍ଷ ଏପ୍ରିଲ ୧୮ରେ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଏ। ଏହି ଦିବସ ପାଳନର ଉଦ୍ଦେଶ୍ୟ ମାନବ ସଭ୍ୟତା ସହ ଜଡ଼ିତ ଐତିହାସିକ ସ୍ଥାନଗୁଡ଼ିକର ସଂରକ୍ଷଣ ପାଇଁ ସମଗ୍ର ବିଶ୍ୱରେ ସଚେତନତା ସୃଷ୍ଟି। ୧୯୮୨ରେ ଇଣ୍ଟରନ୍ୟାଶନାଲ କାଉନ୍‌ସିଲ ଅନ୍ ମନୁମେଣ୍ଟ୍ସ(ଆଇସିଓଏମ୍ଓଏସ୍) ଦ୍ୱାରା ବିଶ୍ୱ ଐତିହ୍ୟ ଦିବସ ଆରମ୍ଭ ହୋଇଥିଲା। ପ୍ରଥମ ବିଶ୍ୱ ଐତିହ୍ୟ ଦିବସ ଟ୍ୟୁନିସିଆରେ ପାଳନ କରାଯାଇଥିଲା। ଏହାପରେ ୧୯୮୩ରେ ଏହା 'ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ'(ୟୁନେସ୍କୋ)ର ଅନୁମୋଦନ ଲାଭକଲା। ୧୯୮୩ ପରଠାରୁ ପ୍ରତିବର୍ଷ ଏକ ଭିନ୍ନ ଥିମ ସହିତ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଏ। ଚଳିତ ବର୍ଷ ବିଶ୍ୱ ଐତିହ୍ୟ ଦିବସର ଥିମ ରହିଛି, ବିବିଧତା ଆବିଷ୍କାର ଏବଂ ଅନୁଭବ କର।

### ଭୁବନେଶ୍ୱର, ପୁରୀ, କୋଣାର୍କରେ ସୀମିତ

ଐତିହ୍ୟ କ୍ଷେତ୍ର ସହ ପର୍ଯ୍ୟଟନ ଯୋଡ଼ି ହୋଇରହିଛି। ନୂଆ ନୂଆ ସ୍ଥାନରୁ ମିଳୁଥିବା ଐତିହ୍ୟର ପ୍ରଚାର ପ୍ରସାର କରାଗଲେ ପର୍ଯ୍ୟଟନ କ୍ଷେତ୍ର ପାଇଁ ବ୍ୟାପକ ଆଶା ସୃଷ୍ଟି ହୋଇପାରନ୍ତା। କିନ୍ତୁ ସରକାରୀ ସ୍ତରରେ କେବଳ ପୂର୍ବରୁ ପରିଚୟ ପାଇଥିବା ଭୁବନେଶ୍ୱର, ପୁରୀ, କୋଣାର୍କର ଐତିହ୍ୟକୁ ଛାଡ଼ିଦେଲେ ଅନ୍ୟ ସ୍ଥାନଗୁଡ଼ିକୁ ଫୋକସରେ ନିଆଯାଉନାହିଁ। ଏହିସବୁ ସ୍ଥାନରେ ମଧ୍ୟ ଐତିହ୍ୟ ସଂରକ୍ଷଣରେ ଅନେକ ଅବହେଳା ପରିଲକ୍ଷିତ ହେଉଛି।

### ଅଧିକ ସରକାରୀ ପ୍ରୟାସ ଲୋଡ଼ା

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅନେକ ଐତିହ୍ୟ ଏବେବି ଅଜଣା ଅବସ୍ଥାରେ ରହିଛି। କିଛି ବେସରକାରୀ ଅନୁଷ୍ଠାନ ଏବଂ ଯୁବପିଢ଼ି ସେସବୁକୁ ଆବିଷ୍କାର କରିବା ସହ ଗଣମାଧ୍ୟମ ଜରିଆରେ ସୂଚନା ଦେଉଛନ୍ତି। ମାତ୍ର ରାଜ୍ୟ ସରକାର ଏବଂ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ) ପକ୍ଷରୁ ତାହାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ଉଠୁଛି। ଏପରିକି ନିକଟ ବର୍ଷଗୁଡ଼ିକରେ ଏସବୁ ଉପରେ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଖନନ ହେଉ କି ସଂରକ୍ଷଣ ଦିଗରେ ପଦକ୍ଷେପ ଶୂନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଫଳରେ ଐତିହ୍ୟ ଥିବା ସ୍ଥାନଗୁଡ଼ିକ ଜନବସତି ଭିତରେ କ୍ରମଶଃ ହଜିଯିବାକୁ ବସିଲାଣି। ଏ କ୍ଷେତ୍ରରେ ସରକାରୀ ସ୍ତରରେ ତ୍ୱରିତ ପଦକ୍ଷେପ ନିଆଗଲେ ଆମ ଐତିହ୍ୟ ଆହୁରି ସମୃଦ୍ଧ ହୁଅନ୍ତା।

### ଐତିହ୍ୟର ଡକ୍ୟୁମେଣ୍ଟେଶନ, ସଂରକ୍ଷଣ ଜରୁରୀ



ସାମ୍ପ୍ରତିକ ସମୟରେ ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ରାଜ୍ୟର ଗରିମାମୟ ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ ଜାଗରଣ ସୃଷ୍ଟି କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି। ଏଥିପାଇଁ ଉଭୟ ରାଜ୍ୟ ସଂସ୍କୃତି ବିଭାଗ ତଥା ବେସରକାରୀସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂଗଠନଗୁଡ଼ିକର ଗୁରୁଦାୟିତ୍ୱ ରହିଛି। କେବଳ ପୁରୀ, କୋଣାର୍କ ଅଥବା ଭୁବନେଶ୍ୱର ଭଳି କେତେକ ହାତଗଣତି ପ୍ରମୁଖ ସ୍ଥାନ ଯେ ଓଡ଼ିଆ ଐତିହ୍ୟ ଓ ଇତିହାସର ପରିଚାୟକ – ଏହି ଧାରଣାରୁ ଭିନ୍ନରେ ବିଚାର କରିବା ନିତାନ୍ତ ଜରୁରୀ। ଆଜି ମଧ୍ୟ ଓଡିଶାରେ ଶହ ଶହ ସଂଖ୍ୟାରେ ମଠ, ମନ୍ଦିର ତଥା ଐତିହାସିକ କୀର୍ତ୍ତିରାଜି ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି। ଏସବୁର ଅନେକ ଐତିହାସିକ ଓ ସାଂସ୍କୃତିକ ଗୁରୁତ୍ୱ ରହିଛି। ଏପରି ଅଳ୍ପ ଜଣାଶୁଣା ଐତିହ୍ୟ ସ୍ଥଳୀଗୁଡ଼ିକୁ ଚିହ୍ନଟ କରି ସେସବୁର ଉଚିତ ଡକ୍ୟୁମେଣ୍ଟେଶନ ଓ ସଂରକ୍ଷଣକୁ ଗୁରୁତ୍ୱ ଦେବା ବର୍ତ୍ତମାନ ପରିପ୍ରେକ୍ଷୀରେ ଅତି ଜରୁରୀ ହୋଇପଡ଼ିଛି। ବିଶ୍ୱ ଐତିହ୍ୟ ଦିବସରେ କେନ୍ଦ୍ର ଓ ରାଜ୍ୟ ସରକାର ଏଦିଗରେ ପଦକ୍ଷେପ ନେବେ ବୋଲି ମୁଁ ଆଶାବାଦୀ।

**–ଦୀପକ କୁମାର ନାୟକ, ଐତିହ୍ୟ ଗବେଷକ**

# ସୀମାନ୍ତରେ ମାଓବାଦୀ କ୍ୟାମ୍ପ ଠାବ

## ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ


କ୍ୟାମ୍ପରୁ ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

ବଣାଇଁ,୧୭।୪(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା–ଝାଡ଼ଖଣ୍ଡ ସୀମାନ୍ତ ତଥା ଓଡ଼ିଶା ସଂଲଗ୍ନ ଗୋଏଲକେରା ଥାନା ଟେଣ୍ଟୋ ଜଙ୍ଗଲରେ ବୁଧବାର କୋମ୍ବିଂ ଅପରେଶନ ବେଳେ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। କ୍ୟାମ୍ପରୁ ବିଷାକ୍ତ ଲେପ ଥିବା ୨୧ଟି ତାର, ଅଢ଼େଇ କିଲୋର ଗନ୍ ପାଉଡର, ପାଞ୍ଚ କିଲୋ ଓଜନର ଆମୋନିଆ ନାଇଟ୍ରେଟ୍ ପାଉଡର, ଗୋଟିଏ କିଲୋ ସଲ୍‌ଫର ପାଉଡ଼ର ସହ ଅନେକ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ହେଲେ ମାଓବାଦୀନେତାମାନେ ଛତ୍ରଭଙ୍ଗ ଦେଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ସମୟରେ କିଛି ଅଘଟଣ ଘଟାଇପାରନ୍ତି ମାଓବାଦୀ। ଏହାକୁ ନଜରରେ ରଖି ସୀମାବର୍ତ୍ତୀ ଅଞ୍ଚଳରେ ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରେ ଏବେ ହାଇ ଆଲର୍ଟ ଜାରି କରାଯାଇଛି। ଏହି କ୍ୟାମ୍ପରେ ଟପ ମାଓବାଦୀନେତା ମିଶିର ବେଶ୍ରାଙ୍କ ସମେତ ସହଯୋଗୀ ମନଚୁ, ଚମନ, ଅଜୟ ସହ ସାଗେନ ଅଙ୍ଗରିଆ ରହି କିଛି ଅଘଟଣ ଘଟାଇବାକୁ ଯୋଜନା ପ୍ରସ୍ତୁତ କରୁଥିବା ବିଶେଷ ସୂତ୍ରରୁ ସୂଚନା ପାଇ ସିଆର୍‌ପିଏଫ୍ ଯବାନ ଓ ଉଭୟ ରାଜ୍ୟର ପୋଲିସ କୋମ୍ବିଂ ଅପରେଶନ କରିଥିଲେ।

# ଟ୍ରେଲରରେ ପିଟି ହୋଇ ୨ ଯୁବକ ମୃତ

## ରାମ ନବମୀ ରାଲିରେ ଅଘଟଣ

ସବ୍‌ଡେଗା,୧୭।୪(ଅନନ୍ତ ପଟେଲ)

ରାମ ନବମୀ ଅବସରରେ ବାଇକ୍ ରାଲି କରି ଫେରୁଥିବା ବେଳେ ଟ୍ରେଲରରେ ପିଟି ହୋଇ ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବଜରଙ୍ଗ ଦଳର ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଫିଙ୍ଗିପଡାର ବୈଷ୍ଣବ ମାଝି(୧୮) ଓ ତାଲଡିହିର ଅଭିମନ୍ୟୁ ବାଗ(୧୮)। ଘଟଣା ପରେ ଟ୍ରେଲର ଚାଳକ ତଳସରା ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଟ୍ରେଲରକୁ ଥାନାରେ ଅଟକ ରଖିବା ସହ କେସ୍ ନଂ.୧୧୭/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ରାମନବମୀ ଅବସରରେ ତଳସରା ଥାନା ଅନ୍ତର୍ଗତ ସବ୍‌ଡେଗା ବଜରଙ୍ଗ ଦଳର ୮୦ ଜଣ ଯୁବକ ସ୍ଥାନୀୟ ବଜରଙ୍ଗବାଲି ମନ୍ଦିରଠାରୁ ୫୦ରୁ ଅଧିକ ବାଇକ୍‌ରେ ରାଲିରେ ବାହାରିଥିଲେ। ଯୁବକମାନେ ସବ୍‌ଡେଗାରୁ ରାଲି କରି ବାଲିଶଙ୍କରାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ କୁଲିହାଯୋରଠାରେ ଅପରାହ୍ଣ ୪ଟା ୩୦ରେ ଝାରସୁଗୁଡ଼ାରୁ ଛତିଶଗଡ଼କୁ ଯାଉଥିବା ବାଲି ବୋଝେଇ ଟ୍ରେଲର ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ ଯୁବକ ରାସ୍ତାରେ ଛିଟିକି ପଡିଥିଲେ। ସ୍ଥାନୀୟ ଯୁବକମାନେ ସେମାନଙ୍କୁ ଉଦ୍ଧାର କରି ସବ୍‌ଡେଗା ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଖୁଣ୍ଟୁଣୀ,୧୭।୪(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ମଛପୁର-ମୁଷୁଳିଆ ରାସ୍ତାର ମଛପୁର ଗ୍ରାମ ନିକଟ ହର୍ବାଲ ଗାର୍ଡେନ ପାର୍ଶ୍ୱ ରାସ୍ତାରେ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ସାଉରିଆ ଗ୍ରାମ ଆଦିବାସୀପଡ଼ା କାଣ୍ଡମୁଗୁରୀର ଗମିଆଁ ହନାଗା(୬୧)। ବନ ବିଭାଗ ସୂଚନା ମୁତାବକ, ଖୁଣ୍ଟୁଣୀସ୍ଥିତ ରାଧାଦାମୋଦରପୁର ଗ୍ରାମରେ ମଙ୍ଗଳବାର ଅଶୋକାଷ୍ଟମୀ ଯାତ୍ରା ହୋଇଥିଲା। ଗମିଆଁ ଯାତ୍ରା ଦେଖିବା ପାଇଁ ରାତିରେ ଘରୁ ଚାଲି ଚାଲି ଯାଉଥିବାବେଳେ ହଠାତ୍ ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ହାତୀ ସେଠାରୁ ଚାଲି ଯାଇଥିଲା। ଚିତ୍କାର ଶୁଣି ମଛପୁର ଗ୍ରାମର ଲୋକମାନେ ଜଙ୍ଗଲ ବିଭାଗକୁ ଖବର ଦେବା ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବରପାଇ ରାତ୍ରି ପାଟ୍ରୋଲିଂ କରୁଥିବା ଖୁଣ୍ଟୁଣୀ ବନବିଭାଗ କର୍ମଚାରୀ ଖୁଣ୍ଟୁଣୀ ପୋଲିସ ସହିତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଗମିଆଁଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଆଠଗଡ଼ ଡାକ୍ତରଖାନା ପଠାଇ ଦିଆଯାଇଥିଲା। ଗମିଆଁଙ୍କ ପରିବାରକୁ ୬ ଲକ୍ଷ ଟଙ୍କାର ସରକାରୀ ସହାୟତା ରାଶି ଦେବା ପାଇଁ ବନାଞ୍ଚଳ ପକ୍ଷରୁ ଘୋଷଣା କରାଯାଇଛି ବୋଲି ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରସକୁ ରସେ ରସିଆ**
**ଘାସକୁ ରସେ ଗାଇ,**
**ହରି ନାମକୁ ଭକତ ରସେ**
**ଦୁନିଆ ରସେ ମାଇ।**

ଯେପରି ରସିକ ରସ ରସିଥାଏ, ସେପରି ଗାଈକୁ ଘାସ ରସ ଭଲ ଲାଗିଥାଏ। ସେହିପରି ଭାବେ ଭକ୍ତକୁ ହରିନାମର ରସ ଅତ୍ୟନ୍ତ ପ୍ରୀତ ଲାଗୁଥିବାବେଳେ ନାରୀ ଦୁନିଆକୁ ଆସକ୍ତ କରିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ରଙ୍କୁଣୀ ପାଇଚି ଇଲିଶି**
**କଣ୍ଟାମଣ୍ଟା କରି ଗିଳୁଛି।**

ଅତି ଲୋଭରୁ ମୃତ୍ୟୁ। ଲୋଭ ପରବଶ ହୋଇ ଅଧିକ ଜିନିଷ ପ୍ରତି ଆକୃଷ୍ଟ ହେଲେ ପରିଶେଷରେ ବିଷମ ଦଶା ଭୋଗିବାକୁ ପଡ଼ିଥାଏ, ଯାହାକି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସତର୍କତାକୁ ପ୍ରାଥମିକତା

## ଆଜି 'ବିଶ୍ୱ ଯକୃତ ଦିବସ'



ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ଯକୃତ ବା ଲିଭର। ଏହା ସୁସ୍ଥ ରହିବା ନିହାତି ଦରକାର। ନ ହେଲେ ସମୟକ୍ରମେ ଏହା ଜଟିଳ ସମସ୍ୟା ରୂପେ ଉଭା ହୋଇଥାଏ। କେବଳ ସେତିକି ନୁହେଁ, ଅଯଥାରେ ମଧ୍ୟ ଏହା ଜୀବନ ନାଶକର କାରଣ ସାଜିଥାଏ। ତେଣୁ ଯକୃତ କିପରି ସୁସ୍ଥ ରହିବ ସେନେଇ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଏପ୍ରିଲ ୧୯ ତାରିଖକୁ 'ବିଶ୍ୱ ଯକୃତ ଦିବସ' ବା ୱାର୍ଲ୍ଡ ଲିଭର ଡେ' ଭାବେ ପାଳନ କରାଯାଇଆସୁଅଛି। ପ୍ରତିବର୍ଷ ଏହି ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) ଏକ ପ୍ରସଙ୍ଗ ଘୋଷଣା କରିଥାଏ। ଚଳିତ ବର୍ଷର ପ୍ରସଙ୍ଗଟି ହେଉଛି–''ସତର୍କ ରୁହ, ନିୟମିତ ସମୟ ବ୍ୟବଧାନରେ ଯକୃତ ଚେକ୍‌ଅପ୍ କରାଇନିଅ ଏବଂ ଫ୍ୟାଟି ଲିଭର ରୋଗର ନିରାକରଣ କର।' ଜଣେ ବ୍ୟକ୍ତି ଯକୃତଜନିତ ରୋଗରେ ଆକ୍ରାନ୍ତ କି ନା ତାହା ଜାଣିବା ପାଇଁ ପରିସ୍ରା ଓ ରକ୍ତ ପରୀକ୍ଷା କରାଯାଏ। କେବଳ ସେତିକି ନୁହେଁ, ଆଉ କେତେକ ପ୍ରଣାଳୀରେ ମଧ୍ୟ ଏହାକୁ ନିର୍ଣ୍ଣୟ କରାଯାଏ। ସେଗୁଡ଼ିକ ହେଲା–ଅଲ୍‌ଟ୍ରାସାଉଣ୍ଡ, ସିଟି ସ୍କାନିଂ ଏବଂ ଏମ୍‌ଆର୍‌ଆଇ। ଆମ ଶରୀର ଭିତରେ ଥିବା ସମୁଦାୟ ରକ୍ତର ୧୫ ପ୍ରତିଶତ କେବଳ ଯକୃତରେ ହିଁ ଥାଏ। ପ୍ରତି ମିନିଟ୍‌ରେ ଲିଭର ମଧ୍ୟ ଦେଇ ପ୍ରାୟ ଦେଢ଼ଲିଟର ରକ୍ତ ପ୍ରବାହିତ ହୁଏ। କୌଣସି କାରଣରୁ ଯଦି ଲିଭରର କିଛି ଅଂଶ କାଟି ଦିଆଯାଏ, ତେବେ ତାହା ଆପେ ଆପେ ସମୟକ୍ରମେ ସ୍ୱତଃ ପୂରଣ ହୋଇଯାଏ। ଏହା ଶରୀର ଭିତରେ ୧୦୦୦ରୁ ବେଶି ଏନ୍‌ଜାଇମ ସଂଶ୍ଳେଷଣ କରିଥାଏ। ଲିଭରରେ ସଂଶ୍ଳେଷିତ ହୁଏ କୋଲେଷ୍ଟରଲ, ଟ୍ରାଇଗ୍ଲିସେରାଇଡ ଏବଂ ଫ୍ୟାଟି ଏସିଡ୍ ଭଳି ସ୍ନେହସାରଜାତୀୟ ଉପାଦାନ। ହୃତ୍‌ପିଣ୍ଡ ବା ହାର୍ଟ ଏବଂ ମସ୍ତିଷ୍କକୁ ଯୋଗାଇ ପାରୁଥିବା କିଟୋନ ବଡି' ମଧ୍ୟ ଲିଭରରେ ତିଆରି ହୁଏ। ଏଥିରେ ମଧ୍ୟ ୟୁରିଆ ଏବଂ ଆମିନୋ ଏସିଡ୍ ସଂଶ୍ଳେଷିତ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା, ରକ୍ତରେ ଶର୍କରା ବା ଗ୍ଲୁକୋଜ୍ ପରିମାଣକୁ ସନ୍ତୁଳିତ ରଖିବାରେ ଲିଭର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ଲିଭରଜନିତ ସମସ୍ୟାର କେତୋଟି ଲକ୍ଷଣ ପ୍ରତି ସଚେତନ ରହିବା ନିହାତି ଦରକାର। ଏହାର ପ୍ରମୁଖ ଲକ୍ଷଣଗୁଡ଼ିକ ହେଲା–ଆଖି ଓ ଚର୍ମ ହଳଦିଆ ଦେଖାଯିବା, ତଳିପେଟରେ ଯନ୍ତ୍ରଣା, ବାନ୍ତି ଲାଗିବା ଏବଂ ବେଳେବେଳେ ବାନ୍ତି ହେବା, ପରିସ୍ରା ରଙ୍ଗ ଗାଢ଼ ହଳଦିଆ ହୋଇଯିବା, ଭୋକ ନ ଲାଗିବା ଏବଂ ଖାଦ୍ୟ ପ୍ରତି ଅରୁଚି ଆସିବା। ଏଭଳି ଲକ୍ଷଣ ସମ୍ପର୍କରେ ଅବଗତ ହେବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ ଲିଭର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ

ଗୋପାଳପୁର,୧୭।୪
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା କନିଷି-ଢୁଲୁ ରାସ୍ତା ମଝିରେ ବୁଧବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ଜୀବନ ଯାଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ଗୋଳନ୍ଥରା ଗ୍ରାମ ଦଳିତସାହିର ରୋହିତ ଦାସ ଓ କାଳିଆ ଦାସ। ଗୋଳନ୍ଥରାର ସନ୍ତୋଷ ଦାସ ଓ କେଲୁଆପଲ୍ଲୀ ପଞ୍ଚାୟତ ଗୁଣପୁର ଗ୍ରାମର ପିଙ୍କୁ ସାହୁ ଗୁରୁତର ଆହତ ହୋଇଛନ୍ତି।

ରୋହିତ, କାଳିଆ ଓ ଗୁଣପୁରର ସନ୍ତୋଷ ନାୟକ ବୁଧବାର ଏକ ବାଇକରେ ମାର୍କଣ୍ଡି ଯାଇଥିଲେ। ସେମାନେ ଫେରୁଥିବା ବେଳେ ଦାସପୁର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ପିଙ୍କୁ ଓ ସନ୍ତୋଷଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ୫ ଜଣଯାକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସେହି ରାସ୍ତା ଦେଇ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଓ ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ଯାଉଥିବା ବେଳେ ଅଟକି ଗୁରୁତରମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ରୋହିତ ଓ କାଳିଆଙ୍କ ମୃତ୍ୟୁ ଘଟିଥିଲା। ସନ୍ତୋଷ ଦାସ ଓ ପିଙ୍କୁ ଚିକିତ୍ସାଧୀନ ଅଛନ୍ତି। ପିଙ୍କୁଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

# ଚାଲିବ ୯ ଯୋଡ଼ା ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଟ୍ରେନ୍

## ୧୧ ଯୋଡ଼ା ଟ୍ରେନ୍ ଚଳାଚଳ ଅବଧି ବୃଦ୍ଧି

ଭୁବନେଶ୍ୱର,୧୭।୪
(ଅନୁରାଧା ମହାରଣା)

ଗ୍ରୀଷ୍ମ ଋତୁରେ ଜନସାଧାରଣଙ୍କ ଯାତ୍ରା ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯିବା ସହିତ ପୂର୍ବରୁ ଚଳାଚଳ କରୁଥିବା ୧୧ ସ୍ୱତନ୍ତ୍ର ଟ୍ରେନ୍‌ର ଚଳାଚଳ ଅବଧି ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ସ୍ୱତନ୍ତ୍ର ଭାବେ ଚଳାଚଳ ଆରମ୍ଭ କରିବାକୁ ଥିବା ଟ୍ରେନ୍‌ଗୁଡିକ ମଧ୍ୟରେ ପୁରୀ-ଶାଳିମାର ଦ୍ୱି-ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ, ପୁରୀ-ନିଜାମୁଦ୍ଦିନ-ପୁରୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ, ଶାଳିମାର-ମାଳତୀପାଟପୁର-ଶାଳିମାର, ଭୁବନେଶ୍ୱର-ଯଶୋବନ୍ତପୁର-ଭୁବନେଶ୍ୱର, ସୁରଟ-ବ୍ରହ୍ମପୁର-ସୁରଟ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ, ସମ୍ବଲପୁର-ପୁଣେ-ସମ୍ବଲପୁର, ସମ୍ବଲପୁର-ଗୁଆହାଟୀ-ସମ୍ବଲପୁର, ବିଶାଖାପଟନମ୍-କୋଲାମ-ବିଶାଖାପଟନମ୍ ଓ ବିଶାଖାପଟନମ୍-କୁର୍ନୁଲ-ବିଶାଖାପଟନମ୍ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ ରହିଛି। ଗ୍ରୀଷ୍ମ ସମୟରେ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ଯେଉଁ ୧୧ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍‌ର ସେବା ସମୟ ବୃଦ୍ଧି କରାଯାଇଛି ସେଗୁଡ଼ିକ ମଧ୍ୟରେ ଚେନ୍ନାଇ-ଭୁବନେଶ୍ୱର-ଚେନ୍ନାଇ ସ୍ୱତନ୍ତ୍ର ଟ୍ରେନ୍‌କୁ ୪ ଜୁନ୍ ପର୍ଯ୍ୟନ୍ତ, ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଟ୍ରେନ ଓ ପୁରୀ-ପାଟନା-ପୁରୀ ଟ୍ରେନ ଚଳାଚଳ ସମୟକୁ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପାଟନା-ପୁରୀ-ପାଟନା ଟ୍ରେନ ଚଳାଚଳ ସେବାକୁ ଜୁଲାଇ ୨୬ ପର୍ଯ୍ୟନ୍ତ, ପୁରୀ-ଭଞ୍ଜପୁର-ପୁରୀ ଟ୍ରେନ ଚଳାଚଳ ସେବାକୁ ଜୁନ୍ ୩୦ ପର୍ଯ୍ୟନ୍ତ ଓ ସାନ୍ତ୍ରାଗଛି-ପୁରୀ-ସାନ୍ତ୍ରାଗଛି ଟ୍ରେନ ଚଳାଚଳ ସମୟକୁ ଜୁନ୍ ୨୯ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଚଳାଚଳ ସମୟସମା ବୃଦ୍ଧି କରାଯାଇଥିବା ଅନ୍ୟ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ମଧ୍ୟରେ ଏର୍ଣ୍ଣାକୁଲମ-ବ୍ରହ୍ମପୁର-ଏର୍ଣ୍ଣାକୁଲମ, ହାଇଦ୍ରାବାଦ-କଟକ-ହାଇଦ୍ରାବାଦ ଟ୍ରେନ, ବିଶାଖାପଟନମ-ସିକନ୍ଦରାବାଦ-ବିଶାଖାପଟନମ ଟ୍ରେନ ବିଶାଖାପଟନମ-ତିରୁପତି-ବିଶାଖାପଟନମ ଟ୍ରେନ, ବିଶାଖାପଟନମ-ବେଙ୍ଗାଲୁରୁ-ବିଶାଖାପଟନମ ସ୍ୱତନ୍ତ୍ର ଟ୍ରେନ୍ ରହିଛି। ଏହା ବ୍ୟତୀତ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ୧୩ ଯୋଡ଼ା ଦୂରଗାମୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ମଧ୍ୟ ଚଳାଚଳ କରୁଛି। ଏହି ଟ୍ରେନଗୁଡିକ ହେଉଛି ସିକନ୍ଦରାବାଦ-ଡିବ୍ରୁଗଡ-ସିକନ୍ଦରାବାଦ ସ୍ପେଶାଲ, ସିକନ୍ଦରାବାଦ-ଅଗରତାଲା-ସିକନ୍ଦରାବାଦ, ଚେନ୍ନାଇ ସାନ୍ତ୍ରାଗଛି-ଚେନ୍ନାଇ, ନାଗେରକୋଏଲ-ଡିବ୍ରୁଗଡ-ନାଗେରକୋଏଲ, କୋଚୁଭେଲି-ଶାଲିମାର-କୋଚୁଭେଲି, ବେଙ୍ଗାଲୁରୁ-ଖଡ଼ଗପୁର-ବେଙ୍ଗାଲୁରୁ ସ୍ପେସିଆଲ, ସାନ୍ତ୍ରାଗଛି-ସିକନ୍ଦରାବାଦ-ସାନ୍ତ୍ରାଗଛି ସ୍ପେସିଆଲ, ସିକନ୍ଦରାବାଦ-ଶାଲିମାର-ସିକନ୍ଦରାବାଦ ସ୍ପେଶାଲ, ବେଙ୍ଗାଲୁରୁ-ମାଲଦା ଟାଉନ-ବେଙ୍ଗାଲୁରୁ ସ୍ପେଶାଲ, ମହୀଶୂର-ମୁଜାଫରପୁର-ମହୀଶୂର ସ୍ପେଶାଲ, ନ୍ୟୁ ତିନସୁକିଆ-ବେଙ୍ଗାଲୁରୁ-ନ୍ୟୁ ତିନସୁକିଆ ସ୍ପେଶାଲ ଏବଂ ହାୱଡ଼ା-ଯଶୋବନ୍ତପୁର-ହାୱଡ଼ା ସ୍ୱତନ୍ତ୍ର ଟ୍ରେନ ରହିଛି।

# ପୋଲିସ ସୂଚନାଦାତା ସନ୍ଦେହରେ ଭାଜପା ନେତାଙ୍କୁ ହତ୍ୟା

ମାଲକାନଗିରି,୧୭।୪
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁରରେ ପୋଲିସ ସୂଚନାଦାତା ସନ୍ଦେହରେ ମଙ୍ଗଳବାର ରାତିରେ ଜଣେ ଭାଜପା ନେତାଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ସୀମାନ୍ତ ନାରାୟଣପୁର ଦଣ୍ଡବନରେ ମାଓବାଦୀମାନେ ଭାଜପା ନେତା ତଥା ଉପସରପଞ୍ଚ ପଞ୍ଚମଦାସ ମାଣିକପୁରୀଙ୍କ ଘରେ ପଶିଥିଲେ। ସେମାନେ ତାଙ୍କୁ ଉଠାଇ ଆଣି ଧାରୁଆ ଅସ୍ତ୍ରରେ ହତ୍ୟା କରିଛନ୍ତି। ବୁଧବାର ଭୋର ସମୟରେ ଏହି ଘଟଣା ଘଟିଛି। ଘଟଣାସ୍ଥଳରେ ମାଓବାଦୀମାନେ ଏକ ପୋଷ୍ଟର ଛାଡ଼ି ଯାଇଥିବା ଦେଖିବାକୁ ମିଳିଛି। ଭାଜପା ନେତା ପଞ୍ଚମଦାସଙ୍କୁ ପୋଲିସ ସୂଚନାଦାତା ଭାବେ କାର୍ଯ୍ୟ କରୁଥିବା ଅଭିଯୋଗରେ ହତ୍ୟା କରିଥିବା ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି।

ପ୍ରକାଶ ଯେ, ଏହା ପୂର୍ବରୁ ମାର୍ଚ୍ଚ ୬ରେ ପଡ଼ୋଶୀ ବିଜାପୁର ଜିଲାରେ ଜଣେ ଭାଜପା କର୍ମୀଙ୍କୁ ମାଓବାଦୀମାନେ ଗୁଳିକରି ହତ୍ୟା କରିଥିଲେ। ବସ୍ତର ସଂସଦୀୟ ଆସନରେ ଆସନ୍ତା ୧୯ରେ ଭୋଟ ହେବାକୁ ଥିବା ବେଳେ ମାଓବାଦୀଙ୍କ ଏଭଳି ବର୍ବରତା ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି କରିଛି। ପୋଲିସ ହତ୍ୟା ଘଟଣାର ତଦନ୍ତ ଚଳାଇଛି।

# ନିର୍ବାଚନ ପୂର୍ବରୁ ଧରପଗଡ଼: ଜବତ ହେଲାଣି ୧୩ ଲକ୍ଷ

କୋରାପୁଟ,୧୭।୪(ଅମିତାଭ ବେହେରା)

କୋରାପୁଟ ଜିଲାରେ ଆସନ୍ତା ମେ ୧୩ରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଜିଲାର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। ଏପର୍ଯ୍ୟନ୍ତ ଜିଲାରେ ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ୧୩ ଲକ୍ଷ ଟଙ୍କା ଜବତ କରାଗଲାଣି ବୋଲି ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ କହିଛନ୍ତି। ଗତ ମାସ ୧୬ରୁ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଜିଲା ପ୍ରଶାସନର ବିଭିନ୍ନ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ଧରପଗଡ଼ ଜାରି ରହିଛି। ବହୁ ପରିମାଣର ଗଞ୍ଜେଇ ଓ ମଦ ଜବତ ହୋଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ୧ କୋଟି ୨୭ ଲକ୍ଷ ଟଙ୍କା ହେବ ବୋଲି ରାଉତ ସୂଚନା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟୋକିଓ ପ୍ରଦର୍ଶନରେ ଉନ୍ନତି ଲକ୍ଷ୍ୟରେ ଭାରତ


ନୀରଜ ଚୋପ୍ରା ଓ କିଶୋର ଜେନା।

## ପ୍ୟାରିସ ଅଲିମ୍ପିକ୍ସ ଆଉ ୧୦୦ ଦିନ

ନୂଆଦିଲ୍ଲୀ, ୧୭।୪

ଗ୍ରୀସ୍‌ର ଏଥେନ୍ସରେ ମଙ୍ଗଳବାର ଅଲିମ୍ପିକ୍ସ ମଶାଲରେ ଅଗ୍ନି ସଂଯୋଗ ହୋଇଛି। ଏଥିସହ ବାଜିଛି ଅଲିମ୍ପିକ୍ସ ବିଗୁଲ। ପ୍ୟାରିସ ଅଲିମ୍ପିକ୍ସର ୧୦୦ ଦିନିଆ କାଉଣ୍ଟ ଡାଉନ୍ ଆରମ୍ଭ ହୋଇଛି। ଗତ ଟୋକିଓ ଅଲିମ୍ପିକ୍ସରେ ଭାରତ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ସହିତ ୭ଟି ପଦକ ହାସଲ କରି ରେକର୍ଡ କରିଥିଲା। ପ୍ୟାରିସରେ ଭାରତୀୟ ଦଳ ଏହି ରେକର୍ଡରେ ଉନ୍ନତି ଆଣିବା ଲକ୍ଷ୍ୟରେ ରହିଛି। ଟୋକିଓକୁ ଭାରତ ଏହାର ଇତିହାସରେ ସବୁଠାରୁ ଅଧିକ ସଂଖ୍ୟକ ପ୍ରତିନିଧି ଦଳ ପଠାଇଥିଲା। ଏହା ମଧ୍ୟରେ ୧୨୪ ଆଥଲେଟ୍ ସାମିଲ ଥିଲେ। ପ୍ୟାରିସରେ ମଧ୍ୟ ତାହାର ପୁନରାବୃତ୍ତି ହେବା ଆଶା କରାଯାଉଛି।

ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତ ବର୍ତ୍ତମାନ ସୁଦ୍ଧା ପାଖାପାଖି ୫୦ କୋଟା ପୂରଣ କରି ସାରିଛି। ଏବେ ମଧ୍ୟ କେତେକ କ୍ରୀଡ଼ାର କ୍ୱାଲିଫିକେଶନ ୱିଣ୍ଡୋ ଓପନ ରହିଛି। ତେଣୁ ଆସନ୍ତା ମାସରେ ଏହି ସଂଖ୍ୟା ବଢ଼ିବା ଯଥେଷ୍ଟ ସମ୍ଭାବନା ରହିଛି। ଟୋକିଓରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ଜିତି ଅଲିମ୍ପିକ୍ସରେ ୪୩ ବର୍ଷର ପଦକ ଶୂନ୍ୟତାକୁ ପୂରଣ କରିଥିଲା। ଗତବର୍ଷ ଅନୁଷ୍ଠିତ ହାଙ୍ଗଝୋଉ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଭାରତୀୟ ଦଳ ଆଗାମୀ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ତେଣୁ ୮ ଥର ସ୍ୱର୍ଣ୍ଣ ପଦକ ବିଜେତା ଭାରତ ବିଶ୍ୱ ହକିରେ ପୁଣି ନିଜର ଉପସ୍ଥିତିକୁ ଜାହିର କରିବା ପଥରେ ରହିବାପରି ଲାଗୁଛି।

ଆଥ୍‌ଲେଟିକ୍ସର ଏକାଧିକ ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀମାନେ ଅଲିମ୍ପିକ୍ସ ଯୋଗ୍ୟତା ପାଇଛନ୍ତି। ପୁରୁଷ ଜାଭେଲିନ୍ ଥ୍ରୋରେ ବର୍ତ୍ତମାନର ଚାମ୍ପିୟନ ନୀରଜ ଚୋପ୍ରାଙ୍କ ସହିତ ଏସିଆନ ଗେମ୍ସ ସିଲ୍‌ଭର ମେଡାଲିଷ୍ଟ ଓଡ଼ିଶାର କିଶୋର ଜେନା ଭାଗନେବେ। ଆଶ୍ଚର୍ଯ୍ୟଜନକଭାବେ ଏଥର ୭ ଭାରତୀୟ ଆଥ୍‌ଲେଟ ପୁରୁଷ ୨୦ କିଲୋମିଟର ୱାକ୍‌ରେ ୨୦୨୪ ଅଲିମ୍ପିକ୍ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ସ୍ପର୍ଶ କରିଛନ୍ତି। ତେବେ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ସେମାନଙ୍କ ମଧ୍ୟରୁ ସର୍ବାଧିକ ୩ ଜଣଙ୍କୁ ପଠାଇ ପାରିବ। ଟୋକିଓରୁ ଖାଲି ହାତରେ ଫେରିବା ପରେ ଭାରତୀୟ ଶୁଟରମାନେ ଅନେକ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛନ୍ତି। ଶୁଟିଂରେ ସମ୍ଭାବ୍ୟ ୨୪ କୋଟା ମଧ୍ୟରୁ ଭାରତ ବର୍ତ୍ତମାନ ସୁଦ୍ଧା ୨୦ଟି ସ୍ଥାନ ପୂରଣ କରିସାରିଛି। ଏହା ମଧ୍ୟରେ ରାଇଫଲ ଓ ପିସ୍ତଲ ଇଭେଣ୍ଟରେ ୧୬ କୋଟା ସାମିଲ। ଦୋହାରେ ଅନ୍ତିମ ଅଲିମ୍ପିକ୍ କ୍ୱାଲିଫାୟର ହେବାକୁ ଥିବାରୁ ଭାରତୀୟ ଶୁଟରମାନେ ଭାରତୀୟ ପ୍ରତିଯୋଗୀଙ୍କ ସଂଖ୍ୟା ବଢ଼ାଇବା ସମ୍ଭାବନା ରହିଛି। ଟୋକିଓ ଅଲିମ୍ପିକ୍ସର ଶୁଟିଂ ଇଭେଣ୍ଟରେ ଭାରତର ୧୫ ଶୁଟର ଭାଗ ନେଇଥିଲେ। ପ୍ୟାରିସରେ ଏହି ସଂଖ୍ୟା ବଢ଼ିବା ନିଶ୍ଚିତ ହୋଇଯାଇଛି।

ବ୍ୟାଡ୍‌ମିଣ୍ଟନ କ୍ୱାଲିଫିକେଶନ ୱିଣ୍ଡୋ ଏବେ ମଧ୍ୟ ଓପନ ରହିଛି। ତେଣୁ ଭାରତର ପି.ଭି. ସିନ୍ଧୁ (ମହିଳା ସିଙ୍ଗଲ୍ସ), ଏଚ୍. ଏସ୍. ପ୍ରଣୟ (ପୁରୁଷ ସିଙ୍ଗଲ୍ସ), ବିଶ୍ୱର ନମ୍ବର ୱାନ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡି/ଚିରାଗ ଶେଟ୍ଟି (ପୁରୁଷ ଡବଲ୍ସ) ଓ ଅଶ୍ୱିନି ପୋନାପ୍ପା/ତନିଶା କ୍ରାଷ୍ଟୋ (ମହିଳା ଡବଲ୍ସ) ର୍ୟାଙ୍କିଂ ଭିତ୍ତିରେ ପ୍ୟାରିସରେ ମୁକାବିଲା କରିବା ସମ୍ଭାବନା ରହିଛି।

## ‘କେବଳ ଅଲିମ୍ପିକ୍ସ ଉପରେ ଫୋକସ’


ହରମନପ୍ରୀତ ସିଂ

ଅଷ୍ଟ୍ରେଲିଆ ଗସ୍ତରେ ଅତି ଖରାପ ପ୍ରଦର୍ଶନ କରି ୦-୫ରେ ସିରିଜ ହାରିଥିବା ଭାରତୀୟ ପୁରୁଷ ହକି ଦଳ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ପ୍ୟାରିସ ଅଲିମ୍ପିକ୍ସ ଆଉ ୧୦୦ ଦିନ ରହିଥିବାରୁ ଏଣିକି କେବଳ ଏହାକୁ ଲକ୍ଷ୍ୟରେ ରଖି ପ୍ରତି ଦିନର ଅଭ୍ୟାସ କରାଯିବ ବୋଲି ଅଧିନାୟକ ହରମନପ୍ରୀତ୍ ସିଂ ପ୍ରକାଶ କରିଛନ୍ତି। ଗତ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏଥର ଦଳ ପୂର୍ବ ସଂସ୍କରଣ ଅପେକ୍ଷା ଉନ୍ନତ ପ୍ରଦର୍ଶନ ଉପରେ ଫୋକସ କରିବ ବୋଲି ସେ କହିଛନ୍ତି। ଭାରତୀୟ ଦଳ ଏବେ ବିଶ୍ୱ ର୍ୟାଙ୍କିଂରେ ୬ଷ୍ଠ ସ୍ଥାନରେ ରହିଛି। ଆମେ ଏବେ ଅଷ୍ଟ୍ରେଲିଆ ଟୁର୍‌ରୁ ଫେରିଲୁ, କିଛି ଦିନର ବ୍ରେକ୍ ପରେ ଆମେ ଅଭ୍ୟାସକୁ ଫେରିବୁ। ଅଲିମ୍ପିକ୍ସ ପାଇଁ ଦଳ ମଧ୍ୟରେ ଉତ୍ସାହ ବଢ଼ିବଢ଼ି ଚାଲିଛି। ଆଗାମୀ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ଆମର ମୁଖ୍ୟ ଲକ୍ଷ୍ୟ ରହିବ। ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ଏଥିପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଣିକି ପ୍ରତିଦିନ, ପ୍ରତି ଅଭ୍ୟାସ ଏବଂ ଡ୍ରିଲ୍ ଅଲିମ୍ପିକ୍ସକୁ ଲକ୍ଷ୍ୟରେ ରଖି ହେବ ବୋଲି ହରମନପ୍ରୀତ୍ କହିଛନ୍ତି। ହାଙ୍ଗଝୋଉ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଭାରତ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।

ଅଷ୍ଟ୍ରେଲିଆ ଗସ୍ତରୁ ଅନେକ କିଛି ଶିକ୍ଷା ମିଳିଛି। ଏବେ ଅନେକ ବିଭାଗ ଉପରେ କାମ କରିବାର ଅଛି ବୋଲି ଉପ-ଅଧିନାୟକ ହାର୍ଦ୍ଦିକ ସିଂ ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ପାଇଁ ରହିଥିବା ଅବଶିଷ୍ଟ ୧୦୦ ଦିନରେ ଆମେ କଠିନ ପରିଶ୍ରମ କରି ସ୍ୱର୍ଣ୍ଣ ପଦକ ଲକ୍ଷ୍ୟରେ ନିଜକୁ ପ୍ରସ୍ତୁତ କରିବୁ ବୋଲି ହାର୍ଦ୍ଦିକ କହିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ଭାରତ ପୁଲ୍ ‘ବି’ରେ ଗତଥରର ଚାମ୍ପିୟନ ବେଲ୍‌ଜିୟମ (ବିଶ୍ୱର ନଂ-୧), ଅଷ୍ଟ୍ରେଲିଆ (୩), ଆର୍ଜେଣ୍ଟିନା (୭), ନ୍ୟୁଜିଲାଣ୍ଡ (୧୦) ଓ ଆୟର୍ଲାଣ୍ଡ (୧୨) ସହିତ ସ୍ଥାନ ପାଇଛି। ପୁଲ୍ ‘ଏ’ରେ ନେଦରଲାଣ୍ଡ୍ସ, ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ସ୍ପେନ, ଦକ୍ଷିଣ ଆଫ୍ରିକା ଓ ଆୟୋଜକ ଫ୍ରାନ୍ସ ରହିଛି। ଜୁଲାଇ ୨୭ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହାପରେ ୨୯ରେ ଆର୍ଜେଣ୍ଟିନା, ୩୦ରେ ଆୟର୍ଲାଣ୍ଡ, ଅଗଷ୍ଟ ୧ରେ ବେଲ୍‌ଜିୟମ ଓ ୨ରେ ଅଷ୍ଟ୍ରେଲିଆ ସହିତ ମୁକାବିଲା କରିବ।

## ନୋରା ଜେରୁଟୋଙ୍କ ନାମରେ ଡୋପିଂ ମାମଲା



ଲାଉସାନେ, ୧୭।୪ (ପି.ଟି.)

ପୂର୍ବତନ ଷ୍ଟିପଲଚେଜ୍ ବିଶ୍ୱ ଚାମ୍ପିୟନ ନୋରା ଜେରୁଟୋଙ୍କ ନାମରେ ଆସିଛି ଡୋପିଂ ଅଭିଯୋଗ। ପ୍ୟାରିସ୍ ଅଲିମ୍ପିକ୍ସ ୫ ସପ୍ତାହ ପୂର୍ବରୁ ହିଁ ଏହି ମାମଲାର ଶୁଣାଣି ହେବାକୁ ଯାଉଛି। କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଫର ସ୍ପୋର୍ଟ୍ସ ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି। ଆସନ୍ତା ଜୁନ୍ ୧୭ ତାରିଖରେ ଏହି ମାମଲାର ଶୁଣାଣି କରାଯିବ। ଜେରୁଟୋଙ୍କ ରକ୍ତ ନମୁନାରେ ନିଷିଦ୍ଧ ପଦାର୍ଥ ମିଳିଥିବା ନେଇ ଅଭିଯୋଗ ଆଣିଥିଲା ଆଥଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ୍। ତେବେ ୨୦୨୦ ଓ ୨୧ରେ ଅଲସର ଏବଂ କୋଭିଡରେ ଆକ୍ରାନ୍ତ ହୋଇଥିବା କାରଣରୁ ରିପୋର୍ଟ ଏମିତି ଆସିଥିବା ଯୁକ୍ତି କରିଥିଲେ ଜେରୁଟୋ। ଜେରୁଟୋଙ୍କ ରକ୍ତ ନମୁନାରେ ଇପିଓ ନାମକ ନିଷିଦ୍ଧ ପଦାର୍ଥ ମିଳିଥିଲା। ଏକ ସ୍ୱାଧୀନ ଜୁରୀ ପକ୍ଷରୁ ପ୍ରକାଶିତ ରାୟ ଅନୁସାରେ ଇପିଓ କୋଭିଡ୍‌ର ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ବଢ଼ିଥାଏ। ଏପରିକି ଜେରୁଟୋ କୌଣସି ପ୍ରକାରର ନିଷିଦ୍ଧ ପଦାର୍ଥ ସେବନ କରିବାର କୌଣସି ପ୍ରମାଣ ନ ଥିବା ଜୁରୀ କହିଥିଲା। କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଫର ସ୍ପୋର୍ଟ୍ସର ରାୟ ଉପରେ ବର୍ତ୍ତମାନ ଜେରୁଟୋଙ୍କ ଭାଗ୍ୟ ନିର୍ଭର କରୁଛି।

## ସୁରେନ୍ଦ୍ର ଭାବେ ଓଡ଼ିଶା କ୍ରିକେଟ ଦଳର ନୂଆ କୋଚ୍



ଭୁବନେଶ୍ୱର, ୧୭।୪
(ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନର କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଆଗାମୀ ୨୦୨୪-୨୫ ଘରୋଇ ସିଜନ ପାଇଁ ଓଡ଼ିଶା କ୍ରିକେଟ ଦଳର ସପୋର୍ଟ ଷ୍ଟାଫ୍ ନିଯୁକ୍ତ କରାଯାଇଛି। ଏହି କ୍ରମରେ ସୁରେନ୍ଦ୍ର ଭାବେଙ୍କୁ ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର କୋଚ୍ ନିଯୁକ୍ତ କରାଯାଇଛି। ଦୀନେଶ ମୋଙ୍ଗିଆଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଦଳ ଗତ ସିଜନରେ ଖରାପ ପ୍ରଦର୍ଶନ କରିଥିବାରୁ ତାଙ୍କ ସ୍ଥାନରେ ୫୮ ବର୍ଷୀୟ ସୁରେନ୍ଦ୍ରଙ୍କୁ ନିଯୁକ୍ତି ମିଳିଛି।

ଓସିଏ ସିନିୟର ପୁରୁଷ ଚୟନ କମିଟିର ଅଧ୍ୟକ୍ଷ ହୋଇଛନ୍ତି ଅମିୟ ରାୟ। ସୌରଜିତ ମହାପାତ୍ର ଓ ସୁବିତ ବିଶ୍ୱାଳ ସଦସ୍ୟଭାବେ ସ୍ଥାନ ପାଇଛନ୍ତି। ସେହିପରି ଜୁନିୟର ଚୟନ କମିଟିର ଅଧ୍ୟକ୍ଷ ନଟରାଜ ବେହେରା ଥିବାବେଳେ ନିରଞ୍ଜନ ବେହେରା ଓ ଶୁଭ୍ରଜିତ ସାହୁ ସଦସ୍ୟ ଅଛନ୍ତି। ରଶ୍ମିତା ମହାନ୍ତି ମହିଳା ଚୟନ କମିଟି ଅଧ୍ୟକ୍ଷା ଏବଂ ସସ୍ମିତା ପଟ୍ଟନାୟକ ଓ ମଧୁସ୍ମିତା ମହାପାତ୍ର, ଗଙ୍ଗୋତ୍ରି ବେହେରା ଓ ଶୁଭ୍ରାଂଶୁବାଳା ଭୂୟାଁ ସଦସ୍ୟାଭାବେ ସ୍ଥାନ ପାଇଛନ୍ତି।

ପୁଣେର ସୁରେନ୍ଦ୍ର ୧୯୮୬ରୁ ୨୦୦୧ ପର୍ଯ୍ୟନ୍ତ ମହାରାଷ୍ଟ୍ର ପକ୍ଷରୁ ୯୭ଟି ପ୍ରଥମ ଶ୍ରେଣୀ କ୍ରିକେଟ ମ୍ୟାଚ ଖେଳି ୭୯୭୧ ରନ କରିଛନ୍ତି। ଏହା ମଧ୍ୟରେ ୨୮ ଶତକ ଓ ୨୭ ଅର୍ଦ୍ଧଶତକ ସାମିଲ। ସେହିପରି ସେ ୫୧ଟି ଲିଷ୍ଟ-ଏ ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଛନ୍ତି। ୨୦୦୫ରେ ସେ ମହାରାଷ୍ଟ୍ର ରଣଜୀ ଚୟନ କମିଟିର ଏବଂ ୨୦୦୮ରେ ଜାତୀୟ ଚୟନ କମିଟି ସଦସ୍ୟ ଥିଲେ। ୧୯୯୨-୯୩ ସିଜନରେ ମହାରାଷ୍ଟ୍ରକୁ ରଣଜୀ ଫାଇନାଲରେ ପହଞ୍ଚାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେହିବର୍ଷ ବାଂଲାଦେଶରେ ଅନୁଷ୍ଠିତ ସାର୍କ ଟୁର୍ନାମେଣ୍ଟ ପାଇଁ ସେ ଦ୍ୱିତୀୟ ଶ୍ରେଣୀୟ ଭାରତୀୟ ଦଳରେ ସାମିଲ ହୋଇଥିଲେ। ନବଜୋତ ସିଦ୍ଧୁଙ୍କ ସହ ଇନିଂସ ଓପନ କରି ସେ ଶ୍ରୀଲଙ୍କା ବିପକ୍ଷରେ ୮୧ ଓ ପାକିସ୍ତାନ ବିପକ୍ଷରେ ୪୨ ରନ ସ୍କୋର କରିଥିଲେ। ମାତ୍ର ଢାକାରେ ଦଙ୍ଗା ଯୋଗୁ ଏହି ଟୁର୍ନାମେଣ୍ଟ ବାତିଲ ହୋଇ ଯାଇଥିଲା। ୨୦୦୧ରେ ଅବସର ନେବାପରେ ସେ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ମୁଖ୍ୟ ଅଜୟ ସିର୍କେଙ୍କ ମାଲିକାନାରେ ଥିବା କାଡେନ୍ସ କ୍ରିକେଟ ଏକାଡେମୀରେ କୋଚିଂ ଜୀବନ ଆରମ୍ଭ କରିଥିଲେ।


# CLASSIFIED DISPLAY

**MORE SPACE • SAME PRICE** — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949


REAL ESTATE
SALE

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

**Dhabalhar (Balianta) and Kesura fully Housing Project developed road and electricity. Limited plot available. Hurry up ! 9090432721.** D-063

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

Three Storied building 3000sqft. construction over 1200sqft. land at Botanda, Bhubaneswar-1.15 crore. Call-8917520527. D-105

**ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' road, ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। (Owner). 9090963952.** D-75946

ଉତ୍ତରା ନିକଟ ଗୁଡ଼ିଆପୋଖରୀ ସାଇ ମନ୍ଦିର ସମ୍ମୁଖ NH ଠାରୁ 500mtr. ଦୂରତାରେ 2200sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। Rs.-1560/-. 9439049194, 7978551614. D-67131

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call-9437631769.** D-093

ଭୁବନେଶ୍ୱର ଗ୍ୟାରେଜ ଛକରେ ୟେଲୋକୋନ ଘରବାଡ଼ି ପାଚେରି ପ୍ଲଟ୍ ପଚାରୁ ବିକ୍ରି ହେବ। **Mob-9827119799.** D-102




Relax, refresh your body, mind by expert therapist. Contact- 9938843929. D-76114

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75729

**Relax, Refresh your Body, Mind at Saikrupa Spa with best therapies. 8984068077.** D-094

Newly open Jyoti Spa positively health benefits (Expert Therapist). 8458067955. D-76111

**Body massage by experience good looking therapist @ 999/- (Bhubaneswar). 9078484455.** D-077

## AFFIDAVIT

By virtue of an affidavit dated 17 - 04 - 2024 before the Executive Magistrate, patrapur. I Madhab Dalei have changed name of my minor son Akash Dalei to Santosh Dalei, he will be known as Santosh Dalei for all purposes. D-109

By virtue of an affidavit dated 17.04.2024 before the Executive Magistrate, patrapur. I Madhab Dalei have changed name of my minor Daughter Gelamani Dalei to Sangita Dalei, she will be known as Sangita Dalei for all purposes. D-108

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

### ଏକାଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ସରୋଜକାନ୍ତ ପଟ୍ଟନାୟକ (ଟୁଟୁ)
ଆବିର୍ଭାବ: ୦୪।୦୨।୧୯୭୯
ତିରୋଧାନ: ୨୦।୦୪।୨୦୧୩
(ଚୈତ୍ର ଶୁକ୍ଳ ଦଶମୀ)
ଛାଡ଼ିକି ଗଲାପରି ବୟସ ତ ହୋଇନଥିଲା। କିନ୍ତୁ ଏଗାର ବର୍ଷ ବିତିଗଲାଣି। ଶରୀରରେ ସିନା ଦେଖି ପାରୁନୁ କିନ୍ତୁ ତୋ ଉପସ୍ଥିତି ସବୁବେଳେ ଅନୁଭବ କରୁଛୁ। ତୋ ମା' ଝାଡ଼େଶ୍ୱରୀ ତୋତେ ଭଲରେ ରଖିଥାଉ।
ବନ୍ଧୁ ଓ ପରିବାରବର୍ଗ।
ଧ-୬୧୯୬୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କୈଳାସ ଚନ୍ଦ୍ର ସାମନ୍ତରାୟ
ଗ୍ରାମ: କୁଦିଆରୀ, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ: ୦୭।୦୭।୧୯୫୦
ତିରୋଧାନ: ୩୧।୦୩।୨୦୨୩
ଚାହୁଁ ଚାହୁଁ ଏକବର୍ଷ ବିତିଗଲ। ବାପା ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଧର୍ମ, କର୍ମ ଓ ସେବା ସର୍ବଦା ମନେରହିଥିବ। ଆଜି ଆପଣଙ୍କର ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଭାଇ, ଭାଉଜ, ପୁଅ, ବୋହୂ, ଭଉଣୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ସାମନ୍ତରାୟ ପରିବାରବର୍ଗ।
ଧ-୧୦୪

# ଉଦାର ଧର୍ମେନ୍ଦ୍ର

ବଲିଉଡ୍‌ରେ ଧର୍ମେନ୍ଦ୍ରଙ୍କ ବିଷୟରେ ବର୍ଣ୍ଣନା କରିବା କେବଳ ଧୃଷ୍ଟତା ହେବ। କାରଣ ନିଜର ଅମାୟିକ ବ୍ୟକ୍ତିତ୍ୱ ଏବଂ ନିଖୁଣ ଅଭିନୟ ବଳରେ ସେ ଏବେ ମଧ୍ୟ ଦର୍ଶକଙ୍କ ହୃଦୟରେ ରାଜ୍ କରୁଛନ୍ତି। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦିଲ୍ ଭି ତେରା ହମ୍ ଭି ତେରି'। ଫିଲ୍ମଟି ୧୯୬୦ରେ ରିଲିଜ ହୋଇଥିଲା। ବେଶ୍ କିଛି ଆଶା ନେଇ ଏହାର ନିର୍ଦ୍ଦେଶକ ଅର୍ଜୁନ ହିଙ୍ଗୋରାନି ତାଙ୍କୁ ସାଇନ୍ କରାଇଥିଲେ। କିନ୍ତୁ ଯେତେବେଳେ ଫିଲ୍ମଟିକୁ ଦର୍ଶକ ପ୍ରତ୍ୟାଖ୍ୟାନ କଲେ ସେତେବେଳେ ଅର୍ଜୁନ ଦୁଃଖରେ ଭାଙ୍ଗି ପଡିଥିଲେ। ସେତେବେଳେ ଧର୍ମେନ୍ଦ୍ର ତାଙ୍କୁ ସାନ୍ତ୍ୱନା ଦେଇ କହିଥିଲେ ଯେ, ପ୍ରଥମରୁ ଏମିତି


ଧର୍ମେନ୍ଦ୍ର

ଭାଙ୍ଗିପଡିଲେ ଚଳିବ! ଆଗକୁ ଆପଣ ନିଶ୍ଚୟ ଭଲ ସିନେମା ନିର୍ମାଣ କରିବେ।' ଯାହାହେଉ ପରବର୍ତ୍ତୀ ସମୟରେ ଅର୍ଜୁନଙ୍କ ନିର୍ଦ୍ଦେଶିତ 'କାହାନୀ କିସମତ୍ କି', 'କବ୍ କ୍ୟୁଁ ଔର କାହାଁ', 'ଖେଲ ଖିଲାଡି କା' ଏବଂ 'କାତିଲୋଁ କି କାତିଲ୍'ର ନାୟକ ସାଜିଥିଲେ ଧର୍ମେନ୍ଦ୍ର। ଆଉ ଏହି ଫିଲ୍ମଗୁଡିକ ବକ୍ସ ଅଫିସରେ ଭଲ ବିଜନେସ କରିବାରେ ସକ୍ଷମ ହୋଇଥିଲା। ସେତେବେଳେ ସେହି ସମୟର ଅନ୍ୟତମ ଲୋକପ୍ରିୟ ନିର୍ଦ୍ଦେଶକ ମନମୋହନ ଦେଶାଇ, ରାମାନନ୍ଦ ସାଗର, ହ୍ରିଷୀକେଶ ମୁଖାର୍ଜୀଙ୍କ ଅଫରକୁ ସେ କଦାପି ହାତଛଡା କରି ନ ଥିଲେ।


'ପୁଷ୍ପା ୨ : ଦ ରୁଲ୍'ରେ ଅଲ୍ଲୁ

# ଅପେକ୍ଷା ଅଗଷ୍ଟକୁ

ଏବେଠାରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିବା ତେଲୁଗୁ ଫିଲ୍ମ 'ପୁଷ୍ପା-୨ : ଦ ରୁଲ୍' ଚଳିତବର୍ଷ ଅଗଷ୍ଟ ୧୫ରେ ରିଲିଜ ହେବାକୁ ଯାଉଛି। ଆଉ ସେହି ଶୁଭ ଦିନକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଅନ୍ୟତମ ଲୋକପ୍ରିୟ ଅଭିନେତା ଅଲ୍ଲୁ ଅର୍ଜୁନ। ଫିଲ୍ମଟିର କାହାଣୀରେ ଆକ୍ସନ-ଡ୍ରାମା ଭରି ରହିଛି। ଚିତ୍ରଟିର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ସୁକୁମାର। ଖାସ୍ କଥା ହେଲା, ଏହି ଫିଲ୍ମର କିଛି ଅଂଶ ମାଲକାନଗିରିରେ ଶୁଟିଂ କରାଯାଇଛି। ଏହାର କାହାଣୀକୁ ଚୂଡାନ୍ତ ରୂପରେଖ ଦେବାକୁ ନିର୍ଦ୍ଦେଶକଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏହି ମଲ୍‌ଟି ଷ୍ଟାରର ଫିଲ୍ମଟିର ବଜେଟ୍ ରହିଛି ପାଖାପାଖି ୫୦୦କୋଟି। ଏହାର ବିତରଣ ଦାୟିତ୍ୱ ନେଇଛନ୍ତି ଏଏ ଫିଲ୍ମସ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ନବୀନ ୟାରେନି ଏବଂ ୟାଲା ମଞ୍ଚିଲି ରବି ଶଙ୍କର। ଏଥିରେ ଅଲ୍ଲୁଙ୍କର ନାୟିକା ସାଜିଛନ୍ତି ରଶ୍ମିକା ମନ୍ଦାନା। ଏମାନଙ୍କ ବ୍ୟତୀତ ସାଇ ପଲ୍ଲବୀ, ପ୍ରକାଶ ରାଜ, ଦୟାନନ୍ଦ ରେଡ୍ଡୀ, ଫହାଦ ଫାସିଲ୍, ଅଜୟ ଘୋଷ ଏବଂ ଅନସୂୟା ଭରଦ୍ୱାଜ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ବର୍‌ଫି

ନୂଆ ମ୍ୟୁଜିକ ଆଲବମ୍ 'ବର୍‌ଫି' ନିକଟରେ ରିଲିଜ ହୋଇଛି ଏବଂ ଏହାର ଗୀତ ତଥା ଭିଜୁଆଲ ବେଶ୍ ଦର୍ଶକାଦୃତ ହୋଇପାରିଛି। ହିମାଳୟର ପାଦଦେଶ ଏବଂ ମନାଲିରେ ଏହାର ଶୁଟିଂ କରାଯାଇଛି। ଏପରିକି ଟାଇଟଲକୁ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ହାପି ଚନ୍ଦନ। ଏହାର ଏକମାତ୍ର ଗୀତ- 'ତୁ ଝିଅଟେ ନା ବରଫି, ମନ ଭାବି ହେଉଛି..' ପାଇଁ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା ଏବଂ ସୌରଭ ଭରଦ୍ୱାଜ। ଉକ୍ତ ଆଲବମ୍ ବିଷୟରେ ପ୍ରଯୋଜକ କହନ୍ତି, 'ଏହି


ରାକେଶ-ମୋନିକା

ଶତ ପ୍ରତିଶତ ଜଷ୍ଟିସ ଦେବା ପାଇଁ ହିମାଳୟରେ ମାଇନସ ଡିଗ୍ରୀ ତାପମାତ୍ରାରେ ଏହାର ଶୁଟିଂ ହୋଇଥିଲା। ଦକ୍ଷିଣ ଭାରତୀୟ ସିନେମାର ନାୟିକା ମୋନିକା ସମଦର ଏବଂ ଓଡିଆ ଅଭିନେତା ରାକେଶ କୁମାର ପାଢୀଙ୍କୁ ନେଇ ଏହାର ଦୃଶ୍ୟାୟନ କରାଯାଇଛି। ଏହି ମ୍ୟୁଜିକ ଭିଡିଓର ପ୍ରଯୋଜନା କରିଛନ୍ତି ଜ୍ଞାନ ରଞ୍ଜନ ବେହେରା ଆଲବମଟିକୁ ପ୍ରଥମରୁ ଦର୍ଶକ ଗ୍ରହଣ କରିଛନ୍ତି। ଗୀତଟିର ଭିଜୁଆଲ କିପରି ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇପାରିବ ସେ ନେଇ ଶୁଟିଂ ସମୟରେ ଯଥା ସମ୍ଭବ ଚେଷ୍ଟା କରାଯାଇଥିଲା। ପ୍ରତିବର୍ଷ ଏଭଳି ଭଲ ଭଲ ଆଲବମ୍ ନିର୍ମାଣ କରିବାକୁ ଯୋଜନା ରହିଛି। ଏହାର ନିର୍ମାଣ ଲାଗି ସସ୍ମିତା ପଣ୍ଡା, ମିଥୁନ ଓ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ବିଶେଷ ଧନ୍ୟବାଦ ଜଣାଉଛି।'

# ଅଭିନେତାରୁ ରାଜନେତା


ପ୍ରଶାନ୍ତ ନନ୍ଦ


ସିଦ୍ଧାନ୍ତ ମହାପାତ୍ର


ଅନୁଭବ ମହାନ୍ତି


ଆକାଶ ଦାସନାୟକ

ଅଭିନୟ ହେଉଛି ସେମାନଙ୍କର ପେସା। ଅହେଲେ ରାଜନୀତିରେ ପାଦ ଦେଇ ଜନସାଧାରଣଙ୍କ ସେବା କରିବାକୁ କେବଳ ଏବେ ନୁହେଁ ବହୁ ପୂର୍ବରୁ ମଧ୍ୟ କଳାକାର ସାମିଲ ହେବାର ନଜିର ରହିଛି। ଜନସେବାର ଅନ୍ୟତମ ପ୍ରମୁଖ ମାଧ୍ୟମ ହେଲା ରାଜନୀତି। ତେଣୁ ଭୋଟରଙ୍କର ଆସ୍ଥାଭାଜନ ହୋଇ ସକ୍ରିୟ ରାଜନୀତିରେ ସାମିଲ ହୋଇଛନ୍ତି ଓଡ଼ିଆ ସିନେମା ଜଗତର କେତେ ଜଣ ବ୍ୟକ୍ତିବିଶେଷ। ଅତୀତରେ ଅନେକ ଅଭିନେତା, ସଙ୍ଗୀତ ନିର୍ଦ୍ଦେଶକ ଓ ଅଭିନେତ୍ରୀ ରାଜନୀତିରେ ପାଦ ରଖି ପରାଜୟ ସ୍ୱୀକାର କରିଛନ୍ତି। ତନ୍ମଧ୍ୟରେ ପ୍ରଯୋଜକ ଧୀର ବିଶ୍ୱାଳ, ବିଶିଷ୍ଟ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି, ଅଭିନେତ୍ରୀ ଅନିତା ଦାସ ପ୍ରମୁଖ। ଏହି ବ୍ୟକ୍ତିବିଶେଷଙ୍କ ତାଲିକାରେ ଅଛନ୍ତି ଓଡ଼ିଆ ଚିତ୍ର ଜଗତର ବରିଷ୍ଠ ତଥା ଲୋକପ୍ରିୟ ଅଭିନେତା-ପ୍ରଯୋଜକ ତଥା ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ। ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ସେ ମନ୍ତ୍ରୀ ମଧ୍ୟ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ରାଜ୍ୟ ସଭା ସଦସ୍ୟ ଭାବରେ ମଧ୍ୟ ନିଜର କାର୍ଯ୍ୟ ତୁଲାଇ ସାରିଛନ୍ତି। ଅନ୍ୟପକ୍ଷରେ ରାଜନୀତିରେ ପାଦ ଦେଇଥିଲେ ଓଡ଼ିଆ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ର। ସେ ଦୁଇ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଏଥର ସେ ବିଧାନସଭା ଆସନ ପାଇଁ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅଭିନେତା ମୁନା ଖାଁ ପ୍ରଥମେ ସରପଞ୍ଚ ଭାବରେ ନିର୍ବାଚିତ ହୋଇଥିଲେ। ପରେ ସେ ରାଜ୍ୟ ସଭା ସଦସ୍ୟ ଭାବରେ ଜିତିଥିଲେ। ଅନ୍ୟପକ୍ଷରେ ଅନୁଭବ ମହାନ୍ତି ପ୍ରଥମେ ରାଜ୍ୟ ସଭା ସଦସ୍ୟ ଭାବରେ ବିଜୟ ଲାଭ କରିଥିଲେ। ତା'ପରେ ସେ ଲୋକ ସଭା ନିର୍ବାଚନକୁ ଓହ୍ଲାଇ ମଧ୍ୟ ସେଥିରେ ଜିତିଥିଲେ।

ଓଡ଼ିଆ ସିନେମା 'କଳିଙ୍ଗ ପୁତ୍ର'ରୁ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ ଆକାଶ ଦାସନାୟକ। ବେଶ୍ କିଛି ବର୍ଷ ଅଭିନୟ ସହ ଜଡିତ ରହିବା ପରେ ସେ ରାଜନୀତି ପାଇଁ ମନ ବଳାଇଥିଲେ। କେବଳ ସେତିକି ନୁହେଁ, ବିଧାନସଭା ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରି ଜିତିଥିଲେ। ଏଥର ସେ ପୁଣି ଥରେ ବିଧାନସଭା ପ୍ରାର୍ଥୀ ହୋଇଛନ୍ତି।

ରାଜନୀତି ମାଧ୍ୟମରେ ଜନସେବା କରିବାକୁ ଓଡ଼ିଆ ସିନେ ଷ୍ଟାରଙ୍କ ତାଲିକା ବେଶ୍ ଲମ୍ବା। ନିଜ ମନ ପସନ୍ଦର ଦଳର ନୀତି ଆଦର୍ଶରେ ପ୍ରଭାବିତ ହୋଇ ରାଜନୀତି ମଇଦାନକୁ ଓହ୍ଲାଇଥିଲେ ହାସ୍ୟାଭିନେତା ପପୁ ପମପମ। କିନ୍ତୁ ପ୍ରଥମ ନିର୍ବାଚନରେ ହିଁ ତାଙ୍କୁ ପରାଜୟର ମୁହଁ ଦେଖିବାକୁ ପଡିଥିଲା। କେବଳ ଅଭିନେତା ନୁହନ୍ତି, ଅଭିନେତ୍ରୀମାନେ ମଧ୍ୟ ଏହି ଦୌଡରୁ ବାଦ୍ ପଡି ନ ଥିଲେ। ବିଶିଷ୍ଟ ଅଭିନେତ୍ରୀ ଅପରାଜିତା ମହାନ୍ତି ଥରେ ଲୋକ ସଭା ପାଇଁ ଏବଂ ପରେ ବିଧାନସଭା ପାଇଁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ।

ଆଉ କେତେଜଣ କଳାକାର ନିର୍ବାଚନ ଲଢ଼ି ନ ଥିଲେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ରାଜନୈତିକ ପାର୍ଟିର ପ୍ରଚାର ପ୍ରସାରରେ ନିଜକୁ ଜଡିତ ରଖିଛନ୍ତି। କିଛି ବର୍ଷ ପୂର୍ବରୁ ଅନ୍ୟତମ ଲୋକପ୍ରିୟ ଅଭିନେତା ଅରିନ୍ଦମ ମଧ୍ୟ ରାଜନୀତିରେ ନିଜକୁ ସାମିଲ କରିସାରିଛନ୍ତି।

କେବଳ ଓଡ଼ିଆ ସିନେମା ଜଗତ ନୁହେଁ, ବଲିଉଡ୍‌ରେ ଏହି ତାଲିକା ମଧ୍ୟ ବେଶ ଲମ୍ବା। ସୁନୀଲ ଦତ୍ତ, ଅମିତାଭ ବଚ୍ଚନ, ହେମା ମାଳିନୀ, ଶତ୍ରୁଘ୍ନ ସିହ୍ନା, କିରନ୍ ଖେର, ଅରୁଣ ଗୋଭିଲ, ସନି ଦେଓଲ ପ୍ରମୁଖ କଳାକାର ନିର୍ବାଚନ ମଇଦାନକୁ ଓହ୍ଲାଇ ସାରିଛନ୍ତି।

ଯେ କୌଣସି କ୍ଷେତ୍ରରେ ସଫଳତା-ବିଫଳତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେବେ ଅଭିନେତାରୁ ରାଜନେତା ସାଜି କଳାକାରମାନେ ନିଜ କ୍ୟାରିୟରକୁ କିପରି ଆଗେଇ ନେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।

**-ଦିଲୀପ ହାଲି,** ବଡଗଡ, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଟିପ୍ସ ବାଣ୍ଟୁଛନ୍ତି ସୋନମ

ସୋନମ କପୁର ଏବେ ନିଜ ସାଙ୍ଗମାନଙ୍କୁ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। କଥା କ'ଣ କି ନିକଟରେ ତାଙ୍କର କେତେଜଣ ସାଙ୍ଗଙ୍କ ସହ ଭେଟ ହୋଇଗଲା। ଏହି ସମୟରେ ନିଜର ଫିଟ୍‌ନେସ ନେଇ କିଛି କହିବାକୁ ଭୁଲି ନ ଥିଲେ ସୋନମ। ଏ ନେଇ ସେ କହନ୍ତି, 'ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ମଧ୍ୟ ଭୂମିକା ରହିଛି। ଏହାକୁ ମୁଁ ମୋ ଡେଲି ରୁଟିନ୍‌ରେ ସାମିଲ କରିଛି। କାରଣ ଆଜିକାଲି ଫିଟ୍ ରହିବା ସବୁଠାରୁ ବଡ କଥା। ତେଣୁ ମୁଁ ଏହାକୁ ସବୁବେଳେ ଗୁରୁତ୍ୱ ଦେଇଆସୁଛି। ତା'ସହ ଡାଏଟିଂ ପ୍ରତି ମଧ୍ୟ ବେଶ୍ ସଚେତନ ରହିଥାଏ।'

# ସ୍ପେଶାଲ ଗିଫ୍ଟ


ଅନନ୍ୟା

ଅନନ୍ୟା ପାଣ୍ଡେଙ୍କୁ ନେଇ ଏବେ ଚର୍ଚ୍ଚା। କଥା କ'ଣ କି ନିକଟରେ ସେ ନିଜ ଅନ୍ତରଙ୍ଗ ବାନ୍ଧବୀ ଶ୍ରଦ୍ଧା କପୁରଙ୍କୁ ଏକ ଗିଫ୍ଟ ଦେଇଥିଲେ। ତାହା ପୁଣି କ'ଣ ଥିଲା ଜାଣନ୍ତି ? ଏକ ଡାଇମଣ୍ଡ ନେକଲେସ୍। ଏ ନେଇ ଅନନ୍ୟା କହନ୍ତି, 'ଶ୍ରଦ୍ଧା ସହ ମୋର ବନ୍ଧୁତା ବେଶ୍ ପୁରୁଣା। ଥରେ ମୁଁ ତାଙ୍କୁ ସରପ୍ରାଇଜ ଦେବାକୁ ଚାହିଁଥିଲି। ତେଣୁ କାହାକୁ କିଛି ନ ଜଣାଇ ତାଙ୍କ ଘରେ ପହଞ୍ଚିଗଲି। ସେ ମଧ୍ୟ ମୋତେ ହଠାତ୍ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। କିଛି ସମୟ କଥାବର୍ତ୍ତା ଆଉ କଫି ପର୍ବ ଶେଷ ପରେ ତାଙ୍କ ହାତକୁ ମୁଁ ଏକ ପ୍ୟାକେଟ ବଢ଼ାଇ ଦେଇଥିଲି। ସେ ଏହାର କାରଣ ମଧ୍ୟ ପଚାରିଥିଲେ। ଆଉ ଉତ୍ତରରେ ମୁଁ କହିଥିଲି ଯେ, ଜଷ୍ଟ ଏମିତି ଏକ ଛୋଟ ଗିଫ୍ଟ। ସେପଟେ ଏହା କ'ଣ ବୋଲି ଜାଣିବାକୁ ସେ ଉତ୍ସୁକ ହୋଇପଡିଥିଲେ। ବିଳମ୍ବ ନ କରି ଯେତେବେଳେ ସେ ପ୍ୟାକେଟଟିକୁ ଖୋଲି ଦେଖିବା ପରେ ସେ ଖୁସିରେ ଉଚ୍ଛୁଳି ଉଠିଥିଲେ। କାରଣ ତାହା ଥିଲା ଏକ ଡାଇମଣ୍ଡ ନେକଲେସ୍।' ଆଉ ଏବେ ଶ୍ରଦ୍ଧା ଯୁଆଡେ ଯାଉଛନ୍ତି ଅନନ୍ୟାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି।

## ରିଲିଜ ଅପେକ୍ଷାରେ..

# ତେଜସ୍ୱିନୀ


ସୁଶ୍ରୀ ରଥ

କଥାରେ ଅଛି-ଆଶା ଅସୁମାରୀ। ହେଲେ ତାହାକୁ ସଫଳ କରିବା ଲାଗି ପ୍ରଗାଢ଼ ନିଷ୍ଠା ଏବଂ ଉପଯୁକ୍ତ ଯୋଜନାର ଆବଶ୍ୟକତା ରହିଛି। ଆମ ରାଜ୍ୟର ଗଞ୍ଜାମ ଜିଲ୍ଲାର କୁକୁଡାଖଣ୍ଡିର ବାସିନ୍ଦା କେ. କ୍ରିଷ୍ଣା କୁମାରୀଙ୍କୁ ପ୍ରାୟ ଅନେକେ ଜାଣନ୍ତି। ଅଙ୍ଗନୱାଡି କର୍ମୀ ଭାବରେ ସେ ନିଜ ଚାକିରି ଜୀବନ ଆରମ୍ଭ କରିଥିଲେ। ଏଏନ୍‌ଏମ୍ ଟ୍ରେନିଂ ନେବା ପରେ ସ୍ୱାସ୍ଥ୍ୟ ସେବାରେ ନିଜକୁ ନିୟୋଜିତ ରଖିଥିଲେ। ପରେ ସମିତି ସଭ୍ୟା ଭାବରେ ନିର୍ବାଚିତ ହୋଇଥିଲେ। ହେଲେ ସ୍ୱାସ୍ଥ୍ୟକର୍ମୀ ଭାବରେ ପୁଣି ଥରେ ଚାକିରି ମିଳିବା ପରେ ସେ ଏବେ ସ୍ୱାସ୍ଥ୍ୟ ସେବା ଜାରି ରଖିଛନ୍ତି। ରାଷ୍ଟ୍ରପତିଙ୍କଠାରୁ ଶ୍ରେଷ୍ଠ ସ୍ୱାସ୍ଥ୍ୟସେବିକା ପୁରସ୍କାର ପାଇଥିବା ଏହି ମହିଳାଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଛି ଏକ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ତେଜସ୍ୱିନୀ'। ଫିଲ୍ମଟି ଚଳିତ ମାସ ୨୬ରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସୁଶ୍ରୀ ରଥ। ଏହାର ଅନ୍ୟାନ୍ୟ ଭୂମିକାରେ କୁନା ତ୍ରିପାଠୀ, ପଲ୍ଲବୀ ଏବଂ ଜୟଲକ୍ଷ୍ମୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି କୁନାଲ ପଟ୍ଟନାୟକ। ଏହି ବାୟୋପିକ୍ ପ୍ରାୟ ୪୨ଟି ଦେଶ ଏବଂ କେତେକ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ତଥା ପୁରସ୍କୃତ ହୋଇସାରିଛି।

# ନିର୍ଣ୍ଣୟ

ଶ୍ରଦ୍ଧା ସବୁରୀ ପ୍ରଡକ୍ସନ ବ୍ୟାନରରେ ପ୍ରଥମ ଥର ପାଇଁ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ନିର୍ଣ୍ଣୟ'। ସାମ୍ପ୍ରତିକ ବିଷୟବସ୍ତୁକୁ ଆଧାର କରି ଏହାର କାହାଣୀ ଗତିଶୀଳ। ଜୀବନର ଚଲାପଥ ବେଶ୍ କଣ୍ଟକିତ। ଏହି ରାସ୍ତାରେ ଚାଲିବା ସମୟରେ ଅନେକ ପରିସ୍ଥିତିର ସାମ୍ନା କରିବାକୁ ପଡିଥାଏ। କିନ୍ତୁ ନିଜ ଜୀବନକୁ ଆଗକୁ ଆଗେଇ ନେଉଥିବା ବେଳେ ସେମାନେ ହଠାତ୍ ସମାଜ ଆଖିରେ ଦୋଷୀ ହୋଇଯାଇଛନ୍ତି। ତେବେ କ'ଣ ପାଇଁ ? ସେପଟେ ନିଜ ପ୍ରେମକୁ ସଫଳ କରାଇବାକୁ ପ୍ରେମୀଯୁଗଳ ଚାହାନ୍ତି। ହେଲେ ସେମାନେ କ'ଣ ସହଜରେ ନିଜ ଲକ୍ଷ୍ୟ ହାସଲ କରିପାରନ୍ତି ? ଏଭଳି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ରହିଛି ଉକ୍ତ ସିନେମାର କାହାଣୀରେ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଟିକି ପଟ୍ଟନାୟକ। ଶୁଭଶ୍ରୀ ଶୁଭସ୍ମିତା ମିଶ୍ରଙ୍କ କାହାଣୀକୁ ଆଧାରକରି ସଂଳାପ ରଚନା କରିଛନ୍ତି ସୁମିତ୍ ପଣ୍ଡା। ସ୍ମିତ ପଟ୍ଟନାୟକ ଏବଂ ସୁମିତ ପଣ୍ଡାଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ସୋମେଶ ଶତପଥୀ ଏବଂ ଗୌରବ ଆନନ୍ଦ। କଣ୍ଠଦାନ କରିଛନ୍ତି ସଞ୍ଚିତା ଶୁଭଦର୍ଶିନୀ, ଆଶିଷ ପ୍ରଧାନ, ଅନୁରାଧା ପାଣିଗ୍ରାହୀ ଏବଂ ଗୌରବ ଆନନ୍ଦ।
ରାଜେନ୍ଦ୍ର ମହାନ୍ତଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ସୂର୍ଯ୍ୟମୟୀ ମହାପାତ୍ର, ନୈନା ଦାଶ, ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ, ସୁକାନ୍ତ ରଥ, ପ୍ରୀତିରାଜ ଶତପଥୀ, ଚୌଧୁରୀ ଜୟପ୍ରକାଶ ଦାସ, ଭାସ୍ୱତୀ ବସୁ, ପୂର୍ଣ୍ଣିମା ଦାସଗୁପ୍ତା (ମୁସ୍କାନ), ଟିକି ପଟ୍ଟନାୟକ, ଜଗବନ୍ଧୁ ପଣ୍ଡା ଏବଂ ସାଇଭୀର ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ମାସ ୨୬ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



# କ'ଣ ଖାଇବାକୁ ଭଲ ପାଆନ୍ତି ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ନିଜ ଡାଏଟ୍ ପ୍ରତି ବେଶ୍ ସଚେତନ। ସେ ନିଜ ଫିଗର ପ୍ରତି ସବୁବେଳେ ସିରିୟସ ରହିଥାଆନ୍ତି। ଫଳରେ ଏବେ ମଧ୍ୟ ସେ ନିଜକୁ ସ୍ଲିମ୍ ଟ୍ରିମ୍ ରଖିବାରେ ସକ୍ଷମ ହୋଇଛନ୍ତି। ହେଲେ ଜାଣନ୍ତି, ସେ ସବୁଠାରୁ ବେଶି କ'ଣ ଖାଇବାକୁ ଭଲ ପାଆନ୍ତି ? ପିଜା। କେବଳ ପିଜା ନୁହେଁ, ସପ୍ତାହକୁ ଥରେ-ଦୁଇଥର ଜଙ୍କ୍ ଫୁଡ୍ ନ ଖାଇଲେ ତାଙ୍କୁ ଭଲ ଲାଗେନା। ନିଜର ପ୍ରିୟ ଖାଦ୍ୟ ବିଷୟରେ ସେ କହନ୍ତି, 'ମୋତେ ପିଜା ଖାଇବାକୁ ଖୁବ୍ ଭଲ ଲାଗେ। ତା'ସହ ପ୍ରାୟ ସପ୍ତାହକୁ ଥରେ କିମ୍ବା ଦୁଇ ଥର ଜଙ୍କ୍ ଫୁଡ୍ ଖାଏ। ହେଲେ ସବୁ ଖାଦ୍ୟ ମୋର ସୀମା ଭିତରେ ଥାଏ। ଏହାର କୌଣସି ପ୍ରତିକୂଳ ପ୍ରଭାବ ଯେମିତି ମୋ ସ୍ୱାସ୍ଥ୍ୟ ଉପରେ ନ ପଡେ ସେ ନେଇ ସଚେତନ ରହେ। ଆଉ ଗୋଟିଏ ଖାଦ୍ୟ ମୋର ଭାରି ପ୍ରିୟ। ତାହା ହେଉଛି ଖେଚୁଡି ଆଉ ଆଚାର।'

ପ୍ରିୟଙ୍କା ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ 'ଥାମିଜାନ୍' ନାମକ ଏକ ତାମିଲ ଫିଲ୍ମରେ ଅଭିନୟ କରିଥିଲେ। ଏଥିରେ ତାଙ୍କ ଅପୋଜିଟ୍‌ରେ ଥିଲେ ବିଜୟ। ହିନ୍ଦୀ ସିନେମା 'ହୀରୋ : ଲଭ୍ ଷ୍ଟୋରି ଅଫ ଏ ସ୍ପାଏ'ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ଅଭିନୟ ଜଗତରେ ଏଣ୍ଟ୍ରି କରିବା ପୂର୍ବରୁ ସେ ମିସ୍ ୱାର୍ଲ୍ଡ ବିଜୟିନୀ ହୋଇଥିଲେ। ଆଉ ସେତେବେଳେ ତାଙ୍କର ବୟସ ଥିଲା ମାତ୍ର ୧୮। ଅଭିନୟକୁ କ୍ୟାରିୟର କରିବା ପୂର୍ବରୁ ତାଙ୍କର ଆଉ ଏକ ଆଶା ଥିଲା। ପାଠପଢ଼ା ଶେଷ ପରେ ସେ ଜଣେ ଇଞ୍ଜିନିୟର କିମ୍ବା କ୍ରିମିନାଲ ସାଇକୋଲୋଜିଷ୍ଟ ଚାହିଁଥିଲେ, ହେଲେ ତାହା ସଫଳ ହୋଇପାରି ନ ଥିଲା।


ପ୍ରିୟଙ୍କା

# ନୂଆ ଖେଳାଳିଙ୍କୁ ମିଳି ନ ପାରେ ସୁଯୋଗ

## ଟି୨୦ ବିଶ୍ୱକପ୍ ଦଳ ଚୟନ

ନୂଆଦିଲ୍ଲୀ,୧୭।୪(ପି.ଟି.)

ଟି୨୦ କ୍ରିକେଟ ବିଶ୍ୱକପ୍‌କୁ ଆଉ ଦେଢ ମାସରୁ କମ୍ ସମୟ ରହିଛି। ମେ' ୧ ତାରିଖ ସୁଦ୍ଧା ୧୫ ଜଣିଆ ଚୂଡାନ୍ତ ଦଳ ଘୋଷଣା ହେବ। ଏହା ପୂର୍ବରୁ ଭାରତୀୟ ଦଳ ଘୋଷଣାକୁ ନେଇ ଏକ ବଡ ଖବର ସାମ୍ନାକୁ ଆସିଛି। ଭାରତୀୟ ଦଳରେ କୌଣସି ନୂତନ ଖେଳାଳିଙ୍କୁ ନେଇ ପରୀକ୍ଷାନିରୀକ୍ଷା କରାଯିବ ନାହିଁ। ଅତୀତରେ ଯେଉଁ ଖେଳାଳିମାନେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ତଥା ଟି୨୦ ଫର୍ମାଟରେ ଉନ୍ନତ ପ୍ରଦର୍ଶନ କରିଛନ୍ତି କେବଳ ସେହି ଖେଳାଳିଙ୍କୁ ହିଁ ଚୟନ କରାଯିବ ବୋଲି ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କ ପକ୍ଷରୁ ସୂଚନା ମିଳିଛି। ବିସିସିଆଇ ସୂତ୍ରରୁ ମଧ୍ୟ ସମାନ ସୂଚନା ମିଳିଛି। ଜାତୀୟ ଦଳ ପାଇଁ ଟି୨୦ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ତଥା ଆଇପିଏଲ୍‌ରେ ଭଲ ପ୍ରଦର୍ଶନ ଆଧାରରେ ହିଁ ବିଶ୍ୱକପ ଦଳ ଘୋଷଣା କରାଯିବ ବୋଲି ଜଣାପଡିଛି। ତେବେ ନିର୍ଦ୍ଦିଷ୍ଟ ସ୍ଥାନକୁ ନେଇ କିଛି ଖେଳାଳିଙ୍କୁ ସଂଘର୍ଷ କରିବାକୁ ପଡିବ। ଓପନିଂରେ ଗୋଟିଏ ସ୍ଲଟ ଖାଲିଥିବା ବେଳେ ଶୁବମନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ସେହିପରି ମଧ୍ୟକ୍ରମ ତଥା ଫିନିଶର ରୋଲ୍ ପାଇଁ ରିଙ୍କୁ ସିଂ ଓ ଶିବମ ଦୁବେଙ୍କ ମଧ୍ୟରେ ଅନ୍ତିମ ୧୫ରେ ସାମିଲ ହେବାକୁ ସଂଘର୍ଷ କରିବାକୁ ପଡିବ। ସେହିପରି ଦ୍ୱିତୀୟ ଉଇକେଟକିପର ରେସ୍‌ରେ ମଧ୍ୟ ଏକାଧିକ ଖେଳାଳି ରହିଛନ୍ତି। ପନ୍ତଙ୍କ ସ୍ଥାନ ଆପାତତଃ ଫାଇନାଲ ରହିଥିବା ବେଳେ ସଞ୍ଜୁ ସାମସନ୍, ଜିତେଶ ଶର୍ମା, ଲୋକେଶ ରାହୁଲ ଓ ଇଶାନ କିଶନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ରାହୁଲ ଓ ଇଶାନ ଓପନର ଭାବେ ବ୍ୟାଟିଂ କରୁଥିବାରୁ ମଧ୍ୟକ୍ରମ ତଥା ନିମ୍ନ ମଧ୍ୟକ୍ରମରେ ସେମାନେ କେତେ ଉପଯୋଗୀ ହେବେ ତାହା ଅନୁମାନ କରିବା କଷ୍ଟସାଧ୍ୟ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବୋଲିଂ ଫିଟ୍‌ନେସକୁ ନେଇ ସାମାନ୍ୟ ଆଶଙ୍କା ରହିଥିଲେ ମଧ୍ୟ ସେ ପ୍ରଥମ ପସନ୍ଦର ଅଲରାଉଣ୍ଡର ଭାବରେ ଦଳରେ ରହିବା ସ୍ପଷ୍ଟ ହୋଇଛି। ସମାନ ଭାବରେ ଚମତ୍କାର ଫର୍ମରେ ଥିବା ବିରାଟ କୋହଲିଙ୍କ ଚୟନ ମଧ୍ୟ ଆପାତତଃ ସ୍ପଷ୍ଟ। ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ ବୁମ୍‌ରା, ରବୀନ୍ଦ୍ର ଜାଡେଜା, ରିଷଭ ପନ୍ତ, ଅର୍ଶଦୀପ ସିଂ, ମହମ୍ମଦ ସିରାଜ ଓ କୁଲଦୀପ ଯାଦବ ୧୫ ଜଣଙ୍କ ମଧ୍ୟରେ ସିଧାସଳଖ ସୁଯୋଗ ପାଇପାରିବେ। ଟପ୍ ଅର୍ଡରରେ ଜୟସ୍ୱାଲ ଏକମାତ୍ର ବାମହାତୀ ବ୍ୟାଟର ଥିବାରୁ ତାଙ୍କୁ ବାଦ୍ ଦେବା କଷ୍ଟସାଧ୍ୟ ନିଷ୍ପତ୍ତି ରହିପାରେ। ୱାର୍କଲୋଡ ମ୍ୟାନେଜମେଣ୍ଟ ପାଇଁ ଆର୍‌ସିବି ପକ୍ଷରୁ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଥିବା କୁହାଯାଉଛି। ସ୍ପିନରଙ୍କ ମଧ୍ୟରେ ଅକ୍ଷର ପଟେଲ ଓ ୟୁଜବେନ୍ଦ୍ର ଚହଲଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିବ। ବର୍ତ୍ତମାନର ଫର୍ମକୁ ଦେଖିଲେ ଚହଲ ଏହି ରେସ୍‌ରେ ଆଗୁଆ ରହିଛନ୍ତି।



ଶୁବମାନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲ।

### କ୍ଷତି କରୁଛି ଇମ୍ପାକ୍ଟ ରୁଲ

ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ନିୟମ କାରଣରୁ ଆଇପିଏଲ୍‌ରେ ବର୍ତ୍ତମାନ ୧୨ ଜଣିଆ ଦଳ ଖେଳୁଛନ୍ତି। ଏହା ଆଇପିଏଲ ଭ୍ୟୁୟରଶିପ୍ ପାଇଁ ବଢିଆ ଅନୁଭବ ହୋଇଥିଲେ ମଧ୍ୟ ଏହା ଭାରତୀୟ ଦଳର ଚୟନ ପ୍ରକ୍ରିୟାକୁ କ୍ଷତି ପହଞ୍ଚାଉଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଅଲରାଉଣ୍ଡରଙ୍କୁ ବୋଲିଂର ଆବଶ୍ୟକତା ପଡୁନାହିଁ। ଶିବମ ଦୁବେଙ୍କୁ ଚେନ୍ନାଇ କେବଳ ଇମ୍ପାକ୍ଟ ବ୍ୟାଟର ଭାବରେ ବ୍ୟବହାର କରୁଛି। ରାହୁଲ ଟେୱାଟିଆ, ଶାର୍ଦ୍ଦୁଳ ଠାକୁର ଓ ଦୀପକ ଚହରଙ୍କ ପରି ଖେଳାଳିଙ୍କୁ କେବଳ ବ୍ୟାଟିଂ ଅଥବା ବୋଲିଂ ଦକ୍ଷତା ପ୍ରଦର୍ଶନର ସୁଯୋଗ ମିଳୁଛି।

### ମୟଙ୍କ, ହର୍ଷିତ ଓ ଆକାଶଙ୍କୁ ସୁଯୋଗ

ଚଳିତ ଆଇପିଏଲ୍‌ରେ ଏକାଧିକ ଭାରତୀୟ ଖେଳାଳି ନିଜ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ରିୟାନ ପରାଗ, ମୟଙ୍କ ଯାଦବ, ଅଭିଷେକ ଶର୍ମା ଓ ହର୍ଷିତ ରାଣା ଭଲ ପ୍ରଦର୍ଶନ କରିଛନ୍ତି। ତେବେ ବିଶ୍ୱକପ୍ ଚୟନ ପାଇଁ ଏହି ଖେଳାଳିଙ୍କ ନାମ ବିଚାରକୁ ନିଆଯିବ ନାହିଁ। ଜିମ୍ବାୱେ ଓ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଏହି ଖେଳାଳିମାନଙ୍କୁ ସୁଯୋଗ ମିଳିବ। ସେହିପରି ମୟଙ୍କ ଯାଦବ,ହର୍ଷିତ ରାଣା ଓ ଆକାଶ ମଧୱାଲଙ୍କୁ ନେଟ୍ ବୋଲର ଭାବରେ ବିଶ୍ୱକପ୍ ଦଳ ସହ ଯିବାକୁ ସୁଯୋଗ ମିଳିବ।

### ସମ୍ଭାବ୍ୟ ଦଳ

**ବ୍ୟାଟର:** ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ୍, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ରିଙ୍କୁ ସିଂ।

**ଅଲରାଉଣ୍ଡର:** ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଶିବମ ଦୁବେ, ଅକ୍ଷର ପଟେଲ।

**ସ୍ପିନର:** କୁଲଦୀପ ଯାଦବ, ୟୁଜବେନ୍ଦ୍ର ଚହଲ, ରବି ବିଷ୍ଣୋଇ।

ଉଇକେଟ କିପର- ରିଷଭ ପନ୍ତ, ଲୋକେଶ ରାହୁଲ, ସଞ୍ଜୁ ସାମସନ।

**ପେସର:** ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, ଅର୍ଶଦୀପ ସିଂ, ଆଭେଶ ଖାନ୍।

# କ୍ୟାପିଟାଲ୍ସର ସହଜ ବିଜୟ

ଅହମଦାବାଦ,୧୭।୪(ପି.ଟି.)

ଆଇପିଏଲରେ ଗୁଜରାଟ ଟାଇଟନ୍ସକୁ ୬ ଉଇକେଟରେ ହରାଇ ତୃତୀୟ ବିଜୟ ହାସଲ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ପ୍ରଥମେ ବ୍ୟାଟିଂ କରି ଟାଇଟନ୍ସ ୧୭.୩ ଓଭରରେ ୮୯ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୮.୫ ଓଭରରେ ୪ ଉଇକେଟ ହରାଇ ଜିତି ନେଇଥିଲା।

ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲା। ଭେଟେରାନ୍ ଇଶାନ୍ତ ଶର୍ମା, ମୁକେଶ କୁମାର ଓ ଖଲିଲ ଅହମଦ ଚମତ୍କାର ବୋଲିଂ କରି ଟାଇଟନ୍ସର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପେସରମାନେ ୬ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ପଞ୍ଜାବ
ବନାମ ମୁମ୍ବାଇ
ସ୍ଥାନ: ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଅଧିନାୟକ ଶୁବମନ ଗିଲ୍ ୮, ଋଦ୍ଧିମାନ ସାହା ୨ ଓ ସାଇ ସୁଦର୍ଶନ ୧୨, ଡେଭିଡ୍ ମିଲର ୩ , ଅଭିନବ ମନୋହର ୬, ରାହୁଲ ଟେୱାଟିଆ ୧୦ ଓ ଶାହରୁଖ ଖାନ ୦ ବିଫଳ ହୋଇଥିଲେ। ୮ ନମ୍ବର ବ୍ୟାଟର ରଶିଦ୍ ଖାନ୍ ୩୧ ରନ୍ କରିବାରୁ ଦଳ ୮୯ ରନ୍‌ରେ ପହଞ୍ଚିଥିଲା। ରଶିଦ୍ ୨୪ ବଲ୍ ଖେଳି ୨ ଚୌକା ଓ ୧ ଛକା ମାରିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ମୁକେଶ କୁମାର ୩ ,ଇଶାନ୍ତ ଶର୍ମା, ଟ୍ରିଷ୍ଟାନ ଷ୍ଟବ୍ସ ୨ଟି ଲେଖାଏ ଉଇକେଟ ନେଇଥିଲେ। ୯୦ ରନ୍ ଲକ୍ଷ୍ୟରେ କ୍ୟାପିଟାଲ୍ସ ପକ୍ଷରୁ ଜେକ୍ ଫ୍ରେଜର ମ୍ୟାକଗୁର୍କ ଧୂଆଁଧାର ଆରମ୍ଭ କରିଥିଲେ। ସେ ୧୦ ବଲ୍ ଖେଳି ୨ଟି ଲେଖାଏ ଛକା ଓ ଚୌକା ସହ ୨୦ ରନ୍ କରିଥିଲେ। ଶାଇ ହୋପ୍ ୧୯, ଅଭିଷେକ ପୋରେଲ ୧୫ ଓ ରିଷଭ ପନ୍ତ ଅପରାଜିତ ୧୬ ରନ୍ କରି ଦିଲ୍ଲୀକୁ ବିଜୟୀ କରିଥିଲେ। ଗୁଜରାଟ ପକ୍ଷରୁ ସନ୍ଦୀପ ୱାରିୟର୨, ରଶିଦ୍ ଖାନ ଓ ସ୍ପେନ୍ସର ଜନ୍‌ସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ପାଇଁ ଅପିଲ କରୁଛନ୍ତି ଇଶାନ୍ତ ଶର୍ମା।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୧୭.୩ ଓଭରରେ ୮୯/୧୦(ରଶିଦ୍ ଖାନ୍-୩୧, ସାଇ ସୁଦର୍ଶନ-୧୨, ରାହୁଲ ଟେୱାଟିଆ-୧୦, ମୁକେଶ କୁମାର-୩/୧୪, ଇଶାନ୍ତ ଶର୍ମା-୨/୮, ଟ୍ରିଷ୍ଟାନ ଷ୍ଟବ୍ସ-୨/୧୧)। ଦିଲ୍ଲୀ କ୍ୟାପିଟାଲ୍ସ ୮.୫ ଓଭରରେ ୯୨/୪(ଜେକ୍‌ଫ୍ରେଜର ମ୍ୟାକଗୁର୍କ-୨୦, ଶାଇ ହୋପ୍-୧୯, ରିଷଭ ପନ୍ତ-୧୬*, ସନ୍ଦୀପ ୱାରିୟର-୨/୪୦, ରଶିଦ୍ ଖାନ୍-୧/୧୨, ସ୍ପେନ୍ସର ଜନ୍‌ସନ୍-୧/୨୨)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୭ | ୬ | ୧ | ୧୨ | +୦.୬୭୭ |
| କୋଲକାତା ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୧.୩୯୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୪ | ୨ | ୮ | +୦.୭୨୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୩ | ୩ | ୬ | +୦.୦୩୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୩ | ୪ | ୬ | -୦.୦୭୪ |
| ଗୁଜରାଟ ଟାଇଟନ୍ସ | ୭ | ୩ | ୪ | ୬ | -୧.୩୦୩ |
| ପଞ୍ଜାବ କିଙ୍ଗ୍ସ | ୬ | ୨ | ୪ | ୪ | -୦.୨୧୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | -୦.୨୩୪ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୧ | ୫ | ୨ | -୧.୧୨୪ |

# ସାଧାରଣ ବର୍ଗରେ ଶୀତଲଙ୍କୁ ରୌପ୍ୟ

## ଖେଲୋ ଇଣ୍ଡିଆ ନ୍ୟାଶନାଲ ମିଟ୍



ଫାଇନାଲ ମ୍ୟାଚ୍ ଅବସରରେ ଶୀତଲ ଦେବୀ।

ନୂଆଦିଲ୍ଲୀ,୧୭।୪(ପି.ଟି.)

ଏସିଆନ୍ ପାରା ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଆର୍ଚର ଶୀତଲ ଦେବୀ ଏକ ନିଆରା କୃତିତ୍ୱ ନିଜ ନାମରେ କରିଛନ୍ତି। ଦିଲ୍ଲୀର ଡିଡିଏ ଯମୁନା କମ୍ପ୍ଲେକ୍ସରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଏନ୍‌ଟିପିସି ନ୍ୟାଶନାଲ ର୍‍ୟାଙ୍କିଂ ଆର୍ଚେରୀ ମିଟରେ ହରିୟାଣାର ଏକତା ରାଣୀଙ୍କ ପଛକୁ ରହି ରୌପ୍ୟ ପଦକ ହାସଲ କରିଛନ୍ତି। ତେବେ ଜଣେ ପାରା ଆଥଲେଟ ହୋଇଥିଲେ ମଧ୍ୟ ସାଧାରଣ ଆଥଲେଟଙ୍କ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଶୀତଲ। ୧୭ ବର୍ଷୀୟା ଶୀତଲ ଫାଇନାଲରେ ଏକତାଙ୍କ ନିକଟରୁ ୧୩୮-୧୪୦ ପଏଣ୍ଟରେ ପରାଜିତ ହୋଇଥିଲେ। ହାଙ୍ଗଝୋ ପାରା ଏସିଆନ ଗେମ୍ସରେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିଥିବା ଶୀତଲଙ୍କୁ ଚଳିତ ବର୍ଷ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଶୀତଲ ଫୋକୋମେଲିଆ ନାମକ ଏକ ରୋଗରେ ଆକ୍ରାନ୍ତ। ତାଙ୍କର ଦୁଇ ହାତ ନ ଥିବା ବେଳେ ଶରୀର ଓ ପାଦର ବ୍ୟବହାରରେ ସେ ଆର୍ଚେରି କରିଥାନ୍ତି। ଜାତୀୟ ଚାମ୍ପିୟନଶିପ୍‌ରେ ସାଧାରଣ ଖେଳାଳିଙ୍କ ସହ ପ୍ରଦର୍ଶନ ପରେ ଏହାକୁ ନେଇ ଉତ୍ସାହିତ ଥିବା କହିଛନ୍ତି ଶୀତଲ ଦେବୀ। ଜାତୀୟ ଚାମ୍ପିୟନଶିପ୍‌ରେ ସଫଳତା ମୋତେ ଆଗକୁ ବଢିବାରେ ସାହାଯ୍ୟ କରିବ ବୋଲି ମୋର ବିଶ୍ୱାସ ରହିଛି। ଏପରିକି ଭବିଷ୍ୟତରେ ସାଧାରଣ ବର୍ଗରେ ଅଲିମ୍ପିକ୍ସରେ ସାମିଲ ହେବା ତାଙ୍କର ଲକ୍ଷ୍ୟ ଥିବା ସେ କହିଛନ୍ତି। ଏପରିକି ଶୀତଲଙ୍କ ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି ଫାଇନାଲରେ ବିଜୟୀ ହୋଇଥିବା ଏକତା।



SHREEKHETRA AUTOMOBILES: Bhubaneswar-8291159378, Jagatsingpur-8879229672, Parlakhemundi-8879229831, Daspalla -8291160652
DION AUTOMOTIVES: Bhubaneswar: 7506018735, Cuttack: 9167984347, Puri: 8879183329, Berhampur: 9152102460, Phulbani: 7506018735, Balugaon: 7506018735
GUGNANI AUTOCARS: Bhubaneswar: 8879529357, Cuttack: 7045134681, Keonjhar: 8291607250, Jajpur: 8291148273, Chandikhol: 8291176433
TRUPTI ENTERPRISES: Bhubaneswar: 7506018747, Nayagarh: 8291149637, Patrapara: 8291678503, Patia: 8291645334, Paradip: 8291149735, Kendrapara: 8291175631, Khorda: 8879187412

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ